ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, August 11/2025 Page 14 | ₹ 7.00 | SAMBALPUR
୫୧ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 257 | ମୂଲ୍ୟ₹୭/-



## ଟ୍ରୋଲ୍ ହେଲେ ଅଲ୍ଲୁ

ଅଲ୍ଲୁ ଅର୍ଜୁନ ମୁମ୍ବାଇ ଏୟାରପୋର୍ଟରେ ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ଏକ ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରାଯାଉଛି। ୦୨

୧୨

## ଏସିଆନ ସର୍ଫିଂରେ ରମେଶଙ୍କୁ ପଦକ

ଏସିଆନ ସର୍ଫିଂ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଭାବେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ରମେଶ ବୁଢ଼ିଆଲ।









ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ମେଟଲ ମିଟ୍ -୨୦୨୫'ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ୍ସରେ ସିନିୟର ଚାମ୍ପିୟନ ଏମ୍ସ ଭୁବନେଶ୍ୱର ପ୍ରତିଯୋଗୀ (ବାମ) ଏବଂ ଜୁନିୟର ଚାମ୍ପିୟନ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲର ପ୍ରତିଯୋଗୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଚେକ୍ ପ୍ରଦାନ ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଅଜନ୍ତା ଆଡଭର୍ଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ଏବଂ କୁଇଜ୍ ମାଷ୍ଟର ଅଜୟ ପୁନିଆ । (ଫଟୋ–ବିକାଶ ନାୟକ/ମନୋରଞ୍ଜନ ମିଶ୍ର) (ଅଧିକ ଫଟୋ: ପୃଷ୍ଠା–୯/୧୦)

## ଚନ୍ଦ୍ରଭାଗା ସମୁଦ୍ରରେ ଭାସିଯାଇ ୩ ମୃତ

### ଭୋଜି ସାରି ସମୁଦ୍ରରେ ଗାଧୋଇବା ହେଲା କାଳ

**କୋଣାର୍କ,୧୦।୮ (ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ସମୁଦ୍ରରେ ରବିବାର ଅଭାବନୀୟ ଘଟଣା ଘଟିଛି। ପୃଥକ୍ ପୃଥକ୍ ଭାବେ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଇ ୩ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର କ୍ଷେତ୍ରବାସୀ ସେନାପତିଙ୍କ ସାନପୁଅ ରାହୁଲ କୁମାର ସେନାପତି(୨୫), ବିମ୍ବାଧର ଜେନାଙ୍କ ପୁଅ ଅରୂପାନନ୍ଦ ଜେନା (୨୫) ଓ କଟକ ଜିଲା ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକ। ଉତ୍ତରପ୍ରଦେଶର ଶିବ କୁମାର (୨୫) ସାମାନ୍ୟ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଛୁଟି କଟାଇବାକୁ ଆସି ଚନ୍ଦ୍ରଭାଗା ସମୁଦ୍ରକୂଳଠାରୁ ୧ କି.ମି. ଦୂରରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ସମୁଦ୍ରରେ ବୁଡ଼ିଯାଇ ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଥିବା ବେଳେ ଚନ୍ଦ୍ରଭାଗା ଇକୋ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ହାତୀ ସହ ମଣିଷ

# ଡିଏଭି ୟୁନିଟ୍-୮, ଏମ୍ସ ଭୁବନେଶ୍ୱର ଚାମ୍ପିୟନ

### ଓଡ଼ିଶା ପୋଷ୍ଟ 'ମେଟଲ ମିଟ୍-୨୦୨୫'

**ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)**

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ କୁଇଜ୍ ପ୍ରତିଯୋଗିତା 'ମେଟଲ ମିଟ୍-୨୦୨୫'ର ଗ୍ରାଣ୍ଡ ଫାଇନାଲ୍ସ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ଭୁବନେଶ୍ୱରସ୍ଥିତ ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଟିମ୍ ଏବଂ ସିନିୟର ବର୍ଗରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବର୍ଗରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଟିମ୍ ପୂର୍ବଭଳି ପ୍ରଥମ ରନରଅପ୍ ଓ ଲୋୟଲା ଟିମ୍ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଅନୁରୂପ ଭାବେ ସିନିୟର ବର୍ଗରେ ଆଇଆଇଟି ଖଡଗପୁର ପ୍ରଥମ ରନରଅପ୍ ଏବଂ ଆଇଆଇଏମ୍ କାଲ୍‌କାଟା ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଉଭୟ ବର୍ଗର ଚାମ୍ପିୟନ୍‌ଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଏବଂ ପ୍ରଥମ ରନର୍‌ଅପ୍‌ମାନଙ୍କୁ ୫୦ହଜାର ଓ ଦ୍ୱିତୀୟ ରନର୍‌ଅପ୍‌ମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

'ମେଟଲ ମିଟ୍'ର ଚଳିତ ଥର ଥିଲା ସପ୍ତମ ସଂସ୍କରଣ। ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଏଥର ପ୍ରଥମ ଥର ପାଇଁ ରାଜ୍ୟ ବାହାରୁ ବିଶେଷକରି ପୂର୍ବାଞ୍ଚଳ ଜୋନ୍‌ରୁ ଅଂଶଗ୍ରହଣକାରୀ ସାମିଲ୍ ହେବା ପରେ 'ମେଟଲ ମିଟ୍'ର ପରିସର ବ୍ୟାପକ ହୋଇଛି। ୨୦୨୫ ମେଟଲ୍ ମିଟ୍‌ରେ ଜୁନିୟର ଓ ସିନିୟରଙ୍କୁ ମିଶାଇ ମୋଟ୍ ୮୧ଟି ଟିମ୍ ଭାଗ ନେଇଥିଲେ। ଜୁନିୟରରେ ରାଜ୍ୟ ଭିତରୁ ୩୯ଟି ଟିମ୍ ସାମିଲ ହୋଇଥିବାବେଳେ ସିନିୟର ବର୍ଗରେ ରାଜ୍ୟ ଓ ରାଜ୍ୟ ବାହାରକୁ ମିଶାଇ ୪୨ଟି ଟିମ୍‌ଙ୍କ ମଧ୍ୟରେ ବ୍ରେନ୍ ବ୍ୟାଟଲ୍ ହୋଇଥିଲା। ଶନିବାର ଅନୁଷ୍ଠିତ ପ୍ରିଲିମ୍ସରେ ଉଭୟ ବର୍ଗରୁ ୮ଟି ଲେଖାଏ ଟିମ୍ ଗ୍ରାଣ୍ଡ ଫାଇନାଲ୍ସକୁ ଉନ୍ନୀତ ହୋଇଥିଲେ। ରବିବାର ଅପରାହ୍ନରୁ ପ୍ରଥମେ ଜୁନିୟର ବର୍ଗର ଗ୍ରାଣ୍ଡ ଫାଇନାଲ୍ସ ଆରମ୍ଭ ହୋଇଥିଲା। କୁଇଜ୍ ମାଷ୍ଟର ଅଜୟ ପୁନିଆ ୮ଟି ଦଳର ଅଂଶଗ୍ରହଣକାରୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପ୍ରଶ୍ନମାନ ପଚାରିଥିଲେ। କେତେକ ପ୍ରଶ୍ନରେ ଅଡିଓ ଭିଜୁଆଲ୍ ଉପସ୍ଥାପନା ପ୍ରତିଯୋଗୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ସୃଷ୍ଟି କରିଥିଲା। ପିଲାମାନେ ମଧ୍ୟ ସମାନ ଜୋସ୍ ରଖି ଉତ୍ତର ଦେଉଥିବା ଉପସ୍ଥିତ ଦର୍ଶକମାନଙ୍କୁ ଆହ୍ଲାଦିତ କରିଥିଲା। ବିଜୟୀ ଦଳ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ ଦ୍ୱିତୀୟ ରାଉଣ୍ଡରୁ ହିଁ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ପଛରେ ପକାଇ ଆଗରେ ରହିଥିଲା। ଫାଇନାଲ୍ ବେଳକୁ ମୋଟ୍ ୧୩୦ ସ୍କୋର ରଖିବା ସହିତ ଦ୍ୱିତୀୟରେ ଥିବା କିଟ୍ ଇଣ୍ଟରନ୍ୟାଶନାଲ୍‌ଠାରୁ ୫୨ସ୍କୋର୍ ଅଧିକ ପାଇଥିଲା। ୬୫ ସ୍କୋର ରଖି ତୃତୀୟ ଲୋୟଲା ସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲା। ସୂଚନାଯୋଗ୍ୟ, ସେଣ୍ଟ ପଲ୍ସ ସ୍କୁଲ, ରାଉରକେଲା, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର ପ୍ରତିଯୋଗିତାରେ ଅନ୍ୟ ଦଳ ଭାବେ ଅଂଶଗ୍ରହଣ କରିଥିଲେ।

ସିନିୟର ବର୍ଗରେ ଅଧିକ ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମରୁ ହିଁ ଏମ୍ସ ଭୁବନେଶ୍ୱର ଅନ୍ୟ ପ୍ରତିଯୋଗୀ ଦଳକୁ ପଛରେ ପକାଇ ସ୍କୋର ବଢାଇ ଚାଲିଥିଲା। ୫ଟି ରାଉଣ୍ଡରେ କୁଇଜ୍ ଶେଷ ହେବାପରେ ଏମ୍ସ ଭୁବନେଶ୍ୱର ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଆଇଆଇଟି ଖଡଗପୁର ଏବଂ ତୃତୀୟରେ ଆଇଆଇଏମ୍ କାଲ୍‌କାଟା ରହିଥିଲେ। ପ୍ରଥମଥର ପାଇଁ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଅଂଶଗ୍ରହଣ କରି ରାଜ୍ୟ ବାହାରର ଦଳଭାବେ ବିଜୟ ଲାଭ କରି ମେଟଲ୍ ମିଟ୍‌କୁ ଭିନ୍ନ ପରିଚୟ ଦେଇଛନ୍ତି। ସ୍କୋର ବୋର୍ଡକୁ ଦେଖିଲେ ☞ପୃଷ୍ଠା–୪

# କଳିଙ୍ଗରେ ପ୍ରଜ୍ଞା, ଅନିମେଶଙ୍କ ଚମକ

### ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ) ଲେଭଲ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ। ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୱାର୍ଲ୍ଡ କଣ୍ଟିନେଣ୍ଟାଲ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ବାଲେଶ୍ୱରର ପ୍ରଜ୍ଞା ୧୦୦ ମିଟର ହର୍ଡଲ୍ସରେ ୧୩.୭୪ ସେକେଣ୍ଡ ସହିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କେବଳ ଭାରତୀୟଙ୍କୁ ନେଇ ଅନୁଷ୍ଠିତ ଫାଇନାଲ୍ସରେ ନନ୍ଦିନୀ କୋଙ୍ଗାନ ୧୩.୮୦, ଅଞ୍ଜଲି ସି ୧୪.୦୦ ଓ ପ୍ରଞ୍ଜଳି ଦିଲୀପ ପାଟିଲ ୧୪.୦୩ ସେକେଣ୍ଡ ସହିତ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୨୦୧୮ରେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ଦକ୍ଷିଣ ଏସୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ପ୍ରଜ୍ଞା ୱାର୍ଲ୍ଡ ଆଥଲେଟିକ୍ସ ଟୁର୍ ଭଳି ଏକ ବଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ ଅନେକ ପଦକ ହାସଲ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ଅନ୍ତର୍ଗତ ଟିକିରାପଡ଼ାର ପ୍ରଜ୍ଞାଙ୍କ ମା'ଙ୍କ ନାମ ସୁକାନ୍ତିମଣି ଜେନା ଓ ବାପା ପାର୍ଥ ସାରଥି ସାହୁ। ପୁରସ୍କାର ଆକାରରେ ପ୍ରଜ୍ଞା ୮୦୦ ଆମେରିକୀୟ ଡଲାର ଲାଭ କରିଛନ୍ତି। ଅନ୍ୟ ୩ ବିଜେତାଙ୍କୁ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଆମେରିକୀୟ ଡଲାର ପ୍ରଦାନ କରାଯାଇଛି। ପୁରୁଷ ୨୦୦ ମିଟରରେ ☞ପୃଷ୍ଠା–୪

## କୁକୁର କାମୁଡ଼ାରେ ଆହତ ପାରା ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ସମେତ ୨ ମୃତ



ଯୋଗେନ୍ଦ୍ର ଛତ୍ରିଆ



ହୃଷୀକେଶ ରଣା

**ଗୁଡ଼ଭେଲା,୧୦।୮ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଚିଞ୍ଚୋଡ ଗ୍ରାମରେ ବୁଲା କୁକୁର କାମୁଡ଼ାରେ ଗୁରୁତର ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆ(୩୩)ଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏଥିସହିତ ଉକ୍ତ କୁକୁର କାମୁଡ଼ାରେ ଗୁରୁତର ହୋଇଥିବା ଚିଞ୍ଚୋଡ଼ ଗ୍ରାମର ହୃଷୀକେଶ ରଣା(୪୭)ଙ୍କ ମଧ୍ୟ ରବିବାର ମୃତ୍ୟୁ ଘଟିଛି। ଆହତ ହୋଇଥିବା ଅନ୍ୟ ୪ ଜଣ ଏବେ ବି ଚିକିତ୍ସାଧୀନ ଅଛନ୍ତି।

ପ୍ରକାଶ ଯେ,ଗତ ୨୩ ତାରିଖ ଦିନ ଏକ ବୁଲା କୁକୁର ଚିଞ୍ଚୋଡ ଗ୍ରାମର କେଶବ ନାଗ, ☞ପୃଷ୍ଠା–୪

# ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

- **କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋଠାର ଲୋକାର୍ପଣ**
- **ଖୁବ୍‌ଶୀଘ୍ର ନବରଙ୍ଗପୁର ସମେତ ୪ ଜିଲାରେ ହେବ ମେଡିକାଲ କଲେଜ**

ଓଡ଼ିଶାର ସାମଗ୍ରିକ ବିକାଶକୁ ଗତିଶୀଳ କରାଇ ରାଜ୍ୟବାସୀଙ୍କୁ ଦୁର୍ନୀତିମୁକ୍ତ ଶାସନ ଦେବା ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ଓଡ଼ିଶାର ନିରନ୍ତର ବିକାଶ ଧାରାରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୮୦ କୋଟି ଟଙ୍କା ବ୍ୟୟରେ କୋରାପୁଟରେ ନିର୍ମିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଏବଂ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ନୂତନ କୋଠାର ଲୋକାର୍ପଣ କରିଛନ୍ତି। ସେହିପରି ରାଜଧାନୀ ସହ ଦକ୍ଷିଣ ଓଡ଼ିଶାକୁ ଆହୁରି ମଜଭୁତ ଢଙ୍ଗରେ ଯୋଡ଼ି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୬ ଲେନ୍ ବିଶିଷ୍ଟ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଅର୍ଥନୈତିକ କରିଡର ନିର୍ମାଣର ଘୋଷଣା କରିଛନ୍ତି। ଏଥିସହିତ ନବରଙ୍ଗପୁର, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




କୋରାପୁଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରୁଛନ୍ତି।

**କୋରାପୁଟ,୧୦।୮ (ଅମିତାଭ ବେହେରା)**

ରାଜ୍ୟର ନିରନ୍ତର ବିକାଶ ଧାରାରେ ସାମିଲ ହେଲା କୋରାପୁଟ ଜିଲା। କୋରାପୁଟବାସୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆଉ ଦୂରଦୂରାନ୍ତକୁ ଯାଇ ହଇରାଣ ହେବାକୁ ପଡ଼ିବନାହିଁ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର କୋରାପୁଟସ୍ଥିତ ସରକାରୀ ଡିଏଭି କଲେଜ ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ☞ପୃଷ୍ଠା–୪

# ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା

# ଅଭୂତପୂର୍ବ ଉତ୍ତେଜନା

**୨୦୨୩ ଅକ୍ଟୋବର ୭ରୁ ଚାଲିଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ୨ ବର୍ଷ ପୂରିବାକୁ ୨ ମାସରୁ କମ୍ ସମୟ ବାକି ରହିଛି। ଯୁଦ୍ଧାବସାନର ସଙ୍କେତ ଦିଶୁନାହିଁ, ସ୍ଥିତି ଅଧିକରୁ ଅଧିକ ସଙ୍ଗିନ ଆଡ଼କୁ ଗତି କରୁଛି। ଏହାରି ଭିତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସମ୍ପୂର୍ଣ୍ଣ ଗାଜା ଷ୍ଟ୍ରିପ୍ ଦଖଲ ଯୋଜନା ଅଭୂତପୂର୍ବ ଉତ୍ତେଜନା ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ସରକାର ଓ ସାମରିକ ନେତୃତ୍ୱ ମଧ୍ୟରେ ମତଭେଦ ବଢ଼ିବାରେ ଲାଗିଛି। ହମାସ୍ କବ୍ଜାରେ ଥିବା ପ୍ରାୟ ୫୦ ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଲକ୍ଷାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନେତାନ୍ୟାହୁ ସରକାରଙ୍କ ନିଷ୍ପତ୍ତିକୁ ପାରମ୍ପରିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ବିରୋଧ କଲେଣି। ଫଳରେ ଇସ୍ରାଏଲ୍‌ର ଅନ୍ତର୍ଜାତୀୟ ବିଶ୍ୱସନୀୟତା ପ୍ରତି ସଙ୍କଟ ଦେଖାଦେଇଛି। ଏଭଳି ସ୍ଥିତିରେ ଯୁଦ୍ଧ ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଥିବା ଦେଖି ଜାତିସଂଘ ସ୍ଥାୟୀ ଅସ୍ତ୍ରବିରତି ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେବା ସହ ଗାଜାର ସଶସ୍ତ୍ର ଶାସକ ହମାସ୍ ପଣବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବା ଉଚିତ ବୋଲି କହିଛି।**


ବେଞ୍ଜାମିନ୍ ନେତାନ୍ୟାହୁ

ତେଲ୍‌ଆଭିଭ/ଗାଜା ସିଟି, ୧୦।୮

ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଗତ ୨୨ ମାସ ମଧ୍ୟରେ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ଭାଗ ଦଖଲ କରିସାରିଲାଣି। ଅବଶିଷ୍ଟ ୨୫% ଅଞ୍ଚଳ ଅକ୍ତିଆର କରି ସମ୍ପୂର୍ଣ୍ଣ ଗାଜା ଦଖଲ କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଉଦ୍ୟମ ଆରମ୍ଭ କରିଛନ୍ତି। ନେତାନ୍ୟାହୁ ଏନେଇ ରବିବାର ଜେରୁଜେଲମ୍‌ରେ ବିଦେଶୀ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ତାଙ୍କ ପାଖରେ ହମାସ୍‌କୁ ସମ୍ପୂର୍ଣ୍ଣ ପରାସ୍ତ କରି କାର୍ଯ୍ୟ ଶେଷ କରିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ। ଗାଜାକୁ ଦଖଲ କରିବା ତାଙ୍କ ଲକ୍ଷ୍ୟ ନୁହେଁ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଗାଜାକୁ ମୁକ୍ତ କରିବା। ନେତାନ୍ୟାହୁଙ୍କୁ ଦେଶବିଦେଶରୁ କରାଯାଉଥିବା ସମାଲୋଚନାକୁ ସେ 'ମିଛର ଏକ ବୈଶ୍ୱିକ ଅଭିଯାନ' ବୋଲି ଅଭିହିତ କରିଛନ୍ତି। ନାଗରିକଙ୍କ ମୃତ୍ୟୁ, ଧ୍ୱଂସଲୀଳା ଓ ସହାୟତା ନିଅଣ୍ଟ ପାଇଁ ସେ ପୁଣି ହମାସ୍‌କୁ ଦାୟୀ କରିଛନ୍ତି। ଏଥିସହ ଗାଜାର ବେସାମରିକକରଣ ଦ୍ୱାରା ହିଁ ସବୁ ସମସ୍ୟାର ସମାଧାନ ସମ୍ଭବ ବୋଲି କହିଛନ୍ତି।

ଇସ୍ରାଏଲୀ ମିଡିଆ ରିପୋର୍ଟ ଅନୁସାରେ ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା ଯୋଗୁ ଯୁଦ୍ଧ ଆହୁରି ଭୟାବହ ହୋଇପାରେ ବୋଲି ଆଇଡିଏଫ୍‌ର ଶୀର୍ଷ ଅଧିକାରୀମାନେ ଆଶଙ୍କା କରି ଏଥିରେ ରାଜି ହେଉନାହାନ୍ତି। ତେଣୁ ସାମରିକ ନେତୃତ୍ୱ ଓ ସରକାର ମଧ୍ୟରେ ଫାଟ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ଲାନ୍‌କୁ ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇସାରିଥିବାବେଳେ ପୂର୍ଣ୍ଣ କ୍ୟାବିନେଟ୍ ଖୁବ୍‌ଶୀଘ୍ର ଅନୁମୋଦନ କରିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ହମାସ୍ କବଳରେ ଥିବା ୫୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କ ପରିବାର ସମେତ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ତେଲ୍‌ଆଭିଭରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ତୁରନ୍ତ ସାମରିକ ଅଭିଯାନ ବନ୍ଦ ସହ ପଣବନ୍ଦୀଙ୍କୁ ମୁକ୍ତି କରାଇ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏହା ଉପରେ ନେତାନ୍ୟାହୁ କହିଛନ୍ତି, ସାମରିକ ଅଭିଯାନ ବ୍ୟାପକ ହେଲେ ଅବଶିଷ୍ଟ ପଣବନ୍ଦୀଙ୍କୁ ମୁକୁଳାଇବା ସହଜ ହେବ। ଜର୍ମାନୀ, ବ୍ରିଟେନ୍ ଓ ଫ୍ରାନ୍ସ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇ ଇସ୍ରାଏଲ୍‌ର ସାମରିକ ଅଭିଯାନକୁ ଏଥିରେ ପ୍ରତ୍ୟାଖ୍ୟାନ କରାଯାଇଛି। ଏହାଦ୍ୱାରା ପଣବନ୍ଦୀଙ୍କ ଜୀବନ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ସହ ମାନବୀୟ ସଙ୍କଟ ଏବଂ ବିସ୍ଥାପନ ବୃଦ୍ଧି ପାଇବ ବୋଲି ୩ ଦେଶ କହିଛନ୍ତି। ସେହିପରି ଗାଜାକୁ ଇସ୍ରାଏଲ୍ ସହ ମିଶ୍ରଣ କରାଇବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଏଥିରେ କୁହାଯାଇଛି। ସାମ୍ପ୍ରତିକ ସ୍ଥିତିକୁ ଗାଜା କର୍ତ୍ତୃପକ୍ଷ 'ଅଭୂତପୂର୍ବ ଉତ୍ତେଜନା' ବୋଲି ଅଭିହିତ କରିବା ସହ ଇସ୍ରାଏଲ୍‌କୁ ନିଜ ଯୋଜନାରୁ କ୍ଷାନ୍ତ ରହିବାକୁ କହିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ 'X' ରେ କହିଛନ୍ତି, ଇସ୍ରାଏଲ୍ ଗାଜା ଆଡ଼କୁ ଅଗ୍ରସର ହେଲେ ଆହୁରି ବହୁ ପାଲେଷ୍ଟିନୀୟଙ୍କ ଜୀବନହାନି ହେବା ସହ ବିସ୍ଥାପିତଙ୍କ ସଂଖ୍ୟା ବହୁଗୁଣିତ ହେବ। ଗାଜାର ପାଲେଷ୍ଟିନୀୟ ଜନସଂଖ୍ୟା ଅକଳ୍ପନୀୟ ଦୁର୍ଦ୍ଦଶା ଭୋଗିବ। ଅତି ବିପଜ୍ଜନକ ସ୍ଥିତି ଉପୁଜିବା ପୂର୍ବରୁ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ କରାଯାଉ। ହମାସ୍ ମଧ୍ୟ ତୁରନ୍ତ ସମସ୍ତ ପଣବନ୍ଦୀଙ୍କୁ ନିଃସର୍ତ୍ତ ମୁକ୍ତ କରୁ।



ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଇସ୍ରାଏଲୀଙ୍କ ବିକ୍ଷୋଭ।

- ■ସରକାର-ସେନା ମତଭେଦ ବଢ଼ିଲା
- ■ଇସ୍ରାଏଲ୍ ପାଇଁ ଅନ୍ତର୍ଜାତୀୟ ବିଶ୍ୱସନୀୟତା ସଙ୍କଟ
- ■ତେଲ୍‌ଆଭିଭରେ ଲକ୍ଷାଧିକ ଲୋକଙ୍କ ବିକ୍ଷୋଭ
- ■ସ୍ଥାୟୀ ଅସ୍ତ୍ରବିରତି, ପଣବନ୍ଦୀଙ୍କ ନିଃସର୍ତ୍ତ ମୁକ୍ତି ପାଇଁ ଜାତିସଂଘର ପରାମର୍ଶ

## ସଂକ୍ଷେପରେ

### ରାହୁଲଙ୍କୁ ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ କର୍ନାଟକ ସିଇଓ

ନୂଆଦିଲ୍ଲୀ, ୧୦।୮

୨୦୨୪ ଲୋକ ସଭା ନିର୍ବାଚନରେ ଭୋଟର ଜାଲିଆତି ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କରିଥିବା ଅଭିଯୋଗ ଉପରେ କର୍ନାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ରବିବାର ତାଙ୍କୁ ନୋଟିସ୍ ପଠାଇ ଏହାର ପ୍ରମାଣ ପାଇଁ ଆବଶ୍ୟକ ଦସ୍ତାବିଜ୍ ମାଗିଛନ୍ତି। ଜଣେ ମହିଳା ଦୁଇଥର ଭୋଟ ଦେଇଥିଲେ ବୋଲି କେଉଁ ଦସ୍ତାବିଜ୍ ଆଧାରରେ ଅଭିଯୋଗ ଆଣିଲେ, ତାହା ଦେଖାଇବାକୁ ସିଇଓ କହିଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ରାହୁଲ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, କର୍ନାଟକର ମହାଦେବପୁରା ନିର୍ବାଚନମଣ୍ଡଳୀରେ ବ୍ୟାପକ ଭୋଟ୍ ଚୋରି ହୋଇଥିଲା। ନକଲି ନାମ, ଜାଲ୍ ଠିକଣା ସମେତ ଗୋଟିଏ ଠିକଣାରେ ଏକାଧିକ ନାମ ପଞ୍ଜୀକରଣ ଜରିଆରେ ଲକ୍ଷାଧିକ ଭୋଟ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ। ଶକୁନ ରାନି ନାମ୍ନୀ ୭୦ ବର୍ଷୀୟା ମହିଳା ଫାର୍ମ ୬'ର ଦୁରୁପଯୋଗ କରି ୨ ମାସରେ ୨ ଥର ନିଜକୁ ଭୋଟର ତାଲିକାରେ ପଞ୍ଜୀକୃତ କରାଇଥିଲେ। ତାଙ୍କ ଭୋଟର ପରିଚୟ ପତ୍ର ବ୍ୟବହାର କରି ୨ ଥର ଭୋଟ ଦିଆଯାଇଥିବା ରାହୁଲ ଅଭିଯୋଗ କରିଥିଲେ। ତେବେ ନିର୍ବାଚନ ଅଧିକାରୀ ତଥ୍ୟ ଯାଞ୍ଚ କରି ମହିଳା ଜଣକ ଗୋଟିଏ ଥର ଭୋଟ ଦେଇଥିବା ଜାଣିବାକୁ ପାଇଛନ୍ତି।

### ବିନା ନୋଟିସରେ ଚିଠା ଭୋଟର ତାଲିକାରୁ କୌଣସି ନାମ କଟାଯିବ ନାହିଁ

**ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଇସି**

ନୂଆଦିଲ୍ଲୀ, ୧୦।୮ (ପି.ଟି.)

ପୂର୍ବରୁ ନୋଟିସ ଦିଆ ନ ଯାଇ ବିହାରର ଚିଠା ଭୋଟର ତାଲିକାରୁ କୌଣସି ଭୋଟରଙ୍କ ନାମ କଟାଯିବ ନାହିଁ ବୋଲି ନିର୍ବାଚନ କମିଶନ (ଇସି) ସୁପ୍ରମକୋର୍ଟଙ୍କୁ ଜଣାଇଛନ୍ତି। ସେମାନଙ୍କୁ ଶୁଣାଣି ପାଇଁ ସୁଯୋଗ ଦିଆଯିବା ସହ ତର୍କଯୁକ୍ତ ନିର୍ଦ୍ଦେଶ ରହିବ ବୋଲି ଇସି କହିଛନ୍ତି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କର ଅଲଗା ତାଲିକା ପ୍ରକାଶନ ପାଇଁ ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଦାବି କରିଥିଲା ବେଳେ ଇସି ଏହାର ବିରୋଧ କରିଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ଅଲଗା ତାଲିକା ପ୍ରକାଶ କରିବାକୁ କୌଣସି ନିୟମ ନ ଥିବା ଇସି ଶନିବାର ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ବିହାର ଚିଠା ଭୋଟର ତାଲିକାରେ ୭.୨୪ କୋଟି ଭୋଟରଙ୍କ ନାଁ ଥିବାବେଳେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ନାମ ବାଦ୍ ପଡ଼ିଛି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ମଙ୍ଗଳବାର ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲା ବାଗ୍‌ଚୀ ଏହାର ଶୁଣାଣି କରିବେ।

### ଉପରାଷ୍ଟ୍ରପତି ନିର୍ବାଚନ: ମିଳିତ ପ୍ରାର୍ଥୀ ଦେବ ଇଣ୍ଡିଆ ବ୍ଲକ୍

ନୂଆଦିଲ୍ଲୀ, ୧୦।୮

ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ମିଳିତ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ନେଇଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା କରି ସହମତିରେ ପହଞ୍ଚିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସହଯୋଗୀ ଦଳଗୁଡ଼ିକର ନେତାଙ୍କ ସହ ଆଲୋଚନା କରିଛନ୍ତି। ଫଳାଫଳ ନିର୍ବିଶେଷରେ ଏକ ଦୃଢ଼ ରାଜନୈତିକ ବାର୍ତ୍ତା ପଠାଇବା ଲାଗି ଲଢ଼େଇରୁ ଦୂରେଇଯିବା ଉଚିତ ନୁହେଁ ବୋଲି ମତାମତ ପ୍ରକାଶ ପାଇଛି। ତେବେ ଏପର୍ଯ୍ୟନ୍ତ ଏନେଇ ଆନୁଷ୍ଠାନିକ ଆଲୋଚନା ହୋଇ ନ ଥିବାବେଳେ ସହଯୋଗୀଙ୍କ ମଧ୍ୟରେ ପଛଦ୍ୱାର ଆଲୋଚନା ଜାରି ରହିଛି। ମିଳିତ ମେଣ୍ଟକୁ ଉପସ୍ଥାପନ କରିବା ଲାଗି ଅଧିକାଂଶ ସଦସ୍ୟ ରାଜି ହୋଇଥିବାବେଳେ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ବିରୋଧୀ ପ୍ରାର୍ଥୀ ଦେବା ଠିକ୍ ହେବ ବୋଲି ବିରୋଧୀ ପକ୍ଷର କେତେଜଣ ଅନୁଭବ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ନୈଶଭୋଜି ବୈଠକର ଆୟୋଜନ କରୁଛନ୍ତି, ଯେଉଁଥିରେ ୧୫ ବିରୋଧୀ ଦଳର ଶୀର୍ଷ ନେତାମାନେ ଯୋଗଦେବେ।

## ଛୁଟି ନେଇ ରାୟ ଲେଖ

**ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତିଙ୍କୁ କହିଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ, ୧୦।୮

ସୁପ୍ରିମକୋର୍ଟ ଶନିବାର ଏକ ପିଟିଶନ୍‌ର ଶୁଣାଣିକରି ଝାଡ଼ଖଣ୍ଡ ହାଇକୋର୍ଟରେ ବିଚାରାଧୀନ ଅନେକ ମାମଲାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି, ଝାଡ଼ଖଣ୍ଡ ହାଇକୋର୍ଟରେ ବିଚାରପତିମାନେ ସେମାନଙ୍କର ମଞ୍ଜୁରୀପ୍ରାପ୍ତ ଛୁଟି ନେଇ ବିଚାରାଧୀନ ଥିବା ମାମଲାଗୁଡ଼ିକର ରାୟ ଲେଖନ୍ତୁ। ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିକଟରେ ଏପରି ଏକାଧିକ ଡଜନ ମାମଲା ପଡ଼ିରହିଛି, ଯାହାର ଶୁଣାଣି ସମାପ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାୟ ପ୍ରକାଶ ପାଇନାହିଁ। ଝାଡ଼ଖଣ୍ଡର ଦୁର୍ଗମ ଆଦିବାସୀ ଅଞ୍ଚଳରେ ହୋମଗାର୍ଡ ନିଯୁକ୍ତି ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଟିପ୍ପଣୀ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିକଟରେ ଏପରି ୬୧ ମାମଲା ରହିଛି, ଯାହାର ରାୟକୁ ସଂରକ୍ଷିତ କରି ରଖାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାୟର ଘୋଷଣା କରାଯାଇନାହିଁ। ହାଇକୋର୍ଟଙ୍କ ପକ୍ଷ ରଖୁଥିବା ବରିଷ୍ଠ ଓକିଲ ଅଜିତ ସିହ୍ନାଙ୍କୁ ଖଣ୍ଡପୀଠ କହିଛନ୍ତି, ସମ୍ପ୍ରତି ବିଚାରପତିମାନଙ୍କ ନିକଟରେ ଅନେକ ଛୁଟି ପଡ଼ି ରହିଥାଏ। ତେଣୁ ୧୦ରୁ ୧୨ ସପ୍ତାହର ମଞ୍ଜୁରୀପ୍ରାପ୍ତ ଛୁଟି ନେଇ ଦୀର୍ଘଦିନ ହେବ ବିଚାରାଧୀନ ଥିବା ମାମଲାଗୁଡ଼ିକର ରାୟ ଲେଖିବାକୁ ସେମାନଙ୍କୁ କୁହନ୍ତୁ। ଲୋକେ ତୁରନ୍ତ ରାୟ ଚାହାଁନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ନାଶିକ୍‌ରେ ନକଲି କଲ୍ ସେଣ୍ଟର ଠାବ

**ଆମେରିକା, କାନାଡା ନାଗରିକଙ୍କୁ ଟାର୍ଗେଟ କରାଯାଉଥିଲା**

ମୁମ୍ବାଇ, ୧୦।୮

ମହାରାଷ୍ଟ୍ରର ନାଶିକ୍ ଅନ୍ତର୍ଗତ ଇଗତପୁରୀରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ସାଇବର ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ୍ କରିଛି। ଜାଲ୍ ଆମାଜନ ସପୋର୍ଟ କଲ୍ ସେଣ୍ଟର ଚଳାଇଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଆମେରିକା, କାନାଡା ଏବଂ ଅନ୍ୟ ଦେଶର ନାଗରିକମାନଙ୍କୁ ଟାର୍ଗେଟ କରୁଥିଲେ। ଏନେଇ ମୁମ୍ବାଇର ୬ ଜଣଙ୍କ ସମେତ କେତେଜଣ ଅଜଣା ବ୍ୟକ୍ତି ଓ ବ୍ୟାଙ୍କ ଅଫିସରଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ନିଜକୁ ଆମାଜନ କଷ୍ଟମର ସର୍ଭିସ୍ ଏଜେଣ୍ଟ ପରିଚୟ ଦେଇ ବିଦେଶୀମାନଙ୍କୁ ଠକୁଥିଲେ। ଗିଫ୍ଟ କାର୍ଡ କିମ୍ବା କ୍ରିପ୍ଟୋକରେନ୍ସି ପଠାଇବା ପାଇଁ ସେମାନେ ବିଦେଶୀଙ୍କୁ ଫିସିଂ କଲ୍ କରି ଠକୁଥିଲେ। ଉକ୍ତ କଲ୍ ସେଣ୍ଟରେ ଡାଏଲର, ଭେରିଫାୟର, କ୍ଲୋଜର ଆଦି ବିଭିନ୍ନ ପଦବୀରେ ୬୦ ଜଣ ନିଯୁକ୍ତ ଥାଇ ଦୁର୍ନୀତି ଚଳାଇଥିଲେ। ସିବିଆଇ ଟିମ୍ ଚଢ଼ାଉ କଲାବେଳେ ୬୨ ଜଣଙ୍କୁ ଧରିଥିଲା। ଚଢ଼ାଉ ସମୟରେ ୪୪ଟି ଲାପ୍‌ଟପ୍, ୭୧ଟି ମୋବାଇଲ୍ ଫୋନ୍ ଏବଂ ଅପରାଧ ସମ୍ପର୍କିତ ଡିଜିଟାଲ ପ୍ରମାଣପତ୍ର ଜବତ ହୋଇଛି। ଏହା ବ୍ୟତୀତ ୧.୨ କୋଟି ନଗଦ ଟଙ୍କା, ୫୦୦ ଗ୍ରାମ ସୁନା, ୭ଟି ଦାମୀ କାର୍ ଓ ୧.୨୬ ଲକ୍ଷ ଟଙ୍କାର ଗିଫ୍ଟ କାର୍ଡ ଜବତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଓ ଅର୍ଥ କାରବାରର ଚେର କେଉଁ ଆଡ଼କୁ ଯାଇଛି, ତାହା ଜାଣିବା ପାଇଁ ସିବିଆଇ ତଦନ୍ତ ଚଳାଇଛି।

## ବେଙ୍ଗାଲୁରୁ ମେଟ୍ରୋର ୟେଲୋ ଲାଇନ୍ ଉଦ୍‌ଘାଟିତ

ବେଙ୍ଗାଲୁରୁ, ୧୦।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବହୁପ୍ରତୀକ୍ଷିତ ବେଙ୍ଗାଲୁରୁ ମେଟ୍ରୋ ରେଳର 'ୟେଲୋ ଲାଇନ୍'କୁ ଉଦ୍‌ଘାଟନ କରିଛନ୍ତି। ସହରର ଆଇଟି ହବ୍‌କୁ ସଂଯୋଗ କରୁଥିବା ଅଧିକାଂଶ ଗହଳି କରିଡରଗୁଡ଼ିକର ଭିଡ଼ କମ୍ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆର୍.ଭି. ରୋଡ୍ (ରାଗିଗୁଡ୍ଡା)ରୁ ଇଲେକ୍ଟ୍ରୋନିକ୍ ସିଟି ମେଟ୍ରୋ ଷ୍ଟେଶନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବା ସହ ସହଯାତ୍ରୀ ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ୭,୧୬୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଆର୍‌ଭି ରୋଡରୁ ବେଙ୍ଗାଲୁରୁ ମେଟ୍ରୋ ଫେଜ୍-୨ ପ୍ରକଳ୍ପର ବୋମ୍ମାସାନ୍ଦ୍ରା ପର୍ଯ୍ୟନ୍ତ ୧୯ କିଲୋମିଟର ମଧ୍ୟରେ ୧୬ଟି ଷ୍ଟେଶନ ରହିଛି। ୟେଲୋ ଲାଇନ୍ ଉଦ୍‌ଘାଟନ ସହ ବେଙ୍ଗାଲୁରୁରେ ମେଟ୍ରୋ ରେଳ ନେଟ୍‌ୱାର୍କ ୯୬ କିଲୋମିଟରକୁ ବୃଦ୍ଧି ପାଇଛି। ୟେଲୋ ଲାଇନ୍ ପାଇଁ ୩ଟି ଟ୍ରେନ୍ ପହଞ୍ଚିଥିବାବେଳେ ମାସକ ମଧ୍ୟରେ ଆଉ ଏକ ଟ୍ରେନ୍ ଚାଲିବ ବୋଲି କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ କେଏସ୍‌ଆର୍ ବେଙ୍ଗାଲୁରୁ ଓ ବେଲାଗାଭି ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ କର୍ନାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍, ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେନ୍ଦ୍ରମନ୍ତ୍ରୀ ମନୋହରଲାଲ୍ ଖଟ୍ଟର, ଶୋଭା କରନ୍ଦଲାଜେ, ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାର ପ୍ରମୁଖ ଯୋଗଦେଇଥିଲେ।


ବେଙ୍ଗାଲୁରୁ ମେଟ୍ରୋ ରେଳ ନେଟ୍‌ୱର୍କର ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାଙ୍କ ସହ କଥା ହେଉଛନ୍ତି। ପାଖରେ ଅଛନ୍ତି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର।

## 'ସବ୍‌କେ ବସ୍' ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିପାରୁନାହାନ୍ତି: ରାଜନାଥ

ଭୋପାଳ, ୧୦।୮


ରାଜନାଥ ସିଂ

ଭାରତର ଦ୍ରୁତ ଅଭିବୃଦ୍ଧିରେ ବୈଶ୍ୱିକ ଶକ୍ତିଗୁଡ଼ିକ ଈର୍ଷାନ୍ୱିତ ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକା ଟାରିଫ୍‌କୁ କଡ଼ା ସମାଲୋଚନା କରି କହିଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ 'ସବ୍‌କା ବସ୍' ଶବ୍ଦ ବ୍ୟବହାର କରି କହିଛନ୍ତି। ଭାରତକୁ ମହାଶକ୍ତି ହେବାରୁ କେହି ଅଟକାଇପାରିବେ ନାହିଁ, ଏହା ତାଙ୍କର ଦୃଢ଼ ତଥା ସ୍ପଷ୍ଟ ବାର୍ତ୍ତା ବୋଲି ରାଜନାଥ କହିଛନ୍ତି।

ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିବାକୁ କେତେଜଣ ଲୋକ ଅସମର୍ଥ। ସେମାନେ ଏହାକୁ ହଜମ କରିପାରୁ ନାହାନ୍ତି। 'ମୁଁ ତ ସମସ୍ତଙ୍କର ବସ୍, ଭାରତ କିପରି ଏତେ ଦ୍ରୁତ ଅଭିବୃଦ୍ଧି କରୁଛି' ବୋଲି ସେମାନେ କହୁଥିବା ଟ୍ରମ୍ପଙ୍କୁ ଲକ୍ଷ୍ୟ କରି ରାଜନାଥ କହିଛନ୍ତି। ଭାରତର ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଭାରତ ପ୍ରସ୍ତୁତ ରପ୍ତାନି ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ଉଦ୍ୟମ ହେଉଛି। ମଧ୍ୟପ୍ରଦେଶରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତ ପ୍ରସ୍ତୁତ ସାମଗ୍ରୀକୁ ଅନ୍ୟ ଦେଶ ପାଇଁ ମହଙ୍ଗା କରି ଲୋକମାନଙ୍କୁ ଏହାଠାରୁ ଦୂରେଇ ରଖିବାକୁ ଉଦ୍ୟମ ହେଉଛି। ତେବେ ଭାରତ ଯେଉଁ ହାରରେ ଅଭିବୃଦ୍ଧି କରୁଛି, ଏହାକୁ ମହାଶକ୍ତି ହେବାରେ ବିଶ୍ୱର କୌଣସି ଶକ୍ତି ଅଟକାଇପାରିବ ନାହିଁ, ଏହା ମୁଁ ଦୃଢ଼ତାର ସହ କହିପାରେ। ରୁଷିଆରୁ ତୈଳ କିଣୁଥିବା ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଛି, ଯାହାକି ଅନୁଚିତ ଏବଂ ଅକାରଣ। ରାଇସେନ ଜିଲାର ଉମାରିଆ ଗ୍ରାମରେ ଭାରତ ଆର୍ଥ ମୁଭର୍ସ ଲିଃ (ବିଇଏମ୍‌ଏଲ)ର 'ବ୍ରହ୍ମା' ରେଲ୍ ହବ୍ ଫର୍ ମାନୁଫ୍ୟାକ୍ଚରିଂ ଉଦ୍‌ଘାଟନ କରିବା ଅବସରରେ ରାଜନାଥ ଅପରେଶନ ସିନ୍ଦୂର କଥା କହିଥିଲେ। ଭାରତକୁ ଆତ୍ମନିର୍ଭର କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଅପରେଶନ ସିନ୍ଦୂରରେ ଭାରତୀୟ ସେନା ସ୍ୱଦେଶୀ ଯୁଦ୍ଧ ସରଞ୍ଜାମ ବ୍ୟବହାର କରିଥିଲା, ଯାହା ଏହି ଅଭିଯାନକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା ବୋଲି ରାଜନାଥ କହିଛନ୍ତି।

## ନକଲି ଥାନା: ୱେବ୍‌ସାଇଟ ଦେଖାଇ ଚାନ୍ଦା ମାଗୁଥିଲେ

ନଏଡ଼ା, ୧୦।୮

ଉତ୍ତରପ୍ରଦେଶର ନଏଡ଼ାରେ ଇଣ୍ଟରନ୍ୟାଶନାଲ ପୋଲିସ ଆଣ୍ଡ୍ କ୍ରାଇମ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ ନାମରେ ଏକ ନକଲି କାର୍ଯ୍ୟାଳୟ ଚାଲୁଥିଲା। ଉକ୍ତ କାର୍ଯ୍ୟାଳୟ ମାଧ୍ୟମରେ ଜନସାଧାରଣଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ୬ ଅଭିଯୁକ୍ତଙ୍କୁ ଗୌତମ ବୁଦ୍ଧ ନଗର ପୋଲିସ ଗିରଫ କରିଛି। ଶନିବାର ବିଳମ୍ବିତ ରାତିରେ ନଏଡା ସେକ୍ଟର-୭୦ସ୍ଥିତ ବିଏସ୍-୧୩୬ ଠିକଣାରେ ପୋଲିସ ପହଞ୍ଚି ଏହି ନକଲି କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅନେକ ନକଲି ପରିଚୟପତ୍ର, ନକଲି ପ୍ରମାଣପତ୍ର, ଚେକ୍ ବୁକ୍, ଏଟିଏମ୍ କାର୍ଡ, ଭିଜିଟିଂ କାର୍ଡ, ସାଇନ୍‌ବୋର୍ଡ, ମୋବାଇଲ ଫୋନ୍ ଏବଂ ନଗଦ ୪୨,୩୦୦ ଟଙ୍କା ଜବତ କରାଯାଇଥିବା ସେ କହିଛନ୍ତି। ଅଭିଯୁକ୍ତମାନେ ପୋଲିସର ପରିଚୟ, ଜାଲ ପରିଚୟପତ୍ର ଏବଂ ବିଭିନ୍ନ ମନ୍ତ୍ରଣାଳୟର ଜାଲ କାଗଜପତ୍ରକୁ ବ୍ୟବହାର କରି ଲୋକଙ୍କଠାରୁ ଚାନ୍ଦା ଆଦାୟ କରି, ସେମାନଙ୍କୁ ଠକୁଥିଲେ। ସେମାନେ ଉକ୍ତ ନକଲି ପୋଲିସ ଷ୍ଟେଶନକୁ ଏକ ପ୍ରକୃତ ସରକାରୀ ସଂସ୍ଥାର କାର୍ଯ୍ୟାଳୟ ଭାବେ ସ୍ଥାପନ କରିଥିଲେ। ସେଠାରେ ପୋଲିସ ଲୋଗୋ ସମେତ ବିଭିନ୍ନ ମନ୍ତ୍ରଣାଳୟ ନାମରେ ନକଲି ପ୍ରମାଣପତ୍ରକୁ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତମାନେ ନିଜକୁ ଏକ ଅନ୍ତର୍ଜାତୀୟ ତଦନ୍ତକାରୀ ସଂସ୍ଥାର ସଦସ୍ୟ ଭାବେ ପରିଚୟ ଦେଇ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିଲେ। ସେମାନେ www.intlpcrib.in ନାମରେ ଏକ ୱେବ୍‌ସାଇଟ ତିଆରି କରିଥିଲେ ଏବଂ ଉକ୍ତ ୱେବ୍‌ସାଇଟ ମାଧ୍ୟମରେ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରୁଥିଲେ। କିଛିଦିନ ତଳେ ଉକ୍ତ ନକଲି କାର୍ଯ୍ୟାଳୟକୁ ଭଡ଼ାରେ ନିଆଯାଇଥିଲା ଏବଂ ଏହା ମାତ୍ର ୧୦ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।




## ଟ୍ରୋଲ୍ ହେଲେ ଅଲ୍ଲୁ

ମୁମ୍ବାଇ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ମୁମ୍ବାଇ ଏୟାରପୋର୍ଟରେ ଜଣେ ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ନଜରକୁ ଆସିଛନ୍ତି। ଅଲ୍ଲୁଙ୍କ ଏପରି ବ୍ୟବହାରକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି। ଅଲ୍ଲୁ ଶନିବାର ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିବା ପରେ ଏଣ୍ଟ୍ରି ଗେଟ୍ ନିକଟରେ ନିୟୋଜିତ ଥିବା ଜଣେ ସିଆଇଏସ୍‌ଏଫ୍ ଅଧିକାରୀ ସେ ପିନ୍ଧିଥିବା ମାସ୍କକୁ ହଠାଇବା ପାଇଁ କହିଥିଲେ। ଅଲ୍ଲୁଙ୍କ ପାସ୍‌ପୋର୍ଟରେ ଲାଗିଥିବା ଫଟୋ ଓ ତାଙ୍କ ଚେହେରାକୁ ମିଳାଇବା ପାଇଁ ସୁରକ୍ଷା ଅଧିକାରୀ ଜଣକ ଅଲ୍ଲୁଙ୍କୁ ମାସ୍କ ହଟାଇବା ପାଇଁ କହିଥିଲେ। ତେବେ ଅଲ୍ଲୁ ଏପରି ନ କରି ସିଆଇଏସ୍‌ଏଫ୍ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ନେଇ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଅଲ୍ଲୁଙ୍କୁ ଟ୍ରୋଲ୍ କରିଛନ୍ତି। ଏୟାରପୋର୍ଟର ନିୟମ ସମସ୍ତଙ୍କ ପାଇଁ ସମାନ। ତେଣୁ ତାରକାମାନେ ମଧ୍ୟ ସାଧାରଣ ଲୋକଙ୍କ ପରି ଏୟାରପୋର୍ଟର ନିୟମକୁ ପାଳନ କରିବା ଉଚିତ ବୋଲି ବହୁ ୟୁଜର୍ସ କହିଛନ୍ତି।



# ଗିରଫ ପରେ ଜେଲଗଲେ ପୁରୁଷବନ୍ଧୁ ପ୍ରମୋଦ

**ପଟ୍ଟାମୁଣ୍ଡାଇ, ୧୦।୮ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଗତ ୬ ତାରିଖରେ ଯୁକ୍ତ୩ ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ପୋଡ଼ି ହୋଇ ମୃତ୍ୟୁ ଘଟଣାରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଘଟଣାର ୫ମ ଦିନରେ ଥାନା ଅନ୍ତର୍ଗତ ବିଲିକଣା ପଞ୍ଚାୟତ ତେରୋହୀ ଗ୍ରାମର ପୁରୁଷବନ୍ଧୁ ପ୍ରମୋଦ ବେହେରାଙ୍କୁ ରବିବାର ପୋଲିସ ଗିରଫ କରିଛି। ସଙ୍ଗୀତାଙ୍କ ବାପା ଶଶିକାନ୍ତ ଘଟଣାର ୪ ଦିନ ପରେ ଶନିବାର ଦ୍ୱିତୀୟ ଥର ପାଇଁ ଦେଇଥିବା ଏତଲାରେ ପ୍ରମୋଦଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଭାରତୀୟ ନ୍ୟାୟ ସଂହିତା ୨୯୬, ୭୫, ୭୮, ୧୦୮, ୬୬ ଇ, ୬୭ ଏ ପରି ଦଫା ଲଗାଇ ନଂ. ୨୮୪/୨୫ରେ ମାମଲା ରୁଜୁ କରିଥିଲା। ପ୍ରମୋଦଙ୍କ ଗିରଫ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଖବରଦାତା ସମ୍ମିଳନୀ କରି କହିଛନ୍ତି, ତଦନ୍ତ ସମୟରେ ତାଙ୍କ ମୋବାଇଲରୁ ସଙ୍ଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ଓ ଫଟୋ ମିଳିଛି। ଜୁଲାଇ ୧୭ ତାରିଖରେ ଏପରି ଭିଡିଓ ସଙ୍ଗୀତାଙ୍କ ବାପାଙ୍କ ମୋବାଇଲକୁ ପ୍ରମୋଦ ପଠାଇଥିଲେ। ସେହିପରି ଏହି ଭିଡିଓ ଭାଇରାଲ ପାଇଁ ୨ଜଣଙ୍କ ନିକଟକୁ ପଠାଯାଇଛି। ସଙ୍ଗୀତାଙ୍କ ମୃତ୍ୟୁ ପୂର୍ବରୁ



ଗିରଫ ପ୍ରମୋଦ ବେହେରା।

ସେ ପ୍ରମୋଦଙ୍କ ସହ ମୋବାଇଲ ଫୋନରେ କଥା ହୋଇଥିଲେ। ତେବେ ତାଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ପାଖ ପଡ଼ିଶାଙ୍କ ସିସିଟିଭିରୁ କେତେକ ସୂଚନା ମଧ୍ୟ ମିଳିଛି। ପ୍ରମୋଦଙ୍କ ଗିରଫ ପରେ ପଟ୍ଟାମୁଣ୍ଡାଇ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାର ସମସ୍ତ ତଥ୍ୟ ପରେ ଉତଥାପନର ହେବ। ସେତେବେଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

ପୁରୁଷବନ୍ଧୁ ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ତାଙ୍କ ପରିବାର ମୃତା ଛାତ୍ରୀଙ୍କ ମା' ବାପାଙ୍କ ନାମରେ ଗ୍ରାମାଞ୍ଚଳ ଥାନାରେ ରବିବାର ଏତାଲା ଦେଇଛନ୍ତି। ତାଙ୍କ ପରିବାର ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଥାନାକୁ ଘେରାଉ କରିଛନ୍ତି। ଥାନା ଘେରାଉରେ ସାମିଲ ଥିବା



ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ମହିଳାମାନେ ରବିବାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଘେରାଉ କରିଛନ୍ତି।

**ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା**

- ପ୍ରମୋଦଙ୍କ ମୋବାଇଲରୁ ମିଳିଛି ଅଶ୍ଳୀଳ ଭିଡିଓ, ଫଟୋ
- ଗିରଫ ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଘେରାଉ

ପ୍ରମୋଦଙ୍କ ବାପା ଗଣେଶ୍ୱର ବେହେରା, ମା' ଶାନ୍ତିଲତା ବେହେରା କହିଛନ୍ତି, ସଙ୍ଗୀତା ଓ ପୁଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଦୀର୍ଘଦିନ ହେବ ରହିଛି। ତେବେ ସଙ୍ଗୀତାଙ୍କ ପରିବାର ଗରିବୀ ପାଇଁ ବିରୋଧ କରି ଆସୁଥିଲେ। ଏପରିକି ସଙ୍ଗୀତାଙ୍କୁ ବହୁବାର ନିର୍ଯାତନା ଦିଆଯାଇଛି। ମୃତ୍ୟୁରେ ପ୍ରମୋଦଙ୍କ କୌଣସି ହାତ ନାହିଁ। ଶଶିକାନ୍ତଙ୍କ ପରିବାର ସଙ୍ଗୀତାଙ୍କୁ ମାଡ଼ ମାରି ଜାଳିଦେଇଥିବା ପାରିପାର୍ଶ୍ୱିକ ସ୍ଥିତି ସୂଚନା ଦେଉଛି। ପ୍ରଥମ ଅଭିଯୋଗରେ ପ୍ରମୋଦଙ୍କ ନାମ ନ ଥିବାବେଳେ ଘଟଣାର ୪ ଦିନ ପରେ ଗ୍ରାମାଞ୍ଚଳ ଥାନାରେ ଶଶିକାନ୍ତଙ୍କ ଅଭିଯୋଗ ପୁଅକୁ ଫସେଇବା ପାଇଁ ହୋଇଛି। ନ୍ୟାୟ ନ ମିଳିଲେ ପରିବାରର ସମସ୍ତ ସଦସ୍ୟ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ଏହି ଘଟଣା ପରେ ଗ୍ରାମାଞ୍ଚଳ ଥାନାରେ ଅଧିକ ପୋଲିସ ବଳ ମୁତୟନ ହୋଇଛି। ସେହିପରି ସତର୍କତାମୂଳକ ପଦକ୍ଷେପ ପାଇଁ ଦମକଳ ବାହିନୀ ସଜାଗ ଅଛି। ଅପରପକ୍ଷରେ ପ୍ରମୋଦଙ୍କ ଗିରଫ ପରେ ମଧ୍ୟ ସଙ୍ଗୀତାଙ୍କ ମୃତ୍ୟୁ ରହସ୍ୟ ପରଦା ଆଢୁଆଳରେ ଅଛି। ସେ ଜଳିଗଲେ ନା ତାଙ୍କୁ ଜାଳିଦିଆଗଲା, ସେ ସମ୍ପର୍କରେ ଜିଲା ପୋଲିସର ତଦନ୍ତ ଏବେ ବି ଜାରି ରହିଛି। ସଙ୍ଗୀତାଙ୍କ ମୃତଦେହ କାଠିଆପଡ଼ାସ୍ଥ ବନ୍ଦ ଘର ମଧ୍ୟରେ ଗତ ୬ ତାରିଖରେ ଜବତ ହୋଇଥିଲା। ଦେହରେ ନିଆଁ ଲାଗି ପୋଡ଼ି ହୋଇଯାଇଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ବାପା ଶଶିକାନ୍ତଙ୍କ ଏତଲା ପରେ ଏସ୍‌ପି କାଟାରିଆଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି। ଶନିବାର କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏହି ମୃତ୍ୟୁ ମାମଲା ସମ୍ପର୍କରେ ଏସ୍‌ପି କାଟାରିଆଙ୍କ ସହିତ ସମୀକ୍ଷା କରିଥିଲେ। ଏହାପରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ପରିବାରର ୩ ଗୁରୁତର

## ଏମ୍ସରେ ଚିକିତ୍ସିତ ହେଉଛନ୍ତି

**ବଅଁରପାଳ, ୧୦।୮ (ସୁବାସ ଚନ୍ଦ୍ର ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋ ନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମର ବ୍ରାହ୍ମଣୀ ଦେବୀ ପୀଠ ସମ୍ମୁଖ ଏକ ଆଜବେଷ୍ଟସ୍ ଘର ଭିତରେ ଶନିବାର ମଧ୍ୟରାତ୍ରିରେ ଗ୍ୟାସ୍ ସିଲିଣ୍ଡର ଫାଟି ଗୋଟିଏ ପରିବାରର ୩ ଗୁରୁତର ହୋଇଛନ୍ତି। ଗୁରୁତର ଆହତଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ଅନୁଗୋଳ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ରାତ୍ରିରେ ସପରିବାର କବାଟ ବନ୍ଦ କରି ଶୋଇବାକୁ ଯାଇଥିଲେ। ମଧ୍ୟରାତ୍ରି ପ୍ରାୟ ୧ଟା ୩୦ରେ ହଠାତ୍ ଭୟଙ୍କର ଶବ୍ଦରେ ଗ୍ୟାସ ଟାଙ୍କି ଫାଟିଥିଲା। ପରିବାର ଲୋକ କିଛି ବୁଝିପାରି ନ ଥିଲେ। ଘର ଭିତରେ ପୁଅ ଜିଗ୍ନେଶ ପ୍ରଧାନ(୨୦), ମା' ରତ୍ନମଞ୍ଜରୀ ପ୍ରଧାନ(୫୩), ବାପା ବିଭୂତି ଭୂଷଣ ପ୍ରଧାନ(୫୫)ଥିଲେ। ଧୂଆଁ ଅନ୍ଧାରରେ ଗ୍ରିଲ ତାଲା ଭାଙ୍ଗି ପୁରା ପରିବାର ବାହାରକୁ ଆସିଥିଲେ। ବିସ୍ଫୋରଣ ଶବ୍ଦ ଶୁଣି ପାଖ ପଡୋଶୀ ଓ ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବା କର୍ମଚାରୀ ଆସି ପ୍ରଥମେ ଆହତ ପରିବାରଙ୍କୁ ସ୍ଥାନୀୟ ନାଲ୍‌କୋ ଡାକ୍ତର ଖାନାକୁ ପଠାଇଥିଲେ। ପରେ ସେମାନଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ମା' ରତ୍ନମଞ୍ଜରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବିଭୂତି ଭୂଷଣ ସ୍ମେଲ୍ଟର ପ୍ଲାଣ୍ଟରେ ଠିକାଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଖବର ପାଇ ନାଲ୍‌କୋ ପୋଲିସ ଓ ଅନୁଗୋଳ ଅଗ୍ନିଶମ ବିଭାଗ ପରେ ନାଲ୍‌କୋ ସିପିପି ପ୍ଲାଣ୍ଟର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀଙ୍କ କହିବା ଅନୁଯାୟୀ ଘର ଭିତରେ ଚୁଲା ବ୍ୟବହାର ହୋଇ ନଥିବା ୨ଟି ଗ୍ୟାସ ସିଲିଣ୍ଡର ଓ ସିଲିଣ୍ଡରକୁ ଲାଗି ଏକ ସ୍କୁଟର ରହିଥିଲା। ପାଖରେ ଥିବା ବିଦ୍ୟୁତ୍ ବୋର୍ଡରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଶର୍ଟସର୍କିଟ ହେବାପରେ ଗାଡ଼ିର ପେଟ୍ରୋଲ ନିଆଁ ଜଳିବାରେ ସହାୟକ ହୋଇଥିଲା। ପେଟ୍ରୋଲରେ ପ୍ରଥମେ ନିଆଁ ସଂଯୋଗ ହେବା ଫଳରେ ପାଖରେ ଥିବା ଗ୍ୟାସ ଟାଙ୍କି ପ୍ରଭାବିତ ହୋଇ ଟାଙ୍କି ଉଚ୍ଚ ଶବ୍ଦରେ ଫାଟିଥିଲା। ୩ଟି ଘରର ଆଜ୍‌ବେଷ୍ଟସ୍ ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବାବେଳେ ସମସ୍ତ ଆସବାବପତ୍ର ପୋଡ଼ି ଛାରଖାର ହୋଇଯାଇଥିଲା। ଘରେ ଥିବା ନଗଦ ୧୫ହଜାର ଟଙ୍କା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଭାଙ୍ଗିଯାଇଥିବା ସିଲିଣ୍ଡର ସହ ଅନ୍ୟାନ୍ୟ ଆସବାବପତ୍ର।

# ପରିତ୍ୟକ୍ତ ଅଙ୍ଗନୱାଡି ଛାତରୁ ନାବାଳକଙ୍କ ମୃତଦେହ ଜବତ

**ଯୋଡ଼ା, ୧୦।୮ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ବିଲେଇପଦାସ୍ଥିତ ଏକ ପରିତ୍ୟକ୍ତ ଅଙ୍ଗନୱାଡ଼ି ଗୃହ ଛାତ ଉପରୁ ଜଣେ ନାବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। କିନ୍ତୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ କରେଣ୍ଟ ଲାଗି ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ଆତ୍ମୀୟଙ୍କୁ ୪ ଲକ୍ଷ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ସକାଳେ ଅଙ୍ଗନୱାଡ଼ି ଗୃହ ଛାତ ଉପରେ ଜଣେ ନାବାଳକ ଅଚେତ ଅବସ୍ଥାରେ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନାବାଳକଙ୍କୁ ଛାତ ଉପରୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଉକ୍ତ ଅଙ୍ଗନୱାଡ଼ି ଗୃହଟି ଦୀର୍ଘଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ନୂତନ ଗୃହରେ ପିଲା ପାଠ ପଢୁଛନ୍ତି। ତେବେ ସେଠାକୁ ନାବାଳକ ଜଣକ କିପରି ଗଲେ, କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଛି।

# ବର୍ଷକ ଶିଶୁ ମୁଣ୍ଡରେ ପଶିଗଲା ଡେକ୍‌ଚି



ଶିଶୁ ମୁଣ୍ଡରୁ ଡେକ୍‌ଚି କଟାଯାଉଛି।

**କାମାକ୍ଷାନଗର, ୧୦।୮ (ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ମାନସ ଦାସଙ୍କ ପୁଅ ମନ୍ମଥ (୧ ବର୍ଷ ୪ମାସ) ଖେଳୁଥିବାବେଳେ ମୁଣ୍ଡରେ ଏକ ଡେକ୍‌ଚି ପଶିଯାଇଥିଲା। ପରିବାର ଲୋକେ ବହୁ ଚେଷ୍ଟା କରି ଶିଶୁ ମୁଣ୍ଡରୁ ଡେକଚିଟି ବାହାର କରିପାରି ନ ଥିଲେ। ଫଳରେ ଉପାୟଶୂନ୍ୟ ହୋଇ ପରିବାର ଲୋକେ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଗ୍ରାମରେ ପହଞ୍ଚି ସତର୍କତାର ସହ ଡେକ୍‌ଚିକୁ କାଟି ମୁଣ୍ଡରୁ ବାହାର କରିଥିଲେ। ପିଲାଟି ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସୂଚନା ମିଳିଛି।

# ବଜ୍ରପାତରେ ନାବାଳକ ମୃତ, ୨ ଆହତ

**କେନ୍ଦୁଝର, ୧୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ବ୍ଲକ୍ କୋଡିପଶା ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିବାବେଳେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ସ୍ଥାନୀୟ ଜନାର୍ଦ୍ଦନପୁର ଗ୍ରାମର ତେଜଶ କୁମାର ସାହୁ(୧୫)। ଆହତମାନେ ହେଲେ ବୈଦରାଜ ସାହିର ସମିତ ରଣସିଂହ(୧୭) ଏବଂ ଡାଙ୍ଗୁଣିଆ ସାହିର ଅଂଶୁ ନାଏକ(୧୬)।

ସୂଚନା ଅନୁଯାୟୀ, କେନ୍ଦୁଝର ସହରରୁ ୩ ସାଙ୍ଗ ଏକ ସ୍କୁଟିରେ ଗାଧୋଇବାକୁ କୋଡିପଶା ଡ୍ୟାମ୍‌କୁ ଯାଇଥିଲେ। ଡ୍ୟାମ୍ ତଟରେ ସ୍କୁଟି ରଖି ଗାଧୋଇବାକୁ ଯିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ବଜ୍ରପାତ ହୋଇଥିଲା। ୩ ସାଙ୍ଗ ବଜ୍ରପାତର ଶିକାର ହୋଇଥିବା ବେଳେ ଘଟଣାସ୍ଥଳରେ ତେଜଶଙ୍କ ମୃତ୍ୟୁ ହୋଇଛି। ସମିତ, ଅଂଶୁ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆହତଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୮୦/୨୦୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

# ଡିଭାଇଡର୍‌ରେ ପିଟିହେଲା କାର୍: ଛାତ୍ର ମୃତ, ୫ ଗୁରୁତର

**ଝାରସୁଗୁଡ଼ା, ୧୦।୮ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସୁନାରୀମୁଣ୍ଡା ଛକରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାରରେ ଥିବା ୬ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ନୂଆଁ କେମ୍ପଡାର କ୍ରିଷ୍ଣା ଯାଦବ (୧୫)। ଗୁରୁତର ହୋଇଥିବା ଉକ୍ତ ଗ୍ରାମର ଉମିତ୍ ଓରାମ, ମାନସ ସିଂ, ଚନ୍ଦନ ବାଦୀ, ଅମର ଯାଦବ ଓ ମେଘନାଦ ଟାରଦଲଙ୍କୁ ଚିକିତ୍ସା ଲାଗି ସମ୍ବଲପୁରସ୍ଥିତ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ାସ୍ଥିତ ଏକ ଘରୋଇ ସ୍କୁଲର କେତେଜଣ ଛାତ୍ର ଖୋ ଖୋ ଖେଳିବା ପାଇଁ ବାଲେଶ୍ୱର ଯାଇଥିଲେ। ସେଠାରୁ ଫେରିବା ପରେ ଝାରସୁଗୁଡ଼ା ରେଳଷ୍ଟେଶନରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଉପରୋକ୍ତ ୬ ଜଣ ଏକ କାର୍(ନଂ. ଓଡି୨୩ଏମ୍-୯୫୧୬)ରେ ଖୁସିରେ ବୁଲିବା ପାଇଁ ସୁନାରୀମୁଣ୍ଡାରୁ ଝାରସୁଗୁଡ଼ା ସହର ଅଭିମୁଖେ ଆସୁଥିଲେ। ହେଲେ ସୁନାରୀମୁଣ୍ଡା ଛକରେ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା। ଟାଉନ୍ ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଛାତ୍ରମାନଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ କ୍ରିଷ୍ଣାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଏକ ମାମଲା (ନଂ.୩୩୭/୨୫) ରୁଜୁକରି ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ କାର୍।

# ଉତ୍ତରକାଶୀ ବିପର୍ଯ୍ୟୟ ପ୍ରଭାବିତଙ୍କୁ ପତଞ୍ଜଳିର ସହାୟତା

**ଭୁବନେଶ୍ୱର, ୧୦।୮ (ଅନୁରାଧା ମହାରଣା)**

ଉତ୍ତରକାଶୀର ଧରାଳୀରେ ଘଟିଥିବା ଭୟଙ୍କର ବନ୍ୟା ବିପର୍ଯ୍ୟୟରେ ପ୍ରଭାବିତଙ୍କୁ ପତଞ୍ଜଳି ଯୋଗପୀଠ ସହାୟତାର ହାତ ବଢ଼ାଇଛି। ଯୋଗପୀଠର ପରମାଧ୍ୟକ୍ଷ ବାବା ରାମଦେବ, ମହାମନ୍ତ୍ରୀ ଆଚାର୍ଯ୍ୟ ବାଲ୍‌କୃଷ୍ଣ ଏବଂ ପତଞ୍ଜଳି ଫୁଡ୍ସର ଏମ୍‌ଡି ରାମଭରତ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ ଟ୍ରକ ରିଲିଫ୍ ସାମଗ୍ରୀ ପଠାଇଛନ୍ତି। ସ୍ୱାମୀ ରାମଦେବ କହିଛନ୍ତି, ଏହି ବିପର୍ଯ୍ୟୟରେ ଯେଉଁମାନେ ପ୍ରାଣ ହରାଇଛନ୍ତି, ସେମାନଙ୍କୁ ଫେରାଇ ଆଣିବା ଅସମ୍ଭବ। ମାତ୍ର ବନ୍ୟାରେ ପ୍ରଭାବିତ ପ୍ରାୟ ୫୦୦ ପରିବାରଙ୍କ ପାଇଁ ନିତ୍ୟ ଆବଶ୍ୟକ ସାମଗ୍ରୀ ଅଟା, ଚାଉଳ, ଡାଲି, ଲୁଣ, ମସଲା, ବାସନ, ଟୁଥ୍‌ପେଷ୍ଟ, ବ୍ରଶ, ସାବୁନ ଆଦି ପଠାଯାଉଛି। ପାଗ ଅନୁକୂଳ ହେଲେ ଆହୁରି ସାହାଯ୍ୟ କରାଯିବ। ସେ ବହୁରାଷ୍ଟ୍ରୀୟ କମ୍ପାନୀ ଏବଂ ବଡ଼ ବଡ଼ ସ୍ୱଦେଶୀ କମ୍ପାନୀମାନଙ୍କୁ ଟାର୍ଗେଟ କରି କହିଛନ୍ତି, ଏହି କମ୍ପାନୀଗୁଡ଼ିକ ଉତ୍ତରାଖଣ୍ଡରେ କେବଳ ଅର୍ଥ ରୋଜଗାର କରିବା ପାଇଁ ଆସନ୍ତି। ବିପଦ ସମୟରେ ମଧ୍ୟ ସେମାନେ ସାହାଯ୍ୟ ପାଇଁ ଆଗେଇ ଆସିବା ଉଚିତ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନଦୀ ଓ ଝରଣା କୂଳରେ ବସତି ଗଢ଼ାଯାଇଛି, ଯାହା ଉପରେ ପୁନର୍ବିଚାର ଆବଶ୍ୟକ ବୋଲି ସେ କହିଛନ୍ତି। ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ପତଞ୍ଜଳି ପୂର୍ବରୁ ୨୦୦୪ର ସୁନାମୀ, ୨୦୦୮ରେ ବିହାର ବନ୍ୟା, ୨୦୧୩ରେ କେଦାରନାଥ ବନ୍ୟା ଓ ନେପାଳ ଭୂମିକମ୍ପ ସମୟରେ ସାହାଯ୍ୟ କରିଛି। ଏହି ପ୍ରତିବଦ୍ଧତା ଆଗକୁ ମଧ୍ୟ ଜାରି ରହିବ।




ବନ୍ୟା ବିପର୍ଯ୍ୟୟରେ ପ୍ରଭାବିତଙ୍କ ପାଇଁ ପତଞ୍ଜଳି ଯୋଗପୀଠ ପକ୍ଷରୁ ରିଲିଫ୍ ସାମଗ୍ରୀ ପଠାଯାଉଛି।

# ପିକ୍‌ଅପ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ମୁନିଗୁଡା, ୧୦।୮ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଦେଓକୁପୁଲି ଛକ ନିକଟରେ ରବିବାର ରାତି ପ୍ରାୟ ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଭ୍ୟାନ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ପିକଅପ୍ ଭ୍ୟାନ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ବାଇକ୍‌ରେ ବସିଥିବା ଜଣେ ୫ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ମୁନିଗୁଡ଼ା ପୋଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସୁଦ୍ଧା ୨ ମୃତକଙ୍କ ପରିଚୟ ମିଳିପାରି ନାହିଁ।




# ଆଜି କ'ଣ କେଉଁଠି

## କଟକ
- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପକ୍ଷରୁ ଲଡୁ ଦିବସ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ ପରିସର,ବସ୍ତା,ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବନ୍ତ, ସମୟ: ଅପରାହ୍ନ ୩ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଦୋବଲ କାଳୀପଡ଼ିଆ ଯଜ୍ଞ ମଣ୍ଡପ, ଧାମନଗର, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦ ପକ୍ଷରୁ ହର ଘର ତ୍ରିରଙ୍ଗା ରାଲି କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବଡ଼ଚଣା କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବିରେ ଥାନା ଘେରାଉ, ସ୍ଥାନ: ବାଲିଚନ୍ଦ୍ରପୁର ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାହ ମହାଯଜ୍ଞ ପାରାୟଣ ଓ ପ୍ରବଚନ ଉଦ୍‌ଘାଟନ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ: ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼ ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାୟଗଡ଼ା
- ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ, ଭାଗବତ ପାଠ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି, ମୁନିଗୁଡା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ମହାଦେଇପୁଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ ; ବତାଶନା ପଞ୍ଚାୟତ ସଭାଗୃହ, କୋଟପାଡ଼ ; ପଞ୍ଚାୟତ କାର୍ଯ୍ୟାଳୟ ପିତାଗୁଡ଼ା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଅଲଟ୍ରାସାଉଣ୍ଡ ମେସିନ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ହାଡିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ସରକାରୀ ଯୋଜନାର ସମୀକ୍ଷା, ସ୍ଥାନ: ବିଲାପୁଟ ଓ ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ଏବଂ ଅପରାହ୍ନ ୩ଟା।

## ମାଲକାନଗିରି
- ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଖଇରପୁଟ ବ୍ଲକ୍ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବାଲିମେଳା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ,ସମୟ ; ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଧିକା ରିଜେନ୍ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ୍ତନ ଓକିଲ ସଂଘ ସଭାପତିଙ୍କ ବିୟୋଗରେ ଶୋକସଭା, ସ୍ଥାନ: ବିରଜାପାଲୀ କୋର୍ଟ ପରିସର ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ନିରାକରଣ କର୍ମଶାଳା, ସ୍ଥାନ: ଆମ୍ବେଦକର ବସ୍ତି, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଉଦିତନଗର ଶ୍ରମ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କାହ୍ନୁ ଚରଣ ମହାନ୍ତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର,ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅତାବିରା,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ସ୍ଥାନ: ଥୁଆମୁଲ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଜିଲା କଂଗ୍ରେସ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ଗଙ୍ଗାଧର ଜୟନ୍ତୀ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବହଳପଦର ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୂଆପଡ଼ା
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ଓ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଏକତା ଛକ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥଳ ଓ ଗାନ୍ଧୀ ଉଦ୍ୟାନ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୯ ଟା।
- ନୂଆପଡ଼ା ବାନର ସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସମରସିଂ ପଞ୍ଚାୟତ ଭୁରଖାଢୋଡା ଗାଁ, ସମୟ: ସକାଳ ୯ ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ, ସମୟ: ଅପରାହ୍ନ ୩ ଟା।
- ୧୬ ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ଗ୍ରୁପ-ବି ପ୍ରଥମ ଲିଗ୍ ମ୍ୟାଚ୍, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ଖଡିଆଳ, ସମୟ: ଅପରାହ୍ନ ୪ ଟା।

## ଝାରସୁଗୁଡ଼ା
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ରାଧାମାଧବ ମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।
- ଚାରାରୋପଣ, ସ୍ଥାନ: ବାଗଡ଼ିହି ଶିଶୁମନ୍ଦିର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାହୁ ଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଗୃହ, ଭୂମି, ଗାଡିମୋଟର, ସହକର୍ମୀ ଏବଂ ଧାର କରଜକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ଦୂର ହେବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ**
ଚନ୍ଦ୍ରଙ୍କ କୋଣସ୍ଥାନରେ ଗୁରୁଶୁକ୍ର ହେତୁ କର୍ମାରମ୍ଭ ସକାଶେ ପରିସ୍ଥିତି ଅନୁକୂଳ ରହିବ। ସକାଳୁ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିପାରେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**
ଅଷ୍ଟମାଧିପତି ଶନି କର୍ମଭାବସ୍ଥ ଯୋଗୁ ପ୍ରତ୍ୟେକ କାମ ଧିମାଗତିରେ ଆଗକୁ ବଢିପାରେ। ଗତକାଲି ରାତ୍ରିରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ଯୋଗୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ**
ବୁଧାଦିତ୍ୟ ଯୋଗ ରାଶିରେ ସଂଘଟିତ ହୋଇଥିବାରୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ଲାଭ କରିବେ। ଆତ୍ମୀୟଙ୍କ ପାଇଁ ଯେତେ ଭଲ କଲେ ମଧ୍ୟ ପ୍ରତିଦାନ ପାଇପାରିବେନି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ , ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
କେତୁଙ୍କ କୁପ୍ରଭାବରୁ ପାରିବାରିକ ଅଶାନ୍ତି ଯୋଗୁ ମନରେ ସରସତା ରହିବ ନାହିଁ। ନିକଟସ୍ଥ ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ସତର୍କ ନ ରହିଲେ ଆଘାତ ଲାଗିପାରେ। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିପାରନ୍ତି।

**କନ୍ୟା**
ଭାଗ୍ୟାଧିପ କର୍ମଭାବସ୍ଥ ଯୋଗୁ ସମସ୍ୟା ସମାଧାନ ପୂର୍ବକ ଅଭିଳାଷକୁ ପୂରଣ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା**
ଗ୍ରହଙ୍କ ଶୁଭ ସମାବେଶରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ପ୍ରଶାସନିକ କାର୍ଯ୍ୟ, ସଭାସମିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ଲାଭକରିବେ। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢିପାରେ। ସାମାଜିକ ସ୍ତରରେ ଅଗ୍ରଣୀ ହେବେ।

**ବିଛା**
ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ପାପଗ୍ରହ ରାହୁ ଯୁକ୍ତ ଯୋଗୁ ପରିବାର ଓ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ଶନିଙ୍କ ଦୃଷ୍ଟି ପ୍ରଭାବରେ ସମସ୍ୟା ବିଶେଷ ଉତ୍କଟ ନ ହେବାର ସୂଚନା ରହିଛି। ବ୍ୟବସାୟ ଓ ବାଣିଜ୍ୟରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଆଶା କଷ୍ଟ ହୋଇପଡିବ।

**ଧନୁ**
ଆଜି ରାଶ୍ୟାଧିପତିଙ୍କ ରାଶି ପ୍ରତି ଦୃଷ୍ଟି ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଉଲ୍ଲସିତ ହେବେ। ବିଳାସ ବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ମକର**
କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। କେତେକ ଅନାକାଂକ୍ଷିତ ପ୍ରତିବନ୍ଧକରୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ**
ରାଶିରେ ରାହୁଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଚେଷ୍ଟା କରୁଥିବା କାମରେ ପରିବାରରୁ ସହଯୋଗ ପାଇବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଦିଗରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ**
ଶନିଙ୍କ ପ୍ରଭାବରେ ଆପଣ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ଥିରତା ହରାଇ ପାରନ୍ତି।

ଆଜି ଅଗଷ୍ଟ ୧୧ ତାରିଖ, ଭାଦ୍ରବ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ରାଶିନକ୍ଷତ୍ର-ଦିବା ଘ.୧୨.୫୯ ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୯ ଗତେ ଘ.୦୭.୦୫ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୦୫ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।

## ଡିଏଭି ୟୁନିଟ୍-୮,ଏମ୍‌ସ...

ଏମ୍ସ ଭୁବନେଶ୍ୱର ୯୦ ସ୍କୋର ରଖିଥିବାବେଳେ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଯଥାକ୍ରମେ ୮୪ ଏବଂ ୫୬ ସ୍କୋର ରଖିଥିଲେ। ଉଲ୍ଲେଖଯୋଗ୍ୟ, ସିନିୟର ବର୍ଗରେ ଭାଗ ନେଇଥିବା ଅନ୍ୟ ଦଳମାନେ ଥିଲେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ, ଖୋର୍ଦ୍ଧାର ନାଇଜର, ଝାଡ଼ଖଣ୍ଡ ଜାମସେଦ୍‌ପୁରର ଏକ୍ସଏଲଆରଆଇ, କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭରସିଟି ଏବଂ ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର।

କାର୍ଯ୍ୟକ୍ରମ ଆରମ୍ଭରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ମେଟଲ୍ ମିଟ୍‌ର ଆଭିମୁଖ୍ୟ ବିଷୟରେ କହିବା ସହିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏହି କୁଇଜ୍ ପ୍ରତିଯୋଗିତା ପ୍ରଥମ ଥର ପାଇଁ ରାଜ୍ୟ ବାହାରକୁ ଯାଇଥିବାରୁ ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ କୁଇଜ୍ ସଂସ୍କୃତିକୁ ପୁନରୁତ୍ଥାନ କରିବାରେ ଏହି ସଂସ୍କରଣ ବେଶ୍ ଉପାଦେୟ ହୋଇପାରିଥିବା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରାୟୋଜକ ଭାବେ ଇଣ୍ଡିଆନ ଅଏଲ, ନାଲ୍‌କୋ, ବେଦାନ୍ତ, ଇମ୍ଫା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଓକାକ୍, ପାରାଦୀପ ଫସ୍‌ଫେଟ୍, ଡିଓନ, ଏମ୍‌ଜିଏମ୍ ମିନେରାଲ ଲିମିଟେଡ, ଏସଆଇପି ଆବାକସ, ଏମ୍‌ସିଏଲ୍, ଜେଏସଡବ୍ଲ୍ୟୁ, ଏମ୍ପେ ଏମ୍‌ଜି, ଓଡ଼ିଶା ସରକାର ଓ ନିୟୁଟନ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ରହିଥିବା ବେଳେ ପାର୍ଟନର ଭାବେ ଅଜନ୍ତା ଆଡଭର୍ଟାଇଜର୍ସ, ସମାଜବାଦୀ ସୋସାଇଟି, ଡବ୍ଲ୍ୟୁଇଏଫଇ ଇଣ୍ଟରନେଟ ଓ ଧରିତ୍ରୀ ରହିଥିଲେ।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ, ବଇଦ, କୁକୁର, ଘୋଡ଼ା,
କେବେ ନୁହନ୍ତି ଯୋଡ଼ା ଯୋଡ଼ା।**

ପ୍ରକୃତରେ ଦେଖିବାକୁ ଗଲେ ଯୋଗୀ, ବଇଦ, କୁକୁର ଓ ଘୋଡ଼ା ଏଇ ଜାତି ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇବାକୁ ଯାଇ ପ୍ରତ୍ୟେକେ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯେବେ ଥିବ ଅଣ୍ଟାରେ ବଳ,
ସଙ୍ଗାତ ମିତେ ତା' ଦୁଆରେ ଠୁଳ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଯାହା ପାଖରେ ଅର୍ଥ ନ ଥାଏ ସେ ସଭିଙ୍କ ପାଖରେ ଅଖୋଜା ଅଲୋଡ଼ା ହୋଇଯାଇଥାଏ। କିନ୍ତୁ ପାଖରେ ଅର୍ଥ ଥିଲେ ଅଜଣା ଅଦେଖା ବା ଦୂର ସମ୍ପର୍କୀୟ ବ୍ୟକ୍ତି ନିଜର ଆତ୍ମୀୟତା ଦେଖାଇବାରେ ଆଦୌ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଚନ୍ଦ୍ରଭାଗା ସମୁଦ୍ରରେ ...

ରିଗ୍ରିଟ୍ ଠାରେ ଏକ ଘରୋଇ ଗାଡ଼ି ସର୍ଭିଂ କମ୍ପାନୀରେ କାର୍ଯ୍ୟରତ ୩ ଜଣ ସାଙ୍ଗ ଗାଧୋଉଥିବା ବେଳେ ୨ଜଣ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଅବସ୍ଥାରେ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ଓ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଆହତ ଶିବକୁମାରଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଅରୂପାନନ୍ଦ ଓ ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପାହାଳ ଅଞ୍ଚଳର ଯୁବକ ପିଣ୍ଟୁଙ୍କ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବେଳେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର ରାହୁଲ କୁମାର ସେନାପତି ଓ ଅରୂପାନନ୍ଦ ଜେନାଙ୍କ ମୃତ ଦେହକୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଜବତ କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ପୃଥକ ପୃଥକ ଭାବେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

ଚନ୍ଦ୍ରଭାଗା ସମୁଦ୍ର କୂଳରେ ସୁରକ୍ଷା ନିମନ୍ତେ ଆବଶ୍ୟକ ଲାଇଫ୍‌ଗାର୍ଡ ନ ଥିବା ଓ ଚନ୍ଦ୍ରଭାଗାଠାରୁ ଇକୋ ରିଟ୍ରିଟ ପର୍ଯ୍ୟନ୍ତ ସମୁଦ୍ରକୂଳ ମୁକୁଳା ପଡ଼ିଥିବାରୁ ପର୍ଯ୍ୟଟକମାନେ ଯେଉଁଠି ପାଇଲେ ସେଠାରେ ଗାଧୋଇବା ଦ୍ୱାରା ଏପରି ଅଘଟଣ ଘଟୁଛି। ସଚେତନତା ଅଭାବରୁ ସମୁଦ୍ରରେ ବୁଡ଼ି ଅନେକ ପ୍ରାଣ ହାନି ଘଟୁଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଚନ୍ଦ୍ରଭାଗା ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ଲାଇଫ୍‌ଗାର୍ଡ ମୁତୟନ କରିବା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କୁକୁର କାମୁଡ଼ାରେ ଆହତ ...

ମେଘନାଦ ଛତ୍ରିଆ, ଫୁଲ ଛତ୍ରିଆ, ଆର. ରଣା, ଖେଳାଳି ଯୋଗେନ୍ଦ୍ର ଓ ହୃଷୀକେଶଙ୍କୁ ଗୋଡେଇ ଜଣକ ପରେ ଜଣଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଯୋଗେନ୍ଦ୍ର ଓ ହୃଷୀକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡିବାରୁ ଉଭୟଙ୍କୁ ପ୍ରଥମେ ବଲାଙ୍ଗୀର ଭୀମଭୋଇ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ଦୁହିଁଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶନିବାର ଯୋଗେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ହୃଷୀକେଶଙ୍କୁ ଉଚ୍ଚତର ଚିକିତ୍ସା କରା ନ ଯାଇ ଘରକୁ ନେଇଯିବାକୁ କୁହାଯାଇଥିଲା। ଫଳରେ ପରିବାର ଲୋକେ ଘରକୁ ଆଣିବା ବେଳେ ରବିବାର ସକାଳ ସାଢେ ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଗ୍ରାମରେ ହୃଷୀକେଶଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସେହିପରି ମୃତଦେହ ବ୍ୟବଚ୍ଛେଦ ପରେ ବୁର୍ଲାରେ ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅବିବାହିତ ଯୋଗେନ୍ଦ୍ର ରାଜ୍ୟ ଓ ଜାତୀୟ ସ୍ତରରେ ଭଲିବଲ୍ ଖେଳିଥିଲେ। ଆଗକୁ ଭଲ ଖେଳି ଦେଶର ନାଁ ରଖିବା ତାଙ୍କର ଲକ୍ଷ୍ୟ ଥିଲା ବୋଲି ପରିବାର ଲୋକେ କହିଛନ୍ତି। କୁକୁର କାମୁଡାରେ ୨ ଜଣଙ୍କ ମୃତ୍ୟୁ ଘଟିବା ଖବର ପାଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଛି। ଅନ୍ୟ ଆହତମାନେ କିପରି ସୁସ୍ଥ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ସନ୍ଧ୍ୟାରେ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଏହାଛଡା ତୁଷରା ଥାନା ଆଇଆଇସି ମନୋଜ ପ୍ରଧାନ ମଧ୍ୟ ଚିଞ୍ଚୋଡ ଗ୍ରାମକୁ ଯାଇଥିବା ସୂଚନା ମିଳିଛି।

## ବିକାଶ ସହ ଦୁର୍ନୀତିମୁକ୍ତ ...

ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ କୋଠାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ୍ କରିଡରର ୬ ଲେନ୍ ବିଶିଷ୍ଟ ରାସ୍ତା ଶୀଘ୍ର ନିର୍ମାଣ ହେବ। ଏଥିସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଖାଲି ଥିବା ସମସ୍ତ ପଦବୀ ପୂରଣ ହେବ। କୋରାପୁଟବାସୀ ସ୍ୱାସ୍ଥ୍ୟ ସେବା ପାଇଁ ଯେମିତି ଦୂର ସହରକୁ ଯାଇ ହଇରାଣ ନ ହେବେ, ସେଥିଲାଗି ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ ଦ୍ୱାରା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲା ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଲୋକେ ମଧ୍ୟ ଉପକୃତ ହେବେ। ନୂତନ ହସ୍ପିଟାଲରେ ଲୋକେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରଠୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧିକୁ ପ୍ରାଥମିକତା ଦିଆଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି। ରୋଗୀଙ୍କ ପାଇଁ ଅକ୍ସିଜେନ୍ ଅଭାବ ଦୂର କରିବା ସକାଶେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି। ଏହି ହସ୍ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟବରାଦକରିଥିବାସେସୂଚନାଦେଇଛନ୍ତି।ବର୍ତ୍ତମାନରାଜ୍ୟରେ୧୨ସରକାରୀ ମେଡିକାଲ କଲେଜ ଥିବାବେଳେ ଖୁବ୍‌ଶୀଘ୍ର ଆଉ ୪ଟି ମେଡିକାଲ କଲେଜ ଖୋଲାଯିବ। ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ଦିଆଯାଇଛି। ସେହିପରି ୭୦ ବର୍ଷରୁ ଊର୍ଦ୍ଧ୍ୱ ୮,୬୫୪ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଥିବା ସେ କହିଛନ୍ତି। କୋରାପୁଟବାସୀ ଦେଶର ୨୯ ହଜାରରୁ ଊର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି। ଏହି ଜିଲାରେ ଏଯାଏ ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ୩ ଲକ୍ଷ ୫୪୭ କାର୍ଡ ବଣ୍ଟନ କରାଯାଇଛି। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ଅଦ୍ୟାବଧି ୯ ହଜାର ୬ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ୪ ଘରୋଇ ହସ୍ପିଟାଲକୁ ଏବି-ପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ଅନୁମୋଦନ ମିଳିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବିପିଏମ୍‌ଜେଏୱାଇ, ଜିଜେଏୱାଇ, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, କୋରାପୁଟ ଜିଲାର ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଡାକ୍ତରଖାନା, ମେଡିକାଲ୍ କଲେଜରେ ନୂଆ ଭିତ୍ତିଭୂମି ସହ ରୋଗୀକୈନ୍ଦ୍ରିକ ସେବା ବ୍ୟବସ୍ଥା କରାଯାଉଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ସ୍ୱାଗତ ଭାଷଣ ଦେଇଥିବାବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗରେ ପ୍ରଜ୍ଞା,...

ଅନିମେଶ ୨୦.୭୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦକ୍ଷିଣ କୋରିଆର କୋ ସେଉଙ୍ଗୱାନ ୨୦.୯୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଓ ଭାରତର ରଗୁଲ କୁମାର ଜି. ୨୧.୧୭ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛତିଶଗଡ଼ର ଅନିମେଶ ଭୁବନେଶ୍ୱର ଏଚ୍‌ପିସିରେ ଟ୍ରେନିଂ ନେଉଥିବାରୁ ସେ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହା ଏକ ଆମନ୍ତ୍ରଣୀୟ ପ୍ରତିଯୋଗିତା ହୋଇଥିବାରୁ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇ ନ ଥାଏ। କେବଳ ଆର୍ଥିକ ପୁରସ୍କାର ଦିଆଯାଏ। ତେବେ ଏଥିରୁ ପ୍ରତିଯୋଗୀମାନେ ଟାଇମିଂ ଅନୁସାରେ ମୂଲ୍ୟବାନ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇଥାନ୍ତି, ଯାହାକି ଭବିଷ୍ୟତରେ ସେମାନଙ୍କୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ସହାୟକ ହୋଇଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୋଲିସ ଡିଜି ୱାଇ.ବି. ଖୁରାନିଆ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପ୍ରଜ୍ଞା ପ୍ରଶାନ୍ତି ସାହୁ




ଅନିମେଶ କୁଜୁର୍

# ‘ଗଙ୍ଗାଧରଙ୍କ ସାହିତ୍ୟ ଚିର ଅମର’

ବଲାଙ୍ଗୀର,୧୦।୮ (ବୀରେନ୍ଦ୍ର କୁମାର ଝାଙ୍କର)



ଜଣେ ଛାତ୍ରୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମ୍ପର୍କରେ ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ‘ରଚନା’ ପକ୍ଷରୁ ଶନିବାର ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପିପି ଏକାଡମୀ ସଭାଗୃହରେ ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ଆୟୋଜିତ ‘ମୋ ଦୃଷ୍ଟିରେ କବି ଗଙ୍ଗାଧର’ ଶୀର୍ଷକ ଆଲୋଚନାଚକ୍ରରେ ବିଭିନ୍ନ ବିଦ୍ୟାଳୟରୁ ନିମନ୍ତ୍ରିତ ଛାତ୍ରୀଛାତ୍ର ଓ ମୁଖ୍ୟ ଆଲୋଚକ ସ୍ୱଭାବ କବିଙ୍କ ସାହିତ୍ୟ ଏବଂ ଜୀବନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ‘ରଚନା’ର ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଚନ୍ଦନଭାଟିସ୍ଥିତ ସୁଦାମ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା ଯୋଗଦେଇ କବି ଗଙ୍ଗାଧରଙ୍କ ସାହିତ୍ୟ ଚିର ଅମର ବୋଲି କହିଥିଲେ। ସେ କହିଥିଲେ, ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟି ସମୂହରେ ‘ବସୁଧୈବ କୁଟୁମ୍ବକମ୍’ର ଭାବନା ଅନନ୍ତ କାଳ ଯାଏ ଆମକୁ ପଥ ପ୍ରଦର୍ଶନ କରିବ, ଏଥିରେ ସନ୍ଦେହ ନାହିଁ। ତାଙ୍କ କାବ୍ୟ କବିତାର ଭାବଧାରା ଓ ତହିଁରେ ନିହିତ ଗଭୀର ଜୀବନ ଦର୍ଶନ ଯୁଗ ଯୁଗ ଧରି ମାନବ ଜାତିକୁ ପ୍ରେରଣା ଦେଇଆସୁଥିବ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଭାଗୀରଥି ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ବଲାଙ୍ଗୀର ସହରର ୮ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ରୋନିତ ମିଶ୍ର, ଦମୟନ୍ତୀ ଖୁଆସ, ଇଚ୍ଛାମୟ ମିଶ୍ର, ଶୁଭମ ପଟେଲ, ଚାନ୍ଦନୀ ଧରେଇ, ଏଞ୍ଜେଲ

**ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର**

ଗଡ଼ତ୍ୟା, ବିନ୍ଦିଆ ବେହେରା ଓ ଶତରୂପା ପାଣିଗ୍ରାହୀ ଆଲୋଚକ ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଗଙ୍ଗାଧରଙ୍କ ଜୀବନ ଓ କୃତି ସମ୍ପର୍କରେ ଆଲୋକପାତ କରି ତାଙ୍କୁ ଜଣେ ଯୋଗଜନ୍ମା କବି ଓ ମଣିଷ ଭାବେ ଅଭିହିତ କରିଥିଲେ। ‘ରଚନା’ ପକ୍ଷରୁ ପ୍ରତ୍ୟେକ ଛାତ୍ରୀଛାତ୍ର ଓ ବକ୍ତାଙ୍କୁ ‘ଗଙ୍ଗାଧର ଗ୍ରନ୍ଥାବଳୀ’ ପୁସ୍ତକ ଉପହାର ଦିଆଯାଇଥିଲା। କବି ବନ୍ଦନା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସହସମ୍ପାଦକ ରନ୍ମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ, ଗଙ୍ଗାଧର ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ୪୦ ବର୍ଷ ପରେ ଗୁର୍ଜିଭଟାରେ ଝୁଲଣ ଯାତ୍ରା


କାଳିଆ ଠାକୁର ଓ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଯାଉଛି।

ଲୋଇସିଂହା,୧୦।୮ (ସୁଶାନ୍ତ ବାରିକ)

ଦୀର୍ଘ ୪୦ ବର୍ଷ ପରେ ପୁଣି ଚଳିତବର୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ଗ୍ରାମରେ ଝୁଲଣ ଯାତ୍ରା ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଶ୍ରାବଣ ତ୍ରୟୋଦଶୀ ତିଥିରେ ଝୁଲଣ ଯାତ୍ରା ପାଇଁ କଳସ ଅଧିବାସ ଅନୁଷ୍ଠିତ ହୋଇଥିଲା। ଚତୁର୍ଦ୍ଦଶୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରି କାଳିଆ ଠାକୁର ଓ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇ ଭଜନ,କୀର୍ତ୍ତନ ଓ ସଂକୀର୍ତ୍ତନ୍ୟ କରାଯାଇଥିଲା। ଏଥିପାଇଁ ଗୁର୍ଜିଭୋଟ ଗ୍ରାମ ଉତ୍ସବମୁଖର ହୋଇ ପଡ଼ିଥିଲା। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗ୍ରାମର ସ୍ୱର୍ଗତ ବାମଦେବ ହୋତା ଓ ତାଙ୍କ ସାଥୀଙ୍କ ଉଦ୍ୟମ କ୍ରମେ ଗ୍ରାମରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିଲା। ଝୁଲଣ ଯାତ୍ରା ଦୀର୍ଘବର୍ଷ ଧରି ଚାଲିଥିଲା। ହେଲେ କାଳକ୍ରମେ ତାହା କୌଣସି କାରଣବଶତଃ ବନ୍ଦ ହୋଇଯାଇଥିଲା। ନିକଟରେ ଗ୍ରାମବାସୀ ଏକ ବୈଠକ ଆୟୋଜନ କରି ଚଳିତବର୍ଷରୁ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଗ୍ରାମର ମଝି ଭାଗରେ ଥିବା ପ୍ରହରୀ ମଣ୍ଡପରେ ଯାତ୍ରା ହୋଇଥିଲା। ଏଥିପାଇଁ କାଳିଆ ଠାକୁରଙ୍କ ଏକ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଯାତ୍ରା ଅବସରରେ ଗୁର୍ଜିଭଟା, ଯୋଗୀସର୍ଡ଼ା, ଘୁଘୁରାମୁଣ୍ଡା ଆଦି ଅଞ୍ଚଳର ସଂକୀର୍ତ୍ତନ୍ୟ ଦଳ ସାମିଲ ହୋଇ ଝୁଲଣ ଗୀତ ବୋଲିଥିଲେ। ଏଠାରେ ପୂଜକ ନବୀନ ହୋତା ଓ ନରେନ୍ଦ୍ର ହୋତା ପୂଜାର୍ଚ୍ଚନା କରିଥିଲେ। ରମାରଞ୍ଜନ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ବିଶ୍ୱାଳ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଯାତ୍ରା କମିଟି ସଭାପତି ବିଭୁରଞ୍ଜନ ତରିଆ, ସମ୍ପାଦକ ସଞ୍ଜୟ ସାହୁ, ସମ୍ପାଦକ ଅନ୍ତର୍ଯ୍ୟାମୀ ଭାଟିଙ୍କ ସମେତ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ଆଦିବାସୀଙ୍କ ପରମ୍ପରା, ଶିକ୍ଷା ଓ ସଂସ୍କୃତି ଉପରେ ଗୁରୁତ୍ୱ

**ବିଶ୍ୱ ଆଦିବାସୀ ଦିବସ ପାଳିତ**

ଟିଟିଲାଗଡ଼,୧୦।୮ (ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ଼ ଆଦିବାସୀ ଭବନ ଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଟିଟିଲାଗଡ଼ ଶାଖା ସଭାପତି ପଦ୍ମନ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ହେମେନ୍ଦ୍ରନାଥ ହାଁସଦା ଯୋଗଦେଇ ଶହୀଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆଦିବାସୀମାନଙ୍କ ପରମ୍ପରା, ସଂସ୍କୃତି, ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ହେମେନ୍ଦ୍ରନାଥ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ଇନ୍ଦ୍ରମଣି ମାଝୀ, ଉପଦେଷ୍ଟା ଦେବସିଂ ମାଝୀ,ନଗର ସଭାପତି ନିତ୍ୟାନନ୍ଦ ମାଝୀ, ଲୁହା ପ୍ରଗଣା ସଭାପତି ଚୈତନ୍ୟ ମାଝୀ, ଜିଲା ଆଦିବାସୀ କଲ୍ୟାଣ ସଂଘ ଶାଖା ଯୁଗ୍ମ ସମ୍ପାଦକ ସୁନୀଲ ମାଝୀ, ଜିଲା ସଂଗଠକ ଥବୀର ପୂଝାରୀ, ସଦସ୍ୟ ପ୍ରଫୁଲ୍ଲ ପ୍ରଧାନୀ, ନାରୀନେତ୍ରୀ ମାହେଶ୍ୱରୀ ମାଝୀଙ୍କ ସମେତ ବହୁ ଆଦିବାସୀ ସଦସ୍ୟ ଉପସ୍ଥିତ ଥିଲେ।

## ଯୁବନେତାଙ୍କ ମାତୃ ବିୟୋଗ

ଦେଓଗାଁ,୧୦।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ବୁଢାବାହାଲ ଗାଁର ବିଜେଡି ଯୁବନେତା ଅଚ୍ୟୁତାନନ୍ଦ ମିଶ୍ରଙ୍କ ମା’ ଶାନ୍ତିଲତା ମିଶ୍ର(୯୬)ଙ୍କ ନିକଟରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଗଦାଧର, ଶେଷଦେବ,ସତ୍ୟ ଓ ଅଚ୍ୟୁତ ଉପସ୍ଥିତ ଥିଲେ। ସାନପୁଅ ଅଚ୍ୟୁତ ମୁଖାଗ୍ନି ଦେଇଥିଲେ।

# ଲୋଇସିଂହାରେ ବିଶ୍ୱ ଆଦିବାସୀ ଦିବସ ପାଳିତ



ସଭାରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୧୦।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଆଦିବାସୀ ଭବନଠାରେ ଲୋଇସିଂହା ଓ ଆଗଲପୁର ବ୍ଲକର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଗଲପୁର ବ୍ଲକ ସଭାପତି ଭୁବନେଶ୍ୱର ଧରୁଆଙ୍କ ସଂଯୋଜନାରେ ଅୟୋଜିତ ସଭାରେ ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଲୋଇସିଂହା ଜମିଦାର ଅର୍ଚ୍ଚନାସିଂ ରାଏ, ବଳଦେବ ଭୋଇ ମୁଖ୍ୟବକ୍ତା, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ବାଳକୃଷ୍ଣ ଧରୁଆ, ଟିଙ୍କୁନୁ ପୁଟା, ପ୍ରଫୁଲ୍ଲ ଡୁମୁନିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଆଦିବାସୀ ସଂସ୍କୃତି, ପରମ୍ପରା ଉପରେ ଆଲୋକପାତ କରିଥିଲେ। ଜଳ, ଜଙ୍ଗଲ, ଜମି ଭଳି ମୌଳିକ ଅଧିକାରରୁ ଆଦିବାସୀଙ୍କୁ ବଞ୍ଚିତ କରାଯାଉ ଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଉଭୟ ବ୍ଲକର କାର୍ଯ୍ୟକର୍ତ୍ତା ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସଭା ପୂର୍ବରୁ ସ୍ଥାନୀୟ ଅଗ୍ରେସନ ଭବନରୁ ଆଦିବାସୀମାନେ ପାରମ୍ପରିକ ବେଶରେ ସୁସଜ୍ଜିତ ହୋଇ ସଭାସ୍ଥଳ ଯାଏ ଶୋଭାଯାତ୍ରାରେ ଯାଇଥିଲେ।

## ଲୋଇସିଂହା ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ

ଲୋଇସିଂହା,୧୦।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାରଠାରେ ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। କର୍ମୀ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମନୋନୀତ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷସିଂ ସାଲୁଜା, ଜିଲା କନଭେନର ଅନୀଲ ମେହେର, ଜିଲା ପର୍ଯ୍ୟବେକ୍ଷକ ଅନିମା ମିଞ୍ଜ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ବ୍ଲକ କଂଗ୍ରେସ କମିଟି ଗଠନ ଉପରେ ମତପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ ବ୍ଲକ ସଭାପତି ପଦବୀ ନିଯୁକ୍ତ ପାଇଁ ପୂର୍ବତନ ରାଜ୍ୟ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଦଳ ଆଗକୁ ବଢୁଛି ବୋଲି ପର୍ଯ୍ୟବେକ୍ଷକ କହିଥିଲେ। ଏହାଛଡା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଠାରୁ ଆରମ୍ଭ କରି ସରକାରୀ ବିଫଳତା ଗାଁ ଗାଁରେ ଲୋକଙ୍କ ପାଖରେ କଂଗ୍ରେସ ପହଞ୍ଚାଇବ ସେନେଇ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ୩ ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ଶାନ୍ତନୁ ସିଂ, ସଞ୍ଜୟ ଗଡତ୍ୟା, ମହିତ ମିଶ୍ର, ଶିବ ଅଗ୍ରୱାଲ, ଭାଗବତିଆ ଭୋଇ, ମୁନୁ ମେର୍ଲିଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଥାନା ଘେରାଉ



ବିଜେଡି କର୍ମୀ ଓ ଛାତ୍ରୀଛାତ୍ରମାନେ ରାଲିରେ ଯାଉଛନ୍ତି।

ପାଟଣାଗଡ଼,୧୦।୮ (ସଚ୍ଚିଦାନନ୍ଦ ମହାକୁର)

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ରବିବାର ବିଜେଡି କର୍ମୀ ଓ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପାଟଣାଗଡ଼ ଥାନା ଘେରାଉ କରାଯାଇଥିଲା। ଏହି ଅବସରରେ ପୋଲିସ ଡ଼ିଜିଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ବ୍ରହ୍ମପୁରା ରଥଭଟାଠାରେ ପାଟଣାଗଡ ବ୍ଲକ ଓ ଏନଏସିର ୧୦ଟି କଲେଜର ଛାତ୍ରୀଛାତ୍ର ଓ ବିଜେଡି କର୍ମୀମାନେ ଏକତ୍ରିତ ହୋଇଥିଲେ। ପରେ ଜିଲା ବିଜେଡି ସଭାପତି ତଥା ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ସେମାନେ ସେଠାରୁ ଏକ ରାଲିରେ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ପାଟଣାଗଡ଼ ଥାନା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ମେହେର ରାଜ୍ୟର ଡବଲ ଇଞ୍ଜିନ ସରକାର ସମୟରେ ଓଡ଼ିଶାରେ ଦିନକୁ ଦିନ ମହିଳାମାନଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏଭଳି ଘଟଣା ଘଟିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ମାନସୀ ବିଶାଳ, ଜିଲା ପରିଷଦ ସଦସ୍ୟା କସ୍ତୁରୀ ସେଠ, ଟିକେଶ୍ୱରୀ ବରିହା, ବାଳିକା ମାଝି, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀ ମାଝୀଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଲାଠୋର ଅଞ୍ଚଳରେ ଚଢ଼ା ଦରରେ ସାର ବିକ୍ରି

ଲାଠୋର,୧୦।୮ (ଭୁବନେଶ୍ୱର ବାରିକ)

- ଦର ନିୟନ୍ତ୍ରଣ କରିବାରେ ବିଫଳ
- ୟୁରିଆ ପ୍ୟାକେଟ୍ ୬ ଶହ ଓ ଡିଏପି ୧୭ ଶହ ଟଙ୍କାରେ ବିକ୍ରି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ସାର ଚଢ଼ା ଦରରେ ବିକ୍ରୟ କରି ଚାଷୀଙ୍କୁ ଶୋଷଣ କରାଯାଉଥିଲେ ମଧ୍ୟ କୃଷି ବିଭାଗ ଅଧିକାରୀମାନେ ହାତ ବାନ୍ଧି ବସିଛନ୍ତି। ଏପରି କି ଖପ୍ରାଖୋଲ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ବେଳେ ଅଭିଯୋଗ ହୋଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ।

ପ୍ରକାଶ ଯେ, ଲାଠୋର, ବେନ୍ଦେର, ମାଲପଡା, କରୁଆଁଝର, ଟଙ୍କପାଣି ଆଦି ୫ ଗୋଟି ପଞ୍ଚାୟତ ଅଧୀନରେ ଥିବା ୩୦ ଗୋଟି ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଲାଠୋର ପ୍ରାଥମିକ କୃଷି ସମବାୟ ସମିତି ଉପରେ ନିର୍ଭର କରି ଚାଷ କରନ୍ତି। ଚାଷପୋଯୋଗୀ ବର୍ଷା ଅଭାବରୁ ବର୍ତ୍ତମାନ ଚାଷ ଯେତିକି ଆଗେଇବା କଥା ତାହା ହୋଇନାହିଁ। ଏହାକୁ ନେଇ ଚାଷୀ ଚିନ୍ତାରେ ରହିଥିବା ବେଳେ ସାରର ଚଢ଼ା ଦର ନେଇ ଅସନ୍ତୋଷ ପ୍ରକାଶ ପାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ସମିତିକୁ ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ କରାଯାଇ ନାହିଁ। ସମିତିକୁ ମାତ୍ର ୯ ଶହ ପ୍ୟାକେଟ ୟୁରିଆ ଏବଂ ୬ ଶହ ପ୍ୟାକେଟ ଡିଏପି ସାର ସରକାରୀ ଭାବେ ଯୋଗାଇ ଦିଆଯାଇଛି। ଯାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ହୋଇଛି। ଏହାର ସୁଯୋଗ ନେଇ ଅଞ୍ଚଳରେ ସାର ବିକ୍ରୟ କରୁଥିବା ଲାଇସେନ୍ସପ୍ରାପ୍ତ ହୋଲସେଲର ଏବଂ ରିଟେଲରମାନେ ୟୁରିଆ ୪୫ କେଜି ପ୍ୟାକେଟ ପ୍ରତି ୬ ଶହ ଟଙ୍କା ଏବଂ ଡିଏପି ୫୦ କେଜି ପ୍ୟାକେଟ ପ୍ରତି ୧୭ ଶହ ଟଙ୍କାରେ ବିକ୍ରୟ କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଫଳରେ ଚାଷୀ ସବ୍‌ସିଡି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଚାଷୀମାନେ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗତମାସ ୨୧ ତାରିଖରେ ଅଭିଯୋଗ କରିଥିଲେ। ହେଲେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏନେଇ ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରିନାହିଁ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଟିଟିଲାଗଡ଼,୧୦।୮ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ନାନାଝେର ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗ୍ରାମର ସ୍ୱର୍ଗତ ଲାଲସାଏ ଆଡ଼ୁଆଡ଼ଙ୍କ ସ୍ତ୍ରୀ ଲାଲଦେଇ(୫୫)। ପ୍ରକାଶ ଯେ, ପ୍ରତିଦିନ ଭଳି ମହିଳା ଜଣକ ରବିବାର ସକାଳ ପ୍ରାୟ ୫ଟା ସମୟରେ ନିଜ ଘର ଆଗରେ ଥିବା ଗଛରୁ ଫୁଲ ତୋଳୁଥିଲେ। ସେହି ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ପ୍ରାୟ ସକାଳ ୭ଟା୨୦ ମିନିଟରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟିଟିଲାଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତା ମହିଳା ଜଣକ ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ ପାଚିକା ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ୩ଝିଅ ଏବଂ ପୁଅ, ବୋହୂ ଅଛନ୍ତି। ମୃତା ମହିଳାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ମୁନିରାମ ଖରସେଲ, ସରପଞ୍ଚ ମାଦ୍ରୀ ଖରସେଲ ଦାବି କରିଛନ୍ତି।

## ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ: ୨ ଗିରଫ



ଜବତ କାର୍।

ସଇଁତଲା,୧୦।୮ (ରାଖାଲ ପ୍ରସାଦ ଶତପଥୀ)

ରବିବାର ବଲାଙ୍ଗୀର ଜିଲା ସଇଁତଲା ନିକଟରେ ପୋଲିସ ପକ୍ଷରୁ ଚଢାଉ କରାଯାଇ ୨ଟି କାର୍‌ରୁ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି। ଥାନା ଅଧିକାରୀ ସୁଶାନ୍ତ ବଡେଇ ସନ୍ଧ୍ୟାରେ ସଇଁତଲା ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେବା ସହ୨ ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି। ପ୍ରକାଶଯେ, ପୂର୍ବାହ୍ନରେ କାର୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ପରେ ଥାନା ଅଧିକାରୀ ବଡେଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ୨୬ନଂ ଜାତୀୟ ରାଜପଥର ବରଗାଁ ଛକଠାରେ ଜଗିଥିଲା। ଏହି ସମୟରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ଦୁଇଟି କାର୍ (ନଂ ଓଡି୦୫ବିଏନ ୮୧୨୭ ଓ ଓଡି୧୫ଏସ ୩୧୫୧) ପୋଲିସକୁ ଦେଖି ସଇଁତଲା ପଟକୁ ଦ୍ରୁତଗତିରେ ପଳାଇ ଯାଇଥିଲା। ପୋଲିସ ସିନେମା ଷ୍ଟାଇଲରେ କାର୍‌କୁ ପିଛା କରି ସଇଁତଲା ନିକଟରେ ଧରିଥିଲା। ଦୁଇ କାର୍‌ରେ ଥିବା ୫ଟି ବ୍ୟାଗରୁ ୧ କୁଇଣ୍ଟାଲ ୭୩୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ମାଜିଷ୍ଟ୍ରେଟ ଭାବେ ସଇଁତଲା ତହସିଲଦାର ଆଶିଷ ଏକ୍କା ଉପସ୍ଥିତ ଥିଲେ। ଏହି ଘଟଣାରେ ୨ କାର୍ ଚାଳକଙ୍କୁ ଗିରଫ କରାଯାଇଥିବା ବେଳେ କାର ଜବତ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ‘ଅବ୍ୟବସ୍ଥା ସୁଧାର, ରାଜସ୍ୱ ସେବା ଯୋଗାଅ’

ବଲାଙ୍ଗୀର,୧୦।୮ (ବୀରେନ୍ଦ୍ର କୁମାର ଝାଙ୍କର)

**ତହସିଲଦାରଙ୍କ ସହ ଆଲୋଚନା କଲେ ବଲାଙ୍ଗୀର ଓକିଲ ସଂଘ ସଦସ୍ୟ**


ବଲାଙ୍ଗୀର ତହସିଲ ଅଫିସରେ ତହସିଲଦାରଙ୍କ ସହ ଓକିଲ ସଂଘ ଟିମ୍ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ତହସିଲ ଅଫିସ ପରିସରରେ ଲାଗି ରହିଥିବା ଅବ୍ୟବସ୍ଥା ଏବଂ ବିଭିନ୍ନ ଉନ୍ନୟନ କାମର ଆବଶ୍ୟକତାକୁ ନେଇ ବଲାଙ୍ଗୀର ଓକିଲ ସଂଘ ସଦସ୍ୟ ଓ ତହସିଲଦାରଙ୍କ ମଧ୍ୟରେ ଆଲୋଚନା ହୋଇଯାଇଛି। ଜିଲାପାଳ କାର୍ଯ୍ୟାଳୟ ପଛ ପଟେ ରହିଥିବା ବଲାଙ୍ଗୀର ତହସିଲ ଅଫିସରେ ଅନେକ ସମସ୍ୟା ରହିଛି। ଏଠାକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ଏହି ପରିସର ମଧ୍ୟରେ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସ ରହିଥିବାରୁ ଏଠାରେ ଭିଡ ପରିଲକ୍ଷିତ ହୋଇଥାଏ। ଏହାସତ୍ତ୍ୱେ ସହରର ଏହି ପ୍ରମୁଖ ସରକାରୀ କାର୍ଯ୍ୟାଳୟରେ ଲୋକଙ୍କ ପାଇଁ ପରିଶ୍ରାଗାର, ପିଇବା ପାଣି ଓ ଅପେକ୍ଷା କରିବା ପାଇଁ କୌଣସି ବସିବା ସ୍ଥାନ ନାହିଁ। ଫଳରେ ଲୋକେ ହଇରାଣ ହରକତ ହେଉଛନ୍ତି। ଏହି ସବୁ ସମସ୍ୟାର ତ୍ୱରିତ ସମାଧାନ ପାଇଁ ବଲାଙ୍ଗୀର ଓକିଲ ସଂଘ ସଭାପତି ବାସୁଦେବ ରଥଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗୀର ତହସିଲ ଅଫିସକୁ ଯାଇ ତହସିଲଦାର ଲଗ୍ନଜିତ ବେହେରା ଏବଂ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସଂଘ ସଭାପତି ରଥ କହିଥିଲେ, ବଲାଙ୍ଗୀର ତହସିଲ ଅଫିସକୁ ପ୍ରତିଦିନ ଶତାଧିକ ବ୍ୟକ୍ତି ବିଭିନ୍ନ କାମ ପାଇଁ ଆସିଥାନ୍ତି। ଗୋଟିଏ କ୍ୟାମ୍ପରେ ସବ୍‌ରେଜିଷ୍ଟ୍ରାର ଅଫିସ ରହିଥିବାରୁ ସେଠାରେ ମଧ୍ୟ ଭିଡ ଜମୁଛି। ତେବେ ଏଠାରେ ସର୍ବସାଧାରଣ ପରିଶ୍ରାଗାରଟିଏ ନାହିଁ। ଏଠାରେ ଲୋକଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ନାହିଁ। ଅଫିସ ଭିତରକୁ ଲାଗି ରହିଥିବା ରାସ୍ତା ଓ ଉଭୟ ଅଫିସ ମଧ୍ୟସ୍ଥ ସ୍ଥାନ ଅପନ୍ତରା ହୋଇ ପଡିରହିଛି। ଏଠାରେ କୌଣସି ପ୍ରକାର ଉନ୍ନୟନ କାମ ହେଉନାହିଁ। ତହସିଲ ଅଫିସ କ୍ୟାମ୍ପସ ଭିତରେ ବଡ ସମସ୍ୟା ହେଲା ପାର୍କିଂ ଭିଡ। ଅଫିସ ସମ୍ମୁଖ ଜାଗାରେ ବାଇକ୍ ଓ ଚାରିଚକିଆ ଯାନବାହନ ଭିଡ ଲାଗି ରହୁଛି। ତହସିଲ ଅଫିସ ସମ୍ମୁଖରେ ଥିବା ପୁରୁଣା ଯୋଗାଣ ବିଭାଗ ଅଫିସକୁ ଭାଙ୍ଗି ସେଠାରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହି ସ୍ଥାନରେ ଲୋକେ ବାଇକ୍ ଓ ଗାଡି ରଖିଲେ ତହସିଲ ଅଫିସ ସମ୍ମୁଖ ଜାଗାରେ ଆଉ ଭିଡ ହୁଅନ୍ତା ନାହିଁ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ତହସିଲ ଅଫିସ ପ୍ରବେଶ ପଥରେ ଜଗୁଆଳି ନିଯୁକ୍ତ କରାଗଲେ ପାର୍କିଂ ସୁବିଧାଜନକ ହୋଇପାରିବ ବୋଲି ରଥ କହିଥିଲେ। ଏହାଛଡା ବିଭିନ୍ନ ସାର୍ଟିଫିକେଟ୍ ପାଇଁ ଆସୁଥିବା ଲୋକଙ୍କୁ ଠିକଣା ସମୟରେ ସାର୍ଟିଫିକେଟ୍ ଦେବା, ସେମାନଙ୍କୁ ଅଯଥା ହଇରାଣ ନ କରିବା ଏବଂ ଅଫିସରେ ଅପେକ୍ଷାରତ ଲୋକଙ୍କ ବସିବା ପାଇଁ ବିହିତ ବ୍ୟବସ୍ଥା କରିବାକୁ ସେ କହିଥିଲେ। ବିଶେଷକରି ଆଡଭୋକେଟ୍ ଓ ତହସିଲ ଅଫିସ ଅଧିକାରୀ, କର୍ମଚାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିଲେ ଲୋବେ ସୁବିଧାରେ ରାଜସ୍ୱ ସେବା ପାଇପାରିବେ ବୋଲି ସେ କହିଥିଲେ। ଆଡଭୋକେଟ୍ ଏବଂ ଅଫିସକୁ ଆସୁଥିବା ଲୋକଙ୍କୁ ଉଚିତ୍ ସମ୍ମାନ ପ୍ରଦର୍ଶନ ଦିଗରେ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା କରିଥିଲେ। ଏ ଦିଗରେ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବେ ବୋଲି ତହସିଲଦାର ବେହେରା କହିଥିଲେ। ଏହି ବୈଠକରେ ସଂଘ ଉପସଭାପତି ସୁଧାଂଶୁ ଶେଖର ଦେଓ, ସମ୍ପାଦକ ସଞ୍ଜୟ କୁମାର ବରର୍ତ୍ତୀ, ଯୁଗ୍ମ ସମ୍ପାଦକ ପିଙ୍କୁ ଖୁଆସ, କାର୍ଯ୍ୟକାରୀ କମିଟି ସଦସ୍ୟ ଦୀପ୍ତି ଶର୍ମା, ଗୋବିନ୍ଦ ମହାନ୍ତି, ଆଡଭୋକେଟ୍ ପ୍ରଶାନ୍ତ ସେନାପତି, ଜିତେନ୍ଦ୍ର ପୁରୋହିତଙ୍କ ସହ ତହସିଲ ଅଫିସର ରାଜସ୍ୱ ଅଧିକାରୀ ସନ୍ଦୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନରେ ସାମିଲ ହେବନି ଓଡ଼ିଶା ଅମଲା ସଂଘ



ଖବରଦାତା ସମ୍ମିଳନୀରେ ଓଡ଼ିଶା ଅମଲା ସଂଘ କର୍ମକର୍ତ୍ତାମାନେ।

**ସୋନପୁର,୧୦।୮(ମୃତ୍ୟୁଞ୍ଜୟ ଶତପଥୀ)**

୨୦୧୭ ମସିହାରୁ ପ୍ରଚଳିତ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହାରରେ ଲେଭୁଲ-୯ ଦରମା ପ୍ରଦାନ ପାଇଁ ରାଜ୍ୟର ସର୍ବ ପୁରାତନ ଓଡ଼ିଶା ଅମଲା ସଂଘ ଦାବି କରିଆସୁଛି। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ତୃଣମୂଳସ୍ତରରେ ସଫଳ ରୂପାୟନ କରିବାରେ ଏହି ଜିଲାସ୍ତରୀୟ ଅମଲାଙ୍କ ପ୍ରମୁଖ ଭୂମିକା ରହିଛି। ତେବେ ରାଜ୍ୟ ସରକାର ସଂଘର ଏହି ଦାବି ସମେତ ଅନ୍ୟ ଦାବିଗୁଡ଼ିକୁ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଓଡ଼ିଶା ଅମଲା ସଂଘର କର୍ମକର୍ତ୍ତାଙ୍କ ସହିତ ଏକ ବୈଠକର ଆୟୋଜନ କରି ଏହାର ସମାଧାନ କରିବାକୁ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ ରବିବାର ସୁବର୍ଣ୍ଣପୁର ଏନଜିଓସିସି ହଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁରୋଧ କରିଛନ୍ତି। ତରାସିଆ କହିଥିଲେ ସଂଘ ୧୦ ଦଫା ଦାବି ପୂରଣ ପାଇଁ ସରକାରଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରଖିଛି। ଅମଲା ସଂଘ ଦାବି ପୂରଣ ପାଇଁ ଅନେକ ଥର ଭୁବନେଶ୍ୱରରେ ଓ ଜିଲାସ୍ତରରେ ଆନ୍ଦୋଳନ କରିଛି। ତେବେ ଗତ ସାଧାରଣ ନିର୍ବାଚନ ତାରିଖ ଘୋଷଣାର କିଛି ଦିନ ଜିଲାସ୍ତରୀୟ ଅମଲାଙ୍କୁ ଭାଗ ଭାଗ କରି ୨୦୨୪ ଜାନୁୟାରୀ ୬ ତାରିଖରେ ଜିଏ ଏଣ୍ଡ ପିଜି ବିଭାଗରୁ ତିନି ଗୋଟି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଉକ୍ତ ଆଦେଶନାମାକୁ ସଂଘ ଦୃଢ ପ୍ରତିବାଦ କରିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରି ଆସୁଅଛି। ପ୍ରତିବାଦରେ ଗତ ଜୁନ୍ ୧୦ରେ ଭୁବନେଶ୍ୱର ସଚିବାଳୟ ସମ୍ମୁଖରେ ଧାରଣାରେ ବସିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସରକାରଙ୍କ ପରାମର୍ଶ କ୍ରମେ ତାହା ସ୍ଥଗିତ ରଖାଯାଇଛି ବୋଲି ତରାସିଆ କହିଛନ୍ତି। ତେବେ ରାଜସ୍ୱ ଅମଲା ସଂଘର ସମୂହ ଛୁଟି ଆନ୍ଦୋଳନରେ ଓଡ଼ିଶା ଅମଲା ସଂଘ ସାମିଲ ନାହିଁ। ସଂଘର ସଦସ୍ୟମାନେ ପୂର୍ବଭଳି ସରକାରୀ କାର୍ଯ୍ୟ ଜାରି ରଖିବେ। ଓଡ଼ିଶା ଅମଲା ସଂଘ ଏହି ଆନ୍ଦୋଳନରେ ଅସହଯୋଗ କରିବ ବୋଲି ସୂଚନା ଦେଇଛି। ଏହି ସମ୍ମିଳନୀରେ ଓଡ଼ିଶା ଅମଲା ସଂଘର ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଜୟଦ୍ରଥ ଜଗଦଲା, ଉପଦେଷ୍ଟା ସୁଧାଂଶୁ କୁମାର ସ୍ୱାଇଁ, ଯୋଗେନ୍ଦ୍ର ସେଠୀ, କମଲ କୁମାର ରାଜହଂସ, ଉମାକାନ୍ତ ହୋତା, ସୋନିଆ ବରିହା, ଅଞ୍ଜୁ ଭୋଇ, ସମୀକ୍ଷା ପୁରୋହିତ, ସୁରେନ୍ଦ୍ର ନାଏକ, ସୁଜିତ କୁମାର ଜଗଦଲା, ବଳରାମ ଖେତି, ଦେବେନ୍ଦ୍ର ଷଡଙ୍ଗୀ ଓ ହରି ଗୋବିନ୍ଦ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ଆଜିଠୁ ସମୂହ ଛୁଟିରେ ରାଜସ୍ୱ ଅମଲା କର୍ମଚାରୀ

**ସୋନପୁର,୧୦।୮(ମୃତ୍ୟୁଞ୍ଜୟ ଶତପଥୀ)**

ରାଜସ୍ୱ ଅମଲାମାନେ ୧୧ ତାରିଖ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ। ୧୦ଦଫା ଦାବି ପୂରଣ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମିତ୍ତ ସଂଘ ଏହି ଚରମ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ରାଜସ୍ୱ ଅମଲାମାନେ ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁ, ଉପଜିଲାପାଳ ଡ଼ ସୌମ୍ୟରୂପା ରଥ ଓ ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କୁ ପୂର୍ବରୁ ଲିଖିତ ଭାବେ ଜଣାଇଛନ୍ତି। ଜିଲାର ପ୍ରାୟ ୧୮୦ ରାଜସ୍ୱ ଅମଲା ସମୂହ ଛୁଟିରେ ରହିବେ। ଏହାଦ୍ୱାରା ସରକାରୀ କାର୍ଯ୍ୟ ପ୍ରଭାବିତ ହେବ। ସଂଘର ସୁବର୍ଣ୍ଣପୁର ଜିଲା ଶାଖା ଅଧ୍ୟକ୍ଷ ନୀଳାମ୍ବର ଶତପଥୀ, ଉପାଧ୍ୟକ୍ଷ ସହଦେବ ମେହେର, ଜ୍ୟୋତିରଞ୍ଜନ ଦାନୀ, ସମ୍ପାଦକ ବନମାଳୀ ମେହେର, କାର୍ଯ୍ୟକାରୀ ସଭାପତି ସିତେଶ ପୂଜାହାରୀ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ କୁଅଁର, କୋଷାଧ୍ୟକ୍ଷ ଜିତେନ୍ଦ୍ରିୟ ଦୀପ, ମୁଖ୍ୟ ପରାମର୍ଶଦାତା ଅଶୋକ ମିଶ୍ର, ସଞ୍ଜୀବ ବାବୁ, କାର୍ଯ୍ୟକାରିଣୀ ସଭ୍ୟ ଶିବଦତ୍ତ ଦାଶ, ଦୁଃଖିଶ୍ୟାମ ସେଠୀ, ମଛିନ୍ଦ୍ର ସୁନା, ଦୀନେଶ ମିଶ୍ର, ସୁରେଶ ଶର୍ମା, ଗୋବିନ୍ଦ ବଡ଼େଇ, ସତ୍ତ୍ୱରୂପ ରଞ୍ଜନ ପୂଜାହାରୀ ଓ ଆହ୍ୱାନ କମିଟି ଅଧ୍ୟକ୍ଷ ସରୋଜ ପୁରୋହିତ, ବୀରେନ୍ଦ୍ର ରଥ ପ୍ରମୁଖ ଆନ୍ଦୋଳନ ସମ୍ପର୍କରେ ଜଣାଇଛନ୍ତି। ସରକାର ଦାବି ଗୁଡ଼ିକ ପୂରଣ କରି ବିଜ୍ଞପ୍ତି ବାହାର ନ କରିବା ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରି ରହିବ ଏବଂ ଜନ ସାଧାରଣଙ୍କ ଅସୁବିଧା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ରାଜ୍ୟ ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥିଲେ। ଅତିଶୀଘ୍ର ଦାବିଗୁଡ଼ିକୁ ପୂରଣ କରିବାର ସରକାର ପ୍ରତିଶ୍ରୁତି ଦେଇଥିଲେ। ତେଣୁ ରାଜସ୍ୱ ଅମଲାଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏହି ଦାବିଗୁଡ଼ିକୁ ପୂରଣ ହେଲାନି। ଦାବିଗୁଡ଼ିକ ମଧ୍ୟରେ ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେବେଲ- ୯କୁ ବୃଦ୍ଧି କରିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଙ୍କଳ୍ପ ପତ୍ର ସଂଖ୍ୟା ଅନୁଯାୟୀ ସମସ୍ତ ୩୦ଟି ଜିଲାପାଳଙ୍କ ଦାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରହିଛି । ସରକାର ଟାଳଟୁଳ ନୀତି ନ କରି କର୍ମଚାରୀଙ୍କ ଦାବିଗୁଡ଼ିକ ପୂରଣ ନିମିତ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

**ସରକାରୀ କାର୍ଯ୍ୟ ପ୍ରଭାବିତ ଆଶଙ୍କା**

# ଗଙ୍ଗାଧର ସାହିତ୍ୟରେ ଜୀବନ୍ତ ହୋଇଛି ପ୍ରକୃତିର ବର୍ଣ୍ଣନା



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର,୧୦।୮(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ରବିବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ସପ୍ତଦୀପା ସାହିତ୍ୟ ସଂସଦର ୧୨୩ ତମ ସାରସ୍ୱତ ଆସର ସହିତ ବରିଷ୍ଠ ନାଗରିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସପ୍ତଦ୍ୱୀପା ସାହିତ୍ୟ ସଂସଦ ସଭାପତି ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭୂଷଣ କୁମାର ପାତ୍ର ମୁଖ୍ୟ ଅତିଥି, ମେହେର ସାହିତ୍ୟର ବାଗ୍ମୀ ଭାଷ୍ୟକାର କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟରେ ପ୍ରକୃତି ରାଣୀର ବର୍ଣ୍ଣନା ଜୀବନ୍ତ ହୋଇଛି। ତପସ୍ୱିନୀ ହେଉ ବା ପ୍ରଣୟବଲ୍ଲରୀ ସବୁଠାରେ ପ୍ରକୃତି ରାଣୀର ବର୍ଣ୍ଣନା ସହିତ ମାତୃଶକ୍ତି ବହୁ ଉଚ୍ଚରେ ରହିଛି ବୋଲି କହିଥିଲେ। ଅକ୍ରୁର ଚରଣ ଦନ୍ତା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ବାସୁଦେବ ପଣ୍ଡା, ନିତ୍ୟାନନ୍ଦ ତ୍ରିପାଠୀ, ନାରାୟଣ ପ୍ରସାଦ ନାୟକ, ବଳରାମ କାଣ୍ଡ, ଚମରା ମହାକୁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ

**ବୀରମହାରାଜପୁର,୧୦।୮(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଅନୁଷ୍ଠିତ ହୋଇଯାଇଛି। ସଞ୍ଚାଳିକା ବି.କେ.ଅର୍ପିତା ଓ ସହକାରୀ ଆହ୍ଲାଦିନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତରଖାନା କର୍ମଚାରୀ, ବୀରମହାରାଜପୁର ଆଦର୍ଶଥାନା କର୍ମଚାରୀ, ତହସିଲ କାର୍ଯ୍ୟାଳୟ କର୍ମଚାରୀ, ସବ୍ ଜେଲର୍‌ଙ୍କୁ ରାଖୀ ବନ୍ଧା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବି.କେ.ଭାଇ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ୧୪ରୁ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍

**ବୌଦ୍ଧ,୧୦।୮(ଅଜିତ କୁମାର ବାରିକ)**

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଅଲ ଓଡ଼ିଶା ଚେସ ଆସୋସିଏଶନ ପକ୍ଷରୁ ଆସନ୍ତା ୧୪ତାରିଖରୁ ବୌଦ୍ଧରେ ୬୫ତମ ଷ୍ଟେଟ ସିନିୟର ଫିଡେ ରେଟିଙ୍ଗ ଚେସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍ ୧୮ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପାତାଳୀ ଶ୍ରୀକ୍ଷେତ୍ର ଭିତ୍ତିଭୂମି ସୁଦୃଢ଼ କରିବାକୁ ପ୍ରତିଶ୍ରୁତି



ସେବାୟତ ଓ ଅନ୍ୟମାନଙ୍କ ସହ ଜିଲାପାଳ।

**ଉଲୁଣ୍ଡା, ୧୦।୮(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରକୁ ରବିବାର ଜିଲାପାଳ ଡ. ନୃପରାଜ ସାହୁ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀ ପାତାଳୀ କ୍ଷେତ୍ର ଟ୍ରଷ୍ଟ ଓ ପାତାଳୀ ଶ୍ରୀକ୍ଷେତ୍ର ସେବାୟତ ସଂଘ ତରଫରୁ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲାପାଳ ଛଳିଆ ପାହାଡସ୍ଥ ଶ୍ରୀମନ୍ଦିରରେ ଠାକୁର ଦର୍ଶନ ପରେ ଟ୍ରଷ୍ଟ ସଦସ୍ୟ ଓ ସେବାୟତମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ସମ୍ପାଦକ ଉତ୍ତର କୁମାର ପାତ୍ର, ଟ୍ରଷ୍ଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମହାଦେବ ସାହୁ, ଜାନକୀରାମ ଦେହୁରୀ, ଜଗଦୀଶ କର୍ଣ୍ଣ ଓ ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡା, ସତ୍ୟାନନ୍ଦ ମେଣ୍ଡିଲି ଅଂଶଗ୍ରହଣ କରିଥିଲେ। ରବିବାର ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମକୁ ଦେଖି ପର୍ଯ୍ୟଟନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପର୍ଯ୍ୟଟକ ମାନଙ୍କ ମୌଳିକ ସୁବିଧା ପାନୀୟଜଳ, ସୌଚାଳୟ, ରାସ୍ତାର ଉନ୍ନତିକରଣ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟନ ଭିତ୍ତିଭୂମି ତଥା ଭବ୍ୟ ମନ୍ଦିର ନିର୍ମାଣ ଉପରେ ବିଶେଷ ଆଲୋଚନା କରାଯାଇଥିଲା।

# ଡୁଙ୍ଗୁରିପାଲିରେ ଗଙ୍ଗାଧର ମେହେର ଜୟନ୍ତୀ

**ଡୁଙ୍ଗୁରିପାଲି,୧୦।୮(ଦୀନବନ୍ଧୁ ସୁନା)**



ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆର୍‌ଏମ୍‌ସି ପରିସରରେ ସାହିତ୍ୟ ଓ ସାଂସ୍କୃତିକ ସଂସଦ ଏବଂ ଡୁଙ୍ଗୁରିପାଲି ଭୁଲିଆ ସମାଜ ମିଳିତ ଆନୁକୂଲ୍ୟରେ ଶନିବାର ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାୟକ ଓ ସୁରେଶ ପଧାନ ଉଦ୍‌ଘାଟନ କରିଥିଲେ। ଦାଶରଥି ବେହେରା ଓ ପ୍ରମୋଦ ଭୋଇଙ୍କ ଇନ୍ଦୁମତି କାବ୍ୟ ପାରାୟଣ ସଙ୍ଗୀତ ଗାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ କବି ପ୍ରସନ ମେହେର ଓ ଶୁଭଲାଲ ସାହୁ କରିଥିଲେ। ତୃତୀୟ ଅଧିବେଶନ ସାରସ୍ୱତ ସମାରୋହ ସଂସଦ ସଭାପତି ଡ଼ ସୁବାଷ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବରଗଡ ଟିଏଫ କଲେଜ ଓଡ଼ିଆ ବିଭାଗ ଅଧକ୍ଷ ଡ଼ ସରୋଜ କୁମାର ଦେବତା ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବରଗଡ ପଞ୍ଚାୟତ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ, ସମ୍ମାନୀତ ଅତିଥିଭାବେ ଭୁଲିଆ ସମାଜ କେନ୍ଦ୍ର ବୋର୍ଡ ସଭାପତି ରାଧେଶ୍ୟାମ ମେହେର ଯୋଗଦେଇଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଶୁଭଲାଲ ସାହୁ କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ ଅମୂଲ୍ୟ ବେହେରା। ସଭାରେ ମେହେରଙ୍କ ଜୀବନୀ ତଥା ମେହେର ସାହିତ୍ୟରେ ଜୀବନ ଶିକ୍ଷା, ମାର୍ଗଦର୍ଶନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କବିତା ପଠନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ସଭାକୁ ଦେବାଶିଷ ମହାପାତ୍ର ପରିଚାଳନା କରିଥିଲେ। ବିପ୍ରଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ଧମାଳରେ ଶ୍ରାବଣୀ ଉପାକର୍ମ

**ପଲସାଗୋରା,୧୦।୮(ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ବିଭିନ୍ନ ଗ୍ରାମରେ ଶ୍ରାବଣୀ ଉପାକର୍ମ ଯଜ୍ଞୋତ୍ସବ ତଥା ସତ୍‌ସଙ୍ଗ ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ବେଦ ପ୍ରଚାରକ ବୌଦ୍ଧ ଜିଲା ସଂଯୋଜକ ପଣ୍ଡିତ ନିରଞ୍ଜନ ଆଚାର୍ଯ୍ୟ ଓ ସଭାପତି ଲକ୍ଷ୍ମଣ ଭୋଇଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଛି। ପ୍ରଥମ ଦିବସରୁ ରୁଣ୍ଡି ମହୁଲ ଆଶ୍ରମରେ କୁଞ୍ଜ ବିହାରୀ ସାହୁ ଓ ପତ୍ନୀ ମହେନ୍ଦ୍ରି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ଦିନ ସ୍ମୃତି ସଦନରେ କାର୍ଯ୍ୟକ୍ରମ ହୋଇଥିଲା। ତୃତୀୟ ଦିବସରେ ଚୈତନ୍ୟ ରଣା ଓ ଧର୍ମପତ୍ନୀ ସୁଶୀଳା ରଣାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନିରଞ୍ଜନ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଯଜ୍ଞୋତ୍ସବ ଓ ସତ୍‌ସଙ୍ଗ ହୋଇଥିଲା।

# ଶ୍ରେଣୀ କୋଠରି ନିର୍ମାଣ, ଶିକ୍ଷକ ନିଯୁକ୍ତି ଦାବି

**ପଲସାଗୋରା,୧୦।୮(ଅଶ୍ୱିନୀ କୁମାର ନନ୍ଦ)**




ରାଧାମାଧବ ହାଇସ୍କୁଲ।

କନ୍ଧମାଳ ବ୍ଲକ ଅଧୀନ ଲମ୍ବସରି ରାଧାମାଧବ ହାଇସ୍କୁଲ ଏବେ ନାନା ସମସ୍ୟା ଦେଇ ଗତି କରୁଛି। ଉକ୍ତ ହାଇସ୍କୁଲର ନବମ ଶ୍ରେଣୀରେ ୧୦୪ ଜଣ ଏବଂ ଦଶମ ଶ୍ରେଣୀରେ ୯୬ ଜଣ ଛାତ୍ରୀଛାତ୍ର ପଢୁଛନ୍ତ। ତେବେ ଶ୍ରେଣୀଗୃହ ଅଭାବ ଯୋଗୁ ଦୁଇଟି ଶ୍ରେଣୀ ଗୃହରେ ୨୦୦ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। ତେଣୁ ଉକ୍ତ ବିଦ୍ୟାଳୟରେ ଆଉ ଦୁଇଟି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରିବା ପାଇଁ ଦାବି ହେଉଛି। ସେହିପରି ସ୍କୁଲରେ ଛାତ୍ରୀଛାତ୍ରମାନେ ଖରାବର୍ଷାରେ ଏଣେତେଣେ ସାଇକେଲ ରଖୁଛନ୍ତି। ତେଣୁ ସ୍କୁଲରେ ଏକ ସାଇକେଲ ଷ୍ଟାଣ୍ଡର ଆବଶ୍ୟକତା ରହିଛି। ବିଦ୍ୟାଳୟର ଚାରିପଟେ ପାଚେରି ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ସ୍କୁଲ ଭିତରକୁ ଛେଳି, ଗାଈ, ବଳଦ ପଶିଆସୁଛନ୍ତି। ପ୍ରାୟ ୧୮ ବର୍ଷ ହେବ ବିଜ୍ଞାନ ଶିକ୍ଷକ ନ ଥିବାରୁ ପାଠ ପଢିବାରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉକ୍ତ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ, ପାଚେରି, ସାଇକେଲ ଷ୍ଟାଣ୍ଡ ନିର୍ମାଣ ସହ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କୁ ପଚାରିବାରୁ ଉକ୍ତ ହାଇସ୍କୁଲରେ ସମସ୍ୟା ନେଇ ତଦନ୍ତ କରିବା ପରେ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# କୋଶଳ ସାହିତ୍ୟ ଏକାଡେମୀ ପାଳିଲା ଗଙ୍ଗାଧର ଜୟନ୍ତୀ

**ତରଭା,୧୦।୮(ମାନଭଞ୍ଜନ ମିଶ୍ର)**




ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ନିକଟରେ କୋଶଳ ସାହିତ୍ୟ ଏକାଡେମୀ କର୍ମକର୍ତ୍ତା।

ସୁବର୍ଣ୍ଣପୁର ଜିଲା ତରଭା ପରିଷଦ ପାଠାଗାରରେ କୋଶଳ ସାହିତ୍ୟ ଏକାଡେମୀ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସାହିତ୍ୟିକ ଗୌରୀଶଙ୍କର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ସଞ୍ଜୀବ ସେଠୀ ମୁଖ୍ୟ ଅତିଥି, ହିରଣ୍ମୟ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସ୍ୱଭାବ କବିଙ୍କ କର୍ମକ୍ଷେତ୍ର ବରପାଲିରୁ ରାଜବୋଡା ସମ୍ବର ପର୍ଯ୍ୟନ୍ତ ଅଞ୍ଚଳକୁ ସାରସ୍ୱତ ଗଙ୍ଗାଧର ତୀର୍ଥକ୍ଷେତ୍ର ରୂପେ ଘୋଷଣା କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏପରିକି ତାଙ୍କର ବ୍ୟବହୃତ ଦୈନନ୍ଦିନ ଜୀବନଚର୍ଯ୍ୟା ସାମଗ୍ରୀ ଓ ସାରସ୍ୱତ କୃତିକୁ ନେଇ ଏକ ଗଙ୍ଗାଧର ସଂଗ୍ରହାଳୟ ପ୍ରତିଷ୍ଠା କରିବା ନିମନ୍ତେ ବକ୍ତାମାନେ ପ୍ରସ୍ତାବ ଆଗତ କରିଥିଲେ। ଯୁବକବି ଶୁଭମ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଗଙ୍ଗାଧରୀୟ କବିତା ଆସରରେ ଡ଼. ଦେବେନ୍ଦ୍ର କୁମାର ନାଏକ, କବି ମହେଶ ମିଶ୍ର, ପ୍ରବୀଣ ପଣ୍ଡା, ଲୋକନାଥ ଦଳବେହେରା, ସୁଧୀର ପଣ୍ଡା, ଶଙ୍କର୍ଷଣ ସାହୁ ଓ ଚିରଞ୍ଜିବୀ ନାଏକ ସ୍ୱରଚିତ କବିତା ପାଠ କରିଥିଲେ। ଏକାଡେମୀ ସମ୍ପାଦକ ରାଜେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗାଧର ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ

**ସୋନପୁର,୧୦।୮(ମୃତ୍ୟୁଞ୍ଜୟ ଶତପଥୀ)**




ସାଗରପାଲିରେ ଆୟୋଜିତ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥିମାନେ।

ସୋନପୁର ବ୍ଲକ ସାଗରପାଲି ଗ୍ରାମରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଥିଲା। ଗଙ୍ଗାଧର ମେହେର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରବଚିକା ଏଲୋରା ମିଶ୍ର ଯୋଗଦେଇ କବି ଗଙ୍ଗାଧରଙ୍କ ସାହିତ୍ୟ ତଥା କାବ୍ୟ ଓ କବିତା ମଣିଷ ସମାଜକୁ ଅନେକ ଦିଗଦର୍ଶନ ଦେଇଥାଏ। ତାଙ୍କ ନୀତି, ଆଦର୍ଶ ଓ ଲେଖନୀର ଦିଗ୍‌ଦର୍ଶନ ବାର୍ତ୍ତାକୁ ପାଥେୟ କରି ଆଗକୁ ବଢିବାକୁ ମିଶ୍ର ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ନିରଞ୍ଜନ ପାଣ୍ଡିଆ ଯୋଗଦେଇ ମେହେର ସାହିତ୍ୟ ଉପରେ ବିଷଦ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା କବି ବନବାସ ମେହେର ଗଙ୍ଗାଧରଙ୍କ କୀଚକ ବଧ କାବ୍ୟ ଉପରେ ଆଲୋଚନା କରିଥିଲେ। ସ୍ମୃତିକମିଟି ସଭାପତି ସମ୍ବୋଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହ ପ୍ରାରମ୍ଭରେ କବି ତପସ୍ୱିନୀ ପଟ୍ଟନାୟକ ମଙ୍ଗଳେ ଅଇଲା ଓଷା ପରିବେଷଣ କରିଥିଲେ। ତପସ୍ୱିନୀ ପଶାୟତ, ପୁଷ୍ପାଞ୍ଜଳୀ ମେହେର, ନିର୍ମାଲ୍ୟ ସ୍ୱାଇଁ, ଗୋପାଳ ଚନ୍ଦ୍ର ମେହେର, ହୃଷିକେଶ ପୁରୋହିତ ସ୍ୱରଚିତ କବିତା ପାଠ କରିଥିଲେ। କବି ସଞ୍ଜିବ ସେଠୀ ମଞ୍ଚ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର ସ୍ମୃତି କମିଟିର କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଓକିଲ ସଂଘର ପ୍ରାକ୍ତନ ସଭାପତିଙ୍କ ପରଲୋକ

ରାଉରକେଲା, ୧୦।୮ (ସଙ୍ଗୀତା ଜେନା)



ରାଉରକେଲା ଓକିଲ ସଂଘର ପ୍ରାକ୍ତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରବୀର ମିଶ୍ର (୭୫)ଙ୍କ ରବିବାର ସକାଳେ ଜେପି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଦୀର୍ଘ ୪୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓକିଲାତି କରୁଥିଲେ। ତାଙ୍କ ବିୟୋଗରେ ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ସମ୍ପାଦକ ଦେବାନନ୍ଦ ଡନ୍ତ, କାର୍ଯ୍ୟକାରୀ କମିଟି ସଦସ୍ୟ କୈଳାସ ସାବତ, ତାପସ ପରିଡା, ବ୍ରିଜେଶ ମିଶ୍ର, ଭୂପେନ ନାୟକ, ବବିତା ମହାପାତ୍ର, ଶାନ୍ତନୁ ଦାଶଙ୍କ ସମେତ ଶତାଧିକ ଆଇନଜୀବୀ ଶୋକ ପ୍ରକାଶ କରିବା ସହ ଶେଷ ଦର୍ଶନ କରିଥିଲେ।

# ଘୋଷଣାକୁ ମାସେ ପୂରିଲା, ଆଇସିସି ଗଠନ ହେଲାନି

ରାଉରକେଲା, ୧୦।୮ (ସଙ୍ଗୀତା ଜେନା)

ରାଜ୍ୟର ବିଭିନ୍ନ ଶୈକ୍ଷିକ ଅନୁଷ୍ଠାନରେ ଯୌନ ଉତ୍ପୀଡ଼ନ ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ତଳେ ବାଲେଶ୍ୱର ଫକୀରମୋହନ କଲେଜରେ ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀ ଉତ୍ପୀଡ଼ନର ଶିକାର ହେବା ଏବଂ ତାଙ୍କ ଅଭିଯୋଗକୁ ଅଣଦେଖା କରାଯିବାରୁ ସେ ଅଗ୍ନିଶୁ ହୋଇ ଆତ୍ମଦାହ କରିଥିବା ଅଭିଯୋଗ ହୋଇଥିଲା। ଏପରି ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଲେଜ ଭଳି ସ୍କୁଲଗୁଡ଼ିକରେ ସ୍କୁଲ ଆଭ୍ୟନ୍ତରୀଣ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ପ୍ରତ୍ୟେକ ଜିଲାରେ ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କୁ ପ୍ରତ୍ୟେକ ସ୍କୁଲରେ ଆଇସିସି ଗଠନ କରିବାକୁ କୁହାଯାଇଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ ପ୍ରାୟ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯିବା ବେଳେ ବିଶ୍ରା, କୁଆଁରମୁଣ୍ଡା, ଲାଠିକଟା ଏବଂ ନୁଆଗାଁ ବ୍ଲକର ବିଭିନ୍ନ ବିଭିନ୍ନ ସ୍କୁଲରେ କମିଟି ଗଠନ ହୋଇନାହିଁ। ଏପରିକି କମିଟି ସମ୍ପର୍କରେ ଆନୁଷଙ୍ଗିକ ପ୍ରଚାର ପ୍ରସାର ମଧ୍ୟ କରାଯାଉନାହିଁ। ଅପରପକ୍ଷେ, ବିଇଓମାନେ ପ୍ରତ୍ୟେକ ସ୍କୁଲକୁ ନୋଟିସ କରିଦେଇଥିବା ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ରାଉରକେଲା ସହର ଏବଂ ବିଶ୍ରା ଅଞ୍ଚଳକୁ ନେଇ ଗଠିତ ବିଶ୍ରା ଶିକ୍ଷା ବ୍ଲକରେ ୭୭ ପ୍ରାଇମେରୀ ସ୍କୁଲ, ୫୦ ଅପର ପ୍ରାଇମେରୀ, ୭ ଏଡେଡ୍ ପ୍ରାଇମେରୀ, ୫ ୟୁପିଏସ୍ ଏବଂ ୫୫ ହାଇସ୍କୁଲ ରହିଛି। ସେହିପରି କୁଆଁରମୁଣ୍ଡା ବ୍ଲକରେ ପ୍ରାଇମେରୀ ସ୍କୁଲ ୧୦୮ଟି, ଅପର ପ୍ରାଇମେରୀ ୪୪ଟି, ହାଇସ୍କୁଲ ୨୬ଟି, ଏକଲବ୍ୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋଟିଏ ଏବଂ ଘରୋଇ ସ୍କୁଲ ୧୫ଟି ରହିଛି। ଅନୁରୂପ ଭାବେ ଲାଠିକଟା ବ୍ଲକରେ ୧୬୩ ପ୍ରାଇମେରୀ, ଅପର ପ୍ରାଇମେରୀ ଏବଂ ହାଇସ୍କୁଲ ରହିଛି। ଏକଲବ୍ୟ ଓ ଆଦର୍ଶ ବିଦ୍ୟାଳୟ ୨ଟି ଏବଂ ଘରୋଇ ସ୍କୁଲ ୩୪ଟି ରହିଛି। ଶିଶୁ ମଙ୍ଗଳ ସଦସ୍ୟ ବାଲମୁକୁନ୍ଦ ଶୁକ୍ଳଙ୍କ କହିବା ଅନୁସାରେ କଲେଜ ମାମଲା ପରେ ସୁରକ୍ଷା ଦୃଷ୍ଟିରୁ ସ୍କୁଲମାନଙ୍କରେ ଆଇସିସି ଗଠନର ଗୁରୁତ୍ୱ ବଢ଼ିଛି। ଏହା ଗଠନ ହେଲେ ଅଭିଭାବକମାନେ କମିଟି ସମ୍ମୁଖରେ ସମସ୍ୟା ପ୍ରକାଶ କରିପାରିବେ। ହେଲେ ଏ ସମ୍ପର୍କରେ ସଚେତନତା, ପ୍ରଚାର ପ୍ରସାର ନିହାତି ଆବଶ୍ୟକ। କମିଟିରେ ଥିବା ସଦସ୍ୟଙ୍କ ଯୋଗାଯୋଗ ନମ୍ବର ସର୍ବସାଧାରଣରେ ରହିବା ଜରୁରୀ। ପ୍ରଚାର ପାଇଁ ଅଭିଭାବକ ବୈଠକ, ଚାଇଲ୍ଡ ହେଲ୍ପଲାଇନ୍ (ନଂ.୧୦୯୮) ଉପରେ ଗୁରୁତ୍ୱାରୋପ କରିବା ନିହାତି ଦରକାର। ସ୍କୁଲମାନଙ୍କରେ ଆଇସିସି ଗଠନକୁ କଡ଼ାକଡ଼ି ଓ ଯଥାଶୀଘ୍ର କରିବା ଉଚିତ ବୋଲି ଶୁକ୍ଳ କହିଥିଲେ। ଏ ସମ୍ପର୍କରେ କୁଆଁରମୁଣ୍ଡା ବିଇଓ ନମିତା ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ସ୍କୁଲମାନଙ୍କୁ ଏ ନେଇ ସୂଚିତ କରାଯାଇଥିଲା। ସେମାନେ ଅତି ଶୀଘ୍ର କମିଟି ସଦସ୍ୟ ତାଲିକା ଜମା କରିବେ ବୋଲି ମହାପାତ୍ର କହିଥିଲେ। ସେହିପରି ଲାଠିକଟା ବିଇଓ ଦେବେନ୍ଦ୍ର ସାହୁଙ୍କୁ ପଚରାଯିବାରୁ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ପୁନଃ ବିଚାର କରାଯିବ ବୋଲି ସେ କହିଥିଲେ। ସେହିପରି ବିଶ୍ରା ବିଇଓ ସୁପ୍ରଭାତ ବେହେରାଙ୍କୁ ପଚରାଯିବାରୁ ଏ ପର୍ଯ୍ୟନ୍ତ ପ୍ରାୟ ସ୍କୁଲରେ କମିଟି ଗଠନ ପ୍ରକ୍ରିୟା ଜାରି ରହିଛି। ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ସେ ପ୍ରକାଶ କରିଥିଲେ।

# ପ୍ରଫେସର ବିଜୟ ଟପ୍ପୋ ସମ୍ବର୍ଦ୍ଧିତ



ବିଜୟ ଟପ୍ପୋଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା, ୧୦।୮ (ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲାର ବିଶିଷ୍ଟ ଆଦିବାସୀ ନେତା, ଶିକ୍ଷାବିତ୍ ତଥା ଦୃଢ଼ ସଙ୍ଗଠକ ପ୍ରଫେସର ବିଜୟ କୁମାର ଟପ୍ପୋଙ୍କୁ ଏନ୍ଆଇଟି ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏନ୍ଆଇଟିର ପିପି ହଲ୍‌ରେ ଆୟୋଜିତ ଜନଜାତୀୟ ଗୌରବ ଦିବସରେ ପ୍ରଫେସର ଟପ୍ପୋଙ୍କୁ ନିଷ୍ଠା, ତ୍ୟାଗ ଓ ସମର୍ପିତ ମନୋଭାବ ପାଇଁ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ପୁଷ୍ପଗୁଚ୍ଛ, ଉପଢୌକନ ଓ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ପ୍ରଫେସର ଟପ୍ପୋ ବିଗତ ୪୦ ବର୍ଷ ହେଲା ଦେଶ ମାତୃକାର ସେବାରେ ଶହୀଦ ହୋଇଥିବା ବୀର ବିର୍ସା ମୁଣ୍ଡାଙ୍କ ବାର୍ତ୍ତାକୁ ଦେଶରେ ପ୍ରଚାର କରିବା ସହ ଆମ୍‌କୋ-ସିମ୍‌କୋରେ ବ୍ରିଟିଶ ଗୁଳିରେ ଶହୀଦ ୪୯ ଜଣ ନିରୀହ ଆଦିବାସୀଙ୍କୁ ଶହିଦ ଦର୍ଜା ପ୍ରଦାନ ପାଇଁ କାର୍ଯ୍ୟ କରିଆସୁଛନ୍ତି। ପ୍ରଫେସର ଟପ୍ପୋ ସମ୍ବର୍ଦ୍ଧନାର ଉତ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ବିର୍ସା ମୁଣ୍ଡାଙ୍କ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦେବା ଆଜିର ଯୁବ ପିଢ଼ିଙ୍କୁ ବହୁମାତ୍ରାରେ ପ୍ରଭାବିତ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଆର. ଧଣ୍ଡିଲନ, ନୋଡାଲ ଅଫିସର ପ୍ରଫେସର ରାମକୃଷ୍ଣ ବିଶ୍ୱାଳ, ସଂଯୋଜକ ରଶ୍ମି ମିଞ୍ଜଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଉରକେଲା, ୧୦।୮ (ଦିନେଶ ମିଶ୍ର)

ଡେଲିମାର୍କେଟ ସ୍ଥିତ ସହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକ-ଶିକ୍ଷୟିତ୍ରୀ ସାମାଜିକ କଲ୍ୟାଣ ସଙ୍ଗଠନ ଆଭା-ଅନ୍ୱେଷ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ଅମିତା କୁମାରୀ ଗଡ଼ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଶିକ୍ଷାଧିକାରୀ ବିଷ୍ଣୁପ୍ରିୟା ରାଉଳ ସଭାପତିତ୍ୱ କରିଥିଲେ। ମଧୁସୂଦନପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବାଡ଼ତିଆ, କଲ୍ୟାଣୀ ଦେବୀର ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ, ତ୍ରିନାଥ ବିଶୋଇ, ସରୋଜ ଜେନା, ଯଶୋଦା ମିଶ୍ର, ସୁଭାଷିନୀ ବାଲ, ଆଲୁମିନି କମିଟିର ଅଭୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଗଡ଼ନାୟକଙ୍କୁ ପୁଷ୍ପଗୁଚ୍ଛ ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଯଶୋଦେବୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ରାଜଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଆର୍‌ଏସ୍‌ପିରେ ରୋଶନୀ କର୍ମଶାଳା



କର୍ମଶାଳାରେ ଆର୍‌ଏସ୍‌ପି ଅଧିକାରୀ ଓ କର୍ମଚାରୀ।

ରାଉରକେଲା, ୧୦।୮ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା ରୋଶନୀ ସିପିଭିଆଇଠାରେ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ପରିବେଶ ଓ ଉପଯୋଗିତା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ମୁଖ୍ୟଅତିଥି ଏବଂ ଏଚ୍ଆର-ଲିଭ, ଆଇଇଡି ଏଣ୍ଡ ଏଚ୍ଏ ବିଭାଗର ଜିଏମ୍ ଆର୍. କେ. ବର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୫ ଅଗଷ୍ଟ ମାସରେ ଅବସର ଗ୍ରହଣ କରୁଥିବା ଓଡ଼ିଶା ଖଣି ସମୂହ ସମେତ ଆର୍‌ଏସ୍‌ପିରୁ ଅବସର ଗ୍ରହଣ କରୁଥିବା ୧୯ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୁଚାରୁ ପ୍ରବେଶ କରିବା ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଆସିଷ୍ଟାଣ୍ଟ ସିଏମ୍ଓ ଡକ୍ଟର ସିଲଭାନସ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରହିଥିବା ରଣନୀତି ଉପରେ ଆଲୋଚନା କରିଥିଲେ। ସି ଏଣ୍ଡ ଆଇଟି ବିଭାଗର ଡିଜିଏମ୍ ଭି. ପି. ଆର୍ଯ୍ୟା ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗ ଡେପୁଟି ମ୍ୟାନେଜର ଡି. କେ. ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସକ୍ଷମତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ଜୀବନରେ ସୁଚାରୁ ଆର୍ଥିକ ପୁନର୍ଗଠନୀକରଣ ଉପରେ ତଥ୍ୟ ରଖିଥିଲେ। ସିପି-୨ ବିଭାଗର ଏଜିଏମ ବାବୁଲା ନାୟକ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସକ୍ରିୟ ଜୀବନଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କାର୍ଡରେ ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହରସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚ୍ଆର ଇଆର୍ ଏଣ୍ଡ ସି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା, ସେଲ୍ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚ୍ଆର ଇସି ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଏସ୍. ପି ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଶ୍ରୀ ଜ୍ୟୋତି ଓରେୟା, ଶ୍ରମ ନିରୀକ୍ଷକ କେ. କେ. ପରିଡା ଏବଂ ଏଚ୍ଆର ଇଆର୍ ଏଣ୍ଡ ସି ବିଭାଗ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ, ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଅବସରକୁ ସକାରାତ୍ମକ, ଉତ୍ସାହ ଓ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ସକାଶେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରୋଶନୀ କର୍ମଶାଳା ଆୟୋଜିତ ହେଉଛି।

# ଆଦର୍ଶ ବିଦ୍ୟାମନ୍ଦିରରେ ସଂସ୍କୃତ ଦିବସ ପାଳିତ

ରାଉରକେଲା, ୧୦।୮ (ଦିନେଶ ମିଶ୍ର)

ରାଉରକେଲା ଫର୍ଟିଲାଇଜରସ୍ଥିତ ଆଦର୍ଶ ବିଦ୍ୟା ମନ୍ଦିରରେ ସଭାପତି ଡାକ୍ତର ଫକୀର ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଏଥିରେ ରେଲୱେ ବୋର୍ଡ ଭିଆରୟୁସିସିର ଅଧିକାରୀ ପ୍ରଫେସର ଡକ୍ଟର ସୁବାସ ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷା ଏକ ଦେବ ଭାଷା ଓ ଏହାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈବାଳିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଅନନ୍ତ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂସ୍କୃତ ଶିକ୍ଷକ ହେମନ୍ତ କୁମାର ପଣ୍ଡା ସଂସ୍କୃତ ଦିବସର ମହତ୍ୱ ଓ ଆଭିମୁଖ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପରମେଶ୍ୱର ଶତପଥୀ ଯୋଗଦେଇ ସଂସ୍କୃତ ଭାଷାକୁ ମା' ଓ ମାତୃଭାଷା ସହ ତୁଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବେଦମନ୍ତ୍ର ଓ ସଂସ୍କୃତ ଶ୍ଲୋକ ଗାନ କରିଥିଲେ। ଉତ୍ସବରେ ଗୀତା ଆବୃତ୍ତି, ସଂସ୍କୃତ ପ୍ରବନ୍ଧ ପ୍ରତିଯୋଗିତା ଓ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡ୍ ସହ ସଂସ୍କୃତ ବିଷୟରେ ଅଧିକ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିପିନ ବିହାରୀ ରାଉରାୟ, ମାନସ ପତି, ରୂପାରାଣୀ ସିହ୍ନା, ଅନପୂର୍ଣ୍ଣା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସୁମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ସକ୍ଷମ, ସମୃଦ୍ଧି କୁଇଜରେ ଆର୍‌ଏସ୍‌ପି ଚାମ୍ପିୟନ

ରାଉରକେଲା, ୧୦।୮ (ବିପ୍ଳବ ରଞ୍ଜନ ଦାଶ)

ସେଲ୍‌ସ୍ତରୀୟ ସକ୍ଷମ ଏବଂ ସମୃଦ୍ଧି ମ୍ୟାନେଜମେଣ୍ଟ ବିଜନେସ କୁଇଜ୍-୨୦୨୫ (ଏମ୍‌ବିକ୍ୟୁ)ରେ ଆର୍‌ଏସ୍‌ପି ଦଳ ବିଜୟୀ ହୋଇଛନ୍ତି। କୋକ୍ ଓଭେନ ବିଭାଗ ଏଜିଏମ ସମ୍ପଦ ମିଶ୍ର ଏବଂ ବ୍ଲାଷ୍ଟ ଫର୍ନେସ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଅଭିଷେକ କୁମାର ମିଶ୍ରଙ୍କୁ ନେଇ ଗଠିତ ଦଳ ସକ୍ଷମରେ ପ୍ରଥମ ପୁରସ୍କାର ଜିତିଥିବା ବେଳେ ସିଭିଲ ଇଞ୍ଜିନିୟରିଂ (ସେବା) ବିଭାଗର ଏଜିଏମ ସୁଶ୍ରୀ ଦିବ୍ୟା ଦାସ ଏବଂ ଆଇ ଏଣ୍ଡ ଏ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ରୋଜାଲିନ ଦାସଙ୍କ ଦଳ ସମୃଦ୍ଧି ଏମ୍‌ବିକ୍ୟୁରେ ବିଜେତା ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଦୁଇଦିନ ବ୍ୟାପୀ ଭିଲାଇ ଷ୍ଟିଲ ପ୍ଲାଣ୍ଟରେ ଅନୁଷ୍ଠିତ ହୋଇଥିଲା। ମଞ୍ଚନ ସମ୍ମିଳନୀ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ, ବିତ୍ତ ଏବଂ ଲେଖା ବିଭାଗ ସିଜିଏମ ରାଜେଶ ଦାସଗୁପ୍ତା ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆଲୋକ ବର୍ମା ଆର୍‌ଏସ୍‌ପି ପାଇଁ ଗୌରବ ଆଣିଥିବାରୁ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। କୁଇଜ ପାଇଁ ସେମାନଙ୍କ ଆଗ୍ରହକୁ ଜାରି ରଖିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଭଳି ପ୍ରୟାସ କରିବା ପାଇଁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ଜ୍ଞାନ ସୁଦୃଢ଼ କରିବା ଏବଂ ଜ୍ଞାନାତ୍ମକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ କୁଇଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ଉଲ୍ଲେଖ କରି ନିୟମିତ ବ୍ୟବଧାନରେ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ବର୍ମା ଗୁରୁତ୍ୱାରୋପ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକମାନେ ମଧ୍ୟ ଦୁଇଟି ଦଳର ସଫଳତାକୁ ପ୍ରଶଂସା କରିଥିଲେ ଏବଂ କୁଇଜ ସଂସ୍କୃତିକୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖନୀୟ, ସକ୍ଷମ ଏମ୍‌ବିକ୍ୟୁରେ ଇସ୍କୋ ଷ୍ଟିଲ ପ୍ଲାଣ୍ଟ, ବର୍ଣ୍ଣପୁର ଏବଂ ଭିଲାଇ ଷ୍ଟିଲ ପ୍ଲାଣ୍ଟର ଦଳଗୁଡ଼ିକ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ସମୃଦ୍ଧି ଏମ୍‌ବିକ୍ୟୁରେ ବୋକାରୋ ଷ୍ଟିଲ ଲିମିଟେଡ ଏବଂ ଭିଲାଇ ଷ୍ଟିଲ ପ୍ଲାଣ୍ଟର ଦଳ ଗୁଡ଼ିକ ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଆର୍‌ଏସ୍‌ପି, ଡିଆଇସି ସଚିବାଳୟର ପୂର୍ବତନ ଜିଏମ୍ ଶ୍ରୀମନ୍ତ ମଲ୍ଲିକ ଏବଂ ଡିଜିଏମ୍ ରିକି ଅଗ୍ରୱାଲଙ୍କୁ ନେଇ ଗଠିତ ଦଳ ସକ୍ଷମ ବର୍ଗରେ ଫାଇନାଲିଷ୍ଟ ହୋଇଥିଲେ। ସେହିଭଳି ଆର୍‌ଏସ୍‌ପିର କୋକ୍ ଓଭେନ ବିଭାଗର ଜୁନିୟର ଇଞ୍ଜିନିୟର ଆସୋସିଏଟ ଦୀପକ ଦେ ଏବଂ ତରୁଣ ନନ୍ଦ ଉଭୟ ସମର୍ଥ ବ୍ୟବସାୟ କୁଇଜ୍‌ରେ ଫାଇନାଲିଷ୍ଟ ଥିଲେ। ଏହା ବ୍ୟତୀତ କୋକ୍ ଓଭେନ ବିଭାଗର ଏଜିଏମ୍ ତରୁଣୀ ପରିଡା ସମୃଦ୍ଧି କୁଇଜରେ ଏକମାତ୍ର ଖେଳାଳି ଭାବେ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ସେଲ୍‌ର ସମସ୍ତ ସହଯୋଗୀ ୟୁନିଟ୍‌ରୁ ମୋଟ ୧୨ଟି ଟିମ୍ ପ୍ରତ୍ୟେକ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।



ଚାମ୍ପିୟନ ଦଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜଗନ୍ନାଥ ମନ୍ଦିର ପରିସରରେ ବୃକ୍ଷରୋପଣ



ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଉଛି।

ରାଉରକେଲା, ୧୦।୮ (ଦିନେଶ ମିଶ୍ର)

ସୁବର୍ଣ୍ଣରେଖା ଅନୁଷ୍ଠାନ ପକ୍ଷରୁ ସେକ୍ଟର-୧୬ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ଅଶୋକ କୁମାର ପାତ୍ର ଯୋଗଦେଇ ବୃକ୍ଷରୋପଣ କରିଥିଲେ। ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ନିତ୍ୟାନନ୍ଦ ବେହେରା ପୌରୋହିତ୍ୟ କରି ବୃକ୍ଷର ଆବଶ୍ୟକତା ଓ ଗଛ ଲଗାଇବା ପାଇଁ ଶାର୍ଷୀଙ୍କୁ ଅବତାରଣା କରି ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ମନ୍ଦିର ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଗଦାଧର ସାହୁ ବୃକ୍ଷଗୁଡ଼ିକର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ଉପଦେଷ୍ଟା ମନୋରଞ୍ଜନ ଦାସ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କବିନ୍ଦ୍ର ଦେଓ, ଅଜିତ ମହାପାତ୍ର, ବିଜନ କୁମାର ମହାପାତ୍ର, ରାଜୀବ ପାତ୍ର, କମଳଲୋଚନ ଗାନ୍ତୁ, ଶ୍ରୀକାନ୍ତ ଦାସ, ମଧୁସୂଦନ ଦେବ, ଦୀପକ ପାଳ, ବ୍ରଜମୋହନ ପରିଡା, ଗଗନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଶୁରାମ ମନ୍ଦିରରେ ଶ୍ରାବଣୀ କର୍ମ ପୂଜା

ରାଉରକେଲା, ୧୦।୮ (ଦିନେଶ ମିଶ୍ର)

ରାଉରକେଲା ହନୁମାନ ବାଟିକା ପରିସରସ୍ଥ ପର୍ଶୁରାମ ମନ୍ଦିରରେ ବ୍ରାହ୍ମଣ କଲ୍ୟାଣ ସଭା ପକ୍ଷରୁ ଶନିବାର ଶ୍ରାବଣୀ କର୍ମ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିରର ମୁଖ୍ୟ ପୂଜକ ବିବେକ ପାଣ୍ଡେ ଏବଂ ଅନ୍ୟ ପଣ୍ଡିତମାନେ ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ପରେ ମନ୍ଦିର ପରିସରରେ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ଏହି ପୂଜାରେ ବ୍ରାହ୍ମଣ କଲ୍ୟାଣ ସଭା ସଭାପତି ବିନୟ ଶର୍ମା, ଉପାଧ୍ୟକ୍ଷ ଟିଙ୍କୁ ଚୌମଲ, ଦିଲୀପ ଶର୍ମା, ସଞ୍ଜୟ ଶିଖୱାଲ, ମହେଶ ଶର୍ମା, ସୁଭାଷ ଯୋଶୀ, ପ୍ରମୋଦ ଶର୍ମାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପୂଜା ପୂର୍ବରୁ ବହୁ ଶ୍ରଦ୍ଧାଳୁ ବେଦବ୍ୟାସସ୍ଥିତ ବ୍ରାହ୍ମଣୀଘାଟରୁ ଜଳପୂର୍ଣ୍ଣ କଳସ ଆଣି ହୋମକୁଣ୍ଡ ନିକଟରେ ସ୍ଥାପନ କରିଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ଶ୍ରାବଣୀ ପୂଜା କରାଯାଇ ବସୁଧା ମା'ଙ୍କୁ ସ୍ନାନ କରାଯାଇଥିଲା। ବ୍ରାହ୍ମଣ କଲ୍ୟାଣ ସଭାର କର୍ମକର୍ତ୍ତା ସହଯୋଗ କରିଥିଲେ।

# ରାଶନ ଦୋକାନରୁ ଚୋରି, ଜଣେ ଗିରଫ

ରାଉରକେଲା, ୧୦।୮ (ସଙ୍ଗୀତା ଜେନା)

ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୨୦ ଅଞ୍ଚଳରେ ଥିବା ଏକ ରାଶନ ଦୋକାନରେ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ାର ହେମନ୍ତ ଖିଲାର(୧୮)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି। ଗତ ୧ତାରିଖରେ ସେକ୍ଟର-୨୦ ବଡ଼ ମାର୍କେଟରେ ଥିବା ତାଙ୍କ ରାଶନ ଦୋକାନ ଆଜବେଷ୍ଟସ ଭାଙ୍ଗି ନଗଦ ୬ ହଜାର ଟଙ୍କା ଏବଂ ସାମଗ୍ରୀ ଚୋରି କରିନେଇଥିବା ରାଶନ ଦୋକାନୀ ମୃତ୍ୟୁଞ୍ଜୟ ଗଡ଼ନାୟକ ଅଭିଯୋଗ କରିଥିଲେ।

# ସ୍ୱଦେଶୀ ସାମଗ୍ରୀ ଗ୍ରହଣ, ବିଦେଶୀ ବର୍ଜନ ପାଇଁ ଆହ୍ୱାନ

ରାଉରକେଲା, ୧୦।୮ (ସଙ୍ଗୀତା ଜେନା)




ବିର୍ସା ମୁଣ୍ଡା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଅଗଷ୍ଟ କ୍ରାନ୍ତି ଉପଲକ୍ଷେ ସ୍ୱଦେଶୀ ଜାଗରଣ ମଞ୍ଚ ଓ ବ୍ୟବସାୟୀ ସଂଘ ପକ୍ଷରୁ ଆମେରିକାର ଏକତରଫା ୫୦ପ୍ରତିଶତ ଶୁଳ୍କ ପ୍ରତିବାଦରେ ବିଦେଶୀ କମ୍ପାନୀ ଭାରତ ଛାଡ଼ ଆହ୍ୱାନକୁ ସ୍ୱୀକାର କରିବା ପାଇଁ ଏକ ବିକ୍ଷୋଭ ସମାବେଶ ବିର୍ସା ଛକରେ ଶନିବାର ସନ୍ଧ୍ୟା ୬ଟାରେ ଆୟୋଜିତ ହୋଇଯାଇଛି। ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର। କେଉଁ ଦେଶ ସହ ବେପାର ବଣିଜ କରାଯିବ ତାହା ଭାରତ ସ୍ଥିର କରିବ। ୟୁରୋପୀୟ ଦେଶ ରୁଷିଆରୁ ଖଣିଜ ତୈଳ, ପ୍ରାକୃତିକ ବାଷ୍ପ, ରାସାୟନିକ ସାର, ନିକେଲ, ଲୌହ ଓ ଇସ୍ପାତ ଆମଦାନୀ କରୁଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାରୁ ୟୁରାନିୟମ୍, ପୁଲୋନିୟମ୍, ପାଲାଡିୟମ୍, ରାସାୟନିକ ସାର ଆସୁଛି। ଏହି ପରିପ୍ରେକ୍ଷୀରେ ଆମେରିକା ଭାରତକୁ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହାକି ସମ୍ପୂର୍ଣ୍ଣ ଅନୁଚିତ। ଭାରତରେ ଆମେରିକା, ଚୀନ୍, ଦକ୍ଷିଣ କୋରିଆର ବିପୁଳ ପରିମାଣର ଦ୍ରବ୍ୟ ବିକ୍ରୟ ହେଉଛି। ଯାହାଦ୍ୱାରା ଦେଶର କୋଟି କୋଟି ଟଙ୍କା ବିଦେଶୀ କମ୍ପାନୀଙ୍କ ହାତକୁ ଚାଲିଯାଉଛି। କରୋନା ମହାମାରୀ ସମୟରେ କୌଣସି ବିଦେଶୀ କମ୍ପାନୀ ଭାରତ ସରକାରଙ୍କୁ ସାହାଯ୍ୟ କରିନାହାନ୍ତି। ହେଲେ ସ୍ୱଦେଶୀ କମ୍ପାନୀଗୁଡ଼ିକ ଖୋଲା ହୃଦୟରେ ଦାନ କରିଥିଲେ। ଆମେରିକାର ଏହି ବ୍ୟବହାର ପରେ ସ୍ୱଦେଶୀ ସାମଗ୍ରୀ ଗ୍ରହଣ ଓ ବିଦେଶୀ ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଛି। ବିର୍ସା ମୁଣ୍ଡା ଛକରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ମହାନଗର ସଂଯୋଜକ ମନୋଜ ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ଯୁବ ସମ୍ବଲପୁର ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ସମ୍ବଲପୁର,୧୦।୮(ପ୍ରମୋଦ ବହିଦାର)

ମହାନଗର ସ୍ୱୟଂସହାୟିକା ଗୋଷ୍ଠୀ ସମନ୍ୱୟ ସମିତିତଥା ଯୁବସମ୍ବଲପୁରପକ୍ଷରୁରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଅଇଁଠାପାଲି ଛକ, କାଇଁଖିର ରୋଡ ସ୍ଥିତ କାର୍ଯ୍ୟାଳୟରେ ଇଂ. ସିଦ୍ଧାର୍ଥ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ଷାବନ୍ଧନ ଉତ୍ସବରେ ସମସ୍ତଙ୍କୁ ରାଖୀ ବାନ୍ଧିଥିଲେ ଏସ୍ଏଚ୍‌ଜିର ମହିଳାମାନେ। ଏସ୍ଏଚ୍‌ଜି ସମନ୍ୱୟ ସମିତି ସାଧାରଣ ସମ୍ପାଦିକା ମିତାଲି ସାହୁଙ୍କ ସଂଯୋଜନାରେ ପାଳନ ଉତ୍ସବରେ ବରିଷ୍ଠ ନେତା ଦିଲୀପ ଦାଶ, ଲିଙ୍ଗରାଜ ତ୍ରିପାଠୀ, ଯାମିନୀ ବହିଦାର, ଇଂ. ଦୀନେଶ ସେଠ, ଇଂ.ନିଶିଥ ଆକାଶ, ସୁଶାନ୍ତ ତନସନା, ସୌଭାଗିନୀ ସାହୁ, ସରୋଜିନୀ ମୁଣ୍ଡା, ଉର୍ମିଳା ବାରିକ, ପଦ୍ମିନୀ ଜୟପୁରିଆ, ଜୁଲି ସାହୁ, ସୁଜାତା ଗୁରୁ, ରଞ୍ଜୁବାଳା ବେହେରା, ସୁଶୀଳା ମେହେର, ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଷା ପାଇଁ କବରାପାଲିରେ ଇନ୍ଦ୍ର ପୂଜା

**ପୂଜା ପରେ ବର୍ଷା ନେଇ ଲୋକେ ଖୁସି**

ସମ୍ବଲପୁର,୧୦।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କବରାପାଲି ଗ୍ରାମରେ ଶନିବାର ରାତିରେ ଇନ୍ଦ୍ର ପୂଜା ଅନୁଷ୍ଠିତ ହୋଇଥିଲା। କବରାପାଲି ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ପୂଜକ ସନ୍ତୋଷ ମିଶ୍ର କଳସ ସ୍ଥାପନ କରି ଇନ୍ଦ୍ରଙ୍କୁ ଆହ୍ୱାନ କରି ପୂଜାର୍ଚ୍ଚନା କରିଥିଲେ। ଏହାସହ ଚାଷୀ ମାନଙ୍କ ଫସଲର ସୁରକ୍ଷା ପାଇଁ ବର୍ଷା କରାଇବାକୁପାଇଁ କାମନା କରିଥିଲେ। ବିଗତ ୧୫ ଦିନରୁ ଅଧିକ ସମୟ ହେବ ଆଦୌ ବର୍ଷା ହେଉ ନ ଥିବାରୁ ଧାନ ଫସଲରେ ମରୁଡି ହେବା ଆଶଙ୍କା ଦେଖାଦେଇଛି। ପାଣିପାଗ ବିଭାଗ ଲଘୁଚାପ ହେବା ନେଇ ଆକଳନ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆଦୌ ବର୍ଷା ହେଉ ନ ଥିବାରୁ ଚାଷୀଙ୍କ ମନରେ ଫସଲ ରକ୍ଷା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। କବରାପାଲିର ଅଧା ଜମି ବର୍ଷା ଉପରେ ନିର୍ଭର କରୁଥିବାରୁ ମାଳ ଜମି ଫାଟି ଆଁ କରିବା ଆରମ୍ଭ କରିଛି। ତେଣୁ ଦିନେ ଦିଦିନ ମଧ୍ୟରେ ବର୍ଷା ନ ହେଲେ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହାପରେ ଗାଁରେ ବିଚାର ଆଲୋଚନା କରାଯାଇ ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା କରି ସନ୍ତୁଷ୍ଟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶନିବାର ରାତିରେ ପୂଜାର୍ଚ୍ଚନା କରାଯିବା ସହ ଜୟ ଶ୍ରୀରାମ କୀର୍ତ୍ତନ ମଣ୍ଡଳୀ ପକ୍ଷରୁ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହାପରେ ଗ୍ରାମରେ ପ୍ରସାଦ ବଣ୍ଟନ କରାଯାଇ ବର୍ଷା ପାଇଁ କାମନା କରାଯାଇଥିଲା। ଇନ୍ଦ୍ରପୂଜା ଆୟୋଜନରେ ଶରତ ସାହୁ, ପ୍ରକାଶ ବଡାଇ, ମହିମା ପ୍ରସାଦ ବଡାଇ, ମନୋଜ ପ୍ରଧାନ, ସଞ୍ଜୟ ପ୍ରଧାନ, ଯୁବରାଜ ବାରିକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ତେବେ ଇନ୍ଦ୍ର ପୂଜା ପରେ ରବିବାର ଅପରାହ୍ନରେ କବରାପାଲି ଅଞ୍ଚଳରେ ପରେ ବର୍ଷା ହୋଇଥିବାରୁ ଗ୍ରାମବାସୀ ଆଶ୍ୱସ୍ତ ଅନୁଭବ କରିବା ସହ ଫସଲର ସୁରକ୍ଷା ନେଇ ଆଶା ପ୍ରକଟ କରିଛନ୍ତି। ତେବେ ଆଧୁନିକ ଯୁଗରେ ଇନ୍ଦ୍ରପୂଜା ଯୋଗୁ ବର୍ଷା ହେବା କଥାକୁ ଅନ୍ଧବିଶ୍ୱାସ ବୋଲି କୁହାଗଲେ ମଧ୍ୟ ବିଶ୍ୱାସ ଫଳବତୀ ହୋଇଥିବାରୁ ଲୋକେ ଇନ୍ଦ୍ରପୂଜା ସଫଳ ହୋଇଥିବା କହିଛନ୍ତି।

# ୧୦.୯୨ ଲକ୍ଷ ଲୋକଙ୍କୁ ଔଷଧ ସେବନ ଲକ୍ଷ୍ୟ

ସମ୍ବଲପୁର,୧୦।୮(ପ୍ରମୋଦ ବହିଦାର)



ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ଫାଇଲେରିଆ ଔଷଧ ସେବନ ଅଭିଯାନର ଶୁଭାରମ୍ଭ**

ସମ୍ବଲପୁର ଜିଲାକୁ ସମ୍ପୂର୍ଣ୍ଣ ଫାଇଲେରିଆମୁକ୍ତ କରିବା ସଙ୍କଳ୍ପ ନେଇ ସାମୂହିକ ଔଷଧ ସେବନ କରିବାକୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଆହ୍ୱାନ ଦେଇଛନ୍ତି। ରବିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ଲିଙ୍ଗାଟିକ ଫାଇଲେରିଆ ନିରାକରଣ ପାଇଁ ଜିଲାସ୍ତରୀୟ ସାମୂହିକ ଔଷଧ ସେବନ ଅଭିଯାନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଏକ କହିଥିଲେ ସମ୍ବଲପୁର ଜିଲାରେ ଏହି ରୋଗୀଙ୍କ ସଂଖ୍ୟା ନଗଣ୍ୟ। ତଥାପି ସମ୍ବଲପୁର ମହାନଗର ଅନ୍ତର୍ଗତ ଧନକଉଡ଼ା ବ୍ଲକ ଗେଙ୍ଗୁଟିପାଲି, ସର୍କମା ଓ ସ୍ଲାନପାଲି ଅଞ୍ଚଳରେ ସର୍ବାଧିକ ୪୫ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ତେଣୁ ଏଅଞ୍ଚଳକୁ ସମ୍ପୂର୍ଣ୍ଣ ମଶାମୁକ୍ତ କରି ଏଠାରେ ଉକ୍ତ ସଂକ୍ରମଣର କାରଣ ଅନୁଧ୍ୟାନ କରାଯାଉଛି ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସାମୂହିକ ଔଷଧ ସେବନ ଅଭିଯାନରେ ସଫଳତା ହାସଲ ପାଇଁ ଅଭିନବ ଉପାୟ ଅବଲମ୍ବନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ଯେକୌଣସି ସ୍ଥାନରେ ଥିବା ପିଡିଏସ୍ କାଉଣ୍ଟର, ପିଏସିଏସ୍, ଏଲ୍ଏଏମ୍‌ପିଏସ୍ ଆଦିକୁ ରାଶନ ନେବାକୁ ଅଥବା ନାମ ପଞ୍ଜିକରଣ ପାଇଁ ଆସୁଥିବା ଲୋକ ଓ ଚାଷୀଙ୍କୁ ସାମୂହିକ ଔଷଧ ସେବନ କରାଯିବା ବ୍ୟବସ୍ଥା କରିବାକୁ ଏହି କାର୍ଯ୍ୟକ୍ରମରେ ନିୟୋଜିତ ସ୍ୱାସ୍ଥ୍ୟସେବୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଜିଲାପାଳ ବୋନ୍ଦର ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଡା. ପ୍ରଦୀପ କୁମାର ହୋତା କହିଥିଲେ ଆସନ୍ତା ଅଗଷ୍ଟ ୧୯ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବାକୁ ଥିବା ବେଳେ ଜିଲାରେ ପ୍ରାୟ ୧୦ ଲକ୍ଷ ୯୨ ହଜାର ଲୋକଙ୍କୁ ସାମୂହିକ ଔଷଧ ସେବନ ଅଭିଯାନରେ ଔଷଧ ଦେବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଡ୍ରଗ ଆଡ଼ମିନିଷ୍ଟ୍ରେଟର, ସୁପରଭାଇଜର, ତୁରନ୍ତ ପ୍ରତିକ୍ରିୟା ଦଳ(ରାପିଡ଼ ରେସ୍ପନ୍ସ ଟିମ୍) ନିୟୋଜିତ କରାଯିବା ସହିତ କଣ୍ଟ୍ରୋଲ ରୁମ ଓ ଏମଡିଏ କର୍ଣ୍ଣର ସ୍ଥାପନ କରାଯାଇଛି ବୋଲି ସୂଚନା ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ନାଉରି ନାଏକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ ପୁରୋହିତ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷେତ୍ରି, ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଡା. ପ୍ରଦୀପ କୁମାର ହୋତା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଏମ୍‌ୟୁ ପରିସରରେ ଅତିଥିବୃନ୍ଦ ସବୁଜ ପତାକା ଦେଖାଇ ୪ଟି ସାମୂହିକ ଫାଇଲେରିଆ ଔଷଧ ସେବନ ବାର୍ତ୍ତାବାହକ ରଥର ଶୁଭାରମ୍ଭ କରିଥିଲେ। ଏଥିପୂର୍ବରୁ ମଞ୍ଚରେ ମୁଖ୍ୟ ଅତିଥି ମନ୍ତ୍ରୀ ନାଏକ, ଜିଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ ଫାଇଲେରିଆ ଔଷଧ ସେବନ କରିଥିଲେ।

# ମହାନଦୀକୁ ଡେଇଁଥିବା ମହିଳା ଉଦ୍ଧାର

ସମ୍ବଲପୁର,୧୦।୮(ପ୍ରମୋଦ ବହିଦାର)

**ଆତ୍ମହତ୍ୟା ହଟ୍‌ସ୍ପଟ୍ ଚାଉଁରପୁର ସେତୁରୁ ଡେଇଁଥିଲେ**

ଆତ୍ମହତ୍ୟା ପ୍ରବଣ ଜୋନ ବା ହଟ୍‌ସ୍ପଟ୍‌ଭାବେ ପରିଚିତ ଚାଉଁରପୁର ସେତୁରୁ ରବିବାର ଅପରାହ୍ନରେ ପୁଣି ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରଥିଲେ। ତେବେ ସମ୍ବଲପୁର ଅଗ୍ନିଶମ ବାହିନୀ ଓ ପୋଲିସର ସମୟ ଉପଯୋଗୀ ପଦକ୍ଷେପ ଯୋଗୁ ତାଙ୍କୁ ଜୀବିତ ଉଦ୍ଧାର କରାଯାଇ ପାରିଛି। ଉଦ୍ଧାର ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ମହିଳା ବରେଇପାଲି ଥାନା ଅର୍ନ୍ତଗତ ରେମେଡ୍‌ର ମୂଳବାସିନ୍ଦା ତଥା ବିବାହ ପରେ ଧନୁପାଲି ଥାନା ସୁନାପାଲିରେ ପରିବାର ସହ ରହୁଥିବା ବିଜ୍‌ଲି ଓରଫ୍ ପୁଷ୍ପାଞ୍ଜଳି ବାଗ(୨୮)। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି।

ମିଳିଥିବା ସୂଚନା ଅନୁସାରେ ରବିବାର ଅପରାହ୍ନରେ ସୁନାପାଲିର ପୁଷ୍ପାଞ୍ଜଳି ଚାଉଁରପୁର ସେତୁକୁ ଆସି କେହି କିଛି ବୁଝିବା ପୂର୍ବରୁ ହଠାତ ମହାନଦୀକୁ ଡେଇଁ ପଡ଼ିଥିଲେ। ପଥଚାରୀଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ଅଗ୍ନିଶମ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀମାନେ ନଦୀରେ ପ୍ରବେଶ କରି ସ୍ରୋତରେ ଭାସିଯାଉଥିବା ମହିଳାଙ୍କୁ କିଛି ଦୂରରେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲା। ଉଦ୍ଧାର ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ତେବେ ସେ କେଉଁ କାରଣରୁ ଆତ୍ମହତ୍ୟ କରୁଥିଲେ ତାହା ଜଣା ପଡ଼ି ନାହିଁ। ମାତ୍ର ତାଙ୍କର କେତେକ ପଡ଼ୋଶୀଙ୍କ କହିହା ଅନୁସାରେ ସେ ସୁନାପାଲିର ଜଣେ ଭିନ୍ନ ସମ୍ପ୍ରଦାୟର ଯୁବକଙ୍କ ବିବାହ କରିଛନ୍ତି। ତାଙ୍କର ଦୁଇଟି ପୁତ୍ର ସନ୍ତାନ ରହିଛନ୍ତି। ସେ ଶନିବାର ରକ୍ଷାବନ୍ଧନ ପାଇଁ ନିଜ ବାପ ଘର ରେମେଡ୍‌କୁ ଯାଇଥିଲେ। ସେଠାରୁ ଫେରିବା ପରେ ଏଭଳି କାଣ୍ଡ ଭିଆଇଛନ୍ତି। ହେଲେ ଏଥିପୂର୍ବରୁ ଚାଉଁରପୁର ସେତୁ ଉପରେ ସେ ଭିଡିଓ କଲ୍ କରି ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଯାଉଛନ୍ତି ବୋଲି ପରିବାର ବର୍ଗଙ୍କୁ ସୂଚିତ କରିଥିବା ତାଙ୍କ ପଡ଼ୋଶୀମାନେ କହିଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସୁବ୍ରତ କୁମାର ମେହେର କହିଛନ୍ତି ତାଙ୍କ ଘରେ ପରିବାରିକ କଳହ ଲାଗି ରହିଥିଲା। ଏଥିରେ ସେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି କହିଛନ୍ତି।

# ସମ୍ପର୍କରେ ପବିତ୍ରତା ଆଣେ ରକ୍ଷାବନ୍ଧନ



ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦିଙ୍କ ସହ ଉପସ୍ଥିତ କର୍ମକର୍ତ୍ତା।

ସମ୍ବଲପୁର,୧୦।୮(ଭବାନୀ ଶଙ୍କର ଭୋଇ)

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁମ୍ଭାରପଡାସ୍ଥିତ ଶିବଦର୍ଶନ ଭବନରେ ରବିବାର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମ୍ବଲପୁରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମା କୁମାରୀ ପାର୍ବତୀ ଦିଦିଙ୍କ ଦ୍ୱାରା ଏହି ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମାକୁମାରୀ ସବିତା ଭଉଣୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସଂକ୍ଷିପ୍ତ ପରିଚୟ ପ୍ରଦାନ କଲା ପରେ ରାଜଯୋଗିନୀ ପାର୍ବତୀ ଦିଦି ପବିତ୍ର ରକ୍ଷା ବନ୍ଧନର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସେ କହିଥିଲେ ରାଖୀ ହେଉଛି ସୁଖଦାୟୀ ସ୍ନେହ ବନ୍ଧନ। ରାଖୀ ବାନ୍ଧିଲା ବେଳେ ବିକାରଗୁଡ଼ିକୁ ବିସଜନ କରିବାର ସଂକଳ୍ପ ନେବା। ବିକାରଠାରୁ ମୁକ୍ତି ପାଇବା ପାଇଁ ଜ୍ଞାନ ଓ ରାଜଯୋଗ ଆବଶ୍ୟକ। ରାମାୟଣ ମହଭାରତରୁ ଉଦାହରଣ ଦେଇ ରକ୍ଷା ବନ୍ଧନର ମାର୍ମିକ ତତ୍ତ୍ୱ ବୁଝାଇ ଥିଲେ। ରାଜ ଯୋଗିନୀ ପାର୍ବତୀ ଦିଦି ସମସ୍ତଙ୍କୁ ରାଖୀ ବାନ୍ଧିଥିଲେ। ଏହାସହ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀମାନେ ରବିବାର ସମ୍ବଲପୁର ଗସ୍ତରେ ଆସିଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଏବଂ ଆଇଜି ହିମାଂଶୁ ଲାଲଙ୍କୁ ରାଖୀ ବାନ୍ଧିଥିଲେ।

# ନିୟମିତ ଅଭ୍ୟାସ କଲେ ସଫଳତା ମିଳିଥାଏ



ଫୁଟବଲ ଖେଳାଳି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି, ଖେଳାଳି ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୧୦।୮(ବି.ଶଙ୍କର)

**ଜିଲା କ୍ରୀଡା ସଂଘ ପକ୍ଷରୁ ଫୁଟବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା**

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜନରେ ଫୁଟବଲ ଖେଳାଳି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଫୁଟବଲ ସଂଘ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନା ଏବଂ କାଉନସିଲ ସଭ୍ୟ ସୁବୋଧ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ଭାଜପାର ବରିଷ୍ଠ ନେତା ସୁଶାନ୍ତ କୁମାର ପୁରୋହିତ ମୁଖ୍ୟ ଅତିଥି, ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ୬୪ତମ ସିନିୟର ମେନ ଆନ୍ତଃ ଜିଲା ସାହଣୀ କପ ଫୁଟବଲ ଟୁର୍ନାମେଣ୍ଟ-୨୦୨୫ରେ ରନର ଅପ ହୋଇଥିବା ସମ୍ବଲପୁର ଦଳର ୨୨ଜଣ ଖେଳାଳି, କୋଚ, ମ୍ୟାନେଜରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ନିୟମିତ ଅଭ୍ୟାସ କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ହୋଇଥାଏ ଏବଂ ସଫଳତା ହାସଲ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଉତ୍ସବରେ ଅଧିନାୟକ ଦୀପକ ଓରାମ, ପ୍ରଶିକ୍ଷକ ବିଶ୍ୱଜିତ ବନଛୋର, କୃଷ୍ଣଚନ୍ଦ୍ର ଶତପଥୀ, ରାଜ ଚାନ୍ଦ, ଜିଲା କ୍ରୀଡା ସଂଘ ଉପସଭାପତି ସାବିର ଅହମ୍ମଦ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଖେଳ ସମ୍ପାଦକ ରାଜେଶ ସେଠ, କାଉନସିଲ ସଭ୍ୟ ମହାମ୍ମଦ ଇସାକ, ଗୋପାଳ ନନ୍ଦ ପ୍ରମୁଖ ବକ୍ତବ୍ୟ ରଖି ଥିଲେ।

# ଗଙ୍ଗାଧରଙ୍କ କାବ୍ୟ ରଚନା ଅନନ୍ୟ

**ଜିଏମ୍‌ୟୁରେ ଗଙ୍ଗାଧର ଜୟନ୍ତୀ ପାଳିତ**

ସମ୍ବଲପୁର, ୧୦।୮(ପ୍ରମୋଦ ବହିଦାର)

ସ୍ୱଭାବ କବି ଗଙ୍ଗାଧରଙ୍କ କାବ୍ୟ ରଚନା ଅନନ୍ୟ। ତାଙ୍କ ରଚିତ କାବ୍ୟକୃତୀ ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବା ସହ ବିଶ୍ୱବିଦିତ। ପଶ୍ଚିମ ଓଡ଼ିଶାର ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ଆୟୋଜିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଏହା କହିଛନ୍ତି ଡ. କେଶବ କୃଷ୍ଣ ଷଡ଼ଙ୍ଗୀ। ଜିଏମ୍‌ୟୁ ଏଲ୍‌ଜି-୧ ସଭାକକ୍ଷରେ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସମ୍ମାନିତ ଅତିଥିଭାବେ ପ୍ରଫେସର ଡ. ପାର୍ଥସାରଥୀ ଅଜୟ କୁମାର ବାରିକ ଯୋଗଦେଇ ପ୍ରକୃତିକୁ ନେଇ ସ୍ୱଭାବ କବିଙ୍କ କାବ୍ୟକୃତିର ଚିତ୍ରଣ ସହିତ କାବ୍ୟ ଚରନାରେ ତାଙ୍କର ଉଚ୍ଚକୋଟୀର ଶବ୍ଦ ସଂଯୋଜନା ଉପରେ ଆଲୋକପାତ କରିଥିଲେ। ଜୟନ୍ତୀ ସମାରୋହରେ ଜିଏମ୍‌ୟୁ କୁଳସଚିବ ସନତ କୁମାର ନାଏକ, ଶିକ୍ଷା ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ଉପ କୁଳସଚିବ ଡ. ଉମାଚରଣ ପତି, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ, ଛାତ୍ରକଲ୍ୟାଣ ଅଧିକାରୀ ପ୍ରଫେସର ପାର୍ଥସାରଥୀ ମଲ୍ଲିକ ପ୍ରମୁଖଙ୍କ ସହିତ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ, ଗବେଷିକା, ଗବେଷକ ଓ ଛାତ୍ରୀଛାତ୍ର ତଥା ସହରର ବହୁ ବିଶିଷ୍ଟ ବ୍ୟକ୍ତ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ଗବେଷିକା ଅନନ୍ୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅଧ୍ୟାପକ ଡ. ନବୀନ ଜାଲଙ୍କ ରଚିତ ପୁସ୍ତକ 'ସାହିତ୍ୟ ସ୍ୱରୂପ' ଉନ୍ମୋଚିତ ହୋଇଥିଲା।

# ମଣ୍ଡଳ ପ୍ରବନ୍ଧକଙ୍କ ଯାତ୍ରୀ ସୁବିଧା, ବିକାଶ କାର୍ଯ୍ୟ ନିରୀକ୍ଷଣ

ସମ୍ବଲପୁର,୧୦।୮(ପ୍ରମୋଦ ବହିଦାର)

ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ସମ୍ବଲପୁର ରେଳ ଷ୍ଟେଶନରେ ଯାତ୍ରୀ ସୁବିଧା ଆଦିର ନିରୀକ୍ଷଣ କରିଛନ୍ତି। ଏହି ଅବସରରେ ସେ ଏଠାରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ସମୀକ୍ଷ କରିଛନ୍ତି। ସେ ଅନ୍ୟ ଅଧିକାରୀଙ୍କ ସହିତ ଉକ୍ତ କାର୍ଯ୍ୟଗୁଡ଼ିକୁ ବୁଲି ଦେଖିବା ସହ ରେଳ ଷ୍ଟେଶନ ପୁନଃବିକାଶ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯାତ୍ରୀ ପ୍ରତୀକ୍ଷାଳୟ, କନକୋର୍ସ ସ୍ଥାନ ଏବଂ ସର୍କୁଲେଟିଂ ଅଞ୍ଚଳ, ନିର୍ମାଣ କାର୍ଯ୍ୟର ମାନ ତଥା ଷ୍ଟେଶନ ପରିସରସ୍ଥ ସୁରକ୍ଷା ଓ ପରିଚ୍ଛନ୍ନତା, ପ୍ଲାଟଫର୍ମ, ଟ୍ରାକ ଏବଂ ଆଲୋକୀକରଣ ବ୍ୟବସ୍ଥାର ସ୍ଥିତି ଯାଞ୍ଚ କରିଥିଲେ। ଏହି ଅବସରରେ ସେ ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ମନୋରମ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଯାତ୍ରୀମାନଙ୍କୁ ଠିକ୍ ସମୟରେ ଠିକ ସୂଚନାର ପ୍ରସାରଣକୁ ନିଶ୍ଚିତ କରିବା ପାଇଁ କୋଚ୍ ଇଣ୍ଡିକେଶନ୍ ବୋର୍ଡ, ଟ୍ରେନ୍ ଇଣ୍ଡିକେଶନ୍ ବୋର୍ଡ ଏବଂ ଅନ୍ୟାନ୍ୟ ସାଇନେଜ୍‌ର କାର୍ଯ୍ୟଦକ୍ଷତା ମଧ୍ୟ ଯାଞ୍ଚ କରିଥିଲେ।

# ମାସିକ ସମ୍ବଲପୁରୀ କବିତା ଆସର

ସମ୍ବଲପୁର,୧୦।୮(ଭବାନୀ ଶଙ୍କର ଭୋଇ)

ସତ୍ୟନାରାୟଣ ସାହିତ ସଂସଦ ପକ୍ଷରୁ ରବିବାର ଗଙ୍ଗାଧର ଜୟନ୍ତୀ ପାଳନ ସହିତ ମାସିକ ସମ୍ବଲପୁରୀ କବିତା ଆସର ଜିଲା ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହେଇଯାଇଛି। ଗଙ୍ଗାଧରଙ୍କ ସାହିତ୍ୟ କୃତି ଉପରେ ଆଲୋଚନା ହେଇଥିଲା। ଗଙ୍ଗାଧର ମେହେରଙ୍କ ରଚନା କାଳଜୟୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପରେ ଉମାକାନ୍ତ ପୋଦ୍ଦଙ୍କ ସଂଯୋଜନାରେ ହେଇଥିବା ସମ୍ବଲପୁରୀ କବିତା ଆସରରେ ଗୋପୀନାଥ ଷଡ଼ଙ୍ଗୀ, ଗଦାଧର ନିଆଲ, ଡ. ଗୋବିନ୍ଦ ମହାରଣା, ଭବାନୀ ଶଙ୍କର ମେହେର, ପୁତୁଲ ସୁପ୍ରିୟା ଦାସ, ସବିତା ଷଡ଼ଙ୍ଗୀ, ସିଦ୍ଧି ସ୍ୱରୂପା ପାଢ଼ୀ, କଳ୍ପନା ମହାପାତ୍ର, ଆଭାସ ପଣ୍ଡା, ପ୍ରଭଞ୍ଜନ ପୁରୋହିତ, ନିତାଇ ଚରଣ ସରାଫ, ରମଣିକାନ୍ତ ସାହୁ, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ରଂଜନ କୁମାର ନନ୍ଦ, ଅନୁପମା ବିଶ୍ୱାଳ, ପ୍ରଦୀପ କୁମାର୍ ଯୋଶୀ, ଲଳିତ ବେବର୍ତ୍ତା, କାହ୍ନୁ କେଶବ ବହିଦାର, ଜୟକୃଷ୍ଣ ବେହେରା ନିଜର ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ। ଏହି ଅବସରରେ ସିଦ୍ଧେଶ୍ୱରୀ ଧର୍ମ ସଂସଦ ସଭାପତି ଗୋପୀନାଥ ଷଡ଼ଙ୍ଗୀ, ସତ୍ୟନାରାୟଣ ସାହିତ୍ୟ ସଂସଦ ସଭାପତି ବିଭୂତି ଭୂଷଣ ମିଶ୍ର, ସମ୍ପାଦକ ଆଭାସ ପଣ୍ଡା ମଞ୍ଚାସୀନ ଥିଲେ। ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ପ୍ରଭଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ମନକୁ ଆୟତ୍ତ କରି ସ୍ଥିତପ୍ରଜ୍ଞ ହୁଅ

**ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ ଯୁବ ପ୍ରଶିକ୍ଷଣ ଶିବିର**

ସମ୍ବଲପୁର,୧୦।୮(ବି.ଶଙ୍କର)



ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମୂହିକ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଦିଆଯାଇଥିଲା। ନୈତିକ ଆଧାରରେ ଉପନିଷଦ ଓ ଏଥିରେ ଥିବା ବିଭିନ୍ନ ନୈତିକ ଶିକ୍ଷା ଉପରେ ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ ପ୍ରଶିକ୍ଷଣ ଦେଇଥିଲେ। ଉପନିଷଦରୁ ଆଦି ଶଙ୍କରାଚାର୍ଯ୍ୟ ଓ ନଚିକେତାଙ୍କ ଉଦାହରଣ ଦେଇଥିଲେ । ଛାତ୍ରୀଛାତ୍ରମାନେ ନିଜର ମନକୁ ଆୟତ୍ତ କରି ଜିଜ୍ଞାସୁ ଓ ସ୍ଥିତପ୍ରଜ୍ଞ ହେବାକୁ ଆହ୍ୱାନ ନେଇଥିଲେ। ମୁଖ୍ୟତଃ ନଚିକେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଇଞ୍ଜିନିୟର ମାଝି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଜୀବନୀ ପ୍ରସଙ୍ଗରେ ବୁଢ଼ାରଜା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ଆଲୋଚନା କରିଥିଲେ। ନିଉଟନଙ୍କ ତୃତୀୟ ନିୟମକୁ ନେଇ ବୁଝାଇଥିଲେ। ପ୍ରତିକୂଳ ପରିସ୍ଥିତିରେ ସେ କିପରି ଦୁନିଆକୁ ଦେଇଥିବା ବିଭିନ୍ନ ଉପଯୋଗୀ ଉଦ୍ଭାବନ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ପ୍ରାରମ୍ଭରେ ଡାକ୍ତର ଜୟଦେବ ମେହେର ଓ ତାଙ୍କ ସାଥୀ ସିନ୍ଧୁସୁତା ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜୟ ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଆଜିର ଆଲୋଚନାରେ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ଅଭିଜ୍ଞାନ, ଆଶୁତୋଷ, ଗୌରବ, ବିଦୁଷୀ, ଜିତେନ୍ଦ୍ର, ରୀନା ଓ ରୁଦ୍ରାଅଂଶୁ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଶଙ୍କର ପତି, ପ୍ରଫେସର ସେବକ ତ୍ରିପାଠୀ, ସମ୍ପାଦକ ରଘୁନାଥ ମିଶ୍ର, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ଓ ଶିକ୍ଷାବିତ୍ ଉଦିତ ଚନ୍ଦ୍ର ପାଟଯୋଶୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ୧୮ଟି ଉଚ୍ଚବିଦ୍ୟାଳୟରୁ ୪୨ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଉଦ୍‌ବେଗ ପ୍ରକାଶ କଲା ଓଡ଼ିଶା ସାଂସ୍କୃତିକ ସମାଜ

ସମ୍ବଲପୁର,୧୦।୮(ବି.ଶଙ୍କର)

**ଓଡ଼ିଶା ହସ୍ତତନ୍ତ ମାନଚିତ୍ରରୁ ସମ୍ବଲପୁରୀ ନିରୁଦ୍ଦିଷ୍ଟ ଘଟଣା**

**ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କଲା ପ୍ରତିବାଦ**

ଭୁବନେଶ୍ୱରରେ ଚାଲିଥିବା ହସ୍ତତନ୍ତ ମେଳାରେ ପ୍ରଦର୍ଶିତ ଓଡ଼ିଶାର ହସ୍ତତନ୍ତ ମାନଚିତ୍ରରୁ ସମ୍ବଲପୁରୀ ନିରୁଦ୍ଦିଷ୍ଟ ହୋଇଛି। ଏଥିସହ ଅବାନ୍ତର ଭାବରେ କାଳ୍ପନିକ ନାମରେ ଉପଯୋଗ କରାଯିବା ଘଟଣାକୁ ନେଇ ଓଡ଼ିଶା ସାଂସ୍କୃତିକ ସମାଜ ଆପତ୍ତି କରିଛି । ଏନେଇ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟକୁ ସାଂସ୍କୃତିକ ସମାଜ ଏକ ପ୍ରତିବାଦ ପତ୍ର ପ୍ରେରଣ କରି ତୁରନ୍ତ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହ ଚେତାବନୀ ଦେଇଛି । ଅନୁଷ୍ଠାନ ସଭାପତି ଡ.ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡାଙ୍କ ସ୍ୱାକ୍ଷରରେ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେରଣ କରିଥିବା ପତ୍ରରେ ଉଲ୍ଲେଖ ରହିଛି, ଭୁବନେଶ୍ୱରରେ ଚାଲୁଥିବା ହସ୍ତତନ୍ତ ମେଳାରେ ଓଡ଼ିଶାର ହସ୍ତତନ୍ତ ବିବିଧତାକୁ ଅଞ୍ଚଳ ଅନୁଯାୟୀ ପ୍ରଦର୍ଶନ ନିମିତ୍ତ ପ୍ରସ୍ତୁତ ମାନଚିତ୍ର ସମ୍ପୂର୍ଣ୍ଣ ଭ୍ରମାତ୍ମକ। ପଶ୍ଚିମ ଓଡ଼ିଶା ଓ ସାରା ଓଡ଼ିଶା ପାଇଁ ଅପମାନଜନକ। ଏଥିରେ ସମ୍ବଲପୁରୀ ହସ୍ତତନ୍ତର ନାମଗନ୍ଧ ନାହିଁ। ସମ୍ବଲପୁରୀ ହସ୍ତତନ୍ତର ନାମ ନ ଥାଇ ଏଭଳି ମାନଚିତ୍ର ପ୍ରସ୍ତୁତି ଓ ପ୍ରଦର୍ଶନ ପଛରେ ଯେଉଁ ଅଧିକାରୀ ଅଛନ୍ତି ତୁରନ୍ତ ତାଙ୍କୁ ଚିହ୍ନଟ କରି ଚାକିରିରୁ ବହିଷ୍କାର କରାଯିବା ଆବଶ୍ୟକତା ରହିଛି। ବୟନ ଶିଳ୍ପ ସମ୍ପର୍କିତ ବିଭାଗ ଅଧିକାରୀ ଯଦି ସମ୍ବଲପୁରୀ ହସ୍ତତନ୍ତ ବାବଦରେ ଜାଣିନାହାନ୍ତି ତେବେ ଏହା ତାଙ୍କର ପରମ ଅଯୋଗ୍ୟତା ବୋଲି ଧରାଯିବ। ଆଉ ଯଦି ଜାଣିଶୁଣି ଏପରି କାର୍ଯ୍ୟ କରିଛନ୍ତି ସାଂଘାତିକ। ପଶ୍ଚିମ ଓଡ଼ିଶା ବ୍ୟାପି ସମ୍ବଲପୁରୀ ଶାଢ଼ୀ ବୁଣାଯାଏ । ଶାଢ଼ୀର ଡିଜାଇନ ଅନୁଯାୟୀ ଚିହ୍ନଟ ସକାଶେ ନାମକରଣର ପ୍ରକ୍ରିୟା ରହିଛି। ମାତ୍ର ସେ ସବୁ ସମ୍ବଲପୁରୀ ଶାଢ଼ୀ ଭାବେ ଶତାଧିକ ବର୍ଷ ଧରି ପରିଚୟ ଓ ଆଦୃତି ଲାଭ କରି ଆସିଛି। ତେଣୁ ସମଗ୍ର ପଶ୍ଚିମ ଓଡିଶାର ହସ୍ତତନ୍ତ ମାନଚିତ୍ରରେ ସମ୍ବଲପୁରୀ ଶାଢୀ ପ୍ରଦର୍ଶିତ ହେବା ଉଚିତ। କେବଳ କଳାହାଣ୍ଡିରେ ସମ୍ବଲପୁରୀ ଶାଢ଼ୀ ସାଙ୍ଗକୁ ହବସପୁରୀ ଶାଢ଼ୀ ବୁଣାଯାଏ । ପଶାପାଲି ନାମରେ କୌଣସି ଶାଢ଼ୀ ନାହିଁ। ଯାହାକୁ ପଶାପାଲି ଭାବେ ଅଜ୍ଞାନୀମାନେ ଅଜାଣତରେ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ ପରିଚିତ କରାଉଛନ୍ତି, ତାହା ପ୍ରକୃତରେ ସପ୍ତାପର ଶାଢ଼ୀ। ଡବଲ ଇକଟର ଏହି ଶାଢ଼ୀ ଉଦ୍ଭାବନ କରିଥିବା ସ୍ୱର୍ଗତ ରାଧାଶ୍ୟାମ ମେହେର ସପ୍ତା ଆକୃତିରୁ ସପ୍ତାପର ଭାବରେ ଏହି ଶାଢ଼ୀର ନାମକରଣ କରିଛନ୍ତି । ତଥାପି ଭୁବନେଶ୍ୱରର କେତେଜଣ ନ୍ୟସ୍ତସ୍ୱାର୍ଥ ସବ୍‌ଜାନତା ବ୍ୟକ୍ତି ବିନା ଅଧିକାରରେ ଏପରି ନାମ ପରିବର୍ତ୍ତନର ଅପଚେଷ୍ଟା କରିଚାଲିଛନ୍ତି । ଏହା ବିରୁଦ୍ଧରେ ଚରମ ନିଷ୍ପତ୍ତି ନେବାକୁ ସଦା ପ୍ରସ୍ତୁତ ଅଛନ୍ତି। ଏହି ପ୍ରକାର ଅପମାନଜନକ ଚରମ ତ୍ରୁଟିପୂର୍ଣ୍ଣ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ସହୃଦୟତାର ସହିତ ଗୁରୁତ୍ୱ ଦେବେ। ସେହିପରି ହସ୍ତତନ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ ଉକ୍ତ ବିଭାଗ ଅଧିନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ଚେତାବନୀ ଦେବାକୁ ପରାମର୍ଶ ଦେବେ ବୋଲି ସାଂସ୍କୃତିକ ସମାଜ ଆଶା ପୋଷଣ କରିଛି।

ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ କିଛି ସମୟ ପଛକୁ ହଟିଯାଅ । ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। –ଶ୍ରୀମା



# ହାତୀ ସହ ମଣିଷ

ନିୟମିତ ବ୍ୟବଧାନରେ ହାତୀ ମୃତ୍ୟୁ ଖବର ପ୍ରକାଶ ପାଇଆସୁଛି। ସ୍ୱାଭାବିକ ମୃତ୍ୟୁ ତୁଳନାରେ ବିଦ୍ୟୁତ୍ ଆଘାତ ଓ ଟ୍ରେନ୍ ଧକ୍କାରେ ଅଧିକ ହାତୀଙ୍କ ଜୀବନ ଯାଉଛି। ଏହାବ୍ୟତୀତ ଶିକାରୀମାନେ ଦାନ୍ତ ଲୋଭରେ ଏବଂ ହାତୀ ଖାଦ୍ୟ ଖୋଜି ଗ୍ରାମ ଭିତରକୁ ପ୍ରବେଶ କରିବା ଓ ଫସଲହାନି କରୁଥିବାରୁ ମୁଖ୍ୟତଃ ଗ୍ରାମବାସୀଙ୍କ ରୋଷର ଶିକାର ହୋଇ ଏହା ମୃତ୍ୟୁମୁଖରେ ପଡୁଛି। ୨୦୦୯-୧୦ ରୁ ୨୦୨୪-୨୫ ମଧ୍ୟରେ ଅର୍ଥାତ୍ ୧୫ ବର୍ଷ ଭିତରେ ଭାରତରେ ଟ୍ରେନ୍ ଧକ୍କାରେ ୧୮୬ ହାତୀଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ୧୪ଟି ରାଜ୍ୟର ୧୨୭ ରେଳପଥର ୩,୪୫୨ କିଲୋମିଟର ପରିବ୍ୟାପ୍ତ ଟ୍ରାକ୍‌ରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ଜଣାପଡ଼ିଛି। ଭାରତର ୬୯ ହଜାର କିଲୋମିଟର ରେଳ ନେଟୱର୍କ ମଧ୍ୟରୁ ଅନେକ ଶହ କିଲୋମିଟର ଘଞ୍ଚ ଜଙ୍ଗଲ ପଥ ଦେଇ ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା କୁହାଯାଉଛି। ତେବେ ସେହିସବୁ ଅଞ୍ଚଳରେ ଲେଭଲ କ୍ରସିଂ, ର୍‍ୟାମ୍ପ୍, ବାରିକେଡିଂ ଓ ଟ୍ରେଞ୍ଚିଂ ଭିତ୍ତିଭୂମି ଗଠନ, ଅଣ୍ଡରପାସ ଏବଂ ଓଭରପାସ ନିର୍ମାଣ କରିବାକୁ ସର୍ଭେରେ ପ୍ରସ୍ତାବ ଦିଆଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ହାତୀ ମୃତ୍ୟୁ ରୋକିବାରେ କେତେ ସକ୍ଷମ ହୋଇପାରିବ ତାହା ଭବିଷ୍ୟତରେ ଜଣାପଡ଼ିବ। ଏକଥା ଚିନ୍ତା କଲାବେଳକୁ ହାତୀ ମୃତ୍ୟୁର ଅନ୍ୟ କାରଣଗୁଡ଼ିକ ଉପରେ ଗୁରୁତ୍ୱର ସହ ବିଚାର କରାଯିବା ଦରକାର। କାରଣ ଟ୍ରେନ୍ ଧକ୍କାରେ ଯେତିକି ହତୀଙ୍କର ମୃତ୍ୟୁ ହେଉଛି, ତାହାଠାରୁ କାହିଁ ଅଧିକ ପ୍ରାଣ ଯାଉଛି ବିଦ୍ୟୁତ୍ ଆଘାତ ଓ ଶିକାର ଯୋଗୁ। ଅନେକ ସମୟରେ ଜଙ୍ଗଲ ମଧ୍ୟରେ ଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଙ୍କ ଜୀବନ ଯାଉଛି କିମ୍ବା ଲୋକମାନେ ସେମାନଙ୍କ ଫସଲ ରକ୍ଷା କରିବାକୁ ଯାଇ ତାର ବିଛାଇ ମାରି ଦେଉଛନ୍ତି। ୨୦୨୪ ତଥ୍ୟ ଅନୁଯାୟୀ, ଭାରତରେ ବିଗତ ୫ ବର୍ଷରେ ୭୩ ହାତୀ ଟ୍ରେନ୍ ଧକ୍କାରେ ଏବଂ ୩୯୨ ବିଦ୍ୟୁତ୍ ଆଘାତ ଯୋଗୁ ମୃତ୍ୟୁମୁଖରେ ପଡ଼ିଥିଲେ। ଉଲ୍ଲେଖନୀୟ ଯେ, ଓଡ଼ିଶାରେ ବିଦ୍ୟୁତ ଆଘାତ ଯୋଗୁ ଏହି ସମୟରେ ୭୧ ହାତୀ ମରିଥିଲେ, ଯାହା ଦେଶରେ ଥିଲା ସର୍ବାଧିକ।

ନିକଟରେ ଓଡ଼ିଶା ସରକାରଙ୍କ ୨୦୨୫ ତଥ୍ୟ ମଧ୍ୟ ଦର୍ଶାଇଛି ଯେ, ଟ୍ରେନ ଦୁର୍ଘଟଣା ତୁଳନାରେ ବିଦ୍ୟୁତ୍ ଆଘାତ ଯୋଗୁ ଅଧିକ ହାତୀଙ୍କର ମୃତ୍ୟୁ ଘଟିଛି। ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ବିଭିନ୍ନ କାରଣରୁ ୪୮୦ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ସେଥିରେ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ୯୫ ଓ ଟ୍ରେନ ଦୁର୍ଘଟଣାରେ ୧୫ ହାତୀଙ୍କର ପ୍ରାଣ ଯାଇଛି। ୨୦୧୮ରେ ଢେଙ୍କାନାଳର କମଳାଙ୍ଗ ଗାଁ ନିକଟରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକାବେଳକେ ୭ଟି ହାତୀଙ୍କ ମୃତ୍ୟୁ ହେବା ଓଡ଼ିଶାରେ ହାତୀ ମୃତ୍ୟୁ ଇତିହାସର ଏକ ବଡ଼ ଘଟଣା ଥିଲା। ଏହାପରେ ଚିନ୍ତା କରାଯାଉଥିଲା ଏଭଳି ଘଟଣାର ପୁନରାବୃତ୍ତି ଘଟିବ ନାହିଁ। କିନ୍ତୁ ହାତୀ ସୁରକ୍ଷା ଦିଗରେ ସେଭଳି କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ହାତୀ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା ଓ ତାହାର କାର୍ଯ୍ୟକାରିତା ଭିତରେ ବହୁତ ପ୍ରଭେଦ ଥିବା ଭଳି ମନେହେଉଛି।

> ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

ପ୍ରତିକାର ସ୍ୱରୂପ ଜନବସତି ନିକଟରେ ଯେଉଁ ବିଦ୍ୟୁତ୍ ଲାଇନ ରହୁଛି ତାହାକୁ ଠିକ୍ ଭାବେ ଦେଖାଯାଉନାହିଁ କିମ୍ବା ଜନସାଧାରଣ ତାର ବିଛାଇ ହାତୀ ମାରିଦେବା ଘଟଣାରେ ବନ ବିଭାଗର ଦାୟିତ୍ୱହୀନତା ପ୍ରମାଣିତ ହେଉଛି। ଏକ ରିପୋର୍ଟରୁ ଜଣାପଡ଼ିଛି, ଭାରତବର୍ଷରେ ହାତୀ ଓ ମଣିଷ ମୃତ୍ୟୁରେ ଓଡ଼ିଶା ସବୁଠୁ ଆଗରେ ରହିଛି। ତେଣୁ ଅସ୍ୱାଭାବିକ ସ୍ଥିତିକୁ ପାର କରିବା ପାଇଁ କେବଳ ଟ୍ରେନ୍ ଭିତ୍ତିଭୂମି ବିକାଶ ବେଳେ ହାତୀ ସୁରକ୍ଷା ବିଷୟ ପର୍ଯ୍ୟାପ୍ତ ହେବ ନାହିଁ। ଏଥିସହିତ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦିଆଯିବା ଉଚିତ। ଜଙ୍ଗଲରେ କୃତ୍ରିମ ହ୍ରଦ ସୃଷ୍ଟି କରିବା ସହ ଖାଦ୍ୟ ପାଇଁ ବିଭିନ୍ନ ଫଳଜାତୀୟ ବୃକ୍ଷ ବଢ଼ାଇବାର ଆବଶ୍ୟକତା ପଡ଼ିଲାଣି। ବିକାଶ ପାଇଁ ଜଙ୍ଗଲ ଓ ଜନ୍ତୁଙ୍କୁ ଅଣଦେଖା କରାଗଲେ ମଣିଷ ତିଷ୍ଠିବା କଷ୍ଟକର ହେବ। ଶିକାରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ଅଧିକ ସଂଖ୍ୟକ ଫରେଷ୍ଟଗାର୍ଡ ସହିତ ଅତ୍ୟାଧୁନିକ କ୍ୟାମେରା ଭଳି ନୂତନ ପ୍ରଯୁକ୍ତି ବ୍ୟବହାର କରାଯିବା ଦରକାର। ଏଥିସହ ହାତୀ କରିଡର (ହାତୀ ଚଲାପଥ) ନିର୍ମାଣ ସକାଶେ ବହୁ ଦଶନ୍ଧି ଧରି ଆଲୋଚନା ହେବା ସତ୍ତ୍ୱେ ଓଡ଼ିଶା ଭଳି ରାଜ୍ୟରେ କୌଣସି କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ ହେଉନାହିଁ। ସେଥିପାଇଁ ବାସ୍ତବ କ୍ଷେତ୍ରରେ ସ୍ଥିତିରେ ପରିବର୍ତ୍ତନ ଦେଖାଯାଉନାହିଁ। ଦୁଇ ହାତରେ ତାଳି ବାଜିବା ଭଳି ମନେରଖିବାକୁ ହେବ ଯେ, ହାତୀ ସୁରକ୍ଷା ସେତିକିବେଳେ ଶହେ ପ୍ରତିଶତ ହୋଇପାରିବ ଯେତେବେଳେ ସେମାନଙ୍କ ଚଲାପଥ ନିକଟରେ ବସବାସ କରୁଥିବା ଜନବସତିର ମଣିଷ ଜୀବନ ସହିତ ସମ୍ପତ୍ତି ସୁରକ୍ଷିତ ରହିବାର ବ୍ୟବସ୍ଥା କରାଯାଇପାରିବ। ଏଥିରେ ଜନସାଧାରଣଙ୍କ ସହଯୋଗ ସର୍ବାଗ୍ରେ ରହିବାର ଆବଶ୍ୟକତା ପଡ଼ିଲାଣି। କାରଣ ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | 1 |
| | | | | | | | 9 | |
| 9 | | 8 | | 3 | | | | 6 |
| | 1 | 5 | | | | | 7 | |
| 3 | | | 9 | | | | | |
| | 4 | | | | | | 2 | |
| | | | 2 | | | | | |
| 6 | | | 1 | 8 | | | | |
| 7 | 8 | | | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 6 | 5 | 8 | 7 | 3 | 2 |
| 5 | 2 | 7 | 3 | 1 | 4 | 6 | 8 | 9 |
| 6 | 3 | 8 | 9 | 2 | 7 | 4 | 1 | 5 |
| 3 | 8 | 6 | 7 | 9 | 5 | 2 | 4 | 1 |
| 2 | 4 | 5 | 1 | 3 | 6 | 8 | 9 | 7 |
| 1 | 7 | 9 | 8 | 4 | 2 | 3 | 5 | 6 |
| 8 | 5 | 2 | 4 | 6 | 9 | 1 | 7 | 3 |
| 7 | 6 | 1 | 5 | 8 | 3 | 9 | 2 | 4 |
| 4 | 9 | 3 | 2 | 7 | 1 | 5 | 6 | 8 |

ଗତକାଲିର ଉତ୍ତର



# ବୀମାଶିଳ୍ପରେ ଏଫ୍‌ଡିଆଇ ଅନାବଶ୍ୟକ

ଡ. ସନ୍ତୋଷ କୁମାର ମହାପାତ୍ର

ବିଦେଶୀ ବୀମା କମ୍ପାନୀଙ୍କ ସ୍ୱାର୍ଥ ପାଇଁ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବା ଏଫ୍‌ଡିଆଇ ସୀମାକୁ ୭୪%ରୁ ଶତ ପ୍ରତିଶତକୁ ବୃଦ୍ଧି କରିବାକୁ ସରକାର ବଦ୍ଧପରିକର। ଏଥି ପାଇଁ ରିଜର୍ଭ ବ୍ୟାଙ୍କର ଅନୁମୋଦନ ଆବଶ୍ୟକ ପଡ଼ିବ ନାହିଁ, ବରଂ ସିଧାସଳଖ ଆସିପାରିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ବୀମା ଆଇନ ଓ ନିୟମରେ ସଂଶୋଧନ କରିବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ସଂସଦୀୟ କମିଟି ସରକାରଙ୍କୁ ସତର୍କ କରିଦେଇଛି ଯେ ବିଦେଶୀ କମ୍ପାନୀ ଲାଭ ନିଜ ଦେଶକୁ ନେଇଯିବାର କୁପ୍ରଭାବ ଭାରତ ଉପରେ ପଡ଼ିପାରେ। ଅବଶ୍ୟ ବିଦେଶୀ କମ୍ପାନୀଗୁଡ଼ିକର ଆମର ଘରୋଇ ସଞ୍ଚୟ ଉପରେ ଅଧିକ ନିୟନ୍ତ୍ରଣ ରହିବ ଯାହା ଅର୍ଥନୀତି ପାଇଁ କ୍ଷତିକାରକ। ନିବେଶ ଏବଂ ଅଭିବୃଦ୍ଧିରେ ଘରୋଇ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଆଶଙ୍କା କରାଯାଉଛି ଯେ ଏପରି ନିଷ୍ପତ୍ତି ଜାତୀୟକରଣର ପୂର୍ବ ଯୁଗକୁ ନେଇଯିବ ଯେତେବେଳେ ବୀମାଧାରୀଙ୍କ ଟଙ୍କା ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଅପବ୍ୟବହାର କରାଯାଇଥିଲା।

ଏଫ୍‌ଡିଆଇ ସୀମା ବୃଦ୍ଧି ସପକ୍ଷରେ ଏକ ଯୁକ୍ତି ହେଉଛି ବିଦେଶୀ କମ୍ପାନୀ ଅଧିକ ପୁଞ୍ଜି ଆଣିବେ, ସ୍ୱାଧୀନ ଭାବେ କାର୍ଯ୍ୟ କରିବେ। କିନ୍ତୁ ବିଦେଶୀ କମ୍ପାନୀଗୁଡ଼ିକ ବର୍ତ୍ତମାନର ୭୪% ଏଫ୍‌ଡିଆଇ ସୀମାର କେବଳ ୩୨.୬୭% ବ୍ୟବହାର କରିଛନ୍ତି। ବହୁ କମ୍ ବିଦେଶୀ କମ୍ପାନୀ ୭୪% ଏଫ୍‌ଡିଆଇ ସୀମା ଛୁଇଁଛନ୍ତି। ୨୦୦୦ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ରରେ ୮୨,୮୪୭ କୋଟି ଟଙ୍କାର ଏଫ୍‌ଡିଆଇ ଆସିଥିଲା, ଯେଉଁଥିରୁ ଡିସେମ୍ବର ୨୦୧୪ରୁ ଜାନୁଆରୀ ୨୦୨୪ ମଧ୍ୟରେ ୫୩,୯୦୦ କୋଟି ଟଙ୍କା (୬.୫ ବିଲିୟନ ଡଲାର) ଏଫ୍‌ଡିଆଇ ଆସିଥିଲା। ପ୍ରାୟ ୯ଟି ବିଦେଶୀ ବୀମା କମ୍ପାନୀ ଭାରତୀୟ ବୀମା ବଜାରରୁ ତାଙ୍କ ପୁଞ୍ଜି ନେଇ ନିଜ ଦେଶକୁ ଚାଲିଯିବାବେଳେ ଗତ ଦଶ ବର୍ଷରେ କେବଳ ଦୁଇଟି ନୂତନ ଜୀବନ ବୀମା କମ୍ପାନୀ ଏହି କ୍ଷେତ୍ରରେ ପ୍ରବେଶ କରିଛନ୍ତି। ଏଫ୍‌ଡିଆଇ ବୃଦ୍ଧିକୁ ଜୋରଦାର ବିରୋଧ କରୁଥିବା ଅଲ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଏମ୍ପ୍ଲଇଜ ଆସୋସିଏଶନ କହିଛି ଯେ ଏହି ବିଦେଶୀ କମ୍ପାନୀଗୁଡ଼ିକ ନିଜ ପୁଞ୍ଜିର ପ୍ରତ୍ୟାହାର ବା ଲାଭ ନିଜ ଦେଶକୁ ନେବା ବାବଦରେ ଆମ ଦେଶରୁ ୬୮,୭୪୦ କୋଟି ଟଙ୍କା ନେଇଛନ୍ତି। ଏହା ସୂଚାଉଛି ଯେ ଭାରତକୁ ବିଦେଶୀ ପୁଞ୍ଜି କ'ଣ ଆସିବ, ବରଂ ଭାରତୀୟମାନଙ୍କ ସଞ୍ଚୟ ବିଦେଶକୁ ଚାଲିଯାଉଛି।

ପ୍ରଚାର କରାଯାଉଛି ଯେ ଭାରତର ବୀମା କ୍ଷେତ୍ରରେ ଏଫ୍‌ଡିଆଇ ବୃଦ୍ଧି ଯୋଗୁ ଇନସ୍ୟୁରାନ୍ସ ପେନିଟ୍ରେଶନ ବା ବୀମା ପ୍ରବେଶ , ଇନସ୍ୟୁରାନ୍ସ ଡେନ୍‌ସିଟି (ବୀମା ଘନତା) ବୃଦ୍ଧି ପାଇବ ଏବଂ ବୀମା ସୁରକ୍ଷା ବ୍ୟବଧାନ ହ୍ରାସ ପାଇବ। ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ହାସଲ ହୋଇପାରିବ। କିନ୍ତୁ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ ଭାରତ ବିଶ୍ୱ ବୀମା ପ୍ରବେଶ ର୍‍ୟାଙ୍କିଙ୍ଗରେ ୨୫ତମ ସ୍ଥାନରେ ରହିଛି। ଭାରତରେ ବୀମା ପ୍ରବେଶ ହାର ଜିଡିପି ଅନୁସାରେ ବାର୍ଷିକ ପ୍ରିମିୟମର ଅନୁପାତ– ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇନାହିଁ। ୨୦୦୧ରେ ବୀମା ପ୍ରବେଶ ହାର ୨.୭୧% ଥିଲା, ଯାହା ୨୦୦୯-୧୦ରେ ୫.୨%କୁ ବୃଦ୍ଧିପାଇଥିଲା। ଏହା ୨୦୨୨-୨୩ରେ ୪% ଏବଂ ୨୦୨୩-୨୪ରେ ୩.୭%କୁ ହ୍ରାସ ପାଇଛି। ୨୦୨୩-୨୪ରେ ବିଶ୍ୱରେ ଏହା ହାରାହାରି ୭% ଥିଲା। ଜୀବନ ବୀମା କ୍ଷେତ୍ରର ପ୍ରବେଶ ହାର୨୦୦୧ରେ ୨.୧୫%ରୁ ବୃଦ୍ଧି ପାଇ ୨୦୦୯-୧୦ରେ ୪.୬%ରେ ପହଞ୍ଚି ଥିଲା, ଯାହା ହ୍ରାସ ପାଇ ୨୦୨୨-୨୩ ରେ ୩% ଏବଂ ୨୦୨୩-୨୪ରେ ୨.୮% ହୋଇଛି। ଅପର ପକ୍ଷରେ ସାଧାରଣ ବୀମା ପ୍ରବେଶ ହାର୨୦୦୧ରେ ୦.୫୬%ରୁ ବୃଦ୍ଧି ପାଇ ୨୦୦୯-୧୦ରେ ୦.୬% ଏବଂ ୨୦୧୦-୧୧ରେ ୦.୭% ହୋଇଛି। ୨୦୨୩-୨୪ ବର୍ଷ ସହିତ ଗତ ୪ ବର୍ଷରେ ପ୍ରାୟତଃ ୧% ରହିଛି। ପ୍ରକୃତରେ, ଭାରତର ଜୀବନ ବୀମା ପ୍ରବେଶ ହାର ବିଶ୍ୱ ହାର ୨.୯% ସହିତ ସମାନ ବା ଅଧିକ। କିନ୍ତୁ ବିଶ୍ୱରେ ସାଧାରଣ ବୀମା ପ୍ରବେଶ ହାର ୪.୨% ଥିଲାବେଳେ ଭାରତରେ ଏହା ୦.୯%। ଏହି ପାର୍ଥକ୍ୟର କାରଣ ହେଲା ଭାରତୀୟମାନେ ସାଧାରଣତଃ ଯାନବାହନ ବ୍ୟତୀତ ଅନ୍ୟ ସମ୍ପତ୍ତିର ସାଧାରଣ ବୀମା କରନ୍ତି ନାହିଁ।




ସେହିପରି ବୀମା ଘନତା– ପ୍ରତି ମୁଣ୍ଡପିଛା ବୀମା ପ୍ରିମିୟମ –୨୦୦୧ରେ ୧୧.୫ ଡଲାର ଥିଲା। ତାହା ୨୦୨୨-୨୩ରେ ୯୨ଡଲାର (୮,୦୩୫ ଟଙ୍କା) ଏବଂ ୨୦୨୩-୨୪ରେ ୯୫ଡଲାର (୮,୨୯୭ ଟଙ୍କା)ରେ ପହଞ୍ଚିଛି। ୨୦୨୩-୨୪ରେ ବିଶ୍ୱରେ ଏହା ହାରାହାରି ୮୮୯ ଡଲାର ଥିଲା। ୨୦୨୨-୨୩ ଏବଂ ୨୦୨୩-୨୪ ମଧ୍ୟରେ, ସାଧାରଣ ବୀମା ଘନତା ୨୨ ଡଲାରରୁ ୨୫ ଡଲାରକୁ ବୃଦ୍ଧି ପାଇଥିଲାବେଳେ ଜୀବନ ବୀମା ଘନତା ୭୦ ଡଲାରରେ ସ୍ଥିର ରହିଥିଲା। ବିଶ୍ୱ ହାରାହାରି ତୁଳନାରେ ଭାରତର ବୀମା ଘନତା କମ ହେବାର କାରଣ ହେଉଛି ଏହା ଟଙ୍କାରୁ ଡଲାରର ବିନିମୟ ହାରରେ (୮୫ ଟଙ୍କା =୧ ଡଲାର ) ପ୍ରକାଶ ହୁଏ, କିନ୍ତୁ କ୍ରୟ ଶକ୍ତି ସମାନତାରେ (୨୦.୬୦ଟଙ୍କା =୧ ଡଲାର ) ନୁହେଁ। ଏହା ବ୍ୟତୀତ ଯେତେବେଳେ ଭାରତ ମୁଣ୍ଡପିଛା ଜିଡିପି କ୍ଷେତ୍ରରେ ପ୍ରାୟ ୧୪୧ଦେଶ ପଛରେ ଅଛି ଏବଂ ଏକ ନିମ୍ନ ମଧ୍ୟମ ଆୟ ଦେଶ ଭାବରେ୨୦୦୭ରୁ ରହିଛି, ସେତେବେଳେ କେବଳ ଏଫ୍‌ଡିଆଇ ସୀମା ବୃଦ୍ଧିକଲେ ବୀମା ପ୍ରବେଶ ଓ ବୀମା ଘନତା ହାର ବୃଦ୍ଧି ପାଇବ ନାହିଁ। ଆଶ୍ଚର୍ଯ୍ୟଜନକ କଥା ଯେ, ଘରୋଇ ବୀମା କମ୍ପାନୀଗୁଡ଼ିକର ସଂଖ୍ୟା ବୃଦ୍ଧି ଏବଂ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ଭୟଙ୍କର। ବୀମା ସୁରକ୍ଷା ବ୍ୟବଧାନ (ଆଇପିଜି) ପ୍ରତ୍ୟେକ ଦେଶରେ ସମ୍ଭାବ୍ୟ ସର୍ବୋତ୍ତମ ବୀମା କଭରେଜ ଏବଂ ପ୍ରକୃତ କଭରେଜ ମଧ୍ୟରେ ପାର୍ଥକ୍ୟ ସୂଚାଇ ଥାଏ। ଅନ୍ୟ ଶବ୍ଦରେ, ଏହା ବୀମାଭୁକ୍ତ ନ ହେବା ଜନିତ କ୍ଷତିକୁ ସୂଚାଇଥାଏ। ୨୦୨୩ର ଜାତୀୟ ବୀମା ଏକାଡେମୀ (ଏନ୍‌ଆଇଏ) ଅଧ୍ୟୟନ ଅନୁସାରେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ୨୦୧୯ରେ ୮୩% ଥିଲା ଏବଂ ତାହା୨୦୨୩ରେ ୮୭%କୁ ବୃଦ୍ଧି ପାଇଛି। ୧୮ରୁ ୩୫ବର୍ଷ ବୟସର ଯୁବକଙ୍କ ମଧ୍ୟରେ ଏହା ୯୦%ରୁ ଅଧିକ। ଏହାର ଅର୍ଥ ହେଉଛି ଅନେକ ଭାରତୀୟ ବୀମାଭୁକ୍ତ ହୋଇନାହାନ୍ତି। ଏହା ପରିବାରର ଆର୍ଥିକ ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ବିଦେଶୀ କମ୍ପାନୀଙ୍କ ସଂଖ୍ୟା ବଢ଼ିଲେ ଏହା ଦୂର ହେବ ନାହିଁ। କାରଣ ଯେତେବେଳେ ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୩୫ କୋଟି ଭାରତୀୟ ଭଲ ଜୀବନ ଯାପନ କରିପାରୁ ନାହାନ୍ତି ଏବଂ ୮୦ କୋଟି ଖାଦ୍ୟ ସହାୟତା ଉପରେ ନିର୍ଭର କରୁଛନ୍ତି, ସେତେବେଳେ ସମସ୍ତେ କିପରି ବୀମା କରିବେ ?

ପ୍ରକୃତରେ, ୨୦୦୯-୧୦ରେ ଭାରତରେ ବୀମା ପ୍ରବେଶ ହାର ରେକର୍ଡ ସର୍ବାଧିକ ୫.୨% ଥିଲା, ଯେତେବେଳେ ନିଟ୍ ଆର୍ଥିକ ସଞ୍ଚୟ ଜିଡିପିର ୧୨.୧୦% ଥିଲା, ଯାହା ରେକର୍ଡ ସର୍ବାଧିକ। ବୀମା, ବ୍ୟାଙ୍କ, ଶେୟାର, ପୋଷ୍ଟାଲ ସଞ୍ଚୟ ଆଦି ଆର୍ଥିକ ସଞ୍ଚୟର ଅଂଶ। କିନ୍ତୁ ବର୍ତ୍ତମାନ ନିଟ୍ ଆର୍ଥିକ ସଞ୍ଚୟ ୫.୨%କୁ ହ୍ରାସ ପାଇଛି, ଯାହା ଚାରି ଦଶନ୍ଧିର ସର୍ବନିମ୍ନ। ଯଦି ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ନ ହୁଏ, ତେବେ ଏଫ୍‌ଡିଆଇ ବୃଦ୍ଧି ବୀମା ପ୍ରବେଶ ଏବଂ ଘନତା ବୃଦ୍ଧି କରିପାରିବ ନାହିଁ। ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ଘଟିବ ଯଦି ଲୋକଙ୍କର ଟିକସ ପରେ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି ପାଇବ। ଧନୀମାନେ ଅଧିକ ରିଟର୍ନ ପାଇଁ ରିୟଲ ଇଷ୍ଟେଟ ଏବଂ ସୁନାରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ବର୍ନଷ୍ଟାଇନଙ୍କ ଏକ ନୂତନ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୬୦% ଧନୀ ନାଗରିକଙ୍କ ସମ୍ପତ୍ତି ରିୟଲ ଇଷ୍ଟେଟ ଏବଂ ସୁନାରେ ଅର୍ଥ ନିବେଶ କରୁଛନ୍ତି। ତେଣୁ ବୀମା ସମେତ ଅନ୍ୟାନ୍ୟ ଆର୍ଥିକ ସଞ୍ଚୟ ପ୍ରଭାବିତ ହେବା ସ୍ୱାଭାବିକ। ପୁନଶ୍ଚ ବୀମା ପ୍ରିମିୟମର ରିସ୍କ କମ୍ପୋନେଣ୍ଟ ଉପରେ ୧୮% ଜିଏସ୍‌ଟି ଆଦାୟ କରିବା, ନୂତନ ଟିକସ ବ୍ୟବସ୍ଥାରେ ବୀମାରେ ସଞ୍ଚୟଜନିତ କୌଣସି ଟିକସ ରିହାତି ପ୍ରାପ୍ତ ନ ହେବା ପ୍ରକ୍ରିୟାର କୁପ୍ରଭାବ ପଡୁଛି। ତେଣୁ ଏଫ୍‌ଡିଆଇ ବୃଦ୍ଧିକୁ ଶତ ପ୍ରତିଶତକୁ ବୃଦ୍ଧି କରିବାର ପ୍ରସ୍ତାବ ହାସ୍ୟାସ୍ପଦ, ନିଷ୍ପ୍ରୟୋଜନ ଏବଂ ଅଯୌକ୍ତିକ ମନେହୁଏ। ଲୋକଙ୍କ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି କରିବାପାଇଁ ସରକାର ପଦକ୍ଷେପ ନେବା ଉଚିତ।

ମୋ:୯୪୩୭୨୦୮୭୬୨



# ମାନସିକତାରେ ପରିବର୍ତ୍ତନ ଜରୁରୀ

ସୁକାନ୍ତ କୁମାର ପଟେଲ

ଦେଶରେ ପ୍ରତିଟି କ୍ଷେତ୍ରରେ ଅନେକ ନିୟମ ପ୍ରଣୟନ କରାଯିବା ସହ ଏହାର ସମୟୋଚିତ ସଂଶୋଧନ କରାଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏହାଦ୍ୱାରା ମହିଳାମାନେ ସୁରକ୍ଷିତ ରହିବା କଷ୍ଟକର। ନାରୀ ନିର୍ଯାତନା, ମହିଳା ଓ ନାବାଳିକା ଗଣବଳାତ୍କାର, ଯୌତୁକ ନିର୍ଯାତନା ଜନିତ ମୃତ୍ୟୁ, ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଶାରୀରିକ ଏବଂ ମାନସିକ ନିର୍ଯାତନା ଇତ୍ୟାଦି ପ୍ରତ୍ୟହ ଗଣମାଧ୍ୟମର ଶିରୋନାମା ମଣ୍ଡନ କରୁଛି। କେବଳ ନୂତନ ନିୟମ ପ୍ରଣୟନ କିମ୍ବା ବନ୍ଦ ପାଳନ କରାଗଲେ ଏ ସମସ୍ୟାର ସମାଧାନ ନିଶ୍ଚିତ ଭାବେ ଅସମ୍ଭବ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବା ନିଷେଧ କରାଗଲା, ଯେଉଁ ନିୟମ ଆଗରୁ ଥିଲା କିନ୍ତୁ କାର୍ଯ୍ୟକାରୀ ହେଉ ନ ଥିଲା। ଏହା ବଦଳରେ କାଚ ବୋତଲରେ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଇ ହେବ। ତେବେ କାଚ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଲେ ଆତ୍ମାହୁତି କିମ୍ବା ଜଳାପୋଡ଼ା ହ୍ରାସ ପାଇବ ତ ?

ଶିକ୍ଷା କ୍ଷେତ୍ର, କର୍ମ କ୍ଷେତ୍ର କିମ୍ବା ପରିବାରରେ ମହିଳାମାନଙ୍କ ପ୍ରତି ଅନେକ ସମୟରେ ଅନ୍ୟାୟ, ଉତ୍ପୀଡ଼ନ, ଅପମାନ, ଘରୋଇ ହିଂସା, ଶାରୀରିକ ନିର୍ଯାତନା କିମ୍ବା ଯୌନ ନିର୍ଯାତନା ହୋଇଥାଏ। ଲଜ୍ଜା, ଅପମାନ, ପାରିବାରିକ ସମ୍ମାନହାନି ଏବଂ ଭୟ ଇତ୍ୟାଦି ଯୋଗୁ ମହିଳାମାନେ ଏହାକୁ ପରିପ୍ରକାଶ କରିପାରନ୍ତି ନାହିଁ କିମ୍ବା ବିରୋଧ କରିବାକୁ ସାହସ କରନ୍ତି ନାହିଁ। ବାଲେଶ୍ୱରର ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ପରେ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ନାରୀ ସୁରକ୍ଷା ନିମନ୍ତେ 'ଶକ୍ତି ଶ୍ରୀ'ଆପ୍ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ମହିଳାମାନେ ଶତପ୍ରତିଶତ ସୁରକ୍ଷିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷାନୁଷ୍ଠାନରେ ପହଞ୍ଚିବା ଏବଂ ସେଠାରୁ ଫେରିବା ସମୟରେ ସେମାନଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ। ଏବେ ସମସ୍ତେ ଚେଇଁ ଉଠିଛନ୍ତି। ପୂର୍ବରୁ ଶିକ୍ଷାନୁଷ୍ଠାନରେ ଆଇସିସି ଅଥବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପାଇଁ ନିୟମ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିଲା, ଯାହା ପାଇଁ ଆଜି ସମସ୍ତେ ତତ୍ପର।

ପୂର୍ବରୁ ଓଡ଼ିଶାରେ ୧୯୮୦ର ଛବିରାଣୀ ହତ୍ୟାକାଣ୍ଡ, ଇତିଶ୍ରୀ, ମମିତା ମେହେର, ନାବାଳିକା ପରୀ ହତ୍ୟାକାଣ୍ଡ, ଅଞ୍ଜନା ମିଶ୍ର ମାମଲା, ବେବିନା ମୃତ୍ୟୁ ରହସ୍ୟ, କୁନ୍ଥୁଲି ହତ୍ୟାକାଣ୍ଡ, ବିଜେବି କଲେଜ ଛାତ୍ରୀ ରୁଚିକାର ଆତ୍ମହତ୍ୟା, ପୁରୀର କଣାସରେ ଆୟୁର୍ବେଦିକ ଡାକ୍ତର ମାଧବୀ ଲତାଙ୍କ ରହସ୍ୟଜନକ ମୃତ୍ୟୁ ଇତ୍ୟାଦି ଅନେକ ଘଟଣା ସମସ୍ତଙ୍କ ମାନସ ପଟରୁ ବୋଧ ହୁଏ ଅନ୍ତର୍ହିତ ହୋଇସାରିଥିବ। କିନ୍ତୁ ସେମାନଙ୍କ ପରିବାର କ'ଣ ସେମାନଙ୍କୁ ଭୁଲିସାରିଥିବେ ? ପୁରୀର ବଳଙ୍ଗା ଘଟଣା ପରେ ମଧ୍ୟ ମାଲକାନଗିରିରେ ଓ ଜଗତସିଂହପୁର ରେ ଗଣ ବଳାତ୍କାର, ଯାଜପୁରରେ ହକି ଖେଳାଳିଙ୍କ ଯୌନ ଉତ୍ପୀଡ଼ନ, ଜଗତସିଂହପୁର ସ୍ୱାମୀ ଅରୂପାନନ୍ଦ କଲେଜରେ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନା ଇତ୍ୟାଦି ଆଜି ଓଡ଼ିଶାର ସଭ୍ୟ ସମାଜରେ ଆଲୋଡ଼ନ ସୃଷ୍ଟି କରିଛି। କେହି କେହି ପ୍ରଶ୍ନ କରନ୍ତି ଏପରି ନିର୍ଯାତନା ଅନ୍ତ ଘଟିବ କେବେ।



ଭାରତରେ ନାରୀ ସୁରକ୍ଷା ଯୁଗେ ଯୁଗେ ଏକ ସମସ୍ୟା ସୃଷ୍ଟି କରିଛି। ଆମ ଦେଶର ପୁରୁଷକୈନ୍ଦ୍ରିକ ସମାଜରେ ନାରୀର ସ୍ଥିତି ସବୁବେଳେ ପୁରୁଷଠାରୁ ନିମ୍ନରେ। ପ୍ରତ୍ୟେକ ପରିବାରରେ ପୁଅକୁ ଯେଭଳି ଗୁରୁତ୍ୱ ପ୍ରଦାନ କରାଯାଏ ସେପରି ଝିଅକୁ ପ୍ରଦାନ କରାଯାଏ ନାହିଁ। ଏହାର କାରଣ ସୁସ୍ପଷ୍ଟ। ପୁଅଟିଏ ହେଲେ ଉତ୍ତରାଧିକାରୀ ଏବଂ ବଂଶରକ୍ଷାକାରୀ ହେବ। ଏହାହିଁ ବିଶେଷତ୍ୱ। ଯେଉଁଦିନ ପର୍ଯ୍ୟନ୍ତ ଆମ ପରିବାରରେ ଆମେ ଗୋଟିଏ ପୁଅ ଏବଂ ଝିଅ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରୁଥିବା ଆମ ସମାଜରେ ନାରୀମାନେ ଏପରି ଭାବରେ ନିର୍ଯାତନା ଭୋଗ କରୁଥିବେ।

ଭାରତୀୟ ସମ୍ବିଧାନରେ ଯେତେ ମହିଳା ସୁରକ୍ଷା ନିୟମ ଓ ଆଇନ ଅଛି ତାହା ସୁଚାରୁ ରୂପେ ପାଳନ କରାଯାଉନାହିଁ। ଏହିସବୁ ଆଇନକୁ ଅଗ୍ରାଧିକାର ଭିତ୍ତିରେ ପାଳନ କରାଯିବା ସହ ଏହାକୁ ତ୍ୱରାନ୍ୱିତ ଏବଂ ଅଧିକ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ। ଯୌତୁକ ନିରୋଧ ଆଇନ ୧୯୬୧ ଅନୁଯାୟୀ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୧୫,୦୦୦ ଟଙ୍କା ଜରିମାନା ପ୍ରଦାନ ପାଇଁ ଆଇନ ରହିଛି। ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮(କ) ଅନୁସାରେ ଯୌତୁକ ନିର୍ଯାତନା ହେଲେ ଅପରାଧୀଙ୍କୁ ୩ ବର୍ଷ ଜେଲଦଣ୍ଡ ଏବଂ ଜରିମାନା ଆଦାୟ ପାଇଁ ନିୟମ ରହିଛି। ଘରୋଇ ହିଂସା ଜନିତ ଘଟଣାରେ ଅପରାଧୀଙ୍କୁ ଦଣ୍ଡ ବିଧାନ ପାଇଁ ଘରୋଇ ହିଂସା ନିବାରଣ ଆଇନ ୨୦୦୫ ଏବଂ ନିୟମ ପ୍ରଣୟନ କରାଯାଇଛି। ମହିଳାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ନିରୋଧ ଆଇନ ୧୯୮୬ ଏବଂ କାର୍ଯ୍ୟ କ୍ଷେତ୍ରରେ ସମାନ ପାରିଶ୍ରମିକ ପାଇଁ ପାରିଶ୍ରମିକ ଆଇନ ୧୯୭୬ ମଧ୍ୟ ଲାଗୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୭୪ (ଆଇପିସି ଧାରା ୩୫୪ ) ଅନୁସାରେ ମହିଳାଙ୍କ ବିରୋଧରେ ଟିକା ଟିପ୍ପଣୀ ଅନୁସାରେ ଅଭିଯୁକ୍ତ ନିମନ୍ତେ ମଧ୍ୟ ଦଣ୍ଡ ବିଧାନ କରାଯାଇଛି। ତେବେ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଯେତେ ଆଇନ ଏବଂ ନିୟମ ଲାଗୁ କଲେ ମଧ୍ୟ ଏହାର ପରିଣାମ ସକାରାତ୍ମକ ନୁହେଁ। ପୀଡ଼ିତା ଥାନା, ନ୍ୟାୟାଳୟର ଦାରସ୍ଥ ହେଲେ ମଧ୍ୟ କଚ୍ଛପ ଗତିର ଆମର ଏହି ନ୍ୟାୟ ବିଭାଗ ସବୁବେଳେ ଠୋସ୍ ପ୍ରମାଣ ଏବଂ ଚାକ୍ଷୁସ ପ୍ରମାଣ ଆବଶ୍ୟକ କରେ, ଯାହା କି ମିଳିବା କଷ୍ଟକର।

ଯୌନ ଉତ୍ପୀଡ଼ନ କହିଲେ ମହିଳାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଦୁଃଖିତ , ଅପମାନିତ, ଭୟଭୀତ କରି ତାଙ୍କ ପ୍ରତି ଅବାଞ୍ଛିତ ଯୌନଗତ ପାଶବିକ ଆଚରଣକୁ ସାଧାରଣତଃ ବୁଝାଏ, ଯାହା ଆଇନରେ ଏହା ଏକ ଦଣ୍ଡନୀୟ ଅପରାଧ। ଏହାର ପରିସର ବ୍ୟାପକ। ବଳାତ୍କାର , ସହମତି ବିନା ଶାରୀରିକ ସମ୍ପର୍କ , ଲିଙ୍ଗ ଭିତ୍ତିରେ ଅପମାନଜନକ ଟିପ୍ପଣୀ, ପରିହାସ ଛଳରେ କାମୋଦ୍ଦୀପକ କଥା, ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରିବା ପରି ବାଚନିକ ଆଚରଣକୁ ମଧ୍ୟ ଯୌନ ଉତ୍ପୀଡ଼ନ। କିନ୍ତୁ କାହିଁକି ପୁରୁଷଙ୍କର ମହିଳାଙ୍କ ପ୍ରତି ଏ ପ୍ରକାର ମାନସିକ ବିକାରଗ୍ରସ୍ତ ଚିନ୍ତାଧାରା। ଆଜି ଡିଜିଟାଲ ଯୁଗରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏଥିପାଇଁ ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ। ବାସ୍ତବରେ ପ୍ରତ୍ୟେକ ପରିବାରରେ ଯେତେବେଳେ ଆମେ ପୁଅ ଏବଂ ଝିଅକୁ ସମ ଦୃଷ୍ଟିରେ ଦେଖିବା ସେତେବେଳେ ଆମର ମାନସିକତା ଏବଂ ମାନବିକତାରେ ପରିବର୍ତ୍ତନ ଆସିବ ଏବଂ ମହିଳା ମାନେ ସୁରକ୍ଷିତ ହେବେ।

**ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ, ମୋ:୭୦୦୮୩୫୦୪୭୭**

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ଏକ ଦମ୍ପତି ଜଳ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ଦମ୍ପତି ହେଉଛନ୍ତି ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବ। ସେମାନେ ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରୁଛନ୍ତି। ଏହିସବୁ ପୁଷ୍କରିଣୀ ବିଭିନ୍ନ କାରଣରୁ ଶୁଖିଯାଇଥିଲା। କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। ସେମାନେ ଏବେ ସୁଦ୍ଧା ସେମିତିକା ୧୧ଟି ପୁଷ୍କରିଣୀର ପୁନରୁଦ୍ଧାର କରିସାରିଲେଣି। ଏବେ ସେସବୁ ଜଳପୂର୍ଣ୍ଣ। ଫଳରେ ଚାଷ କରି ନ ପାରି ଯେଉଁମାନେ ଗାଁ ଛାଡ଼ି ଚାଲିଯାଇଥିଲେ ସେମାନେ ଗାଁକୁ ଫେରି ଆସି କୃଷିକାର୍ଯ୍ୟରେ ଲାଗିଲେଣି। ଅନନ୍ତ ନିରୁ ସଂରକ୍ଷଣମ୍ ପ୍ରୋଜେକ୍ଟ ମାଧ୍ୟମରେ ସେମାନେ ଏହି କାର୍ଯ୍ୟ କରୁଛନ୍ତି। ଏହି ଦମ୍ପତିଙ୍କୁ ଗ୍ରାମବାସୀ ଓ ବନ ବିଭାଗ ସାହାଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ବିନୀତ ଓ ରୂପକ ପୋଖରୀ ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ଖନନ କରୁଛନ୍ତି। ପରିବେଶ ସୁରକ୍ଷା ସକାଶେ ସେମାନେ ବୃକ୍ଷରୋପଣ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଅଗଷ୍ଟ ୧୯୭୬**

- କଲିକତାର ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ଇଜିଲାସରେ ଛୋଟ ବ୍ୟାଙ୍କ ଠକେଇ ଅଭିଯୋଗରେ ରାମନାଥ ଗୋଏଙ୍କା ଓ ଅନ୍ୟ ୭ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ।
- ପରିଷ୍କୃତ କୋଇଲା ଉତ୍ପାଦନ କରିବା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।
- ଲିବ୍ୟାରେ ଏକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ପାଇଁ ଭାରତ ଗୁରୁ ଇଞ୍ଜିନିୟରିଂ କର୍ପୋରେଶନ ୨ କୋଟି ୫୦ ଲକ୍ଷ ଟଙ୍କାର ଏକ ଅର୍ଡର ପାଇଛି।

## ଚିରନ୍ତନୀ

ଆଣିଛି ସେ ମୋର ପ୍ରଭାତ କୁସୁମ ବୃନ୍ତୁ ତୋଳି ତା' କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା'ର ଫୁଟାଇ ସଜ ଅଧରେ
(କା'ର) ଦିନାନ୍ତେ ମିଶଇ ସ୍ୱର୍ଣ୍ଣ ଅଞ୍ଚଳ
(ଏହି) ତୁଷାରେ ତିନ୍ତଇ ଚୂର୍ଣ୍ଣ କୁନ୍ତଳ
(ମୋର) ଜୀର୍ଣ୍ଣ ବାସନା କରେ ଚଞ୍ଚଳ ଛଳ ଛଳ
ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ ।
–(ମଧୁ–ବିବାହ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ କେବେ ଦିଆଯିବ

ମହାଶୟ,

ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ 'ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା' ଏକ ଆକର୍ଷଣୀୟ ଯୋଜନା। ଓଡ଼ିଶାର କେତେକ ଲୋକ (ବିଜେତା) କୁପନ ଅନୁଯାୟୀ ପୁରସ୍କାର ରାଶି ପାଇଥାନ୍ତି। ଯେଉଁମାନେ ତା୦୧.୦୧.୨୦୨୪ ରିଖଠାରୁ ତା. ୨୧.୧୨.୨୦୨୪ ପର୍ଯ୍ୟନ୍ତ କିଷାନ ବିକାଶପତ୍ର, ସୁକନ୍ୟା ସମୃଦ୍ଧି ଜମା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଓ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଇତ୍ୟାଦି କରିଛନ୍ତି ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା କୁପନ ଯୋଗାଇ ଦିଆଯାଇ ନାହିଁ। ସୁତରାଂ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ ଓଡ଼ିଶାବାସୀଙ୍କୁ ଚଳିତବର୍ଷ କେବେ ଯୋଗାଇ ଦିଆଯିବ ଏନେଇ ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ, ଓଡ଼ିଶା ସରକାର ଦୟାକରି ଜଣାଇବେ କି।

**–କିଶୋର ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୧୩ ବୋତଲ କଫସିରପ ଜବତ, ଯୁବକ ଗିରଫ

**ଡୁଙ୍ଗୁରିପାଲି, (ଦୀନବନ୍ଧୁ ସୁନା ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ମାଖୀମୁଣ୍ଡା ରାସ୍ତାରୁ ରବିବାର ୧୩ ବୋତଲ କଫ ସିରଫ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ହେଲେ ଡୁଙ୍ଗୁରିପାଲି ବରିହାପଡ଼ାର ପ୍ରୀତମ ବରିହା (୨୭) । ଏକ ମାମଲା ରୁଜୁ କରି ପୋଲିସ ପ୍ରିତମଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ରୋଜାଲିନି ପଟେଲ କହିଛନ୍ତି।



# ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନ ବେଳେ ପଡ଼ିଥିଲା ବାର ହରିବୋଲ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

■ **ନିର୍ମାଣ ହୋଇଥିଲା ଚଉଦଟି ଯଜ୍ଞଶାଳା**

■ **କସ୍ତୁରିକା ମୋଦିନୀ ଦେବୀ ସିନ୍ଦୁକରେ ପଠାଇଥିଲେ ବସ୍ତ୍ର ଓ ପୂଜାସଜ**


ରଥର ପାରାଭାଡ଼ି ସମାପ୍ତ ହେବାପରେ ଭୋଇ ସେବକମାନଙ୍କର ହରିବୋଲ ଡାକ।




ଗଜପତିଙ୍କର ସାମ୍ରାଜ୍ୟ ବିଜୟ ସ୍ମାରକୀ ଥିଲା ଅ୧୮ଙ୍କ କାର୍ତ୍ତିକ ଶୁକ୍ଳ ଦଶମୀ। ପଞ୍ଜିକ ଦିନ। ସେହିଦିନ ଭୁବନେଶ୍ୱର ରାଜଗୁରୁ, ନରସିଂହପୁରର ଆନନ୍ଦ ରଥ ପହଞ୍ଚିଥିଲେ କୋଣାର୍କରେ। ଗଜପତିଙ୍କ ଆଦେଶରେ ସେମାନେ କୋଣାର୍କରେ ପହଞ୍ଚି ଯଜ୍ଞ ମଣ୍ଡପର ମାପ ଦେଲେ ବାସ୍ତୁଶାସ୍ତ୍ର ଅନୁସାରେ।

ବନ୍ଦାପନା ମଣ୍ଡପର ପୂର୍ବଦିଗକୁ ୪ଟି ଯଜ୍ଞ ପାଇଁ ଗର୍ଭାଧାନଶାଳା, ସ୍ନାନଶାଳା ଓ ନ୍ୟାସ ଶାଳାର ମାପ ଦେଲେ। ବନ୍ଦାପନା ମଣ୍ଡପର ପଶ୍ଚିମଦିଗକୁ ମାପଦେଲେ। ବାଳିଶାଳା ଓ ଦକ୍ଷିଣପଟକୁ 'ଯଜମାନଶାଳା'ର ମାପ ଦେଲେ। ପୀଢ଼ଚାଳଶାଳାର ମାପ ଦେଲେ ଅରୁଣସ୍ତମ୍ଭର ଦକ୍ଷିଣକୁ। ରୋଷଶାଳାର ଦୁଇଟି କୋଠରିକୁ 'ଚାରୁଶାଳା' କରାଯିବାକୁ ସ୍ଥିର ହେଲା। ଏହିପରି ୧୪ଟି ଯଜ୍ଞଶାଳା କରାଯାଇଥିଲା।

୧– ଗର୍ଭାଧାନଶାଳା, ୨– ସ୍ନାନଶାଳା, ୩– ନ୍ୟାସଶାଳା, ୪– ପୁରୋଡ଼ାସଶାଳା, ୫– ଅଙ୍କୁରାରୋପଣଶାଳା, ୬– ବଳିଶାଳା, ୭– ଯଜମାନଶାଳା , ୮– ପୀଢ଼ଚାଳ ଯଜ୍ଞଶାଳା, ୯– ଚାରୁଶାଳା, ୧୦–୧୩: ଚାରିଦ୍ୱାରରେ ୪ଟି ଶାଳା, ୧୪– ନିଶାତଳେ ଛୋଟ ଯଜ୍ଞଶାଳା।

ଦ୍ୱାଦଶ ଆଦିତ୍ୟଙ୍କ ପାଇଁ ବାରଯୋଡ଼ା ସିଲ୍କ ଲୁଗା ବରାଦ ହୋଇଥିଲା। ସେହିଦିନ ହାତୀ ପିଠିରେ ଗୋଟିଏ ସିନ୍ଦୁକ ଷୋହଳ ଯୋଡ଼ା ଉତ୍ତରୀୟ ମହାଦେବୀ ପଠାଇଥିଲେ। ସିନ୍ଦୁକ ଖୋଲାଗଲା ଅଧିକାରୀମାନଙ୍କ ଉପସ୍ଥିତିରେ। ସିନ୍ଦୁକରେ କ'ଣ କ'ଣ ଆସିଥିଲା ଏଠାରେ ଆମେ ଉଲ୍ଲେଖ କରୁଅଛୁ। ମହାଦେବୀ ଯଜ୍ଞ ଅନୁଷ୍ଠାନ ପାଇଁ କେତେ ସଜାଗ ଥିଲେ ଏବଂ ବହୁ ପୂର୍ବରୁ ଏସବୁ ଜିନିଷ ସଂଗ୍ରହ କରିଥିଲେ, ତାହା ଜାଣିହେବ। ୧) ୨୫ ଯୋଡ଼ା ପଗଡ଼ି ଥିଲା ସିନ୍ଦୁକରେ। ୨୫ଜଣ ନିରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବରାଦ ଦିଆଯାଇ ପ୍ରସ୍ତୁତ ହୋଇଥିଲା। ୨) ୨୩୭ଟି ସୂତା ଧୋତି ଯୋଡ଼-ଅନୁଷ୍ଠାନ ପାଇଁ ୨୩୭ ଜଣ ଶିଳ୍ପୀ ବରଣ ହୋଇଥିଲେ। ୩) ୨୨୬ଟି ଗାମୁଛା– ସମୁଦାୟ ପୂଜା କାମରେ ବ୍ୟବହାର ପାଇଁ, ୪) ୨୮ଟି ପିତ୍ତଳ ଗରା– ଚଉଦଟି ମଣ୍ଡପରେ ବ୍ୟବହାର ପାଇଁ। ୫) ୫ଟି ଦୀପରୁଖା। ୬) ସହସ୍ର ଧାରା ସ୍ନାନପାତ୍ର ଗୋଟିଏ। ୭) ଛୋଟ ପ୍ରଭା ଦୁଇଟି, ଯେଉଁଥିରେ ବିଗ୍ରହ ବିଜେ କରନ୍ତି। ୮) ପୂଜାପାତ୍ର ସଜ– ପାଞ୍ଚୋଟି। ୯) ପଦ୍ମଝରି ଚାରୋଟି। ଏହି ଝରିର ମୁହଁଟି ପଦ୍ମ ଆକୃତିର ଯେଉଁ ବାଟଦେଇ ଝରିରୁ ଜଳ ବାହାରେ। ୧୦) ଠିଆ ଦର୍ପଣ ଛଅଟି।

ଏତିକି ଆବଶ୍ୟକୀୟ ସଜ ମହାଦେବୀ ସଂଗ୍ରହ କରି ସିନ୍ଦୁକରେ ପଠାଇଦେବା ବଡ଼ କଥା ନୁହେଁ। ଏଥିପ୍ରତି ତାଙ୍କର ଅନୁରାଗ ଓ କର୍ତ୍ତବ୍ୟକୁ ବିଚାର କରିବା କଥା। ମହାରାଜା ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ ହେବ ସେ ବିଷୟରେ ଅବଗତ ହୋଇ ସଂଗ୍ରହ କରି ପଠାଇବା ଏକ ସକାରାତ୍ମକ ପ୍ରେରଣା। ଆଡ଼େଇ ହୋଇ ଚୁପ୍‌ଚାପ୍ ରହିଯାଇଥିଲେ, କେହି ଆଙ୍ଗୁଠି ଦେଖାଇବାକୁ ନ ଥିଲେ, ତଥାପି ମାନସିକ ପ୍ରସ୍ତୁତିକୁ ଲକ୍ଷ୍ୟ କରିବା କଥା। ଏହି ମହାଦେବୀ ହେଉଛନ୍ତି ମହାରାଣୀ କସ୍ତୁରିକା ମୋଦିନୀ, ଯାହାଙ୍କୁ ଗଜପତିଙ୍କ ପାର୍ଷଦମାନେ 'ରାଜମାତା' ବୋଲି ସମ୍ବୋଧନ କରୁଥିଲେ। ପୂର୍ବରୁ ସୂଚନା ଦେଇଥିଲୁ ମହାଦେବୀ ହେଉଛନ୍ତି ମଦୁରାଇ ମହାରାଜାଙ୍କ କନ୍ୟା।

ବାସୁବଡ଼େଇ ଶ୍ରୁବ, ଶ୍ରୁଚ ଓ ପ୍ରଣିତା ଆଣି ଯୋଗାଇବା ଦିବସ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେହିଦିନ ୨୮ଜଣ ଶିଳ୍ପୀ ସ୍ନାନ ପରେ ଭଣ୍ଡାରଘରକୁ ଆସି ହାତଯୋଡ଼ି ପ୍ରଥମ 'ହରିବୋଲ' ଧ୍ୱନି ଦେଇଥିଲେ। ଚଳଚଞ୍ଚଳ ହୋଇଗଲା ବାତାବରଣ। ସମସ୍ତ ପୂଜା ଉପକରଣକୁ ନାଲି ସିଲ୍କ କନାରେ ଗୁଡ଼ାଇ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିର ସାମନାରେ ରଖି 'ଶାଙ୍ଗି' (ବାହାଙ୍ଗି)ରେ ଲଦି ଗର୍ଭାଧାନଶାଳାରେ ପହଞ୍ଚାଇଥିଲେ। ସେଇଠି ପଡ଼ିଥିଲା ଦ୍ୱିତୀୟ ହରିବୋଲ। ସେଣେ ସାତଜଣ ପଥୁରିଆ ବାର ଭରଣ ଧାନରେ (ଭରଣକ ୪୦ ଗୌଣି)ରେ ବିଜେ ପ୍ରତିମାଙ୍କୁ ବିଜେ କରି ଚାରିପଟ କନାରେ ଆବଦ୍ଧ କରି ହରିବୋଲ ପକାଇ ଶାଳା ନିକଟରେ ପହଞ୍ଚାଇଥିଲେ। ଏହା ଥିଲା ତୃତୀୟ ହରିବୋଲ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ମୂଳରୁ ଶେଷ ପର୍ଯ୍ୟନ୍ତ ଭୋଇ ସେବକ ନଅ ହରିବୋଲ ପକାଇଥାନ୍ତି। ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ଦ୍ୱାଦଶ ହରିବୋଲ। ଆଗକୁ ଦେଖିବା ହରିବୋଲର ରହସ୍ୟ ଓ ପରମ୍ପରା।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ବୌଦ୍ଧ,୧୦।୮ (ଅଜିତ କୁମାର ବାରିକ)**

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରାଣୀଧନ ଚିକିତ୍ସକ ଡ. ପ୍ରିୟବ୍ରତ ବେହେରା ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଙ୍କୁଳ ପ୍ରମୁଖ ଦଶରଥ ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟଙ୍କଧର ସାହୁ, ବିଜ୍ଞାନ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ଅଶୋକ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ମେଳାରେ ୨୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପୁରାତନ ଆଚାର୍ଯ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ପରିଚାଳନା କମିଟି ସଦସ୍ୟା ପୁଷ୍ପାଞ୍ଜଳୀ ନାୟକ, ତୃପ୍ତିମୟୀ ପଟ୍ଟନାୟକ ଯୋଗ ଦେଇଥିଲେ। ଦିଲୀପ ସାହୁ, ନବନିତା ବେହେରା, କାତ୍ୟାୟନୀ ପାଢ଼ୀ, ପ୍ରଫୁଲ୍ଲ ପ୍ରଧାନ, ଅନ୍ତର୍ଯାମୀ ନାୟକ, ଗୋପାଳ ଅମାତ, ଗୋବର୍ଦ୍ଧନ ପ୍ରଧାନ, ଦେବଦତ୍ତ ମହାପାତ୍ର, ସୁଦର୍ଶନ ମେହେର, ସୌମିତ୍ରୀ ବାରିକ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍କାନରରେ ବୌଦ୍ଧ ଜିଲାର ଶିକ୍ଷକ ନେତା

**ବୌଦ୍ଧ,୧୦।୮ (ଅଜିତ କୁମାର ବାରିକ)**

**ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲା**

ସାରା ରାଜ୍ୟରେ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ନେଇ ତନାଘନା ଚାଲିଛି। ପ୍ରଶ୍ନପତ୍ର ପ୍ରଘଟରେ ସାମିଲ ଥିବା ଅଧିକାରୀ ଓ କର୍ମଚାରୀଙ୍କ ସହିତ ଶିକ୍ଷା ବିଭାଗର ଜିଲାସ୍ତରର କେଉଁ ଶିକ୍ଷକ କିମ୍ବା ବିଭାଗୀୟ କର୍ମଚାରୀମାନଙ୍କ ସମ୍ପର୍କ ରହିଥିଲା ତାକୁ ନେଇ ଖୋଳତାଡ ଆରମ୍ଭ ହୋଇଛି। ତେବେ ବୌଦ୍ଧ ଜିଲାର କିଛି ଶିକ୍ଷକ ନେତା ମଧ୍ୟ ଏଥିରେ ସାମିଲ ଥିବା ଏବଂ ତଦନ୍ତକାରୀ ସଂସ୍ଥା ସ୍କାନରରେ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ବୌଦ୍ଧ ଜିଲାରେ କୁଆଡେ ଓଟିଇଟି ପରୀକ୍ଷାରେ ବ୍ୟାପକ ଅର୍ଥ କାରବାର ହୋଇଆସୁଥିବା ନେଇ ଅଭିଯୋଗ ହୋଇଛି। ସୁବିଧା ଅନୁଯାୟୀ ପରୀକ୍ଷା କେନ୍ଦ୍ର ସ୍ଥିର କରିବାଠାରୁ ଆରମ୍ଭ କରି ଶିକ୍ଷା ବିଭାଗ ଅଧିକାରୀଙ୍କଠାରୁ ଆରମ୍ଭ କରି ଶିକ୍ଷକ ଓ କର୍ମଚାରୀମାନେ ମଧ୍ୟ ପରୀକ୍ଷା ପାଇଁ ଅର୍ଥ କାରବାରରେ ସାମିଲ ଥିବା ଆଲୋଚନା ହେଉଛି। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ପକ୍ଷରୁ ଜିଲାସ୍ତର ପର୍ଯ୍ୟନ୍ତ ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ କରାଯିବ ବୋଲି ଜଣାପଡିବା ପରେ ଜିଲାର କିଛି ଶିକ୍ଷକ ନେତା ଏହି ତଦନ୍ତର ସ୍କାନରରେ ଥିବା ନେଇ ଆଲୋଚନା ହେଉଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କୁ ଯୋଗାଯୋଗ କରାଯିବାରୁ ଜିଲାରେ ପ୍ରଶ୍ନପତ୍ର ପ୍ରଘଟରେ କାହାର ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ତଦନ୍ତ ପାଇଁ ତାଙ୍କ ପାଖକୁ ଶିକ୍ଷା ବିଭାଗରୁ କୌଣସି ସୂଚନା ଆସିନାହିଁ। ବୌଦ୍ଧକୁ ବୋର୍ଡରୁ ପଠାଯାଇଥିବା ପ୍ରଶ୍ନପତ୍ରର ସ୍ଥିତାବସ୍ଥା ସମ୍ପର୍କରେ ବିଭାଗ ପକ୍ଷରୁ ସୂଚନା ମଗାଯାଇଥିଲା ଏବଂ ସେ ନେଇ ସୂଚନା ପ୍ରଦାନ କରାଯାଇଛି ବୋଲି ଦୁବେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ରେଳ କର୍ମଚାରୀ ମୃତ

**ଡୁଙ୍ଗୁରିପାଲି, ୧୦।୮ (ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ୨୬ ନମ୍ବର ଜାତୀୟ ରାଜପଥ ଚେରୁପାଲି ସ୍କୁଲ ନିକଟରେ ରବିବାର ସନ୍ଧ୍ୟା ୭ଟା୩୦ରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରେଳ ବିଭାଗରେ କାମ କରୁଥିବା ବଲାଙ୍ଗୀର ଜିଲା ସାଲେଭଟା ଗ୍ରାମର କାଳିଚରଣ ନାଗ (୩୫)। ଗୁରୁତର ଆହତ ଯୁବକ ହେଲେ ଡୁଙ୍ଗୁରିପାଲି ଥାନା ଚେରୁପାଲି ପଞ୍ଚାୟତ ଖୁସାମାଲ ଗ୍ରାମର ଅଜିତ ଘିବିଲା (୨୮) ଓ ସୁଜିତ ଘିବିଲା (୩୫ )। ସେମାନଙ୍କୁ ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟାରେ ଚାଲିଚରଣ ନାଗ ଡୁଙ୍ଗୁରିପାଲି ରେଲୱେ ଷ୍ଟେଶନରେ ଡ୍ୟୁଟି ସାର ବାଇକରେ ନିଜ ଘର ସାଲେଭଟାକୁ ଯାଉଥିବାବେଳେ ଚେରୁପାଲି ସ୍କୁଲ ନିକଟରେ ବଲାଙ୍ଗୀର ପଟୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀଙ୍କ ସହ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ କାଳିଚରଣଙ୍କୁ ମୃତ ଘୋଷଣା କରିଥିଲେ। ମୃତ କାଳିଚରଣ ନାଗ ସେ ଡୁଙ୍ଗୁରିପାଲି ରେଲୱେ ଷ୍ଟେଶନରେ ଟୁକନ ପୁଟର ଭାବେ କାମ କରୁଥିଲେ। ଡୁଙ୍ଗୁରିପାଲି ଥାନା ପୋଲିସ କାଳିଚରଣଙ୍କ ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପାଇଁ ପଠାଯିବ। ଦୁର୍ଘଟଣାଗ୍ରସ୍ତ ୨ ବାଇକକୁ ପୋଲିସ ଜବତ କରିଛି।

### ନୂଆଁଖାଇ ଅବ୍ୟବହିତ ପୂର୍ବରୁ ମଶାଲ ଶୋଭାଯାତ୍ରା

**ବିନିକା,୧୦।୮ (ରାମ ଗୋପାଳ ବାଘ)**

ବିନିକା ଏନଏସି ୱାର୍ଡ ୧ ଡଭଲାରେ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ଯୁବକ ସଂଘ ତରଫରୁ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଗୋପାଳଜି ମନ୍ଦିରରେ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରିଥିଲା। ଯୁବକ ସଂଘ କର୍ମକର୍ତ୍ତାଙ୍କ ସହ କୁନି ପିଲାମାନେ ସାମିଲ ହୋଇଥିଲେ।

# ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବଞ୍ଚିତ ହେବେନି : ଉପମୁଖ୍ୟମନ୍ତ୍ରୀ ପରିଡ଼ା

■ **ଦିନିକିଆ କଳାହାଣ୍ଡି ଜିଲା ଗସ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା**

■ **ବିଭିନ୍ନ ଯୋଜନାର ସମୀକ୍ଷା କଲେ, ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେଲେ**

**ଭବାନୀପାଟଣା,୧୦।୮ (ଉତ୍ତମ କୁମାର ଦାଶ)**


ଅଟାଙ୍ଗଗୁଡ଼ା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ।

କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବଞ୍ଚିତ ହେବେ ନାହିଁ। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେ ଦିଗରେ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ନିର୍ଦ୍ଦେଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡା ରବିବାର କଳାହାଣ୍ଡି ଜିଲାକୁ ଦିନିକିଆ ଗସ୍ତରେ ଆସିଥିଲେ। ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲା ସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ସେ ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ। ସେ ପୂର୍ବାହ୍ନ ୧୦ ଟାରେ ଭବାନୀପାଟଣା ସର୍କିଟ ହାଉସଠାରେ ପହଞ୍ଚିବା ପରେ ଜିଲା ପ୍ରଶାସନ ତଥା ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ନକଟିଗୁଡା ଛକ ନିକଟସ୍ଥ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଉପମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରି ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରା ନକଟିଗୁଡା ଛକଠାରୁ ବାହାରି ଜେଲ ଛକ, ବସଷ୍ଟାଣ୍ଡ, ଘୋଡାଘାଟ ଛକ, ଦୟାନିଧି ଛକ, ମାଣିକେଶରୀ ଛକ, ମାଣିକେଶରୀ ମନ୍ଦିର ଓ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ସର୍କିଟ ହାଉସ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲାପାଳ ପାୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବର କୋଣ୍ଡା, ଅତିରିକ୍ତ ଜିଲାପାଳ ବୈତାରୁ ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରବେଶନ) ଅନିମେସ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼, ଜିଲା ଉପ ସଭାପତି ମୁକେଶ ଅଗ୍ରୱାଲ, କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ଜୟଶଙ୍କର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ। ପରେ ସେ ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଦୁଆରସୁନୀ ପଞ୍ଚାୟତ ସ୍ଥିତ ଅଟାଙ୍ଗଗୁଡ଼ା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ। ଏହି ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଉନ୍ନତମାନର ଶିକ୍ଷା ଦେବା ସହ ତାଙ୍କର ବିକାଶର ମାନଦଣ୍ଡଗୁଡ଼ିକୁ ତଦାରଖ କରିବା ପାଇଁ ଜିଲା ପ୍ରଶାସନ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର କରି କାର୍ଯ୍ୟକାରୀ ହୋଇଥିବା ଏକ ପାଇଲଟ ପ୍ରକଳ୍ପ ବିଷୟରେ ଅବଗତ ହୋଇଥିଲେ। 'ଆସ ବୁଲିଯିବା ଅଙ୍ଗନୱାଡି' କ୍ୟାମ୍ପେନ୍ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ସେଠାରୁ ଉପମୁଖ୍ୟମନ୍ତ୍ରୀ ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲା ସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାରେ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାରେ ପର୍ଯ୍ୟଟନର ବିକାଶ କିପରି କରାଯିବ, ବିଶେଷ କରି ମହିଳାମାନେ କିପରି ସାମାଜିକ ଓ ଆର୍ଥିକ ସ୍ତରରେ ସୁଦୃଢ଼ ଓ ସୁରକ୍ଷିତ ରହିବେ ସେ ଦିଗରେ ସମସ୍ତଙ୍କର ସହଯୋଗ ଓ ଦାୟିତ୍ୱ ଉପରେ ଉଲ୍ଲେଖ କରିଥିଲେ। ଏହି ସମୀକ୍ଷା ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ବୈତାରୁ ଦୀପ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର.କାଲାଇ ଭାନନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପରେ ସାର୍କିଟ ହାଉସରେ ଉପସ୍ଥିତ ସୁଭଦ୍ରା ଭଉଣୀ ଓ ଲକ୍ଷପତି ଦିଦିମାନଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ।

# ଅନୁଭବ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର

**ସୋନପୁର,୧୦।୮ (ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଧୁବାମୁଣ୍ଡାସ୍ଥିତ ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଆୟୋଜିତ ହୋଇଯାଇଛି। ଅନୁଭବ ଫାଉଣ୍ଡେଶନ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ସୁକାନ୍ତି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ ଅଧ୍ୟକ୍ଷ ବିଶ୍ୱନାଥ ତ୍ରିପାଠୀ ଓ ସମ୍ପାଦକ କମଳିନୀ ତ୍ରିପାଠୀ ଅତିଥି ଭାବେ ଯୋଗଦାନ କରି ରକ୍ତଦାନ କରି ରକ୍ତ ଅଭାବରୁ ମୃତ୍ୟୁବରଣ କରୁଥିବା ମୂଲ୍ୟବାନ ଜୀବନକୁ ରକ୍ଷା କରିବା ଏକ ମହତ କାମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ ଯୋଗଦାନ କରିଥିଲେ। ଅନୁଭବ ଫାଉଣ୍ଡେଶନ କର୍ମକର୍ତ୍ତା ଓ ସ୍କୁଲର କର୍ମଚାରୀ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରକ୍ତ ଭଣ୍ଡାର ଟେକ୍‌ନିସିଆନ ସତ୍ୟବ୍ରତ ତାଣ୍ଡି, ଜଗତ ଦରୱାନ, ସୁଶାନ୍ତ ନାଏକ ଓ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ଅତିଥିଙ୍କ ଗହଣରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

# ହୋଇପାରୁନି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ

**ବୀରମହାରାଜପୁର, ୧୦।୮ (ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶନାମା ସତ୍ତ୍ୱେ ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟାନ୍ୱୟନରେ ସମସ୍ୟା ଦେଖାଦେଇଛି। ଯୋଗ୍ୟ ହିତାଧିକାରୀ ଗ୍ରାମସଭା ଅନୁମୋଦନକ୍ରମେ ଗାଈ, ଛେଳି, ମେଣ୍ଢା ଗୁହାଳ ନିର୍ମାଣ, ସେଚକୂପ ଖନନ, ଜମି ଉନ୍ନତୀକରଣ ପ୍ରକଳ୍ପ ଅନୁମୋଦନ ପାଇଁ ବିଡିଓଙ୍କୁ ଲିଖିତଭାବେ ଜଣାଇ ଥିଲେ। କିନ୍ତୁ ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସରପଞ୍ଚ ଶ୍ରୀୟା କର୍ମୀ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କୁ ଅବଗତ କରିଥିଲେ। ମେହେର ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୪୩୯୪/୨୪।୯।୨୦୨୪ରେ ବିଡିଓଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଥିଲେ। ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସରପଞ୍ଚ କର୍ମୀ ଜିଲାପାଳଙ୍କ ଯୁଗ୍ମ ଶୁଣାଣିରେ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ଅନ୍ୟା ଦାଶ ହିତାଧିକାରୀଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆଶୁ ପଦକ୍ଷେପ ନେବାକୁ ବିଡିଓଙ୍କୁ ଆଦେଶ ଦେଇଥିଲେ। ଏବିଷୟରେ ବିଡ଼ିଓ ପୁରୁଷୋତ୍ତମ ଧରୁଆଙ୍କୁ ପଚାରିବାରୁ ସରପଞ୍ଚ ଯାହା ଅଭିଯୋଗ କରିଛନ୍ତି ତାହା ୨୦୨୪ମସିହାର ଘଟଣା। ସେ ସମୟରେ ମୁଁ ଦାୟିତ୍ୱରେ ନଥିଲି। ଦାୟିତ୍ୱ ନେବାପରେ ସରକାରୀ ନିୟମ ଅନୁସାରେ ଯୁକ୍ତଧାରା ପୋର୍ଟାଲ ଏଷ୍ଟିମେଟ କାର୍ଯ୍ୟ ହୋଇଛି।


**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/07

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003327 Dt 05.06.2025 (Corrigendrum-1) | SITC of CCTV across discoms |
| 2 | TPCODL/CCG/2025-26/1000005074 | Rate Contract for Supply of Fuse Wire TC Items |
| 3 | TPCODL/P&S/2025-26/1000005049 | SITC of Porta Cabin for Stores of TPCODL |

more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details



**OFFICE OF MUNICIPAL COUNCIL, SUNABEDA**

No.C-822

**E-PROCUREMENT NOTICE**

No.2796 Date : 06.08.2025

**Bid-Identification No.M.C-SBD-01/2025-26**

| | | |
|---|---|---|
| Total No. of works | : | 105 Nos. |
| Tender Value | : | Rs.3,50,000/- to Rs.35,00,000/- |
| Available Period | : | Dt.18.08.2025, 11.00 A.M. to Dt.04.09.2025, 5.00 P.M. |
| Tendr Opening date | : | 09.09.2025 at 11.00 A.M. |
| Bidders are requested to participate in advance with their class | : | B, C & D Class DSC before the closing date. |

Further details please visit : https://www.tendersorissa.gov.in

Sd./- Executive Officer
Sunabeda Municipality

OIPR-13076/11/0026/2526



No.A-476

ଜଳ ସମ୍ପଦ ବିଭାଗ
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିକାଶ, ଭଦ୍ରକ

**OFFICE OF THE SUPERINTENDING ENGINEER, DRAINAGE DIVISION, BHADRAK**

email id : eeddbdk@gmail.com
Tel No. : 06784-451031

**"e" PROCUREMENT NOTICE NO.-03/2025-26**

| | | |
|---|---|---|
| 1 | Bid Identification Number | DDBDK-03-01-2025-26 to DDBDK-03-08-2025-26 (8 nos individual work) |
| 2 | Name of the Work | Drainage Works (under D.I.P. Scheme & IBDP) |
| 3 | Estimated cost of individual works | Varies from Rs.16,70,775/- to Rs.84,22,032/- (Excluding G.S.T) |
| 4 | Period of completion | Varies from 2 (Three calendar months) to 6 (Six calendar months) |
| 5 | Date & Time of availability of Bid document in the portal | From Dt.13.08.2025 at 10.00 hours to Dt.29.08.2025 up to 17.00 hours |
| 6 | Date & Time for receipt of Bid document in the Portal | From Dt.14.08.2025 at 10.00 hours to Dt.29.08.2025 at 17.00 hours |
| 7 | Date of Opening of technical bid | Dt.30.08.2025 at 11.30 hours. In the Office of the Superintending Engineer, Drainage Division, Bhadrak |
| 8 | Name & address of the officer inviting Bids | Superintending Engineer, Drainage Division, Bhadrak |

Further details can be seen from the Govt. Website www.tendersodisha.gov.in

Sd./- Superintending Engineer
Drainage Division, Bhadrak

OIPR-32057/11/0008/2526



No.A-479

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer, Drainage Circle, Balasore**

Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-09/2025-26**

| | | | |
|---|---|---|---|
| 1 | Bid Identification Number | : | ACEDCBLS/DDBDK-01-09/2025-26 ACEDCBLS/DDBDK-02-09/2025-26 ACEDCBLS/DDBDK-03-09/2025-26 ACEDCBLS/DDBDK-04-09/2025-26 |
| 2 | Name of work | : | Drainage Improvement works (Under D.I.P. Scheme) |
| 3 | Total No. of Project | : | 4 Nos. of Individual work |
| 4 | Estimated cost of individual works | : | varies from Rs.1,82,98,800/- to Rs.2,81,06,008/- (Excluding G.S.T.) |
| 5 | Period of completion | : | 11 (Eleven) Calendar months |
| 6 | Date & Time of availability of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 8 | Date of Opening of Technical Bid | : | Dt.03.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Name & address of the officer inviting Bids | : | Additional Chief Engineer, Drainage Circle, Balasore |

**Further details can be seen from the Govt. Website www.tendersodisha.gov.in**

Sd./- Additional Chief Engineer
Drainage Circle, Balasore

OIPR-32190/11/0022/2526

# ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ବାର ହରିବୋଲ

ଡ. ସୁରେନ୍ଦ୍ର କୁମାର ମିଶ୍ର

■ ନିର୍ମାଣ ହୋଇଥିଲା ଚଉଦଟି ଯଜ୍ଞଶାଳା

■ କସ୍ତୁରିକା ମୋଦିନୀ ଦେବୀ ସିନ୍ଧୁକରେ ପଠାଇଥିଲେ ବସ୍ତ୍ର ଓ ପୂଜାସଜ

ଐତିହ୍ୟର ଓଡ଼ିଶା


ରଥର ପାରାଭାଡ଼ି ସମାପ୍ତ ହେବାପରେ ଭୋଇ ସେବକମାନଙ୍କର ହରିବୋଲ ଡାକ।

ଗଜପତିଙ୍କର ସାମ୍ରାଜ୍ୟ ବିଜୟ ସ୍ମାରକୀ ଥିଲା ଅ୧୮ଙ୍କ କାର୍ତ୍ତିକ ଶୁକ୍ଳ ଦଶମୀ। ପଞ୍ଜିକ ଦିନ। ସେହିଦିନ ଭୁବନେଶ୍ୱର ରାଜଗୁରୁ, ନରସିଂହପୁରର ଆନନ୍ଦ ରଥ ପହଞ୍ଚିଥିଲେ କୋଣାର୍କରେ। ଗଜପତିଙ୍କ ଆଦେଶରେ ସେମାନେ କୋଣାର୍କରେ ପହଞ୍ଚି ଯଜ୍ଞ ମଣ୍ଡପର ମାପ ଦେଲେ ବାସ୍ତୁଶାସ୍ତ୍ର ଅନୁସାରେ।

ବନ୍ଦାପନା ମଣ୍ଡପର ପୂର୍ବଦିଗକୁ ୪ଟି ଯଜ୍ଞ ପାଇଁ ଗର୍ଭାଧାନଶାଳା, ସ୍ନାନଶାଳା ଓ ନ୍ୟାସ ଶାଳାର ମାପ ଦେଲେ। ବନ୍ଦାପନା ମଣ୍ଡପର ପଶ୍ଚିମଦିଗକୁ ମାପଦେଲେ। ବଳିଶାଳା ଓ ଦକ୍ଷିଣପଟକୁ 'ଯଜମାନଶାଳା'ର ମାପ ଦେଲେ। ପୀଢ଼ଚାଳଶାଳାର ମାପ ଦେଲେ ଅରୁଣସ୍ତମ୍ଭର ଦକ୍ଷିଣକୁ। ରୋଷଶାଳାର ଦୁଇଟି କୋଠରିକୁ 'ଚାରୁଶାଳା' କରାଯିବାକୁ ସ୍ଥିର ହେଲା। ଏହିପରି ୧୪ଟି ଯଜ୍ଞଶାଳା କରାଯାଇଥିଲା।

୧– ଗର୍ଭାଧାନଶାଳା, ୨– ସ୍ନାନଶାଳା, ୩– ନ୍ୟାସଶାଳା, ୪– ପୁରୋଡ଼ାସଶାଳା, ୫– ଅଙ୍କୁରାରୋପଣଶାଳା, ୬– ବଳିଶାଳା, ୭– ଯଜମାନଶାଳା, ୮– ପୀଢ଼ଚାଳ ଯଜ୍ଞଶାଳା, ୯– ଚାରୁଶାଳା, ୧୦–୧୩: ଚାରିଦ୍ୱାରରେ ୪ଟି ଶାଳା, ୧୪– ନିଶାତଳେ ଛୋଟ ଯଜ୍ଞଶାଳା।

ଦ୍ୱାଦଶ ଆଦିତ୍ୟଙ୍କ ପାଇଁ ବାରଯୋଡ଼ା ସିଲ୍କ ଲୁଗା ବରାଦ ହୋଇଥିଲା। ସେହିଦିନ ହାତୀ ପିଠିରେ ଗୋଟିଏ ସିନ୍ଧୁକ ଷୋହଳ ଯୋଡ଼ା ଉତ୍ତରୀୟ ମହାଦେବୀ ପଠାଇଥିଲେ। ସିନ୍ଧୁକ ଖୋଲାଗଲା ଅଧିକାରୀମାନଙ୍କ ଉପସ୍ଥିତିରେ। ସିନ୍ଧୁକରେ କ'ଣ କ'ଣ ଆସିଥିଲା ଏଠାରେ ଆମେ ଉଲ୍ଲେଖ କରୁଅଛୁ। ମହାଦେବୀ ଯଜ୍ଞ ଅନୁଷ୍ଠାନ ପାଇଁ କେତେ ସଜାଗ ଥିଲେ ଏବଂ ବହୁ ପୂର୍ବରୁ ଏସବୁ ଜିନିଷ ସଂଗ୍ରହ କରିଥିଲେ, ତାହା ଜାଣିହେବ। ୧) ୨୫ ଯୋଡ଼ା ପଗଡ଼ି ଥିଲା ସିନ୍ଧୁକରେ। ୨୫ଜଣ ନିରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବରାଦ ଦିଆଯାଇ ପ୍ରସ୍ତୁତ ହୋଇଥିଲା। ୨) ୨୩୭ଟି ସୂତା ଧୋତି ଯୋଡ଼–ଅନୁଷ୍ଠାନ ପାଇଁ ୨୩୭ ଜଣ ଶିଳ୍ପୀ ବରଣ ହୋଇଥିଲେ। ୩) ୨୨୬ଟି ଗାମୁଛା– ସମୁଦାୟ ପୂଜା କାମରେ ବ୍ୟବହାର ପାଇଁ, ୪) ୨୮ଟି ପିତ୍ତଳ ଗରା– ଚଉଦଟି ମଣ୍ଡପରେ ବ୍ୟବହାର ପାଇଁ। ୫) ୫ଟି ଦୀପରୁଖା। ୬) ସହସ୍ର ଧାରା ସ୍ନାନପାତ୍ର ଗୋଟିଏ। ୭) ଛୋଟ ପ୍ରଭା ଦୁଇଟି, ଯେଉଁଥିରେ ବିଗ୍ରହ ବିଜେ କରନ୍ତି। ୮) ପୂଜାପାତ୍ର ସଜ– ପାଞ୍ଚୋଟି। ୯) ପଦ୍ମଝରି ଚାରୋଟି। ଏହି ଝରିର ମୁହଁଟି ପଦ୍ମ ଆକୃତିର ଯେଉଁ ବାଟଦେଇ ଝରିରୁ ଜଳ ବାହାରେ। ୧୦) ଠିଆ ଦର୍ପଣ ଛଅଟି।

ଏତିକି ଆବଶ୍ୟକୀୟ ସଜ ମହାଦେବୀ ସଂଗ୍ରହ କରି ସିନ୍ଧୁକରେ ପଠାଇଦେବା ବଡ଼ କଥା ନୁହେଁ। ଏଥିପ୍ରତି ତାଙ୍କର ଅନୁରାଗ ଓ କର୍ତ୍ତବ୍ୟକୁ ବିଚାର କରିବା କଥା। ମହାରାଜା ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ ହେବ ସେ ବିଷୟରେ ଅବଗତ ହୋଇ ସଂଗ୍ରହ କରି ପଠାଇବା ଏକ ସକାରାତ୍ମକ ପ୍ରେରଣା। ଆଡ଼େଇ ହୋଇ ଚୁପ୍‌ଚାପ୍ ରହିଯାଇଥିଲେ, କେହି ଆଙ୍ଗୁଠି ଦେଖାଇବାକୁ ନ ଥିଲେ, ତଥାପି ମାନସିକ ପ୍ରସ୍ତୁତିକୁ ଲକ୍ଷ୍ୟ କରିବା କଥା। ଏହି ମହାଦେବୀ ହେଉଛନ୍ତି ମହାରାଣୀ କସ୍ତୁରିକା ମୋଦିନୀ, ଯାହାଙ୍କୁ ଗଜପତିଙ୍କ ପାର୍ଷଦମାନେ 'ରାଜମାତା' ବୋଲି ସମ୍ବୋଧନ କରୁଥିଲେ। ପୂର୍ବରୁ ସୂଚନା ଦେଇଥିଲୁ ମହାଦେବୀ ହେଉଛନ୍ତି ମଦୁରାଇ ମହାରାଜାଙ୍କ କନ୍ୟା।

ବାସୁବଢ଼େଇ ଶ୍ରୁବ, ଶ୍ରୁଚ ଓ ପ୍ରଣିତା ଆଣି ଯୋଗାଇବା ଦିବସ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେହିଦିନ ୨୮ଜଣ ଶିଳ୍ପୀ ସ୍ନାନ ପରେ ଭଣ୍ଡାରଘରକୁ ଆସି ହାତଯୋଡ଼ି ପ୍ରଥମ 'ହରିବୋଲ' ଧ୍ୱନି ଦେଇଥିଲେ। ଚଳଚଞ୍ଚଳ ହୋଇଗଲା ବାତାବରଣ। ସମସ୍ତ ପୂଜା ଉପକରଣକୁ ନାଲି ସିଲ୍କ କନାରେ ଗୁଡ଼ାଇ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିର ସାମନାରେ ରଖି 'ଶାଙ୍ଗି' (ବାହାଙ୍ଗି)ରେ ଲଦି ଗର୍ଭାଧାନଶାଳାରେ ପହଞ୍ଚାଇଥିଲେ। ସେଇଠି ପଡ଼ିଥିଲା ଦ୍ୱିତୀୟ ହରିବୋଲ। ସେଣେ ସାତଜଣ ପଥୁରିଆ ବାର ଭରଣ ଧାନରେ (ଭରଣକ ୪୦ ଗୌଣି)ରେ ବିଜେ ପ୍ରତିମାଙ୍କୁ ବିଜେ କରି ଚାରିପଟ କନାରେ ଆବଦ୍ଧ କରି ହରିବୋଲ ପକାଇ ଶାଳା ନିକଟରେ ପହଞ୍ଚାଇଥିଲେ। ଏହା ଥିଲା ତୃତୀୟ ହରିବୋଲ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ମୂଳରୁ ଶେଷ ପର୍ଯ୍ୟନ୍ତ ଭୋଇ ସେବକ ନଅ ହରିବୋଲ ପକାଇଥାନ୍ତି। ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ଦ୍ୱାଦଶ ହରିବୋଲ। ଆଗକୁ ଦେଖିବା ହରିବୋଲର ରହସ୍ୟ ଓ ପରମ୍ପରା।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ବୌଦ୍ଧ,୧୦।୮(ଅଜିତ କୁମାର ବାରିକ)

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରାଣୀଧନ ଚିକିତ୍ସକ ଡ. ପ୍ରିୟବ୍ରତ ବେହେରା ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଙ୍କୁଳ ପ୍ରମୁଖ ଦଶରଥ ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟଙ୍କଧର ସାହୁ, ବିଜ୍ଞାନ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ଅଶୋକ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ମେଳାରେ ୨୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପୁରାତନ ଆଚାର୍ଯ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ପରିଚାଳନା କମିଟି ସଦସ୍ୟା ପୁଷ୍ପାଞ୍ଜଳୀ ନାୟକ, ତୃପ୍ତିମୟୀ ପଟ୍ଟନାୟକ ଯୋଗ ଦେଇଥିଲେ। ଦିଲୀପ ସାହୁ, ନବନିତା ବେହେରା, କାତ୍ୟାୟନୀ ପାଢୀ, ପ୍ରଫୁଲ୍ଲ ପ୍ରଧାନ, ଅନ୍ତର୍ଯାମୀ ନାୟକ, ଗୋପାଳ ଅମାତ, ଗୋବର୍ଦ୍ଧନ ପ୍ରଧାନ, ଦେବଦତ୍ତ ମହାପାତ୍ର, ସୁଦର୍ଶନ ମେହେର, ସୌମିତ୍ରୀ ବାରିକ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍କାନରରେ ବୌଦ୍ଧ ଜିଲାର ଶିକ୍ଷକ ନେତା

ବୌଦ୍ଧ,୧୦।୮(ଅଜିତ କୁମାର ବାରିକ)

**ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲା**

ସାରା ରାଜ୍ୟରେ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ନେଇ ତନାଘନା ଚାଲିଛି। ପ୍ରଶ୍ନପତ୍ର ପ୍ରଘଟରେ ସାମିଲ ଥିବା ଅଧିକାରୀ ଓ କର୍ମଚାରୀଙ୍କ ସହିତ ଶିକ୍ଷା ବିଭାଗର ଜିଲାସ୍ତରର କେଉଁ ଶିକ୍ଷକ କିମ୍ବା ବିଭାଗୀୟ କର୍ମଚାରୀମାନଙ୍କ ସମ୍ପର୍କ ରହିଥିଲା ତାକୁ ନେଇ ଖୋଳତାଡ ଆରମ୍ଭ ହୋଇଛି। ତେବେ ବୌଦ୍ଧ ଜିଲାର କିଛି ଶିକ୍ଷକ ନେତା ମଧ ଏଥିରେ ସାମିଲ ଥିବା ଏବଂ ତଦନ୍ତକାରୀ ସଂସ୍ଥା ସ୍କାନରରେ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ବୌଦ୍ଧ ଜିଲାରେ କୁଆଡେ ଓଟିଇଟି ପରୀକ୍ଷାରେ ବ୍ୟାପକ ଅର୍ଥ କାରବାର ହୋଇଆସୁଥିବା ନେଇ ଅଭିଯୋଗ ହୋଇଛି। ସୁବିଧା ଅନୁଯାୟୀ ପରୀକ୍ଷା କେନ୍ଦ୍ର ସ୍ଥିର କରିବାଠାରୁ ଆରମ୍ଭ କରି ଶିକ୍ଷା ବିଭାଗ ଅଧିକାରୀଙ୍କଠାରୁ ଆରମ୍ଭ କରି ଶିକ୍ଷକ ଓ କର୍ମଚାରୀମାନେ ମଧ ପରୀକ୍ଷା ପାଇଁ ଅର୍ଥ କାରବାରରେ ସାମିଲ ଥିବା ଆଲୋଚନା ହେଉଛି। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ପକ୍ଷରୁ ଜିଲାସ୍ତର ପର୍ଯ୍ୟନ୍ତ ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ କରାଯିବ ବୋଲି ଜଣାପଡିବା ପରେ ଜିଲାର କିଛି ଶିକ୍ଷକ ନେତା ଏହି ତଦନ୍ତର ସ୍କାନରରେ ଥିବା ନେଇ ଆଲୋଚନା ହେଉଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କୁ ଯୋଗାଯୋଗ କରାଯିବାରୁ ଜିଲାରେ ପ୍ରଶ୍ନପତ୍ର ପ୍ରଘଟରେ କାହାର ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ତଦନ୍ତ ପାଇଁ ତାଙ୍କ ପାଖକୁ ଶିକ୍ଷା ବିଭାଗରୁ କୌଣସି ସୂଚନା ଆସିନାହିଁ। ବୌଦ୍ଧକୁ ବୋର୍ଡରୁ ପଠାଯାଇଥିବା ପ୍ରଶ୍ନପତ୍ରର ସ୍ଥିତାବସ୍ଥା ସମ୍ପର୍କରେ ବିଭାଗ ପକ୍ଷରୁ ସୂଚନା ମଗାଯାଇଥିଲା ଏବଂ ସେ ନେଇ ସୂଚନା ପ୍ରଦାନ କରାଯାଇଛି ବୋଲି ଦୁବେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ୨ ବାଇକ ମୁହାଁମୁହିଁ ଧକ୍କା, ୨ ମୃତ

କୁଚିଣ୍ଡା,୧୦।୮(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଉଜ୍ଜକାପାଟ ପଞ୍ଚାୟତ ଭଗପଡାଠାରେ ରବିବାର ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦପୁର ଥାନା ଭଗପଡାର ରଞ୍ଜିତ ଲୁହା(୫୭) ଓ ସାଙ୍କୋବାହାଲର କିଶୋର ବାର୍ଲା (୫୬)। ସୋମବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି। ରଞ୍ଜିତ ଲୁହା ରେଳବାଇର ଜଣେ କର୍ମଚାରୀ ଏବଂ କିଶୋର ବାର୍ଲା କେନ୍ଦୁପତ୍ର ୱାଚର୍ ଭାବେ କାର୍ଯ୍ୟରତ। କିଶୋର ସାଙ୍କୋବାହାଲରୁ ନିଜ ଝିଅକୁ ଆଣିବାକୁ ବାମରା ଯାଉଥିଲେ। ଭଗପଡାରେ ରଞ୍ଜିତଙ୍କ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା।

### ନଦୀରେ ଭାସି ଯୁବକ ନିଖୋଜ

କୁଚିଣ୍ଡା,୧୦।୮(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଗୋଛରା ନିକଟ ଭେଡେନ ନଦୀକୁ ଗାଧୋଇବାକୁ ଯାଇ ବନ୍ଧନ ମୁଣ୍ଡା(୩୫) ନିଖୋଜ ହୋଇ ଯାଇଛନ୍ତି। ରବିବାର ଅପରାହ୍ଣ ପ୍ରାୟ ୧ଟାରେ ଗାଧୋଉଥିବାବେଳେ ବନ୍ଧନଙ୍କ ଗୋଡ଼ ଖସି ଯିବାରୁ ନଦୀ ସ୍ରୋତରେ ଭାସି ଯାଇଥିଲେ। କୁଚିଣ୍ଡାରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜିବା ଆରମ୍ଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳାହିଁ। ସୋମବାର ସକାଳୁ ପୁଣି ଖୋଜିବା କାର୍ଯ୍ୟ କରିବାକୁ ଅଗ୍ନିଶମ ଅଧିକାରୀ ଜୀବନ ପ୍ରତାପ ଟପ୍ପୋ କହିଛନ୍ତି। ଏନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

### ନୂଆଁଖାଇ ଅବ୍ୟବହିତ ପୂର୍ବରୁ ମଶାଲ ଶୋଭାଯାତ୍ରା

ବିନିକା,୧୦।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୱାର୍ଡ ୧ ଡଭଲା ଗ୍ରାମରେ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ଯୁବକ ସଂଘ ତରଫରୁ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଗୋପାଳଜୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଯୁବକ ସଂଘ କର୍ମକର୍ତ୍ତାଙ୍କ ସହ କୁନି ପିଲାମାନେ ସାମିଲ ହୋଇଥିଲେ।

# ଧାର ଟଙ୍କା ନ ଫେରାଇବାରୁ ତଣ୍ଟିଚିପି ହତ୍ୟା

କୁଚିଣ୍ଡା,୧୦।୮(ବିରଞ୍ଚି ଦର୍ଭା)

**ଡିମିରିମୁଣ୍ଡା ବନି ମହାକୁଳ ହତ୍ୟା ଘଟଣାରେ ୨ଗିରଫ**


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଡିମିରିମୁଣ୍ଡା ଗ୍ରାମର ବନି ମହାକୁଳ(୫୦) ହତ୍ୟା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୧ ମହୁଲଡିହିର ମନୋଜ କୁମାର କେନ୍ଥୁ(୬୦) ଓ ଅରକ୍ଷିତ ମାଝି (୨୮)। ମୃତାଙ୍କ ପୁଅ ସଞ୍ଜିତ ମହାକୁଳଙ୍କ ଏତଲାକ୍ରମେ ପୋଲିସ କୁଚିଣ୍ଡା ଥାନାରେ ଦଫା ୧୦୩(୧)/୩(୫)ବିଏନ୍‌ଏସ୍(ନଂ.୨୧୨/୨୫)ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସପ୍ତାହକ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଧାର ଟଙ୍କା ଫେରସ୍ତ ନ କରି ଓଲଟା ଆଇନର ଧମକ ଦେଇ ଆସୁଥିବାରୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବାକୁ ଅରକ୍ଷିତଙ୍କ ସହାୟତାରେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୁକ୍ତ ମନୋଜ ପୋଲିସ ଆଗରେ ସ୍ୱୀକାର କରିଥିବା ରବିବାର ସନ୍ଧ୍ୟାରେ ଆୟୋଜିତ ଖରଦାତା ସମ୍ମିଳନୀରେ ସମ୍ବଲପୁର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି। କୁଚିଣ୍ଡା ପୋଲିସ ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସ୍‌ଡ଼ିଜେଏମ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ହତ୍ୟାରେ ବ୍ୟବହୃତ ଏକ ବାଇକ, ଚପଲ ଓ ମୃତ ମହିଳାଙ୍କ ଷ୍ଟଲ ଜବତ କରିଛି।

ଡିମିରିମୁଣ୍ଡା ଗ୍ରାମର ସ୍ୱର୍ଗତ ବିଦେଶୀ ମହାକୁଳଙ୍କ ସ୍ତ୍ରୀ ବନି ମହାକୁଳ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ସେ ଝାରସୁଗୁଡ଼ା ଓ ରାଉରକେଲାରୁ ପରିବା ଆଣି କୁଚିଣ୍ଡା ଦୈନିକ ଜାରରେ ବିକ୍ରି କରୁଥିଲେ। ଅଭିଯୁକ୍ତ ମନୋଜଙ୍କ ସହ ତାଙ୍କର ଦୀର୍ଘଦିନ ଧରି ସମ୍ପର୍କ ଥିଲା। ଏହି କାରଣରୁ ମନୋଜ ତାଙ୍କୁ ଆର୍ଥିକ ସହାୟତା ଦେଇ ଆସୁଥିଲେ। ମୃତା ମନୋଜଙ୍କଠାରୁ ୩ମାସ ପୂର୍ବରୁ ମୋଟା ରକମର ଟଙ୍କା ଧାର ନେଇ ଆଉ ଫେରସ୍ତ କରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ମହିଳା ଜଣକ ଟଙ୍କା ଫେରସ୍ତ କରିବା ବଦଳରେ ଓଲଟା ବଳାତ୍କାର ମାମଲାରେ ଫସାଇବାକୁ କୁଆଡେ ଧମକ ଦେଇଆସୁଥିଲେ ବୋଲି ମନୋଜ ପୋଲିସ ଆଗରେ କହିଛନ୍ତି। ଏଥିରେ ମନୋଜ ଆକ୍ରୋଶ ରଖି ମହିଳାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ମହିଳା ଜଣକ ସବୁଦିନ ସନ୍ଧ୍ୟାରେ କୁଚିଣ୍ଡାରୁ ବସ୍ ଯୋଗେ ଡିମିରିମୁଣ୍ଡା ଛକରୁ ଓହ୍ଲାଇ ଘରକୁ ଯାଆନ୍ତି। ମନୋଜ ମହିଳାଙ୍କ ବସ୍‌ରେ ଯିବା ଆସିବା ଖବର ସଂଗ୍ରହ କରି ଗତ ୨ତାରିଖ ସନ୍ଧ୍ୟାରେ ଅରକ୍ଷିତଙ୍କ ସହ ବାଇକରେ ଯାଇ ଡିମିରିମୁଣ୍ଡା ଛକ ନିକଟବର୍ତ୍ତୀ ଗୁଡେନଗୁଡାର ଏକ କଲଭର୍ଟ ପାଖରେ ଛକି ରହିଥିଲେ। ସମ୍ପୃକ୍ତ ମହିଳା ବସ୍‌ରୁ ଓହ୍ଲାଇ ଘରକୁ ଯାଉଥିବା ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କୁ ମାଡ଼ିବସି ଗାମୁଛାରେ ତଣ୍ଟିଚିପି ହତ୍ୟା କରି ଏକ ଖାଲରେ ଫୋପାଡି ଦେଇ ଫେରାର ହୋଇଯାଇଥିଲେ। ରବିବାର ସକାଳେ ଗୁଡେନଗୁଡାଠାରେ ମା'ଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପୁଅ ସଞ୍ଜିତ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ଏସ୍‌ପି ମୁକେଶ କୁମାର ମାମୁଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ଦାସଙ୍କ ତତ୍ତ୍ୱାବଧାନରେ ଏକ ତଦନ୍ତକାରୀ ଟିମ ଗଠନ କରାଯାଇଥିଲା। କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ, ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା, ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ମହୁଲପାଲି ଥାନା ଅଧିକାରୀ ସୁଜିତ ଫିରୋଜ ଏକ୍କା, ଏସ୍‌ଆଇ ଅମର ହୋତା, ଆଶିଷ ପ୍ରଧାନ, ଲଲି ପ୍ରଧାନଙ୍କୁ ନେଇ ଗଠିତ ପୋଲିସ ଟିମ ପାରିପାର୍ଶ୍ୱିକ ସ୍ଥିତି ଓ ବିଭିନ୍ନ ଦିଗ ଉପରେ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ।

# ସମଲେଶ୍ୱରୀ ପୀଠରେ ଦୁଇ ରବିବାର ହେବ ଭଜନ ସମାରୋହ

ସମ୍ବଲପୁର,୧୦।୮(ପ୍ରମୋଦ ବହିଦାର)

ସମଲେଶ୍ୱରୀଙ୍କ ପୀଠରେ ପ୍ରତିମାସ ଦୁଇଟି ଭଜନ ସନ୍ଧ୍ୟା ଆୟୋଜିତ ହେବ। ସମଲେଶ୍ୱରୀଙ୍କ ମନ୍ଦିର ପରିସରସ୍ଥ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ସଭାପତି ସଞ୍ଜୟ ବାବୁଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଟ୍ରଷ୍ଟବୋର୍ଡ ସଦସ୍ୟ ଓ ସମ୍ବଲପୁରର ଅନେକ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ତଥା କଳାକାରମାନେ ସାମିଲ ହୋଇ ଉକ୍ତ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଟ୍ରଷ୍ଟବୋର୍ଡ ସଭାପତି ବାବୁଙ୍କ ସୂଚନା ଅନୁସାରେ ଅନେକ ଦିନରୁ ସଙ୍କଳ୍ପିତ ମା' ସମଲେଶ୍ୱରୀଙ୍କ ପୀଠରେ ପ୍ରତିମାସରେ ଦୁଇଟି ରବିବାର ଭଜନ ସନ୍ଧ୍ୟା ଆୟୋଜନ ନେଇ ନିଷ୍ପତ୍ତି ହୋଇଛି। ଯାହା ଚଳିତମାସ ୧୭ ତାରିଖ ତୃତୀୟ ରବିବାରଠାରୁ ଆରମ୍ଭ ହେବ। ମାତ୍ର ଜନାଦୃତିକୁ ଦୃଷ୍ଟିରେ ରଖି ପରିବର୍ତ୍ତୀ ପର୍ଯ୍ୟାୟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ରୂପରେଖ ସମ୍ପର୍କିତ ନିଷ୍ପତ୍ତି ନିଆଯିବ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରାହିଁ ଏହି ଭଜନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଆସନ୍ତା ରବିବାର ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ସମସ୍ତ ବିଶିଷ୍ଟ କଳାକାରମାନଙ୍କ ଉପସ୍ଥିତିରେ ଭଜନ ସନ୍ଧ୍ୟା ସମଲେଶ୍ୱରୀଙ୍କ ଚରଣରେ ସମର୍ପିତ ହେବ। ଭଜନ ସନ୍ଧ୍ୟା ରବିବାର ସନ୍ଧ୍ୟା ୬ଟାରୁ ଆରମ୍ଭ ହେଇ ରାତି ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ବୈଠକରେ ଟ୍ରଷ୍ଟବୋର୍ଡ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ଦେବ କୁମାର ଅଜମେରିଆ, ସନ୍ତୋଷ ପୃସେଠ୍, ବୀରେନ୍ଦ୍ର ରାଏ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଇପାରୁନି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ

ବୀରମହାରାଜପୁର, ୧୦।୮(ଯୁଗଳ କିଶୋର ମିଶ୍ର):

ସୁବର୍ଣ୍ଣପୁର ଜିଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶନାମା ସତ୍ତ୍ୱେ ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟାନ୍ୱୟନରେ ସମସ୍ୟା ଦେଖାଦେଇଛି। ଯୋଗ୍ୟ ହିତାଧିକାରୀ ଗ୍ରାମସଭା ଅନୁମୋଦନକ୍ରମେ ଗାଈ, ଛେଳି, ମେଣ୍ଢା ଗୁହାଳ ନିର୍ମାଣ, ସେଚକୂପ ଖନନ, ଜମି ଉନ୍ନତୀକରଣ ପ୍ରକଳ୍ପ ଅନୁମୋଦନ ପାଇଁ ବିଡିଓଙ୍କୁ ଲିଖିତଭାବେ ଜଣାଇ ଥିଲେ। କିନ୍ତୁ ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସରପଞ୍ଚ ଶ୍ରୀନ୍ୟା କର୍ମୀ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କୁ ଅବଗତ କରିଥିଲେ। ମେହେର ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୪୩୯୪/୨୪।୯।୨୦୨୪ରେ ବିଡିଓଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଥିଲେ। ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସରପଞ୍ଚ କର୍ମୀ ଜିଲାପାଳଙ୍କ ଯୁଗ୍ମ ଶୁଣାଣିରେ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ଅନ୍ୟା ଦାଶ ହିତାଧିକାରୀଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆଶୁ ପଦକ୍ଷେପ ନେବାକୁ ବିଡିଓଙ୍କୁ ଆଦେଶ ଦେଇଥିଲେ। ଏବିଷୟରେ ବିଡ଼ିଓ ପୁରୁଷୋତ୍ତମ ଧରୁଆଙ୍କୁ ପଚାରିବାରୁ ସରପଞ୍ଚ ଯାହା ଅଭିଯୋଗ କରିଛନ୍ତି ତାହା ୨୦୨୪ମସିହାର ଘଟଣା। ସେ ସମୟରେ ମୁଁ ଦାୟିତ୍ୱରେ ନଥିଲି। ଦାୟିତ୍ୱ ନେବାପରେ ସରକାରୀ ନିୟମ ଅନୁସାରେ ଯୁକ୍ତଧାରା ପୋର୍ଟାଲ ଏଷ୍ଟିମେଟ କାର୍ଯ୍ୟ ହୋଇଛି।


**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/07

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003327 Dt 05.06.2025 (Corrigendrum-1) | SITC of CCTV across discoms |
| 2 | TPCODL/CCG/2025-26/1000005074 | Rate Contract for Supply of Fuse Wire TC Items |
| 3 | TPCODL/P&S/2025-26/1000005049 | SITC of Porta Cabin for Stores of TPCODL |

more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

**OFFICE OF MUNICIPAL COUNCIL, SUNABEDA**
**E-PROCUREMENT NOTICE**
No.C-822

No.2796 Date : 06.08.2025

Bid-Identification No.M.C-SBD-01/2025-26

| | | |
|---|---|---|
| Total No. of works | : | 105 Nos. |
| Tender Value | : | Rs.3,50,000/- to Rs.35,00,000/- |
| Available Period | : | Dt.18.08.2025, 11.00 A.M. to Dt.04.09.2025, 5.00 P.M. |
| Tendr Opening date | : | 09.09.2025 at 11.00 A.M. |
| Bidders are requested to participate in advance with their class | : | B, C & D Class DSC before the closing date. |

Further details please visit : https://www.tendersorissa.gov.in

Sd./- Executive Officer
Sunabeda Municipality

OIPR-13076/11/0026/2526

No.A-476
ଜଳ ସମ୍ପଦ ବିଭାଗ
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିକାଶ, ଭଦ୍ରକ
**OFFICE OF THE SUPERINTENDING ENGINEER, DRAINAGE DIVISION, BHADRAK**
email id : eeddbdk@gmail.com
Tel No. : 06784-451031

**"e" PROCUREMENT NOTICE NO.-03/2025-26**

| | | |
|---|---|---|
| 1 | Bid Identification Number | DDBDK-03-01-2025-26 to DDBDK-03-08-2025-26 (8 nos individual work) |
| 2 | Name of the Work | Drainage Works (under D.I.P. Scheme & IBDP) |
| 3 | Estimated cost of individual works | Varies from Rs.16,70,775/- to Rs.84,22,032/- (Excluding G.S.T) |
| 4 | Period of completion | Varies from 2 (Three calendar months) to 6 (Six calendar months) |
| 5 | Date & Time of availability of Bid document in the portal | From Dt.13.08.2025 at 10.00 hours to Dt.29.08.2025 up to 17.00 hours |
| 6 | Date & Time for receipt of Bid document in the Portal | From Dt.14.08.2025 at 10.00 hours to Dt.29.08.2025 at 17.00 hours |
| 7 | Date of Opening of technical bid | Dt.30.08.2025 at 11.30 hours. In the Office of the Superintending Engineer, Drainage Division, Bhadrak |
| 8 | Name & address of the officer inviting Bids | Superintending Engineer, Drainage Division, Bhadrak |

Further details can be seen from the Govt. Website www.tendersodisha.gov.in

Sd./- Superintending Engineer
Drainage Division, Bhadrak

OIPR-32057/11/0008/2526

No.A-479
**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer, Drainage Circle, Balasore**
Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-09/2025-26**

| | | | |
|---|---|---|---|
| 1 | Bid Identification Number | : | ACEDCBLS/DDBDK-01-09/2025-26 ACEDCBLS/DDBDK-02-09/2025-26 ACEDCBLS/DDBDK-03-09/2025-26 ACEDCBLS/DDBDK-04-09/2025-26 |
| 2 | Name of work | : | Drainage Improvement works (Under D.I.P. Scheme) |
| 3 | Total No. of Project | : | 4 Nos. of Individual work |
| 4 | Estimated cost of individual works | : | varies from Rs.1,82,98,800/- to Rs.2,81,06,008/- (Excluding G.S.T.) |
| 5 | Period of completion | : | 11 (Eleven) Calendar months |
| 6 | Date & Time of availability of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 8 | Date of Opening of Technical Bid | : | Dt.03.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersodisha.gov.in

Sd./- Additional Chief Engineer
Drainage Circle, Balasore

OIPR-32190/11/0022/2526

# କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ଉଠିଲା

■ କଳାହାଣ୍ଡିର କୃଷି ଓ କୃଷକ ଶୀର୍ଷକ ଉପରେ ଖୋଲା ଆଲୋଚନା

■ ଚାଷ ଓ ଚାଷୀଙ୍କ ପାଇଁ ବିନିଯୋଗ ହେଉ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା

ଭବାନୀପାଟଣା, ୧୦।୮ (ଉତ୍ତମ କୁମାର ଦାଶ)

ସାରା ରାଜ୍ୟରେ କୃଷିରେ ଅଗ୍ରାଧିକାର ହାସଲ କରିଥିବା କଳାହାଣ୍ଡି ଜିଲା ପାଇଁ ଏକ ସ୍ୱତନ୍ତ୍ର ପଲିସୀର ଆବଶ୍ୟକତା ରହିଛି ବୋଲି ରବିବାର ଭବାନୀପାଟଣା ସ୍ଥିତ ଏସ୍. ଏନ୍.ରେସିଡେନ୍ସି ସମ୍ମିଳନୀ କକ୍ଷରେ 'କଳାହାଣ୍ଡିର କୃଷି ଓ କୃଷକ ଶୀର୍ଷକ' ଉପରେ ଏକ ଖୋଲା ଆଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଖୋଲା ଆଲୋଚନା କାର୍ଯ୍ୟକ୍ରମରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଦାବି ଉଠିଛି। ପୂର୍ବରୁ ଏହି ଜିଲାରେ ପାରମ୍ପରିକ ଉପାୟରେ ବନ୍ଧ, କଟା ଓ ମୁଣ୍ଡା ଜରିଆରେ ଜଳସେଚନର ନିୟମିତ ବ୍ୟବସ୍ଥା ରହିଥିଲା। କିନ୍ତୁ ଆଜିର ଦିନରେ ଜିଲାରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ ଓ କୃଷି ଉତ୍ପାଦର ବିପଣନ ଏକ ପ୍ରମୁଖ ପ୍ରସଙ୍ଗ ଅଟେ। ଜିଲାରେ ଅନେକ କୃଷି ସମସ୍ୟା ରହିଛି। ସେଥିମଧ୍ୟରୁ ଉପଯୁକ୍ତ କୃଷି ଭିତ୍ତିଭୂମି ପାଇଁ ଜମିଜମାର ରେକର୍ଡ ସଂଶୋଧନ ସହିତ ଅଭାବୀ ବିକ୍ରି ସମସ୍ୟାର ସମାଧାନ କରାଯିବାର ଆବଶ୍ୟକତା ରହିଛି। ଖାଲି ପଡ଼ିଥିବା ଜାଗାକୁ କୃଷି ଉପଯୋଗୀ କରାଯିବାର ଆବଶ୍ୟକତା ରହିଛି। ବିଭିନ୍ନ ସରକାରୀ ଯୋଜନା ଦ୍ୱାରା ଚାଷ ଓ ଚାଷୀଙ୍କୁ ଫୋକସ କରିବା ସହିତ କୃଷି ଶ୍ରମିକ ବିଶେଷ କରି ମହିଳା କୃଷି ଶ୍ରମିକ ଓ ଶିକ୍ଷିତ ଯୁବତୀଯୁବକଙ୍କୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ଯୋଜନାକୁ ଚାଷ ଓ ଚାଷୀଙ୍କ ହିତ ପାଇଁ ବିନିଯୋଗ କରାଯିବା ଉଚିତ। ରାଜ୍ୟରେ ଚାଷୀଙ୍କ ଉନ୍ନତି ପାଇଁ କୃଷି କମିସନ ସ୍ଥାପନ, କୃଷି ଯନ୍ତ୍ରପାତି ଓ ଉପକରଣ କିଣିବାରେ ରିହାତି, ସଘନ ଚାଷ ପ୍ରଣାଳୀର ବ୍ୟବହାର, କୃଷି ଭିତ୍ତିକ ପ୍ରୋସେସିଂ ୟୁନିଟ ସ୍ଥାପନ, ଜିଲା ବ୍ୟାପି ଶୀତଳ ଭଣ୍ଡାର ସ୍ଥାପନ, ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଫସଲ ମଧ୍ୟରୁ ୮୦ ପ୍ରତିଶତ ମଣ୍ଡିରେ ବିକ୍ରି ଓ ବାଧ୍ୟତାମୂଳକ ୨୦ ପ୍ରତିଶତ ବିହନ ଭାବେ ବ୍ୟବହାର, କୃଷକ ସଙ୍ଗଠନ ଗୁଡ଼ିକୁ ସଶକ୍ତ କରିବା, ଆଖୁଚାଷକୁ ପ୍ରୋତ୍ସାହନ ଓ ଦେଶୀଗୁଡ଼ ପ୍ରସ୍ତୁତି ୟୁନିଟ ସ୍ଥାପନ, ଗୋପାଳନ, ମତ୍ସ୍ୟଚାଷ, ଆମ୍ବଚାଷ ପାଇଁ ପ୍ରୋତ୍ସାହନ, ପ୍ରବାହ ଜଳସେଚନ ବଦଳରେ ଉଠା ଜଳସେଚନ ଉପରେ ଗୁରୁତ୍ୱ, ବର୍ଜ୍ୟ ଜଳ ପରିଚାଳନା, ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଶଯ୍ୟାରେ ବୃକ୍ଷରୋପଣ, ସରକାରୀ ଗୋଦାମରେ ଗଚ୍ଛିତ ଚାଉଳର ସଦ ବ୍ୟବହାର, ଭବାନୀପାଟଣା ଓ ଧର୍ମଗଡ଼ ଉପଖଣ୍ଡରେ ୨ଟି ବିଶାଳ ଗୋରୁ, ଛେଳି ମେଣ୍ଢା ବଜାର ସ୍ଥାପନ, କପା ମଣ୍ଡି ସ୍ଥାପନ, ଜଳପୁରୁଷ କାର୍ଜୀ ମାଝୀଙ୍କ ଦ୍ୱାରା ନିର୍ମିତ କେନାଲର ପୁନଃରୁଦ୍ଧାର, ଲାଞ୍ଜିଗଡ଼ ବ୍ଲକରେ ରେତ କେନାଲର ସମ୍ପ୍ରସାରଣ, ନିୟମଗିରି ଅଧିବାସୀଙ୍କ ଉତ୍ପାଦିତ ଜଙ୍ଗଲଜାତ ଦ୍ରବ୍ୟର ଠିକ ବିକ୍ରିବଟା, ଚାଷ ଓ ଚାଷୀଙ୍କ ମଧ୍ୟରେ ଦଲାଲରାଜ ଶେଷ କରିବା, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ କୃଷିକୁ ପ୍ରୋତ୍ସାହନ, ବହୁବିଧ ଓ ବଦଳ ଚାଷକୁ ପ୍ରୋତ୍ସାହନ, ମଣ୍ଡି ବ୍ୟବସ୍ଥାରେ ଉନ୍ନତି, ଜିଲାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିୟନର ସଭାପତି କମ୍ବୁପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିଆରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ ଓ ଗବେଷକ ଉମାଶଙ୍କର କର, ସ୍ୱାଧୀନ ପାତ୍ର, ଶାନ୍ତନୁ ବେହେରା, ସୁଶାନ୍ତ ମହାପାତ୍ର, ବିଶିଷ୍ଟ ଚାଷୀ କୃଷ୍ଣ ନାଗ, ପ୍ରଶାନ୍ତ ପଟ୍ଟଯୋଶୀ, ଦିପ୍ତୀରଞ୍ଜନ ପ୍ରହରାଜ, ଭବାନୀପାଟଣା ସମବାୟ ବ୍ୟାଙ୍କର ସଭାପତି ଗିରୀଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଖବରଦାତା ହେମନ୍ତ ସାହୁ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲାର ୧୩ଟି ବ୍ଲକ ଅଞ୍ଚଳରୁ ଶତାଧିକ ଖବରଦାତାଙ୍କ ସହିତ ଚାଷୀ ଓ ବୁଦ୍ଧିଜୀବୀ ନାଗରିକଗଣ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ଆଲୋଚନାରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ମତ ରଖୁଛନ୍ତି।

# ରେଳ ଲାଇନରୁ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ନୂଆପଡ଼ା, ୧୦।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ମହକୁମା ରେଳ ଷ୍ଟେସନର ଅନତି ଦୂରରେ ଖରିଆର ରୋଡ ପଟେ ରବିବାର ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡ ମୃତଦେହ ଜିଆର୍‌ପି ପୋଲିସ ଜବତ କରିଛି। ମୃତ ଯୁବକ ଜଣକ କୋମନା ଥାନା ଢୋର୍ଲାମୁଣ୍ଡା ଗାଁର ରାଜକୁମାର ମହାନନ୍ଦ (୨୨)। ସୂଚନା ଅନୁଯାୟୀ ରାଜକୁମାର ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସେ ଶନିବାର ନିଜ ଗାଁକୁ ବିଶାଖାପାଟନା–କୋରବା ଏକ୍ସପ୍ରେସ ଟ୍ରେନରେ ଫେରୁଥିଲେ। ନୂଆପଡ଼ା ଷ୍ଟେସନରେ ଓହ୍ଲାଇ ଢୋର୍ଲାମୁଣ୍ଡା ଯାଇଥାନ୍ତେ। ରବିବାର ସକାଳେ ସ୍ଥାନୀୟ ଲୋକେ ରେଳଲାଇନରେ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖି ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ। ଖବରପାଇ କଣ୍ଟାବାଞ୍ଜି ଜିଆର୍‌ପି ଓ ଖରିଆର ରୋଡ ଆର୍‌ପିଏଫ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।


ରାଜ କୁମାର ମହାନନ୍ଦ

ପରିବାର ଲୋକ ଚିକିତ୍ସାଳୟରେ ପହଞ୍ଚିଲା ପରେ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଛି। ଏହା ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ ରହିଛି। ରାଜକୁମାର ଚଳନ୍ତା ଟ୍ରେନରୁ ପଡି କଟି ଗଲେ କି ଓହ୍ଲାଇଲା ପରେ କିଏ ତାଙ୍କୁ ହତ୍ୟାକରି ଟ୍ରେନ୍ ଲାଇନରେ ଫିଙ୍ଗି ଦେଇଛନ୍ତି ସେ ନେଇ ଚର୍ଚ୍ଚା ହେଉଛି।

# ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ


ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି।

ଭବାନୀପାଟଣା, ୧୦।୮ (ଉତ୍ତମ କୁମାର ଦାଶ)

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ସୈନିକ ବୋର୍ଡ ଠାରେ ରବିବାର ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ଜିଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜୀବ ଲୋଚନ ସାହୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ସଚିବ ସ୍ନିଗ୍ଧା ପଣ୍ଡା, ଡେପୁଟି ଚିଫ ଲିଗାଲ ଏଡ୍ ଡିଫେନ୍ସ କାଉନସିଲ ସଞ୍ଜୟ କୁମାର ବେହେରା, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ଜିଲା ସୈନିକ ବୋର୍ଡର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହାୟତା କେନ୍ଦ୍ର ଠାରେ ମାଗଣାରେ ପ୍ରତିରକ୍ଷା କର୍ମଚାରୀ, ସେବା ନିବୃତ୍ତ ସୈନିକ ଓ ତାଙ୍କ ପରିବାର କେମିତି ମାଗଣାରେ ଆଇନ ସହାୟତା ପାଇପାରିବେ ତାହା ଏହି ଆଇନ ସହାୟତା କେନ୍ଦ୍ରର ମୂଳଲକ୍ଷ୍ୟ ଅଟେ।

# ତ୍ରିରଙ୍ଗା ଯାତ୍ରାରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ

ନୂଆପଡ଼ା, ୧୦।୮ (ମକାରୁ ବେମାଲ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରବିବାର ନୂଆପଡ଼ା ଜିଲା ଗସ୍ତରେ ଆସି ସର୍କିଟ ହାଉସଠାରେ ପହଞ୍ଚିଲା ପରେ ଦଳୀୟ କର୍ମକର୍ତ୍ତା ସ୍ୱାଗତ ଜଣାଇଥିଲେ। ସେଠାରୁ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଏକତା ଛକଠାରେ ଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭାରତମାତାର ମୁକ୍ତି ସଂଗ୍ରାମର ଅମର ସହୀଦମାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ନୂଆପଡ଼ା ସାଲିହା ସ୍ମୃତିପୀଠରେ ଦେଶ ପାଇଁ ପ୍ରାଣବଳି ଦେଇ ଅମର ହୋଇଥିବା ବୀରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି କରିଥିଲେ। ଏହା ପରେ ପୁଣି ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ଭାଜପା ଜିଲା କାର୍ଯ୍ୟାଳୟକୁ ଯାଇ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଆସି ସମୀକ୍ଷା ବୈଠକରେ ଯୋଗଦେଇ ଜିଲାର ବିଭିନ୍ନ ବିଭାଗ ଉପରେ ସମୀକ୍ଷା କରିଥିଲେ। ଏହି ସମୟରେ ଜିଲାପାଳ ମଧୁସୂଦନ ଦାଶ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରୁ ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ଜିଲା ସଭାପତି କମଲେସ ଦୀକ୍ଷିତ, ସରୋଜ କୁମାର ସାହୁ, ପ୍ରସନ୍ନ କୁମାର ପାଢୀ, ପୂର୍ବତନ ଦିଲା ସଭାପତି ସୁବ୍ରତ ଠାକୁର, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସୁଶାନ୍ତ କୁମାର ପତି, ତୁଳସ ପଟେଲ, ସୋନିଆ ଜୈନ ଓ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଦଳୀୟ କର୍ମକର୍ତ୍ତା।

# ଭଉଣୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କକୁ ଉଜ୍ଜୀବିତ କରିବାକୁ ପ୍ରୟାସ


ଇଛାପୁର ଗ୍ରାମର 'ଭଉଣୀ ମିଳନ' କାର୍ଯ୍ୟକ୍ରମରେ ଅଞ୍ଚଳର ଝିଅମାନେ ସାମିଲ।

ଭବାନୀପାଟଣା, ୧୦।୮ (ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହରର ଦେବାନସାହେବପଡା ଶ୍ରୀରାମ ମନ୍ଦିର ପରିସରରେ ରବିବାର ଇଛାପୁର ଗ୍ରାମର ଭଉଣୀଙ୍କ ମଧ୍ୟରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ନେହ ଓ ପ୍ରେମର ଭଉଣୀଙ୍କ ମଧ୍ୟରେ ଏହି ଉତ୍ତମ ସମ୍ପର୍କକୁ ଉଜ୍ଜିବିତ କରିବାକୁ ପ୍ରଥମ ଥର ପାଇଁ ଇଛାପୁର ଗ୍ରାମର ସମସ୍ତ ଭଉଣୀ ଏକତ୍ରିତ ହୋଇଥିଲେ। ଏହି ଭଉଣୀ ମିଳନ କାର୍ଯ୍ୟକ୍ରମରେ ଇଛାପୁର ଗ୍ରାମର ଝିଅମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିବାହିତ ହୋଇଥିବାବେଳେ ଦୂରଦୂରାନ୍ତରୁ ସପରିବାର ଆସି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ସଦୟ ଉପସ୍ଥିତି ସମସ୍ତଙ୍କ ମଧ୍ୟରେ ଖୁସି ଓ ପ୍ରେମ ଆଣିଦେଇଥିଲା। ଭଉଣୀଙ୍କ ମଧ୍ୟରେ ସ୍ନେହ ଓ ଜଣେ ଆଉ ଜଣଙ୍କୁ ଏତେ ବର୍ଷପରେ ଭେଟିବାର ବ୍ୟଗ୍ରତାରେ ସଭିଏଁ ବାନ୍ଧି ହୋଇଯାଇଥିଲେ। ଏହି ଅବସରରେ ଇଛାପୁର ଗ୍ରାମ ଏବଂ ବାଲ୍ୟକାଳରୁ ବର୍ତ୍ତମାନ ଯାଏଁ ଘଟିଥିବା ସମସ୍ତ ସ୍ମୃତିକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ବିନୋଦିନୀ ଦାଶ, ସ୍ୱର୍ଣ୍ଣପ୍ରଭା ମିଶ୍ର, ସାବିତ୍ରୀ ମୁଣ୍ଡ, ପଙ୍କଜିନୀ ପୁରୋହିତ, ସରୋଜିନୀ ଆଚାର୍ଯ୍ୟ, ବୈଜୟନ୍ତୀମାଳା ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ପ୍ରେମଦିନି, କଳ୍ପନା ଆଚାର୍ଯ୍ୟ, ମାମି ଆଚାର୍ଯ୍ୟ, ସୁମି ଆଚାର୍ଯ୍ୟ, ରଞ୍ଜିତା ଆଚାର୍ଯ୍ୟ, ମିନାକ୍ଷୀ ରଥ, ସଂଯୁକ୍ତା ଆଚାର୍ଯ୍ୟ, ରମିତା ମିଶ୍ର, ଶାନ୍ତିଲତା ମିଶ୍ର, ଚନ୍ଦ୍ରପ୍ରଭା ମିଶ୍ର, ଭୁବନି ମିଶ୍ର, ଅଳି ଆଚାର୍ଯ୍ୟ, ପିଙ୍କି ପାଣିଗ୍ରାହୀ, କଲ୍ୟାଣୀ ମହାପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଭଉଣୀ ମିଳନ କାର୍ଯ୍ୟକ୍ରମରେ ପ୍ରଥମେ ଫୁଲ ଚାଉଳ ଦେଇ ବନ୍ଦାପନା କରାଯାଇଥିଲା। ଶେଷରେ ଯୋଗଦେଇଥିବା ସମସ୍ତଙ୍କୁ ସାବିତ୍ରୀ ମୁଣ୍ଡ ଓ ସୁଚୀତ ମୁଣ୍ଡ ପ୍ରୀତି ଉପହାର ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିପୁରଠାରେ ସିଲେଇ କେନ୍ଦ୍ରରେ ନିର୍ଯାତନା

ବ୍ଲକ ଉପାଧ୍ୟକ୍ଷଙ୍କ ଉଦ୍ୟମରେ ଫେରିଲେ ୩ ଯୁବତୀ

କୋକସରା, ୧୦।୮ (ଦୁଷ୍ମନ୍ତ କୁମାର ପାଇଯୋଷୀ)

ତାମିଲନାଡୁ ତ୍ରିପୁରକୁ ସିଲେଇ କରିବାକୁ ଯାଇଥିବା କୋକସରା ଅଞ୍ଚଳର ୩ଜଣ ଯୁବତୀ ସିଲେଇ କେନ୍ଦ୍ରରେ ନିର୍ଯାତିତ ହେଉଥିଲେ। ଏହି ଖବର ଜାଣିବା ପରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇଛି। କୋକସରା ଅଞ୍ଚଳର କେତେଜଣ ଯୁବତୀଙ୍କ ସହିତ ଏହି ଯୁବତୀମାନେ ଗତ ୮ ମାସ ତଳେ ତାମିଲନାଡୁ ତ୍ରିପୁରକୁ ସିଲେଇ କରିବା ପାଇଁ ଯାଇ ସେଠାକାର ଏକ ସିଲେଇ କେନ୍ଦ୍ରରେ କାମ କରୁଥିଲେ। ହେଲେ କେନ୍ଦ୍ରରେ ସେମାନଙ୍କୁ ଅଳ୍ପ ଟଙ୍କା ଦେଇ ୧୨ଘଣ୍ଟାରୁ ଉର୍ଦ୍ଧ୍ୱ ପରିଶ୍ରମ କରାଇ ଆସୁଥିଲେ। ଏହା ସହ ସ୍ୱାସ୍ଥ୍ୟ ଖରାପ ହେଲେ କିମ୍ବା ଘରକୁ ଫେରିବାକୁ କହିଲେ ମଧ୍ୟ ଛୁଟି ନ ଦେଇ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ୩ଜଣ ଯୁବତୀ କୌଣସି ପ୍ରକାରେ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କୁ ଜଣାଇଥିଲେ।

# ଅର୍ଦ୍ଧନଗ୍ନ ମୃତଦେହ ଜବତ ଘଟଣା, ୨ ଗିରଫ

ଖଡ଼ିଆଳ, ୧୦।୮ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚିଚେର ଗ୍ରାମରେ ଏକ ଜମିରୁ ଶନିବାର ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧ ନଗ୍ନ ମୃତଦେହ ଜବତ ହୋଇଥିଲା । ମୃତ ବ୍ୟକ୍ତି ଜଣକ ଖଡ଼ିଆଳ ଥାନା ମାଣ୍ଡୋଶିଲ ଗ୍ରାମର ବ୍ୟବସାୟୀ ଦିନ ପାନ(୪୫) ବୋଲି ଜଣାପଡିଥିଲା। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଖଡ଼ିଆଳ ପୋଲିସ ତଦନ୍ତ କରିବା ପରେ ଦୁଇ ଜଣ ବ୍ୟକ୍ତି ମାରିଦେଇଥିବା ଖଡ଼ିଆଳ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସୂଚନା ମତେ ସଦାଶିବ ବୈଠାରୁ(୩୦) ଓ ମୃତ ଦିନ ପାନ (୪୫) ନେହେନା ଗ୍ରାମର ପ୍ରେମ ସୁନାନୀ ଘରକୁ ଛେଳି କିଣିବା ପାଇଁ ଯାଇଥିଲେ । ଛେଳି କିଣାରେ ମୁଲଚାଲ ନ ହେବାରୁ ସଦାଶିବ ଓ ଦିନ ପାନ ଘରକୁ ପଳାଇ ଆସିଥିଲେ । ସଦାଶିବ ଘରେ ଦିନ ପାନ ଶୁକ୍ରବାର ରାତ୍ରରେ ଖାଇଥିଲେ । ପରେ ସଦାଶିବ ବୈଠାରୁ ଓ କାର୍ତ୍ତିକ ବୈଠାରୁ ଦିନ ପାନ ତାର ଘର ମାଣ୍ଡୋସିଲ ଗ୍ରାମକୁ ଛାଡିବାକୁ ଆଣୁଥିଲେ । ଦୁଇ ଭାଇ ବାଟରେ ଦିନ ପାନକୁ କିଛି ଟଙ୍କା ମାଗିଥିଲେ । ଟଙ୍କା ନ ଦେବାରୁ ସଦାଶିବଙ୍କ ଭାଇ କାର୍ତ୍ତିକ ବୈଠାରୁ ଦିନ ପାନଙ୍କୁ ଜାବୁଡି ଧରି ଦେଇଥିଲେ । ସଦାଶିବ ବୈଠାରୁ ଧରିଥିବା ଟାୱାଲରେ ଦିନ ପାନଙ୍କ ଗଳା ଜୋର ଚିପି ଦେବା ଦ୍ୱାରା ଦିନ ପାନଙ୍କ ମୃତ୍ୟୁ ହୋଇଯାଇଥିଲା । ଦୁଇ ଭାଇ ମୃତ୍ୟୁ ହୋଇ ଯାଇଥିବା ଜାଣି ତାଙ୍କୁ ଏକ ବିଲରେ ଫିଙ୍ଗି ଦେଇଥିଲେ । ଖଡ଼ିଆଳ ଆଇଆଇସି ଦିଲ୍ଲୀପ କୁମାର ସାହୁ ଓ ତାଙ୍କ ଟିମ ତଦନ୍ତ କଲାପରେ ପ୍ରକୃତ ରହସ୍ୟ ପଦାକୁ ଆସିଥିବା ଆଇଆଇସି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।


ପୋଲିସ ସହ ଗିରଫ ଦୁଇ ଅଭିଯୁକ୍ତ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା

ଥୁଆମୂଳ ରାମପୁର, ୧୦।୮ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଧୀନସ୍ଥ ଗୁଣପୁର – କିର୍କିଚା ଗ୍ରାମରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗ୍ରାମର ପୁରୁଣା ଅଙ୍ଗନୱାଡ଼ି କେନ୍ଦ୍ର ବାରଣ୍ଡାରୁ ରବିବାର ସକାଳୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ ହୋଇଛି। ସକାଳୁ ସକାଳୁ ଅଙ୍ଗନୱାଡି କେନ୍ଦ୍ରରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ କର୍ଲାପାଟ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମକୁ ମଧ୍ୟ ସୂଚନା ଦେଇଥିଲେ । ସୂଚନା ପାଇ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପ୍ରତ୍ୟେକ ଦିଗରେ ଯାଞ୍ଚ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଯୁବକଙ୍କ ଦେହରେ ଅନେକ କ୍ଷତ ଥିବା ଜଣାପଡ଼ିଛି। ଏପରିକି ତାଙ୍କ ମୁଣ୍ଡରେ ବଡ଼ ପଥରରେ ଛେଚା ଯାଇଥିବା ବେଳେ ଜଙ୍ଘରେ ମଧ୍ୟ ଗଭୀର ଆଘାତ ହୋଇଛି। ମୃତ ଯୁବକ ଜଣକ ଭବାନୀପାଟଣା ସହର ଥାନା ସ୍ଥିତ ତେନ୍ତୁଳି ପଡ଼ାର ରତ୍ନାକର ନାଏକଙ୍କ ପୁଅ ଧରଣୀ ନାଏକ(୩୦)। ସେ ଗତ କିଛି ଦିନ ତଳେ କୌଣସି କାମ ନେଇ କିର୍କିଚା ଗ୍ରାମକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହି ଘରୁ ବାହାରିଥିଲେ। ପୁଅର ମୃତ୍ୟୁ ଖବର ପୋଲିସଠାରୁ ଶୁଣି ପରିବାର ଲୋକେ କର୍ଲାପାଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ. ୨୨/୨୦୨୫) ରୁଜୁ କରିଛି ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ସୂଚନା ଦେଇଛନ୍ତି।

# ଗଙ୍ଗାଧରଙ୍କ ସାହିତ୍ୟ ଅମୃତ ଧାର


ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

■ ସିନାପାଲି ଆଜି ବରପାଲି ଲାଗୁଛି ଜିଲାପାଳ

■ ସିନାପାଲିରେ ସ୍ୱଭାବକବି ଗଙ୍ଗାଧର ଜୟନ୍ତୀ

ସିନାପାଲି, ୧୦।୮ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଠାରେ ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବରେ ଜିଲାପାଳ ତଥା କବି ମଧୁସୂଦନ ଦାଶ, ମୁଖ୍ୟବକ୍ତା ଓ ବିଶିଷ୍ଟ ପ୍ରବାଚିକା ବିଜୟିନୀ ଶତପଥୀ ଓ ସମ୍ମାନିତ ଅତିଥି ଭାବରେ ସୁସାହିତ୍ୟିକ ଡ. ସୁଶୀଳ କୁମାର ବାଗ ଯୋଗ ଦେଇଥିଲେ। ସମିତିର ସଭାପତି ଯୁବ ଲେଖକ ବୈଷ୍ଣବ ମେହେର ଓ ସମ୍ପାଦକ ତରୁଣ କୁମାର ମେହେର ମଞ୍ଚାସୀନ ଥିଲେ । ଏ ଅବସରରେ ନିଜ ସୃଷ୍ଟିର ଅନୁରୂପ ଜୀବନ ବଞ୍ଚିଥିବା କବି ଗଙ୍ଗାଧରଙ୍କ ସାହିତ୍ୟ ମଣିଷ ସମାଜ ପାଇଁ ଅମୃତର ଧାର ବୋଲି ବକ୍ତାଗଣ ମତବ୍ୟକ୍ତି କରିଥିଲେ । ଗଙ୍ଗାଧରଙ୍କ ପ୍ରତି ସାଧାରଣରେ ଅପାର ଭକ୍ତିକୁ ଦେଖି ସିନାପାଲି କବିପୀଠ ବରପାଲି ଭଳି ଲାଗୁଛି ବୋଲି ଜିଲାପାଳ କହିଥିଲେ । ପ୍ରାରମ୍ଭରେ ରୂପେଶ ଚନ୍ଦ୍ର ମେହେର ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଏହା ପରେ କବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବଂଶୀଧର ଜଗତ, ଚୂଡ଼ ମେହେରଙ୍କ ନିର୍ଦ୍ଦେଶନାରେ କବିଙ୍କ ରଚିତ ଗୀତକୁ ସିନାପାଲି ହାଇସ୍କୁଲ ଛାତ୍ରୀମାନେ ସଙ୍ଗୀତରେ ପରିବେଷଣ କରିଥିଲେ। ସାରସ୍ୱତ ସମିତିର ସଭାପତି ବୈଷ୍ଣବ ମେହେରଙ୍କ ବାର୍ଷିକ ବିବରଣୀ ପଠନ ପରେ ଅତିଥିମାନେ ମୁଖପତ୍ର 'ଅମୃତଗଙ୍ଗା' ଓ ଇପତ୍ରିକା 'ସ୍ୱର୍ଣ୍ଣୋଦୟ'କୁ ଉନ୍ମୋଚନ କରିଥିଲେ। ଏହାକୁ ଲଳିତ କୁମାର ସୁନାରୀ ପରିଚାଳନା କରିଥିଲେ । ଏହି ଅବସରରେ ସାହିତ୍ୟିକ ଡ. ସୁଶୀଳ କୁମାର ବାଗ, କବି ପ୍ରବୋଧ ହୋତା, କବି ଗୀତାଶ୍ରୀ ପ୍ରିୟମ୍ବଦାଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧ୍ୟାପକ ଧ୍ରୁବଚରଣ ପଧାନ ପରିଚାଳନା କରିଥିବା ବେଳେ ଗୌତମ ମେହେର, ରଶ୍ମୀରଞ୍ଜନ ସା, ଲୋଚନ ମେହେର ମାନପତ୍ର ପାଠ କରିଥିଲେ । ଶେଷରେ ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ। ଏହା ପୂର୍ବରୁ ସକାଳେ ଗଙ୍ଗାଧର ମାର୍ଗ ସ୍ଥିତ କବିଙ୍କ ପ୍ରତିମୂର୍ତ୍ତିରେ ସମିତି ତରଫରୁ ମାଲ୍ୟାର୍ପଣ କରାଯାଇ ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କବିତା ପାଠର ଆୟୋଜନ ହୋଇଥିଲା। ଏଥିରେ ପଚାଶରୁ ଅଧିକ କବିକବୟିତ୍ରୀ କବିତା ପାଠ କରିଥିଲେ । ପରିଚାଳନାରେ ଶିବପ୍ରସାଦ ମେହେର, ତ୍ରିନାଥ ମେହେର, ବିଜୟ କୁମାର ଯୋଷୀ, ଗୌରାଙ୍ଗ କୁମାର ସାହୁ, ରବୀନ୍ଦ୍ର ନାଥ ଯୋଷୀ, ପରେଶ ପାଣିଗ୍ରାହୀ, ପ୍ରେମାନନ୍ଦ ମେହେର, ଆଲୋକ ମେହେର, ସୂରଜ କୁମାର ମେହେର, ପ୍ରଭାତ କୁମାର ମେହେର, ବେଣୁଧର ମେହେର, ନିତିଶ ମେହେର, ଭୀଷ୍ମରାଜ ମେହେର, ଯଶୋବନ୍ତ ସା, ହରେକୃଷ୍ଣ ମେହେର, ବୁଦ୍ଧଦେବ ମେହେର, ଜିତେନ ମେହେର, ହେମନ୍ତ, ଦର୍ଶନ, ଚନ୍ଦ୍ର ଶେଖର, ସୋହନ, କିରଣ, ଲୋକନାଥ, ରାଜ, ହେମସାଗର, ମୁନା, ଅନିଲ, ଦେବରାଜ ପ୍ରମୁଖ ସହଯୋଗ କରିଥିଲେ।

# ଶିବିରରେ ୬୬ୟୁନିଟ ରକ୍ତ ସଂଗୃହୀତ

**ସୋହେଲା,୧୦।୮(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ବ୍ଲକ ଅନ୍ତର୍ଗତ ଲେବିଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଲେବିଡି ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୁଲ୍ୟରେ ଏକ ସ୍ବେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ କଟାପାଲି କଲେଜର ଅଧ୍ୟକ୍ଷ ବୁଦ୍ଧଦେବ ଭୋଇ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିବା ସହ ନିଜେ ପ୍ରଥମେ ରକ୍ତ ଦାନ କରିଥିଲେ। ଏହି ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୬୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପ ସଭାପତି ସଚି ପଣ୍ଡା ଉପଦେଷ୍ଟା ରକ୍ଷ ପାଲ ସାହୁ, ଖଗେଶ୍ୱର ସାହୁ, ଲବ ସାହୁ , ଆଶିଷ ମହାପାତ୍ର ଉପସ୍ଥିତ ଥିଲେ। ନିଷ୍ଠା ପରିବାର ସଦସ୍ୟ ଟଙ୍କଧର ପ୍ରଧାନ, ଅମିତ ଭୋଇ, ଶୁଭ୍ରାଂଶୁ ସରାଫ ଶିବିର ସୁପରିଚାଳନା କରିଥିଲେ।

# କାର୍ଡବୋର୍ଡ ଧରି ମୁଖ୍ୟ ଡାକ୍ତରଖାନା ପହଞ୍ଚିଲା ଛାତ୍ର କଂଗ୍ରେସ



ଛାତ୍ର କଂଗ୍ରେସ କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଡବୋର୍ଡ ଦେଉଛନ୍ତି।

**ବରଗଡ଼, ୧୦।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ କାର୍ଡବୋର୍ଡ(ବୁଢାପଟ୍ଟା)ରେ ଚିକିତ୍ସା ଚର୍ଚ୍ଚାର ବିଷୟ ହୋଇଛି। ଏହାର ପ୍ରତିବାଦରେ ରବିବାର ଜିଲା ଛାତ୍ର କଂଗ୍ରେସର କର୍ମକର୍ତ୍ତା ଏବଂ କର୍ମୀବୃନ୍ଦ କାର୍ଡବୋର୍ଡ ଧରି ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ। ଅଭିନବ ଢଙ୍ଗରେ ପ୍ରତିବାଦ କରି ଡାକ୍ତରଙ୍କୁ ସମସ୍ୟା ଜଣାଇବା ସହ ଡ୍ରେସିଂଙ୍ଗରୁମ୍‌ରେ କାର୍ଡବୋର୍ଡ ରଖିଥିଲେ। ବରଗଡ଼ରେ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ଲାଷ୍ଟର ଅଫ ପ୍ୟାରିସ ବଦଳରେ କାର୍ଡବୋର୍ଡରେ ହାତ, ଗୋଡ଼ ଭାଙ୍ଗିଥିବା ରୋଗୀଙ୍କ ଚିକିତ୍ସା ନେଇ ଭିଡିଓ, ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଘଟଣାଟି ସାମ୍ନାକୁ ଆସିଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଜଣା ଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଘଟଣା ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କପ୍ରଶ୍ନର ଉତ୍ତର ନ ରଖିବା ଆହୁରି ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ଅନେକ କର୍ମୀ ଏହି ପ୍ରତିବାଦରେ ସାମିଲ ଥିଲେ।

# ବରଗଡ଼ରେ ପୁଣି ମାଡ଼ିଲା ବୁଲଡୋଜର



ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ବରଗଡ଼,୧୦।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପ୍ରଶାସନ ସହର ରାସ୍ତାପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର୍ କରିଛି। ସ୍ଥାନୀୟ ଲମ୍ବା ବିଲଡ଼ିଂରୁ ଭଟଲି ଛକ ରାସ୍ତାପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା ସରିବା ପରେ ଗାନ୍ଧିଛକରୁ କେନାଲ ଛକ ରାସ୍ତାପାର୍ଶ୍ୱରୁ ଜବରଦଖଲ ହଟାଯିବା ରବିବାରରୁ ଆରମ୍ଭ ହୋଇଛି। ଅନ୍ୟପଟେ ସହରବାସୀଙ୍କ ଦୀର୍ଘବର୍ଷର ଦାବି ହୋଇ ରହି ଆସିଥିବା ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ମାପଚୁପ ପରେ ନ୍ୟାୟାଳୟର ବିଚାର ପ୍ରକ୍ରିୟାରେ ଅଟକି ରହିଛି। ଏଭଳି ସ୍ଥିତିରେ ସହରର ଯେଉଁଠି ମଧ୍ୟ ଉଚ୍ଛେଦ ପ୍ରକ୍ରିୟା ଚାଲିଲେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ କେବେ ହେବ ବୋଲି ସହରବାସୀଙ୍କ ମନରେ ଆପେ ପ୍ରଶ୍ନ ଉଠୁଛି। ତେବେ ଲମ୍ବା ବିଲଡ଼ିଂ ଛକରୁ ଭଟଲି ଛକ ହେଉ କିମ୍ବା ଗାନ୍ଧିଛକରୁ କେନାଲ ଛକ ଜବରଦଖଲ ଉଚ୍ଛେଦରେ ପ୍ରଶାସନିକ ତତ୍ପରତା ଏବଂ ଉଚ୍ଛେଦରେ ପ୍ରଭାବିତ ଲୋକଙ୍କ ସହଯୋଗ ଯେଭଳି ପରିଲକ୍ଷିତ ହେଉଛି, ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ କଥା ଉଠିଲେ, ତାହା କାହିଁକି ପରିଲକ୍ଷିତ ହେଉ ନାହିଁ ବୋଲି ଏବେ ସହରର ଚା ଖଟିଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଲୋକେ ଆଲୋଚନା କରୁଛନ୍ତି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ



ମନ୍ତ୍ରୀ ମୁକେଶ ମହାଲିଙ୍ଗ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ସୋହେଲା, ୧୦।୮(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ବ୍ଲକ ସଂଗ୍ରାମୀ ଗାଁ ପାଣିମୋରୋଠାରେ ଶନିବାର ଏକ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ, ସୋହେଲା ବିଡିଓ କରିଷ୍ମା ବେଶ୍ରା, ତହସିଲଦାର ଶୁଭରଞ୍ଜନ ନାୟକ, ଗୋଷ୍ଠୀ ମୁଖ୍ୟ ଚିକିତ୍ସାଧିକାରୀ ବ୍ରହ୍ମାନନ୍ଦ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସଂଗ୍ରାମୀ ପୀଠ ପାଣିମୋରୋରେ ସ୍ୱାସ୍ଥ୍ୟମନ୍ତ୍ରୀ ସଂଗ୍ରାମୀ ସ୍ମୃତିପୀଠରେ ପୁଷ୍ପାଞ୍ଜଳି ଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗାଁରେ ଏକ ବିରାଟ ତ୍ରିରଙ୍ଗା ଯାତ୍ରରେ ମନ୍ତ୍ରୀ ଏବଂ ବିଧାୟକ ସାମିଲ ହୋଇଥିଲେ।

# ସୋଡ଼ାରେ ଚାରାରୋପଣ କାର୍ଯ୍ୟକ୍ରମ

**ପାଇକମାଲ,୧୦।୮(ବଡ଼ ଶତପଥୀ)**

ପାଇକମାଲ ବ୍ଲକ ସୋଡ଼ା ଗାଁରେ ରବିବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋଡ଼ା ଗାଁରୁ ପଲସଦା ଯିବା ରାସ୍ତାର ଉଭୟ ପାଖରେ ପ୍ରାୟ ୧୦୦ଟି ବିଭିନ୍ନ ପ୍ରଜାତିର ଗଛ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବରଗଡ଼ ସାମ୍ବାଦିକ ସଂଘ, ବୋଡାସମ୍ବର ଅଞ୍ଚଳର ସମସ୍ତ ପ୍ରିଣ୍ଟ, ୱେବ୍, ଇଲେକ୍‌ଟ୍ରୋନିକ ମିଡିଆ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ, ମା' ମଙ୍ଗଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓଟେମେରୀ ସରପଞ୍ଚ ଯୋଗଦାନ କରିଥିଲେ। ଅନୁଷ୍ଠିତ ସଭାରେ ସରପଞ୍ଚ ଦିଲୀପ ବେହେରା ଅଧ୍ୟକ୍ଷତା ଓ ପଞ୍ଚାନନ ବିଶିଙ୍କ ସଭା ସଂଯୋଜନା ସଭାରେ ମୁଖ୍ୟ ଅତିଥି ଭାବରେ ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଉଦ୍ଦୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବରେ ପାଇକମାଲ ଆଇଆଇସି କୈଳାସ ଚନ୍ଦ୍ର ପ୍ରଧାନ, ପଦ୍ମପୁର ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥୀ, ବିଜୟ ସାହୁ, ସାମ୍ବାଦିକ ଧୀରେନ ମହାନ୍ତି, କୃଷକ ନେତା ଲିଙ୍ଗରାଜ ପ୍ରଧାନ, ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ସିଂ ବରିହା, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା ପ୍ରମୁଖ ଯୋଗଦେଇଥିଲେ। ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ସୁବୋଦିନୀ ସାହୁ ଧନ୍ୟବାଦ ଦେଇଥିଲେ।



ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ୟ।

# ଗ୍ରୀଞ୍ଜୋଲ ଗ୍ରାମରେ ଇନ୍ଦ୍ରଯଜ୍ଞ

**ସୋହେଲା,୧୦।୮(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ବ୍ଲକ ସୀମାନ୍ତ ଗ୍ରୀଞ୍ଜୋଲ ଗ୍ରାମରେ ୧୦୨ତମ ଇନ୍ଦ୍ରଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି। ତିନିଦିନ ବ୍ୟାପୀ ପାଳନ କରାଯାଉଥିବା ଉକ୍ତ ମହାଯଜ୍ଞ ଶ୍ରାବଣ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ହୋଇଥାଏ। ଚଳିତବର୍ଷ ମରୁଡ଼ି ଆସନ୍ନ ଅବସରରେ ଶେଷଦିନର ପୂର୍ଣ୍ଣାହୁତି ସମୟରେ ଭଲ ବର୍ଷା ହୋଇଯାଇଥିବାରୁ ଲୋକଙ୍କ ମନରେ ସ୍ୱତଃପ୍ରବୃତ୍ତ ବିଶ୍ୱାସ ଜାଗି ଉଠିଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞକାର୍ଯ୍ୟରେ ସଦାନନ୍ଦ ଷଡ଼ଙ୍ଗୀ, ବେଣୁଧର ମହାପାତ୍ର, ପ୍ରିୟକାନ୍ତ ଦେବତା ଓ ମଳୟ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ପୂଜକ ଶୁଭ ଦାଶ, ଦୂର୍ବାଦଳ ଦେହେରୀ, ବାବାଜି ବାରିକ ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିଲେ।

# ଜଳିଗଲା ଆଲୁମିନିୟମ ବୋଝେଇ ଟ୍ୟାଙ୍କର



ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରୁଛନ୍ତି।

**ଅତାବିରା,୧୦।୮(ଯୁଧିଷ୍ଠିର ମହାପାତ୍ର)**

ରବିବାର ସକାଳେ ରାସ୍ତା ମଝିରେ ଲାଗିଲା ନିଆଁ। ହୁତୁ ହୁତୁ ହୋଇ ଜଳିଗଲା ଆଲୁମିନିୟମ ବୋଝେଇ ଟ୍ୟାଙ୍କର। ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ସରଣ୍ଡା ଛକରେ ଏକ ଅଘଟଣ ଦେଖିବାକୁ ମିଳିଛି। ଏଥିରେ ବର୍ତ୍ତିଯାଇଛନ୍ତି ଟ୍ୟାଙ୍କର ଡ୍ରାଇଭର ସାଗର ସେଠ। ବିଶାଖାପାଟଣାରୁ ଝାରସୁଗୁଡ଼ା ବେଦାନ୍ତ ଫ୍ୟାକ୍ଟ୍ରିକୁ ଯାଉଥିବା ଆଲୁମିନିୟମ ବୋଝେଇ ଟ୍ୟାଙ୍କରରେ କୌଣସି କାରଣ ଯୋଗୁ ହଠାତ ନିଆଁ ଲାଗିଯାଇଥିଲା। ଏହା ଜାଣିଲା ପରେ ଡ୍ରାଇଭର ଗାଡି ରାସ୍ତାକଡ଼କୁ ଲଗାଇ ଓହ୍ଲାଇ ପଡ଼ିଥିଲେ। ଫଳରେ ସେ ବଞ୍ଚିଯାଇଥିଲେ। ଖବର ପାଇ ଅତାବିରା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇ ଥିଲେ। ଟ୍ୟାଙ୍କର ଡ୍ରାଇଭର ସାଗରଙ୍କ କହିବା ଅନୁଯାୟୀ, ରାତ୍ରିରେ ବରଗଡ଼ ଜିଲା ବରପାଲିଠାରେ ସେ ଗାଡ଼ି ରଖି ରାତ୍ରିଯାପନ କରିବା ପରେ ସକାଳେ ସେଠୁ ଗନ୍ତବ୍ୟ ସ୍ଥଳକୁ ବାହାରିଥିଲେ । ତେବେ ସରଣ୍ଡା ନିକଟସ୍ଥ ଝାଡ଼ଁଯୋର ଅତିକ୍ରମ କରିବା ପରେ ଗାଡ଼ିରେ ଧୂଆଁ ବାହାରୁଥିବା ସେ ଜାଣିବାକୁ ପାଇଥିଲେ। ଗାଡ଼ି ଚାଲୁଥିବା ସମୟରେ ଗାଡ଼ି ଭିତରୁ ଧୂଆଁ ବାହାରିବାରୁ ସେ ଗାଡ଼ିକୁ ଅଟକାଇ ଚେକ୍ କରିବା ସମୟରେ ହଠାତ ନିଆଁ ଲାଗି ଯାଇ ଗାଡ଼ି ଜଳି ଉଠିଥିଲା ବୋଲି ଡ୍ରାଇଭର ସାଗର କହିଛନ୍ତି। ଅତାବିରା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି । ଅଗ୍ନିଶମ ବିଭାଗର ତତ୍‌କ୍ଷଣାତ ପଦକ୍ଷେପ ଯୋଗୁ ଟ୍ୟାଙ୍କରର ସାମ୍ନା ପୋଡ଼ିଥିଲେ ମଧ୍ୟ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ଆଲୁମିନିୟମ ପାଉଡର ସୁରକ୍ଷିତ ରହିଥିଲା।

# ଆଜି ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା



ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା କରିବାକୁ ସବ୍‌କମିଟି ବୈଠକ ଚାଲିଛି।

**ଅତାବିରା,୧୦।୮(ଯୁଧିଷ୍ଠିର ମହାପାତ୍ର)**

ଅତାବିରାରେ ସାମୂହିକ ସ୍ୱାଧୀନତା ଦିବସ ପାଳନରେ କୃତୀ ପ୍ରତିଯୋଗୀଙ୍କୁ ବାଛିବା ପାଇଁ ସୋମବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଅନୁଷ୍ଠିତ ସବ୍‌କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅତାବିରା ସରକାରୀ ବାଳିକା ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋଶଲ ଅବସରପ୍ରାପ୍ତ ସୈନିକ ସଂଘର ଉଦ୍ୟୋକ୍ତା ତଥା ସଂଯୋଜନା କମିଟି ସଦସ୍ୟ ଅରୁଣ ବାରିକଙ୍କ ସମେତ ଯୋଗ ଦେବାକୁଥିବା ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ, ଅଧ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୧ ତାରିଖ ସକାଳ ୧୦ଟାରେ ପ୍ରଥମେ ସମସ୍ତ ଶିକ୍ଷକଙ୍କୁ ନେଇ ଏକ ବୈଠକ ହେବ ଏବଂ ସାଢ଼େ ୧୧ଟାରେ ପ୍ରତିଯୋଗିତା ଆରମ୍ଭ କରାଯିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଗ ପ୍ରକାଶ କରିଛନ୍ତି । ଏହି ବୈଠକରେ ସାମୂହିକ ସ୍ୱାଧୀନତା ଦିବସ ପାଳନ କମିଟିର ବିଭିନ୍ନ ସବ୍‌କମିଟି ସଦସ୍ୟମାନେ ଯୋଗ ଦେଇଥିଲେ।

# ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

**ସୋହେଲା,୧୦।୮ (ଅଶ୍ୱିନୀ କୁମାର ପାତ୍ର)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଶମାଇଲ୍ ୨୦୨୫ ଶିକ୍ଷାବର୍ଷରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପ୍ରଦୀପ ପଧାନ (ବିଜ୍ଞାନ ଶିକ୍ଷକ ସେବାଶ୍ରମ ଦଶମାଇଲ୍)ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟବକ୍ତା ଭାବରେ ବୁଦ୍ଧଦେବ ବିଶି ସିଆରସିସି ଶ୍ରୀଗିଡ଼ା କ୍ଲଷ୍ଟର ମହୋଦୟ ଯୋଗଦେଇଥିଲେ। ମୋଟ ୨୪୧ ଜଣ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ। ଶିଶୁବର୍ଗରୁ ୧୦୬ ଜଣ, ବାଳବର୍ଗରୁ ୯୦ ଜଣ ଓ କିଶୋରବର୍ଗରୁ ୪୫ ଜଣ ଭାଗ ନେଇଥିଲେ। ଏଥିରେ ବିଜ୍ଞାନ ପ୍ରକଳ୍ପରେ ୭୩ ଜଣ, ଗଣିତ ପ୍ରକଳ୍ପରେ ୫୬ ଜଣ ଭାଗ ନେଇଥିଲେ। ବିଚାରକ ଭାବରେ ପ୍ରକଳ୍ପଗୁଡ଼ିକରେ ପ୍ରଦୀପ କୁମାର ପଧାନ, ଟଙ୍କଧର ପଧାନ, ସୁଶାନ୍ତ କୁମାର ସାହୁ, ଶ୍ରୀବସ୍ତ ସାହୁ, ବୁଦ୍ଧଦେବ ବିଶି ମହୋଦୟ ଉପସ୍ଥିତ ରହି ମୂଲ୍ୟାଙ୍କନରେ ସହଯୋଗ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଲ୍ଲଭ ମେହେର (ଗୋଷ୍ଠୀ ଶିକ୍ଷାଧିକାରୀ ବିଜେପୁର) ମୁଖ୍ୟବକ୍ତା ଭାବରେ ଏବଂ ପ୍ରଦୀପ କୁମାର ମିଶ୍ର (ବିଜେପୁର ମହାବିଦ୍ୟାଳୟର ଅଧ୍ୟକ୍ଷ) ଯୋଗଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଙ୍ଗାଧର କାବ୍ୟ ଗାନ

**ବରପାଲି,୧୦।୮(ଚିତ୍ତରଞ୍ଜନ ସାହୁ)**

ଗଙ୍ଗାଧରଙ୍କ ଜୟନ୍ତୀ ଅବସରରେ ବରପାଲି ଉତ୍ସବ ମୁଖର ହୋଇପଡ଼ିଥିଲା। ଗଙ୍ଗାଧର ମେହେର କ୍ଲବ ପକ୍ଷରୁ ସକାଳ ପ୍ରାୟ ୮ଟାରେ ଏକ ଶୋଭାଯାତ୍ରା କ୍ଲବରୁ ବାହାରି ନଗର ପରିକ୍ରମା କରିଥିଲା। ଅପରାହ୍ନରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଗଙ୍ଗାଧର ମେହେର କ୍ଲବର ମିଳିତ ଆନୁକୂଲ୍ୟରେ କବିଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ନରେନ୍ଦ୍ର କୁମାର ହୋତା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ସାହିତ୍ୟିକ ଲକ୍ଷ୍ମୀ କାନ୍ତ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର, ସମ୍ମାନିତ ବକ୍ତା ଡ.ଲକ୍ଷ୍ମଣ ମେହେର ଯୋଗ ଦେଇ ମେହେର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଭାରେ ଜୟନ୍ତୀ କମିଟିର ଆବାହକ ଚିତ୍ତରଞ୍ଜନ ସାହୁ ଅତିଥିଙ୍କୁ ଆମନ୍ତ୍ରଣ କରିବା ସହ ସମ୍ପାଦକ ବାଲ କିଶୋର ଖାଡଙ୍ଗା ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗଙ୍ଗାଧର ଜ୍ୟୋତି ଯାତ୍ରାରେ ବରଗଡ଼ ଜିଲାପାଳ ଆଦିତ୍ୟ ପ୍ରସାଦ ଗୋୟଲ ଉପସ୍ଥିତ ଥିଲେ। ବରପାଲି ଆଦର୍ଶ ବିଦ୍ୟାଳୟଠାରେ ସ୍କୁଲର ଅଧ୍ୟକ୍ଷ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ର ଗଙ୍ଗାଧର କାବ୍ୟ ଗାନ କରିଥିଲେ। ମୁଖ୍ୟଅତିଥି ଭାବରେ ରେଶମ କଲେଜର ପୂର୍ବତନ ଅଧ୍ୟକ୍ଷ ପୁରନ୍ଦର ନନ୍ଦ,ସମ୍ମାନିତ ଅତିଥି ଭାବରେ ବରପାଲି ସାମ୍ବାଦିକ ସଂଘର ସଭାପତି ଚିତ୍ତରଞ୍ଜନ ସାହୁ ଯୋଗ ଦେଇ କବି ଗଙ୍ଗାଧର ମେହେରଙ୍କ କାଳଜୟୀ ସାହିତ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକୁ ସଂସ୍କୃତ ଶିକ୍ଷକ ଈଶ୍ୱର ଚନ୍ଦ୍ର ଗଡ଼ତିଆ, ଗଣିତ ଶିକ୍ଷକ ଲଲାଟେନ୍ଦୁ ରଣା ପରିଚାଳନା କରିଥିଲେ। ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ଈପ୍ସିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଗାଇସିଲେଟ,(ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ସ୍ୱରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗଙ୍ଗାଧର ସାହିତ୍ୟ ସଂସଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ସାସଂଦ ସଭାପତି ରବିନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱ ସଭାରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ସୁବାଷ ମେହେର ମୁଖ୍ୟବକ୍ତା ଭାବେ ମହାରାଜ ଉର୍ଜଦେବ ମହାବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଫେସର ବବ୍ରୁବାହାନ ମହାପାତ୍ର ଯୋଗ ଦାନ କରିଥିଲେ।

**ଅତାବିରା,(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଲାଦରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶେଷଦେବ ନାୟକଙ୍କ ସଭାପତିତ୍ୱରେ ତଥା ଓଡ଼ିଆ ଶିକ୍ଷକ ନିରଞ୍ଜନ ପାସାୟେତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତାବିରା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପିକା ଡ. ରିଙ୍କି ପ୍ରଧାନ, ଅଧ୍ୟକ୍ଷ ବବ୍ରୁବାହନ ମିଶ୍ର, ଉପସଭାପତି ଅରୁଣ କୁମାର ହୋତା, କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗଙ୍ଗାଧର ମେହେରଙ୍କ ପ୍ରତିଛବିରେ ଧୂପପୁଷ୍ପ ଦେଇ ତାଙ୍କ ରଚିତ କବିତା ଗାନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷ ଯତୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପୁସ୍ତକ ଉନ୍ମୋଚନ କରାଯାଉଛି।

# ଜୀବନକୁ ଶୃଙ୍ଖଳିତ କରିବାରେ ସାହିତ୍ୟ ଗୁରୁତ୍ୱପୂର୍ଣ୍ଣ



ଗଙ୍ଗାଧର ଜୟନ୍ତୀ ସମାରୋହରେ ମୁଖ୍ୟଅତିଥିଙ୍କୁ ସ୍ମାରକ ପ୍ରଦାନ କରାଯାଉଛି।



ବିକାଶ ଛାତ୍ରୀଙ୍କ ନୃତ୍ୟ ପ୍ରଦର୍ଶନ।

**ବରଗଡ଼,୧୦।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସନ୍ଧ୍ୟାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ନାରାୟଣ ରଥ ସଭାପତିତ୍ୱ କରିଥିଲେ। ମାନବ ଜୀବନକୁ ଶୃଙ୍ଖଳିତ କରିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ପଦ୍ମଶ୍ରୀ ଲୋକକବିରତ୍ନ ଡଃ ହଲଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ଏବଂ କବିତ୍ୱ ସମ୍ପର୍କରେ ଆଲୋଚନା କରିବା ସହିତ କବି ହୃଦୟ ସମୁଦ୍ରଠାରୁ ମଧ୍ୟ ଗଭୀର ଓ ବିଶାଳ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଦଶାରୀ ମୂରଲୀ କ୍ରୀଷ୍ଣା ଗଙ୍ଗାଧରଙ୍କ ଆଚରଣ ଏବଂ ଉଚ୍ଚାରଣ କିଭଳି ଏକ ଏବଂ ଅଭିନ୍ନ ଥିଲା, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ଗଙ୍ଗାଧରଙ୍କ ନୀତି, ଆଦର୍ଶକୁ ଅନୁସରଣ କରି ଛାତ୍ରୀଛାତ୍ରମାନେ କିଭଳି ଜୀବନକୁ ଶୃଙ୍ଖଳିତ କରି ପାରିବେ, ସେ ଉପରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଡଃ ସମରେନ୍ଦ୍ରନାଥ ପଣ୍ଡା ଗଙ୍ଗାଧର ସାହିତ୍ୟରେ ବିଜ୍ଞାନ ଚେତନା, ସାହିତ୍ୟ ଏବଂ ବିଜ୍ଞାନର ସମ୍ପର୍କ କିଭଳି ନିବିଡ଼ ଓ ପରିପୂରକ, ତାହା ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ପଞ୍ଚାୟତ ମହାବିଦ୍ୟାଳୟର ଇଂଲିଶ ଆସିଷ୍ଟାଣ୍ଟ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଗଙ୍ଗାଧରଙ୍କ ସ୍ତୁତିଚାରଣ କରିବା ସହିତ ସାମ୍ପ୍ରତିକ ସମୟରେ ଗଙ୍ଗାଧର ସାହିତ୍ୟର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏକ୍‌ଜିକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଗଙ୍ଗାଧର ମେହେରଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ନୀତି ତଥା ଆଦର୍ଶ ଉପରେ ଆଲୋକପାତ କରିବା ସହିତ ତାଙ୍କ କୃତି ସମୂହ ଉପରେ ଆଲୋଚନା କରିଥିଲେ। ମୁରଲୀ କ୍ରୀଷ୍ଣା ଫାଉଣ୍ଡେଶନ ଅନ୍ତର୍ଗତ ସୋସିଆଲ ୱେଲଫେୟାର ସ୍କୁଲର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ମନୋଜ କୁମାର ତ୍ରିପାଠୀ, ବରିଷ୍ଠ ଅଧାପକ ପି.ଏମ ସାହୁ, ଏଚ୍.ଆର୍ ହେଡ୍ କିରଣ ଆଚାର୍ଯ୍ୟଙ୍କ ସମେତ କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍. କାନ୍ତା ରାଓ ଯୋଗଦେଇ ଗଙ୍ଗାଧର ସାହିତ୍ୟକୃତୀ ଉପରେ ଆଲୋଚନା କରିଥିଲେ। ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ସ୍କୁଲର ସାହିତ୍ୟ ସଂସଦ ତରଫରୁ କବି ଗଙ୍ଗାଧରଙ୍କ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସତୀ ସୀତାଙ୍କ ତପସ୍ୱିନୀ ଭାବରେ ଅବଶିଷ୍ଟ ଜୀବନର କରୁଣ ଚିତ୍ରକୁ ନାଟ୍ୟ ଏବଂ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ସିନିୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ବର୍ତ୍ତମାନ ସମୟରେ ଗଙ୍ଗାଧର ସାହିତ୍ୟର ନୀତି ତଥା ଆଦର୍ଶରେ ଅନୁପ୍ରାଣୀତ ହୋଇ ଛାତ୍ରୀଛାତ୍ରମାନେ ନିଜ ଜୀବନରେ ତାହା ଉପଯୋଗ କରିବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଅତିଥିବୃନ୍ଦ ବିଦ୍ୟାଳୟ ତରଫରୁ ସ୍ମାରକ ପ୍ରଦାନ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଜଗାଙ୍ଗପୁର,୧୦।୮ (ଅଶୋକ ପାଣି)**

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଢେଙ୍ଗୁରପାଣି ଗ୍ରାମର ଏକ ଆମ୍ବଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ପୋଲିସ ରବିବାର ଜବତ କରିଛି। ମୃତକ ହେଲେ ବାବୁଲାଲ ଲାକ୍ରା(୪୬)। ଏନେଇ ରାଜଗାଙ୍ଗପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ନେଇ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ସୂଚନା ମୁତାବକ, ବାବୁଲାଲ ସପରିବାର ଉକ୍ତ ଗ୍ରାମରେ ବସବାସ କରନ୍ତି। ଶନିବାର ରାତିରେ କୌଣସି କାରଣରୁ ପରିବାର ମଧ୍ୟରେ କଳହ ହୋଇଥିଲା। ସମସ୍ତେ ଶୋଇଯିବା ପରେ ବାବୁଲାଲ ଘର ପାଖରେ ଥିବା ଏକ ଆମ୍ବ ଗଛରେ ରଶି ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ରବିବାର ସକାଳେ ଘର ଲୋକେ ଦେଖି ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ସବ୍‌ଇନ୍ସପେକ୍ଟର ରାଜେଶ ସେଠୀ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମର୍ଗ ହାଉସକୁ ପଠାଇଛନ୍ତି। ସୋମବାର ବ୍ୟବଚ୍ଛେଦ କରାଯିବ।

# ପରିବେଶ ସୁରକ୍ଷା ପାଇଁ ଗଛରେ ବାନ୍ଧିଲେ ରାଖୀ



ଗଛରେ ରାଖୀ ବାନ୍ଧିବାକୁ ଆସିଥିବା ମହିଳାମାନେ ।

## ୮ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମରେ ରକ୍ଷାବନ୍ଧନ ପର୍ବରେ ସାମିଲ ହେଲେ ମହିଳା

**ସୁନ୍ଦରଗଡ,୧୦।୮ (ଜୟ ନାରାୟଣ ମେଣ୍ଡୁଲି)**

ବୃକ୍ଷ ରକ୍ଷାବନ୍ଧନ ହେଉଛି ଏକ ଅନୁପମ ଓ ଅଭିନବ ଉଦ୍ୟମ। ଯାହା ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମରେ ପ୍ରଥମେ ବରିଷ୍ଠ ପରିବେଶବିତ, ସମାଜସେବୀ ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଏହାର ଅୟମାରମ୍ଭ ହୁଏ କରୋନା ମହାମାରୀ ସମୟରୁ। କାରୋନା ଯୋଗୁ ଗାଁ ଗାଁରେ ଥିଲା ତାଲାବନ୍ଦୀ ବା ଲକ ଡାଉନର ମାହୋଲ। ଏହି ସମୟରେ ପରିବେଶବିତ ଉପାଧ୍ୟାୟଙ୍କ ନେତୃତ୍ୱରେ ଝୁରିମାଲ ବନ ସୁରକ୍ଷା ସମିତିରେ କୋଭିଡ ନିୟମକୁ ସମ୍ମାନ ଜଣାଇ ଗ୍ରାମର ପ୍ରତ୍ୟେକ ବିବାହିତା ମହିଳା ଗୋଟିଏ ଲେଖାଏଁ ଗଛ ଲଗାଇ ରାକ୍ଷୀ ବାନ୍ଧିବାକୁ ସଚେତନ କରାଇଥିଲେ। ତେବେ ଗଛ ଓ ମଣିଷର ଅନାବିଳ ସମ୍ପର୍କର ଏହି ନିଆରା ପରମ୍ପରା ବୃକ୍ଷ ରକ୍ଷାବନ୍ଧନ ବର୍ତ୍ତମାନ କେବଳ ସୁନ୍ଦରଗଡ ଜିଲାର ଝୁରିମାଲ ଗାଁରେ ସୀମିତ ହୋଇ ରହିନାହିଁ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ନେତୃତ୍ୱରେ ସୁନ୍ଦରଗଡ ସମେତ ଝାରସୁଗୁଡା, ସମ୍ବଲପୁର, ଦେବଗଡ, କେନ୍ଦୁଝର, ବୌଦ୍ଧ, ସୁବର୍ଣ୍ଣପୁର ଓ ଅନୁଗୁଳ ଜିଲାରେ ଆଦୃତ ହେଲାଣି ଏହି ନିଆରା ପରମ୍ପରା ବୃକ୍ଷ ରକ୍ଷାବନ୍ଧନ। ଚଳିତ ବର୍ଷ ଏହି ୮ଟି ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଅତ୍ୟନ୍ତ ହର୍ଷ, ଉଲ୍ଲାସ ଓ ଆଗ୍ରହର ସହିତ ଏହି ବିରଳ ରକ୍ଷାବନ୍ଧନ ପର୍ବରେ ସାମିଲ ହୋଇଛନ୍ତି ୩ ହଜାରରୁ ଊର୍ଦ୍ଧ୍ୱ ମହିଳା। ଶନିବାର ସକାଳୁ ବିଭିନ୍ନ ଗ୍ରାମରେ ଗାଁର ଝିଅ, ବୋହୂମାନେ ଘଣ୍ଟ, ଶଙ୍ଖ ଓ ହୁଳହୁଳିର ତାଳେ ତାଳେ ପୂଜା ଥାଳ ଧରି ରୋପଣ କରାଯାଇଥିବା ବୃକ୍ଷକୁ ପାରମ୍ପାରିକ ରୀତି ନୀତିରେ ପୂଜାର୍ଚ୍ଚନା କରି ରାଖୀ ପିନ୍ଧାଇବା ସହିତ ଆଜୀବନ ସୁରକ୍ଷା ନେବାର ଶପଥ ପାଠ କରିଥିଲେ।

ଏହି ବୃକ୍ଷ ରକ୍ଷାବନ୍ଧନର ପ୍ରତିଷ୍ଠାତା ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଉପାଧ୍ୟାୟ କହିଛନ୍ତି, ବର୍ତ୍ତମାନର ସମୟରେ ପ୍ରାକୃତିକ ସମ୍ବଳ ଧ୍ୱଂସାଭିମୁଖୀ ହେଉଥିବା ବେଳେ ଜଳବାୟୁ ପରିବର୍ତ୍ତନ ସବୁଠାରୁ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି। ପ୍ରକୃତି ଓ ମଣିଷର ଅନାବିଳ ସମ୍ପର୍କର ନିଛକ ପ୍ରତିଛବି ହେଉଛି ଆମର ଏହି ବୃକ୍ଷ ରକ୍ଷାବନ୍ଧନ। ଏହାକୁ ଆମେ କରୋନା ମହାମାରୀ ସମୟରେ ଏକ ଛୋଟ ଗାଁ ରୁ ଆରମ୍ଭ କରିଥିଲୁ। ଯାହା ଏବେ ଓଡିଶାର ବିଭିନ୍ନ ଜିଲାରେ ଲୋକପ୍ରିୟତା ହାସଲ କଲାଣି। ଆଗାମୀ ଦିନରେ ରାଜ୍ୟ ତଥା ଦେଶର କୋଣ ଅନୁକୋଣରେ ଏହି ଅଭିଯାନରେ ସମସ୍ତେ ସାମିଲ ହେବେ ବୋଲି ଆଶା କରୁଛୁ ବୋଲି କହିଥିଲେ।

# ଟ୍ରାନ୍ସଫର୍ମର ଚୋରି: ୪ ଗିରଫ



ଗିରଫ ୪ ଅଭିଯୁକ୍ତ।

## ବାଇକ ସମେତ ବିପୁଳ ତମ୍ବା ତାର ଜବତ

**ବଡ଼ଗାଁ,୧୦।୮ (ଅଶୋକ ଷଡଙ୍ଗୀ)**

ବଡ଼ଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ଲାଗିଥିବା ଟ୍ରାନ୍ସଫର୍ମରକୁ ଭାଙ୍ଗି ସେଥିରେ ଥିବା ତମ୍ବା ତାର ଚୋରି କରୁଥିବା ଏକ ଚୋର ଦଳର ୪ ଜଣ ସଦସ୍ୟଙ୍କୁ ଧରିବାରେ ବଡ଼ଗାଁ ପୋଲିସ ସକ୍ଷମ ହୋଇଛି। ଅଭିଯୁକ୍ତମାନେ ହେଲେ ମୁଣ୍ଡା ଗାଁର ଭେଷଜ ନାଏକ (୨୫), କିଞ୍ଜିରକେଲା ଥାନା ଅନ୍ତର୍ଗତ କୁକୁରୀଡିହୀ ଗ୍ରାମର ତେଜରାଜ ବାରିକ (୨୫), ଖେରୁ ରୋହିଦାସ ଓରଫ ଗୁରୁ (୩୦), ମୁନା ଲୁହୁରା (୩୦)। ସେମାନଙ୍କଠାରୁ ଗୋଟିଏ ବାଇକ, ୩୬ କେଜି ତମ୍ବା ତାର, କଟର ପୋଲିସ ରବିବାର ଜବତ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ଘଟଣା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ବଡ଼ଗାଁ ଥାନା ଅନ୍ତର୍ଗତ ମୁଣ୍ଡାଗାଁରେ ଲାଗିଥିବା ଟ୍ରାନ୍ସଫର୍ମରକୁ ଏହି ଚୋର ଦଳ ଚୋରି କରି ନେଇଥିଲେ। ହେଲେ ସେଠାରେ ତାଙ୍କର ଏକ ପିନ୍ଧା ଗଞ୍ଜି ଛାଡ଼ି ଚାଲି ଯାଇଥିଲେ। ଏହି ଆଧାରରେ ଗ୍ରାମବାସୀ ଭେଷଜଙ୍କୁ କାବୁ କରି ବଡ଼ଗାଁ ପୋଲିସକୁ ହସ୍ତାନ୍ତର କରିଥିଲେ। ଭେଷଜଙ୍କ ସୂଚନା ମୁତାବକ ଅନ୍ୟ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ବଡ଼ଗାଁ ଥାନା ଅନ୍ତର୍ଗତ ଖରିକାମୁଣ୍ଡା,ଧୁମାଗଡ଼ା ଓ ମୁଣ୍ଡା ଗାଁର ଟ୍ରାନ୍ସଫର୍ମର କାଟି ତମ୍ବା ତାର ଚୋରି କରିଥିବା ସେମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସୁଆରଜୋର ଧାରୁଆଡିହୀ ଥାନା ଅନ୍ତର୍ଗତ ମନମୁଣ୍ଡା ଓ ମାଣ୍ଡିଆକୁଦର ଜିଓ ଟାୱାର ଲାଇନ ତାର ଚୋରି କରିଥିବା ପୋଲିସ ସୂଚନା ଦେଇଛି। ସେମାନେ ଯୋଜନା ବଦ୍ଧ ଭାବେ ବିଭିନ୍ନ ଗ୍ରାମରେ ଲାଗିଥିବା ଟ୍ରାନ୍ସଫର୍ମରଗୁଡିକୁ ଦିନବେଳେ ଦେଖି ଓ ରେକି କରି ବିଳମ୍ବିତ ରାତିରେ ଚୋରି କରିଥାନ୍ତି।

# ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ

**ବଡ଼ଗାଁ,୧୦।୮ (ଅଶୋକ ଷଡଙ୍ଗୀ)**

ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ରାଏଡିହୀ ଆଶ୍ରମ ସ୍କୁଲରେ ରବିବାର ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସାରଦା ପ୍ରସନ୍ନ ଜେନା, ବିପିଏମ ଗୀତାଞ୍ଜଳି ରାଉତରାୟ, ପିଏଚଓ ଚିତ୍ରସେନ ସାହୁ, ସିଆରସିସି ଜ୍ୟୋତିର୍ମୟୀ ନାଏକ ପ୍ରମୁଖ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ସଭାକୁ ସହକାରୀ ଶିକ୍ଷକ କାହ୍ନୁଚରଣ ନାଏକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

# ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ




କୁଆଁରମୁଣ୍ଡା ଓଏଭିରେ ଫାଇଲେରିଆ ନିବାରଣ ନିମନ୍ତେ ଅନୁଷ୍ଠିତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କୁଆଁରମୁଣ୍ଡା,୧୦।୮ (ମହେନ୍ଦ୍ର କୁମାର ସାହୁ)**

ଫାଇଲେରିଆ ନିରୋଧକ ଏବଂ କୃମିନାଶ ଔଷଧ ସେବନ ଦ୍ୱାରା ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିଥାଏ। ଏଥି ନିମନ୍ତେ ଆଶାକର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘର, ସ୍କୁଲ, କଲେଜ ଓ ଅଫିସକୁ ଯାଇ ଔଷଧ ଖୁଆଇଲେ ଫାଇଲେରିଆ ନିରାକରଣ ସମ୍ଭବ ହୋଇପାରିବ ବୋଲି ରବିବାର କୁଆଁରମୁଣ୍ଡା ତେଲିପୋଷସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମତବ୍ୟକ୍ତ କରିଛନ୍ତି। ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ଔଷଧ ସେବନ କଲେ ଆମ ବ୍ଲକ ଫାଇଲେରିଆମୁକ୍ତ ହୋଇପାରିବ ବୋଲି ସମ୍ମାନିତ ଅତିଥିଭାବେ ଯୋଗଦେଇ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ମତବ୍ୟକ୍ତ କରିଛନ୍ତି। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ଯୋଗଦେଇ ଏହି ସାମୂହିକ ଔଷଧ ସେବନ ଅଭିଯାନରେ ସମସ୍ତେ ସାମିଲ ହୋଇ ସରକାରଙ୍କ ଲକ୍ଷ୍ୟକୁ ସାକାର କରିବା ପାଇଁ ନିବେଦନ କରିଛନ୍ତି। ଏହି ଅବସରରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଉପସ୍ଥିତିରେ ମଞ୍ଚାସୀନ ସମସ୍ତ ଅତିଥି ଓ ଉପସ୍ଥିତ ଓଏଭି ସ୍କୁଲର ଛାତ୍ରୀଛାତ୍ରମାନେ ସାମୂହିକଭାବେ ଫାଇଲେରିଆ ଔଷଧ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ତେଲିପୋଷସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ମଧୁସ୍ମିତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ କୁଆଁରମୁଣ୍ଡା ସିଏଚସି ନୋଡାଲ ଅଧିକାରୀ ଦେବାଶିଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମଧୁସ୍ମିତା ସାହୁ, ଡା. ଶୁଭବ୍ରତା ଦାସ, ମାନସ ରଞ୍ଜନ ନାଏକ, ବିପିଏମ୍ ସୁକାନ୍ତ ନାଏକଙ୍କ ସମେତ ସିଏଚଓ, ଏଏନଏମ, ଆଶା କର୍ମୀ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଝୁନମୁର ମିଶନ ସ୍କୁଲରେ ଅନୁଷ୍ଠିତ ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ନେଭିଲ କେରକେଟା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋମାଂସ ଜବତ, ୨ ଅଟକ

**ଲହୁଣୀପଡା,୧୦।୮ (ଦାଶରଥି ପଣ୍ଡା)**

ଲହୁଣୀପଡ଼ା ବ୍ଲକ ଶସ୍ୟକଳା ପଞ୍ଚାୟତ ବାରସୁଆଁଠାରେ ଏକ ବାଇକରୁ ୨ ବ୍ୟାଗ ଗୋମାଂସ ଟେନସା ଫାଣ୍ଡି ପୋଲିସ ରବିବାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖି ପୋଲିସ ପଚରା ଉଚରା କରୁଛି।

ସୂଚନାରୁ ପ୍ରକାଶ, ଲହୁଣୀପଡା ବ୍ଲକ ତାଳବାହାଳି ପଞ୍ଚାୟତ ବଡନୂଆଗାଁ ଗ୍ରାମର ଜଣେ ବ୍ୟକ୍ତି ବାଇକ ଯୋଗେ ୨ଟି ବ୍ୟାଗରେ ଗୋମାଂସ ଭର୍ତ୍ତିକରି ବିକ୍ରି କରିବା ପାଇଁ ବାରସୁଆଁ ଯାଉଥିଲେ। କୌଣସି ସୂତ୍ରରୁ ସ୍ଥାନୀୟ ଲୋକମାନେ ଖବର ପାଇ ଟେନସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀଙ୍କୁ ଖବର ଦେଇଥିଲେ। ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ଗାଡି ସହିତ ନିଜେ ଫାଣ୍ଡି ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ବାରସୁଆଁ ସେଲ କଲୋନୀ ସାମ୍ନାରେ ବାଇକୁ ଅଟକାଇ ପଚରାଉଚରା କରିଥିଲେ। ସେ ଏହି ଗୋମାଂସ ବାରସୁଆଁ ଅଞ୍ଚଳର ଜଣେ ଲୋକଙ୍କୁ ବିକ୍ରି କରିବା ପାଇଁ ଯାଉଥିବା ପୋଲିସ ଆଗରେ କହିଥିଲେ। ପୋଲିସ ଗୋମାଂସ ଭର୍ତ୍ତି ୨ ଟି ବ୍ୟାଗ, ଗୋଟିଏ ବାଇକକୁ ଜବତ କରିବା ସହ ୨ ଜଣଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚରା କରୁଛି।

# ବକ୍ସିଂ ଖେଳାଳି ଆୟୁଷ ସମ୍ବର୍ଦ୍ଧିତ

**ସୁନ୍ଦରଗଡ଼,୧୦।୮ (ଜୟ ନାରାୟଣ ମେଣ୍ଡୁଲି)**

ବିହାର ରାଜ୍ୟ ଭାଗଲପୁରରେ ଅବସ୍ଥିତ ତିଲକମଞ୍ଜି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ପ୍ରଥମ ବିହାର କପ୍ - ୨୦୨୫ ଯୁବ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଆୟୁଷ ମୁଣ୍ଡା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନାଗବଂଶୀ ହିନ୍ଦୁ ମୁଣ୍ଡା ସମାଜ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ମୁଣ୍ଡାଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଉତ୍ତରୋତ୍ତର କାମନା କରିଥିଲେ । ଜିଲା କମିଟିର ସଭାପତି ସୋମନାଥ ମୁଣ୍ଡା, ମହିଳା ସଭାନେତ୍ରୀ ଲକ୍ଷ୍ମୀ କେରକେଟା, ସମ୍ପାଦକ ଟିଙ୍କୁ ମୁଣ୍ଡା, ସହ ସମ୍ପାଦକ କିଶୋର ମୁଣ୍ଡା, ପରାମର୍ଶ ଦାତା ସୁଖଲାଲ ମୁଣ୍ଡା ଓ ଜଟିଆ ମୁଣ୍ଡା ଉପସ୍ଥିତ ରହି ତାଙ୍କ ଘର କଦଳିମୁଣ୍ଡାରେ ସମ୍ବର୍ଦ୍ଧିତ କରିଥିଲେ। ମୁଣ୍ଡା ଭସ୍ମା ଥାନା ଅନ୍ତର୍ଗତ କଦଳୀ ମୁଣ୍ଡା ଗ୍ରାମର ହଦୋ ମୁଣ୍ଡା ଓ ସରୋଜିନୀ ମୁଣ୍ଡାଙ୍କ ପୁଅ। ସେ ସପ୍ତମ ଶ୍ରେଣୀ ପଢୁଥିବା ସମୟରୁ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗିମାଲର ସୁଦକ୍ଷ କୋଚଙ୍କ ଠାରୁ ତାଲିମ ନେଇ ଅନେକ ଥର ଜିଲା ସ୍ତରୀୟ, ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି।



ଆୟୁଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ, କବିତା ପାଠୋତ୍ସବ

**ସୁନ୍ଦରଗଡ଼,୧୦।୮ (ଜୟ ନାରାୟଣ ମେଣ୍ଡୁଲି)**

ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଂଘର ସଭାଗୃହଠାରେ ଶନିବାର ଅପରାହ୍ନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୁର୍ଗାମାଧବ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତାଭାବେ ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗଦାନ କରି କବିଙ୍କ ଜୀବନ ଓ ତାଙ୍କ ଦ୍ୱାରା ରଚିତ କବିତା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସ୍ୱଭାବ କବିଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଂଘର ଉପସଭାପତି ଗୁଣନିଧି ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଆୟୋଜିତ କବିତା ପାଠୋତ୍ସବରେ ସମରେନ୍ଦ୍ର ଠାକୁର, ଉଦିତ କୁମାର ପଟେଲ, ସୁଷମା ପଟେଲ, ଜୀବେଶ୍ୱରୀ ପଟେଲ, ପୁଷ୍ପଲତା ପାଣିଗ୍ରାହୀ, ମୀନାରାଣୀ ସହାୟ, ନିତମ୍ବିନୀ କର ଓ ସୁରଭୀ ପଟେଲ ପ୍ରମୁଖ କବୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ସଭ୍ୟମାନଙ୍କ ଦ୍ୱାରା ରକ୍ଷା ବନ୍ଧନର ମହତ୍ତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ସଂଘରେ ଉପସ୍ଥିତ ସମସ୍ତ ସଦସ୍ୟା ନିଶାମୁକ୍ତ ପୃଥିବୀ ନିମିତ୍ତ ଶପଥପାଠ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତ ମଞ୍ଚ ପରିଚାଳନା ତଥା ଧନ୍ୟବାଦ ପ୍ରଦାନ କରିଥିଲେ।

# ବୁଲା ଗୋରୁଙ୍କ କବ୍‌ଜାରେ ରାସ୍ତା




ରାସ୍ତାରେ ବୁଲାଗୋରୁମାନେ ।

**ବାଲିଶଙ୍କରା,୧୦।୮ ( ସତ ସେଠ୍ )**

ସୁନ୍ଦରଗଡ଼ରୁ ବାଲିଶଙ୍କରା ହୋଇ ଛତିଶଗଡ଼ ରାଜ୍ୟକୁ ସଂଯୋଗ କରୁଥିବା ୩୦ ନଂ. ରାଜ୍ୟ ରାଜପଥ ରାସ୍ତା ଏବେ ବୁଲା ଗୋରୁଙ୍କ କବ୍‌ଜାରେ ଅଛି। ଫଳରେ ଟ୍ରାଫିକ ଜାମ ହେବାସହ ଯାତାୟାତରେ ଅସୁବିଧା ହେଉଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଶୁକ୍ରବାର ବଳଦ ସହ ଧକ୍କା ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଚାବୁରୀରେ ବିଶ୍ୱ ଆଦିବାସୀ ଦିବସ

**ବଡ଼ଗାଁ,୧୦।୮ ( ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଚାବୁରୀ ଗାଁରେ ଶନିବାର ଅପରାହ୍ନରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୈଳାଶ କେରକେଟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅଶୋକ ଡୁଙ୍ଗଡୁଙ୍ଗ, ସରୋଜ କେରକେଟା, ଡିବା ସୋରେଙ୍ଗ, ସୁଶାନ୍ତ ସୋରେଙ୍ଗ, ମାଙ୍ଗରା ସୋରେଙ୍ଗ, ଜଗଦୀଶ ସୋରେଙ୍ଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଗ୍ରାମବାସୀଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି କେରକେଟା ସାରନା ଝଣ୍ଡା ସ୍ଥାପନ କଲାପରେ ପୂଜକ ରାଜୁ ସୋରେଙ୍ଗ ଇଷ୍ଟ ଦେବ ବୃକ୍ଷଙ୍କ ପୂଜନ କରିଥିଲେ। ଏହାପରେ ସଭା ଆରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି କେରକେଟା ଆଦିବାସୀ ସଂରକ୍ଷଣ, ଧର୍ମ ପରିବର୍ତ୍ତନ ନ କରିବା, ନିଜ ପରମ୍ପରା, ସଂସ୍କୃତି ବଜାୟ ରଖିବା ଓ ଏକତା ଉପରେ ଆଲୋଚନା କରିଥିଲେ। ସଭା ଶେଷ ପରେ ଅତିଥିଙ୍କ ସହିତ ଗ୍ରାମବାସୀମାନେ ଗୀତ ଗାଇ ନୃତ୍ୟ ପରିବେଷଣ କରିଥିଲେ। ଚମରୁ ଡୁଙ୍ଗଡୁଙ୍ଗ ଓ ବସନ୍ତ ସୋରେଙ୍ଗ ମଞ୍ଚ ପରିଚାଳନା କରିଥିଲେ।




ମୁଖ୍ୟ ଅତିଥିଙ୍କ ସହିତ ଗ୍ରାମବାସୀ।

# ଭେଡାବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ

## ଅସ୍ମିତା ଖେଲୋ ଇଣ୍ଡିଆ ବାଳିକା ଫୁଟ୍‌ବଲ ଉଦ୍‌ଯାପିତ

**ସୁନ୍ଦରଗଡ,୧୦।୮ (ଜୟ ନାରାୟଣ ମେଣ୍ଡୁଲି)**




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଏବଂ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ କୁଣ୍ଡୁକେଲା ଜୁବୁଲି ପଡିଆଠାରେ ଅସ୍ମିତା ଖେଲୋ ଇଣ୍ଡିଆ ୧୩ ବର୍ଷରୁ କମ ବାଳିକାମାନଙ୍କ ଏକ ଦିବସୀୟ ଫୁଟବଲ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ କିଞ୍ଜିରିମା ସରକାରୀ ଉଚ୍ଚ ବିଦ୍ୟାଳୟ, ଭେଡାବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡୁକେଲା ଓ ସୁନ୍ଦରଗଡ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ୮ଟି ବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲା। ଭେଡାବାହାଲ ଉଚ୍ଚ ବିଦ୍ୟାଳୟ ଓ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଲ ଶୂନ୍ୟ ଡ୍ର ହେବାରୁ ପେନାଲଟି ସୁଟ ଆଉଟ ମାଧ୍ୟମରେ ଭେଡାବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ୩-୨ଗୋଲରେ ବିଜୟୀ ହୋଇ ଚାମ୍ପିୟାନ ହୋଇଥିଲା। ପୂର୍ବତନ ଖେଳାଳି ମକୁନ୍ଦ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚମ୍ପିୟାନ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ରେଫରୀ ସନ୍ୟାସୀ ମୁଣ୍ଡା, ଅଜୟ ଖଡିଆ, ହିତେଶ କୁମାର ସା, ସ୍ୱରାଜ କୁମାର କିଶାନ ପ୍ରମୁଖ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

**ଏକଟଙ୍କିଆ ଚିକିତ୍ସା ଶିବିର**

ବେଲପାହାଡ଼,(ସୁବାସ ପ୍ରଧାନ): ଝାରସୁଗୁଡ଼ା ଜିଲା ଗୁମାଡେରାଠାରେ ମା' ମେଡିକେୟାର ପକ୍ଷରୁ ଏକଟଙ୍କିଆ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚର୍ମରୋଗ ବିଶେଷଜ୍ଞ ରାଜକୁମାର ଶର୍ମା, ଶିଶୁରୋଗ ବିଶେଷଜ୍ଞ ଅମର କୁମାର ଧଳ, ସ୍ତ୍ରୀରୋଗ ବିଶେଷଜ୍ଞ ସନ୍ତୋଷ କୁମାର ପାଣିଗ୍ରାହୀ, ଡା. ସବ୍ୟସାଚୀ ଦେବ ପ୍ରମୁଖ ଯୋଗଦେଇ ଏକଟଙ୍କାରେ ଚିକିତ୍ସା ସେବା ଯୋଗାଇଛନ୍ତି। ଏଥିରେ ବେଲପାହାଡ଼ ଏବଂ ଆଖପାଖ ଅଞ୍ଚଳର ୧୯୮ ଜଣ ରୋଗୀ ଉପକୃତ ହୋଇଛନ୍ତି। ଆୟୋଜକ ବସନ୍ତ ମହାନ୍ତି କହିଛନ୍ତି, ଗରିବ ରୋଗୀଙ୍କୁ ୧ ଟଙ୍କାରେ ଚିକିତ୍ସା ସେବା ଯୋଗାଇ ଦେବା ଏହି ଶିବିରର ଲକ୍ଷ୍ୟ। ଆସନ୍ତା ରବିବାର ଏହି ୧ ଟଙ୍କିଆ ଚିକିତ୍ସା ଶିବିର ଆୟୋଜନ କରାଯିବ।

# ବେଆଇନ ମଦ ପାଉଚ, ହାଣ୍ଡିଆ ନଷ୍ଟ କଲେ ମହିଳା

**ଦେବଗଡ଼,୧୦।୮ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ କେନ୍ଦେଇଜୁରୀ ପଞ୍ଚାୟତ ଅଧୀନ ବଲିତା ଓ ବୈଷ୍ଣିଶା ଗ୍ରାମରେ ବେଆଇନ ମଦ କାରବାର ବୃଦ୍ଧି ପାଇଛି। ପୂର୍ବରୁ ଏହାକୁ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନକୁ ଜଣାଇଥିଲେ। ହେଲେ ଏ ଦିଗରେ ପଦକ୍ଷେପ ନ ନିଆଯିବାରୁ ଗ୍ରାମବାସୀ ବାଧ୍ୟହୋଇ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ମଦ ପାଉଚ ଓ ହାଣ୍ଡିଆ ଜବତ କରି ନଷ୍ଟ କରିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦେଇଜୁରୀ ପଞ୍ଚାୟତ ଅଧୀନ ଧରମଚନ୍ଦ୍ରପୁର ଗ୍ରାମରେ ତିଲେଇବଣୀ ସରକାରୀ ସ୍ୱୀକୃତିପ୍ରାପ୍ତ ମଦଭାଟିର ଏକ ଶାଖା ବିକ୍ରୟ କେନ୍ଦ୍ର ରହିଛି। ସରକାରୀ ନିୟମ ଉଲ୍ଲଂଘନ କରି ଏହି ବିକ୍ରୟ କେନ୍ଦ୍ରର କର୍ତ୍ତୃପକ୍ଷ ବେଆଇନ ଭାବେ ମଦ ବିକ୍ରି କରୁଛନ୍ତି। ଏପରିକି ବଲିତା ଓ ବୈଷ୍ଣିଶା ଗ୍ରାମ ସମେତ ନିକଟସ୍ଥ ପାଲକୁଦର ଓ କଂସର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବେଆଇନ ଭାବେ ଯୋଗାଣ କରୁଛନ୍ତି। ଫଳରେ ସମ୍ପୃକ୍ତ


ମହିଳାମାନେ ମଦ ପାଉଚ ଓ ହାଣ୍ଡିଆ ଜବତ କରିଛନ୍ତି।

ଅଞ୍ଚଳରେ ବେଆଇନ ମଦ କାରବାର ଚରମ ସୀମାରେ ପହଞ୍ଚିଛି। ଏହି କାରଣରୁ ଅପରାଧ ବୃଦ୍ଧି ପାଇବା ସହ ହାତପାହାନ୍ତାରେ ମଦ ପାଇ ଅନେକ ଯୁବକ ଓ କିଶୋର ମଦ୍ୟପାନ କରି ସର୍ବସ୍ୱାନ୍ତ ହେଉଛନ୍ତି। ସେହିପରି ମଦ୍ୟପାନଜନିତ ଘରୋଇ ହିଂସା ବୃଦ୍ଧି ପାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ରବିବାର ବଲିତା ଓ ବୈଷ୍ଣିଶା ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ବଲିତା ଗ୍ରାମର ଅସାଧୁ ବ୍ୟବସାୟୀମାନଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀମଦ ପାଉଚ ସମେତ ହାଣ୍ଡିଆ ପ୍ରସ୍ତୁତିରେ ବ୍ୟବହୃତ ଡେକ୍‌ଚି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ରାସ୍ତା ଉପରକୁ ଫିଙ୍ଗି ଦେଇଥିଲେ। ଏହାପରେ ସେମାନେ ବୈଷ୍ଣିଶା ଗ୍ରାମରେ ଚଢ଼ାଉ କରି ଅନୁରୂପ ଭାବେ ହାଣ୍ଡିଆ, ଦେଶୀମଦ ପାଉଚ ନଷ୍ଟ କରିଥିଲେ। ସେହିପରି ସେମାନେ ଧରମଚନ୍ଦ୍ରପୁରସ୍ଥିତ ସରକାରୀ ସ୍ୱୀକୃତିପ୍ରାପ୍ତ ଶାଖା ମଦ ବିକ୍ରୟ କେନ୍ଦ୍ରକୁ ଯାଇ ପାଟିତୁଣ୍ଡ କରିବା ସହ ବେଆଇନ ଭାବେ ଅନ୍ୟ ଗ୍ରାମକୁ ପଠାଉଥିବା ଦର୍ଶାଇ ମଦ ବିକ୍ରୟ କେନ୍ଦ୍ର ବନ୍ଦ କରିବାକୁ କର୍ମଚାରୀଙ୍କୁ ଚେତାବନୀ ଦେଇଥିଲେ। ଖବରପାଇ ରିଆମାଳ ପୋଲିସ ସେଠାରେ ପହଞ୍ଚି ସରକାରୀ ନୀତିନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଆଇନକୁ ହାତକୁ ନ ନେବା ପାଇଁ ଅନୁରୋଧ କରିଥିଲା। ଫଳରେ ପରିସ୍ଥିତି ଶାନ୍ତ ପଡ଼ିବାସହ ସନ୍ଧ୍ୟାରେ ସମସ୍ତେ ଫେରିଯାଇଥିଲେ। ମହିଳାମାନଙ୍କର ଏହି ଅଭିନବ ପ୍ରତିବାଦ ଓ ନିଶା ନିବାରଣ ଅଭିଯାନକୁ କେନ୍ଦେଇଜୁରୀ ସରପଞ୍ଚ ସବିତା ଛତ୍ରିଆ ଓ ସମିତି ସଦସ୍ୟ କୁମୁଦିନୀ ସେଠୀଙ୍କ ସମେତ ଗ୍ରାମବାସୀ ଏବଂ ବିଶିଷ୍ଟ ବ୍ୟକ୍ତି ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା।

# ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଲଇକେରା,୧୦।୮ (ରଞ୍ଜନ କୁମାର ମେହେର)**

ଲଇକେରା ମେହେର(ଭୁଲିଆ) ସମାଜ ପକ୍ଷରୁ ସ୍ଥାନୀୟ ରାଜୀବ ଭବନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଭୁଲିଆ ସମାଜର ସଭ୍ୟମାନେ ଗଙ୍ଗାଧର ମେହେରଙ୍କ କବିତା ଗାନ କରିବା ସହ ଲଇକେରା ଗ୍ରାମ ପରିକ୍ରମା କରି ରାଜୀବ ଭବନରେ ପହଞ୍ଚିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ୪ ଜିଲାର ପୂର୍ବତନ ସଭାପତି ଚତୁର୍ଭୁଜ ମେହେର, ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ମେହେର ସମାଜର କାର୍ଯ୍ୟକର୍ତ୍ତା ପ୍ରମୋଦ ମେହେର, ଶତ୍ରୁଘ୍ନ ମେହେର, ମୁଖ୍ୟବକ୍ତା ଭାବେ ଉପେନ୍ଦ୍ର ସରାଫ, କବି ସରୋଜ ସାହୁ ଯୋଗଦେଇଥିଲେ। ଭଟ୍‌ଲିର ଲୋକନାଥ ମେହେର କବି ଗଙ୍ଗାଧରଙ୍କ କାବ୍ୟ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ ଜିଲାର ପୂର୍ବତନ ସଭାପତି ନୃପଲାଲ ମେହେରଙ୍କ ସମେତ କୃତିତ୍ୱ ହାସଲ କରିଥିବା ଭୁଲିଆ ସମାଜର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ସାମାଜିକ କର୍ମୀ ପଞ୍ଚାନନ ନାଏକ, ବିଜୟ ମିଶ୍ର, ଶିକ୍ଷାବିତ୍ ହିମାଦ୍ରି ସରାଫ, ଅର୍ଜୁନ ମେହେର ମଞ୍ଚାସୀନ ଥିଲେ। ପବିତ୍ର ମେହେର ଓ ଗୋଲାପ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ଆଦିବାସୀ ଦିବସ

**ଦେବଗଡ଼,୧୦।୮ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଂଯୋଜକ ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଂଗ୍ରେସ ନେତା ଯଶୋବନ୍ତ ସାହୁ, କଲଣ୍ଡା ସରପଞ୍ଚ ସସ୍ମିତା ଲୁଗୁନ, ନାଏବ ସରପଞ୍ଚ ଅଲେଖ ନାଏକ, ରାଜେଶ ବାର୍ଲା, ସୁଶୀଳ କୁମାର ଗୁଡିଆ, ଦୁଃଖବନ୍ଧୁ ମୁଣ୍ଡା, ଦେବେନ୍ଦ୍ର ବାର୍ଲା ଓ ଗୋଲବଦନ ମୁଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ଆଦିବାସୀ ସମାଜକୁ କଂଗ୍ରେସର ଅବଦାନ ଏବଂ ଜଙ୍ଗଲ ଜମି ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ସଭା ପୂର୍ବରୁ ଉପରୋକ୍ତ କଂଗ୍ରେସ ନେତା ଓ କର୍ମୀମାନେ ବିର୍ସାମୁଣ୍ଡା ଛକରେ ଥିବା ବିର୍ସାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଫୁଟ୍‌ବଲ ପ୍ରତିଯୋଗିତା: ବଡ଼କୁଦର ଚାମ୍ପିୟନ


କାର୍ଯ୍ୟକ୍ରମରେ ଅତିଥି, ଖେଳାଳି ଓ ଅନ୍ୟମାନେ।

**ଦେବଗଡ଼,୧୦।୮ (ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ କାଳିଆପାଳ ପଞ୍ଚାୟତ ସଦର ମହକୁମାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏନ୍‌ଏଫ୍‌ସି କାଳିଆପାଳ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କନ୍ତ୍ରାପାଲି ଫୁଟ୍‌ବଲ କ୍ଲବ୍‌କୁ ପରାସ୍ତ କରି ବଡ଼କୁଦର ଫୁଟ୍‌ବଲ କ୍ଲବ୍ ଚାମ୍ପିୟନ ହୋଇଛି। ଆୟୋଜକ କ୍ଲବ୍‌ର ସଭାପତି ଧରଣୀଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡିସ ସଭାପତି କୃତାର୍ଥ ସାହୁ, ସମ୍ମାନିତ ଅତିଥି ଭାବେ ବଲଣ୍ଡା ପଞ୍ଚାୟତ ବିଜେଡି ସଭାପତି ସୁବ୍ରତ ସାହୁ, କାଳିଆପାଳ ଗ୍ରାମର ସାମାଜିକ କର୍ମୀ ଶୁକଲାଲ ସୋଏ, ମାୟାଧର ଗଡ଼ନାୟକ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଟିମ୍‌ର ଖେଳାଳିଙ୍କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

**ଦେବଗଡ଼,୧୦।୮ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବାବୁସାହିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଶନିବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ନମିତା ଦିଦିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ପୌରପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ ଓ ବ୍ରହ୍ମାକୁମାର ଦୟାନିଧି ସାହୁ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ ପରିବେଷଣ ସହ ରକ୍ଷାବନ୍ଧନ ଉତ୍ସବ ପାଳନ ହୋଇଥିଲା।

# ୧୩ରେ ଲଇକେରା ତହସିଲ କାର୍ଯ୍ୟାଳୟ ଘେରାଉ

**ଝାରସୁଗୁଡ଼ା,୧୦।୮ (ଆଶିଷ ରଞ୍ଜନ ଦାଶ)**

ଭୂମି ଅଧିକାର ଆନ୍ଦୋଳନ ଡାକରାରେ ଆସନ୍ତା ୧୩ ତାରିଖରେ ଦେଶବ୍ୟାପୀ ଜମିର କର୍ପୋରେଟ୍ ଲୁଟ୍ ବିରୋଧରେ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଝାରସୁଗୁଡା ଜିଲା ଲଇକେରା ତହସିଲ କାର୍ଯ୍ୟାଳୟଠାରେ ଘେରାଉ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଭୂସଂସ୍କାର ଆଇନ, ଜଙ୍ଗଲ ଅଧିକାର ଆଇନ, ଜମି ଅଧିଗ୍ରହଣ, ପୁନର୍ବାସ, ଥଇଥାନ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ଭୂମିହୀନଙ୍କୁ ଜମି ପ୍ରଦାନ, ଜଳ, ଜମି ଜଙ୍ଗଲ ଓ ଖଣିଜ ସମ୍ପଦକୁ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରଖିବା, ପରିବେଶ ଧ୍ୱଂସକୁ ରୋକିବା, ବୃହତ୍ ଖଣି ଏବଂ ଶିଳ୍ପ ନାମରେ ଜମି ଅଧିଗ୍ରହଣ ବନ୍ଦ କରିବା ଭଳି ବିଭିନ୍ନ ଦାବି ପୂରଣ ପାଇଁ ତହସିଲଦାରଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଲୋକମୁକ୍ତି ସଙ୍ଗଠନର ଆବାହକ ଅନନ୍ତ ସୂଚନା ଦେଇଛନ୍ତି।

## ୧୨ରେ ମିରର ଥିଏଟରରେ ହେବ ସେମିନାର

**ବେଲପାହାଡ଼,୧୦।୮ (ସୁବାସ ପ୍ରଧାନ)**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଜରିଆରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ମିରର ଥିଏଟରରେ ନାଟକକୁ ନେଇ ଏକ ସେମିନାର ଅନୁଷ୍ଠିତ ହେବ। ଆସନ୍ତା ୧୨ ତାରିଖରେ ଏହି ସେମିନାର ସହ ମିରର ଥିଏଟରର ୩୩ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ପଶ୍ଚିମ ଓଡ଼ିଶାରେ ପ୍ରଥମକରି ନାଟକକୁ ନେଇ ଏହି ସେମିନାର ଆୟୋଜନ କରାଯାଉଛି ବୋଲି ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମିରର ଥିଏଟର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସେମିନାରରେ କବିତା ଆସର, ନାଟକ ପରିବେଷଣ କରାଯିବ। ଖବରଦାତା ସମ୍ମିଳନୀରେ ମିରର ଥିଏଟର ପ୍ରତିଷ୍ଠାତା ଡକ୍ଟର ସୁବାସ ଚନ୍ଦ୍ର ପ୍ରଧାନ, ଜେନାମଣି ସେଟ, ସରୋଜ ମିର୍ଦ୍ଧା, ସନ୍ତୋଷ ସାହୁ, ଥବିର କଲୋ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ନିଷ୍ପତ୍ତି

**ଝାରସୁଗୁଡ଼ା,୧୦।୮ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରର ପୂର୍ତ୍ତ ଡାକବଙ୍ଗଳାଠାରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କୋଶଳୀ ନେତା ତଥା ଆଇନଜୀବୀ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିକୁ ଜୋରଦାର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଝାରସୁଗୁଡ଼ା ଜିଲା ସଂଯୋଜକ ଭାବେ ଗୌରୀ ଶଙ୍କର ତନ୍ତୀ, ଝାରସୁଗୁଡ଼ା ସହର ସଂଯୋଜକ ଭାବେ ନୋବେଲ ଶର୍ମା ଏବଂ ବ୍ରଜରାଜନଗର ସହର ସଂଯୋଜକ ଭାବେ ନାରାୟଣ ଅଗ୍ରୱାଲଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ବୈଠକରେ କୋଶଳ କ୍ରାନ୍ତି ଦଳ, କୋଶଳ ସେନା ଓ ସମନ୍ୱୟ ସମିତିର


ବୈଠକରେ ଉପସ୍ଥିତ ସମିତି ସଭ୍ୟ।

ସଂଯୋଜକ ଗଣେଶ ମଟାରୀ, ବିକାଶ ରୋହିଦାସ, ବରିଷ୍ଠ ଚାଷୀନେତା ସୁରେନ୍ଦ୍ର ସାହୁ, ସଙ୍ଗଠକ ବସନ୍ତ ପଣ୍ଡା, ସନ୍ତୋଷ ପାଣିଗ୍ରାହୀ, ସଞ୍ଜୀବ ଗୁପ୍ତା, ରିତେଶ ଶର୍ମା, ଯୁବନେତା ଲମ୍ବୋଦର ପଟେଲ, ମାୟାରାମ ବାରଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ବୈଠକରେ ସଙ୍ଗଠନକୁ ସମ୍ପୂର୍ଣ୍ଣ ରୂପରେଖ ଦେବା ସହ ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ଝାରସୁଗୁଡ଼ା,୧୦।୮ (ଆଶିଷ ରଞ୍ଜନ ଦାଶ)**

ବରିଷ୍ଠ ନାଗରିକ କଲ୍ୟାଣ ସମିତି ଆନୁକୂଲ୍ୟରେ ସ୍ଥାନୀୟ ବନ୍ଧେ ଛକଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସମିତି ସଭାପତି ଇଂ. ମୋତିଲାଲ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଡ. ଶିବପ୍ରିୟା ମିଶ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୁରେଶ ଚନ୍ଦ୍ର ପ୍ରଧାନ, ଅନ୍ୟ ଅତିଥି ଭାବେ ଲୋକନାଥ ଗୁରୁ, ଅର୍ଜୁନଲାଲ ମୋରେ, ବସନ୍ତ କୁମାର ନାଥ, ଅକ୍ଷୟ କୁମାର ପତି, ତପନ କୁମାର ବାରିକ, ଟହଲୁ ସାହୁ, ପ୍ରଫେସର ବିଶ୍ୱଜିତ୍ ଖମାରୀ ଓ ଆଇନଜୀବୀ ତ୍ରିନାଥ ଗୁଆଲ ଯୋଗଦେଇ କବି ଗଙ୍ଗାଧରଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସମିତି ସମ୍ପାଦକ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ଏବଂ ଉପସଭାପତି ସଂଘମିତ୍ରା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ସଭା ପରିଚାଳନା କରିଥିବାବେଳେ ସହସମ୍ପାଦକ ଶିବ କୁମାର ପତି ଓ ଅନ୍ୟମାନେ ସହଯୋଗ କରିଥିଲେ।

# କୋଇଲି ଘୁଘର ଶୈବପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦଙ୍କ ସମେତ ଅନ୍ୟମାନେ।

**ଲଖନପୁର,୧୦।୮ (ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳର କୋଇଲିଘୁଘର ଶୈବପୀଠରେ ଭାଜପା ପକ୍ଷରୁ ସ୍ୱଚ୍ଛତା ହିଁ ସୁସ୍ଥତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ଲଖନପୁର ପୂର୍ବତନ ମଣ୍ଡଳ ସଭାପତି ରାଜକୁମାର ସାହୁ, ମଣ୍ଡଳ ପ୍ରତିନିଧି କ୍ଷତିତିଭୂଷଣ ପ୍ରଧାନ, ରାଜ୍ୟ ପରିଷଦ ସଭ୍ୟା ଆରତି ପ୍ରଧାନ, ଜିଲା ଭାଜପା ଆଦିବାସୀ ମୋର୍ଚ୍ଚା ସଭାପତି ଉତ୍ତମ ନେଗି, କଦମଡିହି ସମିତି ସଭ୍ୟ ପବିତ୍ର ବିଶ୍ୱାଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ଉଦିତ୍ ପଟେଲ, ତୋଫାନ ପ୍ରଧାନଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇ କୋଇଲିଘୁଘରରେ ସଫା କରିବା ସହ ସ୍ୱଚ୍ଛତା ହିଁ ସୁସ୍ଥତାର ବାର୍ତ୍ତା ଦେଇଛନ୍ତି।

# ଶ୍ରମିକମାରଣ ନୀତିକୁ ବିରୋଧ



ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

**ଝାରସୁଗୁଡ଼ା,୧୦।୮ (ଆଶିଷ ରଞ୍ଜନ ଦାଶ)**

**ଓଡ଼ିଶା କନ୍‌ଷ୍ଟ୍ରକ୍‌ଶନ ୱାର୍କର୍ସ ୟୁନିୟନର ୪ର୍ଥ ଜିଲା ସମ୍ମିଳନୀ**

ଓଡ଼ିଶା କନ୍‌ଷ୍ଟ୍ରକ୍‌ଶନ ୱାର୍କର୍ସ ୟୁନିୟନର ଚତୁର୍ଥ ଜିଲା ସମ୍ମିଳନୀ ଝାରସୁଗୁଡ଼ା ବିଜୁନଗରସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ମାଣ ଶ୍ରମିକଙ୍କୁ କାର୍ଡ ସହ ସୁବିଧା ପ୍ରଦାନ ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସିଆଇଟିୟୁର ଝାରସୁଗୁଡ଼ା ଜିଲା ସଭାପତି ଗୌରୀଶଙ୍କର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସାଥୀ ବିଷ୍ଣୁ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ କରିଥିଲେ। ସମ୍ମାନିତ ଅତିଥି ଝାରସୁଗୁଡ଼ା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୋଏଲ ଓଡ଼ିଶାରେ ଚାଲିଥିବା ଡବଲ ଇଞ୍ଜିନ ସରକାରଙ୍କ ନୀତିକୁ ତୀବ୍ର ନିନ୍ଦା କରିଥିଲେ। ଅନ୍ୟ ଅତିଥି ଭାବେ ବୀମା କର୍ମଚାରୀ ସଂଘ ନେତା ରତ୍ନାକର ପ୍ରଧାନ, ଏଆଇଟିୟୁସି ନେତା ସାଥୀ ସାରଙ୍ଗଧର ମିଶ୍ର, ଗୋଣ୍ଡୱାନା ସମାଜ ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ସାମାଜିକ କର୍ମୀ ପ୍ରଶାନ୍ତ ତ୍ରିପାଠୀ ଯୋଗଦେଇ ସରକାରଙ୍କ ଶ୍ରମିକମାରଣ ଓ କୃଷକମାରଣ ନୀତିକୁ ବିରୋଧ କରିଥିଲେ। ସମ୍ପାଦକ ବାସୁଦେବ ଧୂରୁଆ ବିବରଣୀ ପାଠ କରିଥିବାବେଳେ ନିର୍ମାଣ ଶ୍ରମିକ ରାଜ୍ୟ ସାଧାରଣ ସମ୍ପାଦକ ସାଥୀ ବିମଳ ମାଇତି ନିର୍ମାଣ ଶ୍ରମିକ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଗୌରୀଶଙ୍କର ପାତ୍ର, ସାଧାରଣ ସମ୍ପାଦକ ବାସୁଦେବ ଧୂରୁଆ, ସମ୍ପାଦକ ଆଶିଷ ନାଏକ, ଯୁଗ୍ମ ସମ୍ପାଦକ ଟିକେଶ୍ୱର ରୋହିଦାସ, ଅର୍ଜୁନ ସିଂ, ରୁକ୍ମିଣୀ ଗନ୍ଧ, ରବି ପଟେଲ, ଚତୁର୍ଭୁଜ ମେହେର, କପିଳ କିଷାନ, ଝରଣା ପ୍ରଧାନ, ମାମୁନି ଦଣ୍ଡସେନା ପ୍ରମୁଖ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ସମସ୍ତ ପଞ୍ଚାୟତସ୍ତରରେ କମିଟି ଗଠନ କରାଯିବା ସହିତ ଝାରସୁଗୁଡ଼ା ଜିଲା ଶ୍ରମିକଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରାଯିବ ବୋଲି ସଭାପତି ପାତ୍ର କହିଛନ୍ତି।

# ମିଳିଛି ପରିଚୟ, ମିଳୁନି ସୁବିଧା

**ଲଖନପୁର,୧୦।୮ (ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସମରବଗା ପଞ୍ଚାୟତ ଅଧୀନ ଦୁଆନମୁଣ୍ଡା ରାଜସ୍ୱ ଗ୍ରାମର ଜନସାଧାରଣ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ହୀରାକୁଦ ନଦୀବନ୍ଧ ଯୋଜନା ପାଇଁ ଲଖନପୁର ବ୍ଲକରେ ଅନେକ ଗ୍ରାମର ଲୋକମାନେ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ନିଜର ସର୍ବସ୍ୱ ହରାଇ ବିସ୍ଥାପିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବିସ୍ଥାପିତ ହୋଇ ଦୀର୍ଘ ୬୯ ବର୍ଷ ଧରି ପରିଚୟ ଅପେକ୍ଷାରେ ଥିବା ଦୁଆନମୁଣ୍ଡା ଗ୍ରାମ ୨୦୨୩ରେ ସରକାରୀ ଘୋଷଣା ଅନୁଯାୟୀ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିଲା। ବିସ୍ଥାପିତ ହୋଇ ଜଳଭଣ୍ଡାର ପାର୍ଶ୍ୱରେ ବାସ କରୁଥିବା ଉକ୍ତ ଗ୍ରାମର ପ୍ରତ୍ୟେକ ପରିବାରକୁ ସରକାରଙ୍କ ପକ୍ଷରୁ ସେଟଲମେଣ୍ଟ କରାଯାଇ ଘରଡ଼ିହ ଓ ଜମିପଟ୍ଟା ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ଦୀର୍ଘବର୍ଷ ପରେ ଦୁଆନମୁଣ୍ଡା ରାଜସ୍ୱ ଗ୍ରାମର


ଜମିପଟ୍ଟା ପାଇଥିବା ଦୁଆନମୁଣ୍ଡା ଗ୍ରାମବାସୀ।

**ସମସ୍ୟାରେ ବିସ୍ଥାପିତ ଗାଁ ଦୁଆନମୁଣ୍ଡା**

ମାନ୍ୟତା ପାଇଲା। ହେଲେ ଏହି ଗ୍ରାମର ପ୍ରଜା ହିସାବରେ ଯେଉଁସବୁ ସୁବିଧାସୁଯୋଗ ପାଇବା କଥା ତାହା ଦିବାସ୍ୱପ୍ନ ପାଲଟିଛି। ଦୁଆନମୁଣ୍ଡା ଗ୍ରାମ ନିକଟ କୁଡ଼ାବଗା ଗ୍ରାମରେ ବୃହତ୍ ଜଳସେଚନ ପ୍ରକଳ୍ପ ସ୍ଥାପନ ହୋଇଛି। ହେଲେ ଦୁଆନମୁଣ୍ଡା ଗ୍ରାମର ଚାଷଜମିକୁ ଜଳସେଚନରୁ ବାଦ୍ ଦିଆଯାଇଛି। ଗ୍ରାମବାସୀଙ୍କ ପାଖରେ ଜମିପଟ୍ଟା ଥିବା ସତ୍ତ୍ୱେ ସେମାନେ କୃଷି ସେବା ସମବାୟ ସମିତିରୁ ଋଣ ନେଇପାରୁନାହାନ୍ତି କି ସାର ପାଇପାରୁନାହାନ୍ତି। ବିଶେଷକରି ସେମାନେ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ମୂଲ୍ୟରେ ଧାନ ବିକ୍ରି କରିପାରୁନାହାନ୍ତି। ଉକ୍ତ ଗ୍ରାମର ପ୍ରାୟ ୧୪୦ ପରିବାରକୁ ପାଖାପାଖି ୧୦୦ ଏକର ଚାଷଜମିର ପଟ୍ଟା ପ୍ରଦାନ କରାଯାଇଛି। ହେଲେ ସେମାନେ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛନ୍ତି। ତୁରନ୍ତ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ସେମାନେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏନେଇ ଲଖନପୁର ତହସିଲଦାର ପ୍ରସନ୍ନ କୁମାର ପଟେଲ କହିଛନ୍ତି, ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବି।



ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୫ର ଜୁନିୟର ବର୍ଗ ଗ୍ରାଣ୍ଡ ଫାଇନାଲ୍ସରେ କୁଇଜ୍ ମାଷ୍ଟର ଅଜୟ ପୁନିଆ ପ୍ରତିଯୋଗୀମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି।

# ଉତ୍ତର ପାଇଁ କସରତ























‘ମେଟଲ୍ ମିଟ୍ ୨୦୨୫’ ଫାଇନାଲ୍ସର ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରତିଯୋଗିତା ସମ୍ପର୍କରେ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ



କୁଇଜ୍ ମାଷ୍ଟର ଅଜୟ ପୁନିଆ











ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଅତିଥି।



ପୁରସ୍କୃତ ହୋଇଥିବା ଓଡ଼ିଶାପୋଷ୍ଟର ‘ଡେଲି କୁଇଜ୍’ ପ୍ରତିଯୋଗିତାର ବିଜେତାମାନେ।






ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ଜୁନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର ଏବଂ ଦ୍ୱିତୀୟ ରନରଅପ୍ ଲୟୋଲା ସ୍କୁଲ, ଭୁବନେଶ୍ୱର ଟିମ୍‌କୁ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଅଜନ୍ତା ଆଡଭର୍ଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ପୁରସ୍କାର ବାବଦ ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ।






ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ସିନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ ଆଇଆଇଟି, ଖଡ଼ଗପୁର ଏବଂ ଦ୍ୱିତୀୟ ରନରଅପ୍ ଆଇଆଇଏମ୍, କାଲ୍‌କାଟା ଟିମ୍‌କୁ ପୁରସ୍କାର ବାବଦ ଚେକ୍ ପ୍ରଦାନ କରାଯାଉଛି।







ଗ୍ରାଣ୍ଡ ଫାଇନାଲ୍‌ରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି, ଅତିଥି, ଛାତ୍ରୀଛାତ୍ର ଓ ଅଭିଭାବକମାନେ।





ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବା କାର୍ଯ୍ୟକ୍ରମର ପ୍ରାୟୋଜକମାନେ।



ଗ୍ରାଣ୍ଡ ଫାଇନାଲ୍‌ର ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଜଣେ ବିଜେତାଙ୍କୁ ପୁରସ୍କୃତ କରାଯାଇଛି।




ଓଡ଼ିଶାପୋଷ୍ଟ ମେଟଲ ମିଟ୍ ୨୦୨୫ର ସେଲ୍‌ଫି ପଏଣ୍ଟରେ ଛାତ୍ରୀଛାତ୍ରମାନେ। (ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର/ଜ୍ୟୋତିରଞ୍ଜନ ସାହୁ)

# କ'ଣ କୁହନ୍ତି ବିଜେତା ଟିମ୍

**■ ତୃତୀୟ ଥର ବିଜେତା ହୋଇଥିବାରୁ ଖୁସି ଲାଗୁଛି**

ଆଜିର ସଫଳତା ପାଇଁ ବହୁତ ପରିଶ୍ରମ କରିଥିଲୁ। ଚଳିତ ବର୍ଷ ପୁରସ୍କାର ଜିତିବା ପାଇଁ ବହୁ ପରିଶ୍ରମ କରିଥିଲୁ। ପୂର୍ବଥର ଅପେକ୍ଷା ଏଥର ପ୍ରଶ୍ନ କଷ୍ଟ ଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କୁ କ'ଣ ପ୍ରଶ୍ନ ପଚରା ଯାଉଛି ସେକଥା ନଭାବି ନିଜ ପ୍ରଶ୍ନ ଉପରେ ଅଧିକ ଧ୍ୟାନ ଦେଇଥିଲୁ। ଓଡିଶା ଭିତର ବାହାରଠାରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବହୁତ ପ୍ରଶ୍ନ ଆସିଥିଲା। ବିଜେତା ହୋଇଥିବାରୁ ବହୁତ ଖୁସି ଲାଗୁଛି। ଆମେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ନିୟମିତ ପଢୁଥିବାରୁ କେତେକ ପ୍ରଶ୍ନର ଉତ୍ତର ଦେବାରେ ସହାୟକ ହୋଇଥିଲା।

**- ପ୍ରୀତିମାନ ମିଶ୍ର, ଚାମ୍ପିୟନ ଟିମ୍ (ସିନିୟର), ଏମ୍ସ, ଭୁବନେଶ୍ୱର**

**■ ପ୍ରଥମ ଥର ପୁରସ୍କାର ପାଇ ଖୁସି ଅଛୁ**

ପ୍ରଥମ ଥର ମେଟଲ୍ ମିଟ ଆସି ପ୍ରଥମ ରନରଅପ ହୋଇଥିବାରୁ ଖୁସି ଲାଗୁଛି। ପ୍ରଶ୍ନଗୁଡ଼ିକ ବିଭିନ୍ନ ବିଷୟରୁ ପଡ଼ିଥିଲା। ସୋସିଆଲ ମିଡିଆରେ ପୂର୍ବବର୍ଷଗୁଡ଼ିକର ମେଟଲ୍ ମିଟ୍ କାର୍ଯ୍ୟକ୍ରମରେ ପଚରା ଯାଇଥିବା ପ୍ରଶ୍ନ ଦେଖିଥିଲୁ। ଚଳିତବର୍ଷ ସଂସ୍କରଣରେ ତୁଳନାତ୍ମକ ଭାବେ କଷ୍ଟ ପ୍ରଶ୍ନ ଥିଲା। ପ୍ରତିଯୋଗିତାରେ ଆସି ଆମେ ଜିତିଥିବାରୁ ଆମ ଟିମ୍ ବହୁତ ଆନନ୍ଦିତ।

**- ପ୍ରଖର ଶ୍ରୀଗୁରୁ, ପ୍ରଥମ ରନରଅପ୍ (ସିନିୟର), ଆଇଆଇଟି, ଖଡ଼ଗପୁର**

**■ ଆସନ୍ତା ସଂସ୍କରଣ ବିଜେତା ହେବାକୁ ଚେଷ୍ଟା କରିବୁ**

ଆମେ ପ୍ରଥମଥର ପାଇଁ ମେଟଲ୍ ମିଟ୍‌ରେ ଯୋଗ ଦେଇଥିଲୁ। ବିଭିନ୍ନ କୁଇଜ୍ ପ୍ରତିଯୋଗିତାରେ ଯୋଗ ଦେଇଥିଲୁ, କିନ୍ତୁ ମେଟଲ୍ ମିଟ୍‌ର ଅନୁଭୂତି ବହୁତ ଭଲ ଥିଲା। ପ୍ରଶ୍ନଗୁଡ଼ିକ ଅତି ଉଚ୍ଚକୋଟୀର ଥିଲା। ପୂର୍ବବର୍ଷର ମେଟଲ୍ ମିଟ୍ କାର୍ଯ୍ୟକ୍ରମର ଭିଡିଓ ଦେଖିଥିଲୁ। କିନ୍ତୁ ଚଳିତ ବର୍ଷ ଫର୍ମାଟ୍ କିଛିମାତ୍ରାରେ ଭିନ୍ନ ଥିଲା। ବିଜୟୀ ହେବୁ ବୋଲି ଆଶା ଥିଲା, କିନ୍ତୁ ଦ୍ୱିତୀୟ ରନରଅପ୍ ହୋଇଛୁ। ଆସନ୍ତାବର୍ଷକୁ ପୁଣି ଯୋଗଦେଇ ବିଜେତା ହେବାକୁ ଚେଷ୍ଟା କରିବୁ।

**- ଆର୍ଯ୍ୟା ଅରୁଣ, ଦ୍ୱିତୀୟ ରନରଅପ୍ (ସିନିୟର), ଆଇଆଇଏମ୍ କାଲ୍‌କାଟା**

**■ ଦ୍ୱିତୀୟ ଥର ବିଜେତା ହୋଇଥିବାରୁ ଖୁବ୍ ଆନନ୍ଦିତ**

ଦ୍ୱିତୀୟଥର ପାଇଁ ମେଟଲ୍ ମିଟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଖୁବ ଅନନ୍ଦିତ ଅଛୁ। ଗତଥର ଭଳି ଚଳିତ ସଂସ୍କରଣରେ ଆମେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥିଲୁ, ଯାହାର ଫଳ ଆମେ ପାଇଛୁ। ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଟ୍ରିକି ଥିଲେ ମଧ ସେଗୁଡିକୁ ଠିକ୍ ଭାବେ ବୁଝି ଉତ୍ତର ଦେଇଥିବାରୁ ବିଜେତା ହୋଇପାରିଛୁ।

**- ସାଇ ଅରୁସ ଦାସ, ଚାମ୍ପିୟନ ଟିମ୍, ଡିଏଭି ୟୁନିଟ୍-୮, ଭୁବନେଶ୍ୱର**

**■ ବିଜେତା ହେବାକୁ ଚେଷ୍ଟା କରିବୁ**

ଆମ ଟିମ ଜୁନିୟର କୁଇଜ ପ୍ରତିଯୋଗିତାର ଦ୍ୱିତୀୟ ସ୍ଥାନରେ ରହିଛି। ବଜର୍‌ରେ ଠିକ ସମୟରେ କ୍ଲିକ କରି ନ ଥିବାରୁ ଆମେ ଅଧିକ ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲୁ। ଆସନ୍ତା ସଂସ୍କରଣରେ ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତି କରିବୁ। ବିଜେତା ହେବକୁ ଚେଷ୍ଟା କରିବୁ।

**- ଆଦ୍ୟେୟା ଷଡ଼ଙ୍ଗୀ, ପ୍ରଥମ ରନରଅପ୍ (ଜୁନିୟର), କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର**

**■ ଶେଷ ୩ଟି ପ୍ରଶ୍ନ ଜିତିବାରେ ସହାୟକ ହେଲା**

ପ୍ରଥମରୁ ଆମେ ଜିତିବା କଷ୍ଟକର ହୋଇଥିଲା। ହେଲେ ଶେଷ ୩ଟି ପ୍ରଶ୍ନର ଉତ୍ତର ଦେଇପାରିଥିବାରୁ ତାହା ଆମ ପାଇଁ ଜିତିବାରେ ସହାୟକ ହୋଇଥିଲା। ଆମେ ବିଜେତା ହୋଇ ଖୁସି ଅଛୁ। ପରବର୍ତ୍ତୀ ସଂସ୍କରଣରେ ଚାମ୍ପିୟନ ହେବାକୁ ଚେଷ୍ଟା କରିବୁ।

**- ସୋଭିତ ଲେଙ୍କା, ଦ୍ୱିତୀୟ ରନରଅପ୍ (ଜୁନିୟର), ଲୟୋଲା ସ୍କୁଲ, ଭୁବନେଶ୍ୱର**



## ଜଟଣୀରୁ ମିଳିଲା ଥର୍

### ଦୁର୍ଘଟଣାରେ ଝିଅ ମୃତ, ମା'ପୁଅ ଗୁରୁତର ଘଟଣା

ଭୁବନେଶ୍ୱର,୧୦।୮(ସତ୍ୟଜିତ୍ ରାଉତ)

ପାତ୍ରପଡ଼ା ପେଟ୍ରୋଲ ପମ୍ପ ନିକଟ ୧୬ ନମ୍ବର ଜତୀୟ ରାଜପଥରେ ଦୁର୍ଘଟଣା ଘଟାଇ ଜୀବନ ନେଇଥିବା ଥର୍ ଗାଡ଼ିକୁ ରବିବାର ଖଣ୍ଡଗିରି ପୋଲିସ ଜବତ କରିଛି। ଦୁର୍ଘଟଣା ପରେ ଚାଳକ ଜଟଣୀ ଥାନା ନିକଟରେ ଗାଡିକୁ ରଖି ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି ତାହାକୁ ଠାବ କରିଥିଲା। ତେବେ ଉକ୍ତ ଥର୍ ଗାଡିଟି ଜଟଣୀ କୁସୁମାଟି ଅଞ୍ଚଳର ଓ ଗାଡି ମାଲିକଙ୍କ ପୁଅ ଦୁର୍ଘଟଣା ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ଖଣ୍ଡଗିରି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଏହି ଦୁର୍ଘଟଣାରେ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ୮ ବର୍ଷୀୟା ଝିଅ ରେସମା ରାହୁଲଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ରେବତୀ ଓ ୨ ବର୍ଷର ପୁଅ ମାହି ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ରେବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

ଅପରପକ୍ଷରେ ରବିବାର ପୂର୍ବାହ୍ନରେ




ଜବତ ହୋଇଥିବା ନରହନ୍ତା ଥର୍ ଗାଡ଼ି ଓ ଜାତୀୟ ରାଜପଥ ଅବରୋଧ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

#### ଜାତୀୟ ରାଜପଥ ଅବରୋଧ କଲେ ଫୁଲେଶ୍ୱରୀ ବାସିନ୍ଦା

ଦୁର୍ଘଟଣା ଘଟିଥିବା ସ୍ଥାନରେ ଜାତୀୟ ରାଜପଥକୁ ଫୁଲେଶ୍ୱରୀ ବସ୍ତିବାସିନ୍ଦା ଅବରୋଧ କରିଥିଲେ। ମୃତାହତଙ୍କ ପରିବାର ଲୋକେ ଓ ବସ୍ତି ଲୋକମାନେ ଏକାଠି ହୋଇ ଟାୟାର ଜାଳି ପ୍ରତିବାଦ କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଶତାଧିକ ଗାଡି ଅଟକି ରହିଥିଲା। ଆନ୍ଦୋଳନକାରୀମାନେ ଦୁର୍ଘଟଣାସ୍ଥଳରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି କରିଥିଲେ। ଜଣେ ମହିଳାଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ଘଟିଥିବା ସ୍ଥାନରେ ଫୁଟଓଭରବ୍ରିଜ୍ ହେବାର ଥିଲା। କିନ୍ତୁ କେତେଜଣଙ୍କ ସ୍ୱାର୍ଥ ପାଇଁ କିଛି ଦୂରରେ ଫୁଟ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ହେଲେ ସେଥିରେ କେହି ଯାଉନାହାନ୍ତି। ସେହିଭଳି ଦୁର୍ଘଟଣାସ୍ଥାନରେ ସୁରକ୍ଷା ପାଇଁ ଟ୍ରାଫିକ୍ କର୍ମଚାରୀ ମୁତୟନ କରାଯାଉ ବୋଲି ଲୋକମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମୃତା ରେସମାଙ୍କ ମା' ରେବତୀଙ୍କ ଭାଇ ନନ୍ଦନକାନନ ଅଞ୍ଚଳରେ ଚାକିରି କରନ୍ତି। ଶନିବାର ସକାଳୁ ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କ ସହ ଯାଇଥିଲେ। ସେମାନେ ଏକ ବସ୍ ଯୋଗେ ଆସି ପାତ୍ରପଡାଠାରେ ଓହ୍ଲାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ରେବତୀ ପିଲାଦ୍ୱୟଙ୍କୁ ଧରି ନିଜ ଘର ଫୁଲେଶ୍ୱରୀ ବସ୍ତିକୁ ଯିବାପାଇଁ ରାଜପଥ ପାରହେଉଥିବାବେଳେ ରସୁଲଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଥର ଗାଡିଟି ସେମାନଙ୍କୁ ଧକ୍କାଦେଇଥିଲା।

## ଅଭିଯୁକ୍ତଙ୍କୁ ଗଛରେ ବାନ୍ଧିଲେ, ବାଇକ୍ ପୋଡ଼ିଦେଲେ

### ନାବାଳିକାଙ୍କୁ ଅସଦାଚରଣ

ସିମୁଳିଆ,୧୦।୮(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍ ପୋଡ଼ି ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ରବିବାର ଅପରାହ୍ନରେ ଟ୍ୟୁଶନରୁ ଫେରୁଥିଲେ। ଏହି



ଗଛରେ ବନ୍ଧା ହୋଇଥିବା ଅଭିଯୁକ୍ତ।

ସମୟରେ ଖଇରା ବ୍ଲକ ଅନ୍ତରା ଅଞ୍ଚଳର ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କୁ ସ୍ଥାନୀୟ କେନାଲ ପାର୍ଶ୍ୱ ବଣ ମଧ୍ୟକୁ ଟାଣି ନେଇ ଅସଦାଚରଣ କରିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି କେନାଲ ପାର୍ଶ୍ୱରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍‌ଟିକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ଜଣେ ଗାଡ଼ି ଚାଳକ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

## ମାସ୍କ ପିନ୍ଧି ଆସିଲେ, ଯୁବତୀଙ୍କୁ ଉଠାଇନେଲେ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ବଜାରକୁ ମା'ବାପାଙ୍କ ସହିତ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିବା ଜଣେ ଯୁବତୀଙ୍କୁ ମାସ୍କପିନ୍ଧା ୪ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ବଜାରରେ।

ସୂଚନା ଅନୁଯାୟୀ, କପ୍ତିପଦା ଥାନା ସୁଡସୁଡ଼ିଆ ଗ୍ରାମର ଜଣେ ଯୁବତୀ ତାଙ୍କ ମା'ବାପାଙ୍କ ସହିତ ଶୁକ୍ରବାର ବଜାରକୁ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିଲେ। ଦୋକାନରେ ମା'ବାପା ସାମଗ୍ରୀ କିଣୁଥିବା ସମୟରେ ଯୁବତୀ ଜଣକ ଦୋକାନ ବାହାରକୁ ଆସିଥିଲେ। ଏହି ସମୟରେ ୪ ଯୁବକ ମୁହଁରେ ମାସ୍କ ପିନ୍ଧି ଆସି ଉକ୍ତ ଯୁବତୀଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିଲେ। ଯୁବତୀଙ୍କ ବାପା ପାଟି କରିବାରୁ ଯୁବକମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ପଳାଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ନିଖୋଜ ମାମଲା(ନଂ.୩୫/୨୫) ରୁଜୁ କରିଥିବାବେଳେ ଅଭିଯୁକ୍ତମାନଙ୍କ ଟେର୍ ପାଇପାରିନାହିଁ। ତେବେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଥିବା ନେଇ ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ କପ୍ତିପଦା ଏସ୍‌ଡିପିଓ ହୃଷୀକେଶ ନାୟକଙ୍କୁ ପଚାରିବାରୁ ଅପହୃତା ଯୁବତୀଙ୍କ ବୟସ ୨୦ ବର୍ଷ ହୋଇଥିବାରୁ ନିଖୋଜ ମାମଲା ରୁଜୁ ହୋଇଛି ଓ ଖୁବ୍‌ଶୀଘ୍ର ତାଙ୍କୁ ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି।

## ୩ ମାଓବାଦୀ ଗିରଫ



ମାଲକାନଗିରି,୧୦।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ଲକ୍ଷ ପୁରସ୍କାର ଘୋଷିତ ୩ଜଣ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ସୋଡି ନନ୍ଦୁ, ପୁନେମ କୋସା ଓ ମଡକମ ପୋଡିୟା।

ଜଗରଗୁଣ୍ଡା ଥାନା ଅଞ୍ଚଳରେ ୧୫୦ ବାହିନୀ ସିଆରପିଏଫ୍ ବାହିନୀ ଅଲିଗୁଡେମ ଓ ଜୋନାଗୁଡା ଓ ଆଖପାଖ ଅଞ୍ଚଳରେ କୋମ୍ବିଂ କରୁଥିଲେ। ସେହି ସମୟରେ ଉକ୍ତ ୨ ଗ୍ରାମ ନିକଟରେ ୩ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ। ଏମାନେ ଜଗରଗୁଣ୍ଡା ଥାନାରେ ଆଇଇଡି ବିସ୍ଫୋରଣରେ ସାମିଲ ଥିବା ତଦନ୍ତରୁ ଜଣାପଡିଛି। ତେବେ ଏହି ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ପ୍ରକାଶ।

## ୩ ଯୁବକ ଗିରଫ, ୨ ନାବାଳକ ଅଟକ

### ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ଟ୍ୟୁଶନ ଯାଇଥିବା ଜଣେ କଲେଜ ଛାତ୍ରୀଙ୍କୁ ଉଠାଇନେଇ ଗଣବଳାତ୍କାର ଉଦ୍ୟମ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ରକ୍ଷାବନ୍ଧନ ଦିନ ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ କରାଯିବା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଗିରଫ କରିଥିବାବେଳେ ୨ ନାବାଳକଙ୍କୁ ଅଟକ ରଖିଛି। ଏସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୩୨୪/୨୫) ରୁଜୁ ହୋଇଛି। ଗିରଫ ଯୁବକମାନେ ହେଲେ ଉଦଳା ଥାନା ଅଧୀନ ବୃନ୍ଦାଗଡ଼ି ଗ୍ରାମର ଗଣେଶ ଦ୍ୱିବେଦୀ(୩୨), ଜିତ୍‌ରାୟ ସୋରେନ(୪୫), ରୋହିତ ନାଏକ(୨୦)।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ୧୬ ବର୍ଷର ଜଣେ ନାବାଳିକା ତାଙ୍କ ୨ ନାବାଳକ ସାଙ୍ଗଙ୍କ ସହ ବୁଲିବାକୁ ଯାଇଥିଲେ। ଜଙ୍ଗଲ ନିକଟରେ ଜଣେ ନାବାଳକ ସାଙ୍ଗ ଶୌଚ ନିମନ୍ତେ ଯାଇଥିଲା ଅନ୍ୟ ଜଣେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ସେଠାରେ ୩ ଯୁବକ ଗଣେଶ, ଜିତ୍‌ରାୟ ଓ ରୋହିତ ଆସି ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିବା ନାବାଳକଙ୍କୁ ଶୌଚ ନିମନ୍ତେ ଯାଇଥିବା ସାଙ୍ଗଙ୍କୁ ଖୋଜି ଆଣିବା ପାଇଁ ପଠାଇ ଦେଇଥିଲେ। ଏହାପରେ ଉକ୍ତ ୩ ଯୁବକ ନାବାଳିକାଙ୍କୁ ଏକୁଟିଆ ପାଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କୌଶଳକ୍ରମେ ସେମାନଙ୍କୁ ଗୋଇଠା ମାରି ସେଠାରୁ ଖସି ପଳାଇ ଆସିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କ ସହ ଥିବା ୨ ନାବାଳକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

### ସମ୍ପତ୍ତି ପାଇଁ ମାଡ଼ ମରାଯାଇଥିବା ଝିଅଙ୍କ ଅଭିଯୋଗ

ଆସିକା,୧୦।୮(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତ ଦନ୍ତାରିବଗଡ଼ ଗ୍ରାମର ଜଣେ ବୃଦ୍ଧାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଉଦୟ ଗୌଡ଼ଙ୍କ ସ୍ତ୍ରୀ ଲକ୍ଷ୍ମୀ ଗୌଡ (୭୫)। ଶନିବାର ରାତିରେ ମା'ଙ୍କୁ ଭାଇ, ଭାଉଜ ମାଡ଼ ମାରିଥିବା ଲକ୍ଷ୍ମୀଙ୍କ ଝିଅ ଲିଲି ତାରିଣୀ ଆସିକା ଥାନାରେ ଅଭିଯୋଗ କରଛନ୍ତି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଲକ୍ଷ୍ମୀଙ୍କ ପରିବାରରେ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ସବୁବେଳେ ଝଗଡ଼ା ଲାଗି ରହୁଥିଲା। ଶନିବାର ରାତିରେ ମଧ୍ୟ ପୁଅବୋହୂଙ୍କ ସହ ଲକ୍ଷ୍ମୀଙ୍କ ଯୁକ୍ତିତର୍କ ହୋଇଥିଲା। ବିଳମ୍ବିତ ରାତିରେ ଲକ୍ଷ୍ମୀ ଘର ଭିତରେ ଝାଡାବାନ୍ତି ହୋଇ ମୁମୂର୍ଷୁ ଅବସ୍ଥାରେ ପଡିଥିବା ବେଳେ ପରିବାର ଲୋକେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀଙ୍କ ଝିଅଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# Business

## ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀଙ୍କ ଯୋଗଦାନ ଉଲ୍ଲେଖନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୮ (ଅଭୟ ଦାଶ)

ଓଡ଼ିଶା ସରକାରଙ୍କ ସହଯୋଗିତାରେ ଟାଇ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ଉଦ୍ୟୋଗିକତା ସମ୍ମିଳନୀ 'ଟାଇକନ୍ ଭୁବନେଶ୍ୱର-୨୦୨୫' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀମାନଙ୍କ ଯୋଗଦାନ ଉଲ୍ଲେଖନୀୟ। ଏପରିକି ଏକ ଅଗ୍ରଣୀ ଉଦ୍ଭାବନ କେନ୍ଦ୍ର ଭାବେ ଓଡ଼ିଶାର ଉତ୍ଥାନକୁ ଆଲୋକିତ କରି ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟର ଅଭିବୃଦ୍ଧି ଯାତ୍ରାରେ ସହଯୋଗୀ ହେବା ପାଇଁ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରିତ କରିଥିଲେ। ସେହିଭଳି ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ (ଜିସିସି), ଚିପ ଡିଜାଇନ, ବ୍ଲକଚେନ ଓ ଏଆଇ ରିସର୍ଚ୍ଚ କ୍ଷେତ୍ରରେ ରାଜ୍ୟର ନେତୃତ୍ୱକୁ ଉଲ୍ଲେଖ କରି ସେ କହିଥିଲେ, ଆପଣମାନେ ଥରେ ଏଠାକୁ ଆସିବା ପରେ, ଏହା ଆପଣଙ୍କର ୨ୟ ଘର ଭଳି




ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ,ସାଂସଦ ରବି ନାରାୟଣ ବେହେରା,ସାଂସଦ ସୁଜିତ କୁମାର, ଆଇଟି ସଚିବ ବିଶାଲ କୁମାର ଦେବ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଟାଇ ଗ୍ଲୋବାଲର ଅଧ୍ୟକ୍ଷ ମୁରଲୀ ବୁଲ୍କାପଟନମ, ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି।

ଅନୁଭବ ହେବ। ଏପରିକି ମିଳିତ ଭାବେ ଆମେ ଓଡ଼ିଶାକୁ ପୂର୍ବ ଭାରତର ଉଦ୍ୟୋଗ ରାଜଧାନୀରେ ପରିଣତ କରିପାରିବା। ଏଥିସହିତ ସେ କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ସହରକୁ ନୂଆ ଡିଜିଟାଲ ହବ୍ ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଭିଜନ ଓଡିଶା-୨୦୩୬ ଓ ବିକଶିତ ଭାରତ ୨୦୪୭ ସହ ସମନ୍ୱିତ ରହିଛି। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏଆଇ ଗ୍ରହଣୀୟତା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗାମୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଏହାର ନିଜସ୍ୱ ଏଆଇ ନୀତି ସହିତ ଓ ୨୦୨୫-୨୬ ବଜେଟରେ ଓଡ଼ିଶା ଏଆଇ ମିଶନ ପାଇଁ ୨୫ କୋଟି ଟଙ୍କାର ଆବଣ୍ଟନ କରିଥିବା ପ୍ରଥମ ରାଜ୍ୟରେ ପରିଣତ ହୋଇଛି। ସେ କୋରାପୁଟରେ ଏଆଇ-ଆଧାରିତ କଫି ଚାଷର ତଦାରଖ ଏବଂ ଶିଶୁ କୁପୋଷଣ, ମାତୃ ମୃତ୍ୟୁହାର (ଏମଏମଆର) ଓ ଶିଶୁ ମୃତ୍ୟୁହାର ଭଳି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପ୍ରଗତିକୁ ଟ୍ରାକ୍ କରିବା ପାଇଁ ଆଗାମୀ ଏଆଇ-ଭିତ୍ତିକ ପ୍ରକଳ୍ପ ସମେତ କୃଷି ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇର ପ୍ରୟୋଗଗୁଡ଼ିକୁ ଉଲ୍ଲେଖ କରିଥିଲେ। ଏଥିସହିତ ଓଡିଶା ସେମିକଣ୍ଡକ୍ଟର ପଲିସି ଏବଂ ଭୁବନେଶ୍ୱରରେ ଏକ ଫିନଟେକ ସେଣ୍ଟର ସ୍ଥାପନ କରିବା ପାଇଁ ସ୍ୱାକ୍ଷରିତ ହୋଇଥିବା ଏମଓୟୁଗୁଡିକ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ।

ଏହି ପରିପ୍ରେକ୍ଷୀରେ ଏକାଧିକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଯେଉଁଥିରେ ରିସର୍ଚ୍ଚ, ପାଇଲଟ ପ୍ରୋଜେକ୍ଟ, ଟେକ୍ କୋର ଡେଭ୍‌ଲପମେଣ୍ଟ, ପଲିସି ଇନ୍‌ପୁଟ୍‌ସ ଓ ଇନୋଭେଶନ ଇକୋସିଷ୍ଟମ ବିଲ୍ଡିଙ୍ଗ କ୍ଷେତ୍ରରେ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ସହଭାଗିତା, ଓ-ଚିପ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଓକାକ୍ ଓ ଏସ୍‌ଏଫଏଏଲ (ସେମିକଣ୍ଡକ୍ଟର ଫାବ୍‌ଲେସ୍ ଆକ୍‌ସିଲରେଟର ଲାବ) ମଧ୍ୟରେ ସହଭାଗିତା, ବୈଷୟିକ ସହଭାଗିତା ପାଇଁ ଇଏସସି ଓଡିଶା ଓ ହିଟାଚି ଏମଜିଆରଏମ ମଧ୍ୟରେ ନଲେଜ ପାର୍ଟନରଶିପ ଏବଂ ଷ୍ଟାର୍ଟଅପ ସପୋର୍ଟ ନେଟ୍‌ୱର୍କଗୁଡିକୁ ମଜଭୁତ କରିବା ପାଇଁ ଟାଇ ଭୁବନେଶ୍ୱର ଓ ଇନ୍‌କ୍ୟୁବେଶନ ସେଣ୍ଟରଗୁଡିକ ମଧ୍ୟରେ ସହଭାଗିତା ଆଦି ଅନ୍ତର୍ଭୁକ୍ତ ରହିଛି।

ଏହିଅବସରରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଥିଲେ, ଏହି ସମ୍ମିଳନୀ ଓଡ଼ିଶାର କ୍ଷମତାକୁ ପ୍ରଦର୍ଶିତ କରିଛି ଏବଂ ଅନ୍ତର୍ଜାତୀୟ ସହଭାଗିତା ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ସମ୍ମିଳନୀରେ ବିବିଧ ଅଂଶଗ୍ରହଣ ଏକ ଉଲ୍ଲେଖନୀୟ ଉଦ୍ଭାବନ କେନ୍ଦ୍ର ଭାବେ ଭୁବନେଶ୍ୱରର ସ୍ଥିତିକୁ ସୁଦୃଢ଼ କରିଛି।

## ବିଦ୍ୟା ବାଲାନ ଭାସ୍‌ମଲର ବ୍ରାଣ୍ଡ୍ ଆମ୍ବାସାଡ଼ର

ଭୁବନେଶ୍ୱର,୧୦।୮

ବଲିଉଡ ଅଭିନେତ୍ରୀ ବିଦ୍ୟା ବାଲାନଙ୍କୁ ହେୟାର କଲର ବ୍ରାଣ୍ଡ ଭାସ୍‌ମଲ ତା'ର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏପରିକି ବିଦ୍ୟା ବାଲାନ୍‌ଙ୍କ ସହ ଭାସମଲ ହେନ୍ନା କ୍ରିମ ହେୟାର କଲରର ଏକ ନୂତନ ଟେଲିଭିଜନ କର୍ମସିଆଲ (ଟିଭିସି)ର ଶୁଭାରମ୍ଭ କରିଛି। କମ୍ପାନୀର ଏହି ବିଜ୍ଞାପନଭିତ୍ତିକ ଟିଭିସିଟି ସମସ୍ତ ମୌଳିକ ସୌନ୍ଦର୍ଯ୍ୟକାରିତା ଓ ପାରମ୍ପରିକତା ତଥା ସହଯୋଗୀ କାହାଣୀକୁ ବିସ୍ତୃତ ଭାବେ ଆବଦ୍ଧ କରିପାରିଛି। ବିଶେଷ କରି ଏହା ହେନ୍ନାର ପ୍ରାକୃତିକ ଉପକାରିତାର ସହଜ କ୍ରିମ ଫର୍ମାଟ ଉପରେ ଆଲୋକପାତ କରିବା ସହିତ ଐତିହ୍ୟ ଏବଂ ନବୀନତାର ଭାବପ୍ରବଣ ମହକତା ପ୍ରଦାନ କରିଛି। ଏହି ଅଭିଯାନର ବାର୍ତ୍ତାଗୁଡ଼ିକ ପ୍ରତ୍ୟେକ ମହିଳାଙ୍କ ସଶକ୍ତୀକରଣର ଆବେଗତାକୁ ଧରି ରଖିବା ସହିତ ଯଥାର୍ଥରେ 'ସୁରକ୍ଷିତ ରହେ ମେରେ ବାଲ' କହିବା ସହିତ ଏଥିରେ ଦୂର ଅବଧିର



ବିଶ୍ୱସନୀୟତାକୁ ଯୋଡ଼ି ପାରିଛି। ଏ ସମ୍ପର୍କରେ ଏଚଆରଆଇପିଏଲର ଏମ୍‌ଡି ତଥା ସିଇଓ ଧୀରଜ ଅରୋରା କହିଛନ୍ତି, ଭାସମଲର ଜୟଯାତ୍ରାରେ ଆମର ବ୍ରାଣ୍ଡ୍-ପ୍ରତିଷ୍ଠା ପାଇଁ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଏହା ଜରିଆରେ ଆମର ରହିଥିବା ବିସ୍ତାରିତ ରଣନୀତିକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ବେଶ୍ ସହାୟକ ହେବ। ଆଞ୍ଚଳିକତାର ବିଭିନ୍ନ ଦିଗକୁ ପ୍ରତିଫଳିତ କରିବା ସଙ୍ଗେ ସଙ୍ଗେ ଏହା ଏକ ଜାତୀୟ ପ୍ରାସଙ୍ଗିକତାକୁ ଗୌରାବନ୍ୱିତ କରିପାରିଛି।

## ଇଣ୍ଡସ ସହ ଫୋନ୍‌ପେର ସହଭାଗିତା

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ୍‌ସ ଆଣ୍ଡ ଆର୍ଥିକ ସେବା ପ୍ରଦାନକାରୀ ପ୍ଲାଟଫର୍ମ ଫୋନ୍‌ପେ ଏବଂ ଇଣ୍ଡସ ମଧ୍ୟରେ ସହଭାଗିତା ହୋଇଛି। ଏପରିକି ଇଣ୍ଡସ୍ ଆପ ଷ୍ଟୋର ପକ୍ଷରୁ ଆଲକାଟେଲ୍ ସହ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଦୀର୍ଘମିଆଦୀ ଭାଗୀଦାରି ଅନ୍ତର୍ଗତ ଇଣ୍ଡସ୍ ଆପ ଷ୍ଟୋର ଭାରତର ସମସ୍ତ ଆଲକାଟେଲ୍ ସ୍ମାର୍ଟଫୋନରେ ଏକ ପ୍ରି-ଇନ୍‌ଷ୍ଟଲ୍ ଆପ୍ ଷ୍ଟୋର ଭାବେ ଉପଲବ୍ଧ ହେବ। ଫୋନପେ ସହ ଇଣ୍ଡସ୍ ଆପଷ୍ଟୋରର ୪୫ ବିଭାଗରେ ଯାଞ୍ଚ ହୋଇଥିବା ମୋବାଇଲ୍ ଆପ୍ ଏବଂ ଗେମ୍ସର ଏକ ବିଶାଳ ସଂଗ୍ରହ ରହିଛି। ଏହା ୧୨ଟି ଭାରତୀୟ ଭାଷାକୁ ସମର୍ଥନ ଏବଂ ୧୦ଟି ଆଞ୍ଚଳିକ ଭାଷାରେ ଭଏସ୍ ସର୍ଚ୍ଚ ସୁବିଧା ଦେଉଛି। ଅପରପକ୍ଷରେ ଏହା ଏକ ଭିଡିଓ ଆଧାରିତ ଆପ୍ ଅନ୍ୱେଷଣ ଅନୁଭୂତି ପ୍ରଦାନ କରଛି। ଯାହା ବ୍ୟବହାରକାରୀଙ୍କୁ ଡାଉନଲୋଡ୍ କରିବା ପୂର୍ବରୁ ଆପ୍‌ଗୁଡ଼ିକୁ ପ୍ରିଭ୍ୟୁ କରିବାର ସୁଯୋଗ ଦେଉଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ 'ଆଲକାଟେଲ୍' ବ୍ରାଣ୍ଡକୁ ପ୍ରତିନିଧିତ୍ୱ ଏବଂ ପରିଚାଳନା କରିବା ପାଇଁ ଟିସିଏଲ୍‌ଠାରୁ ଏନଏକ୍ସଟି ସେଲ୍ ଇଣ୍ଡିଆ ସ୍ୱତନ୍ତ୍ର ଅଧିକାର ପାଇଛି। ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହିତ ସମନ୍ୱିତ ହୋଇ ଭାରତୀୟ ଉପଯୋଗକାରୀ ଏବଂ ଡେଭଲପରମାନଙ୍କୁ ସଶକ୍ତ କରୁଥିବା ସ୍ଥାନୀୟ ପ୍ରଯୁକ୍ତି ସମାଧାନକୁ ସମନ୍ୱିତ କରିବାରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଇଣ୍ଡସ୍ ଆପଷ୍ଟୋର ଭାରତରେ ଶୁଭାରମ୍ଭ ହେବା ପରେ ଶୀଘ୍ର ଆଲକାଟେଲ୍ ସହିତ ହାତ ମିଳାଇଥିଲା। ଇଣ୍ଡସ୍ ଆପଷ୍ଟୋରର ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରିୟା ଏମ୍. ନରସିଂହନ କହିଛନ୍ତି, ଆମେ ଆଲକାଟେଲ୍ ସହିତ ଭାରତରେ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଡ଼ି ହୋଇଥିବାରୁ ଖୁସି ଅଛୁ। ଏନ୍‌ଏକ୍ସଟିସେଲ୍ ଇଣ୍ଡିଆର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଆତୁଲ୍ ବିକେକ୍ କହିଛନ୍ତି,ଯେତେବେଳେ ଆମେ ଆଲକାଟେଲ୍ ସ୍ମାର୍ଟଫୋନଗୁଡ଼ିକୁ ଭାରତୀୟ ବଜାରରେ ପୁନର୍ବାର ଆଣିବାକୁ ପ୍ରସ୍ତୁତ ହେଉଛୁ।

## କସିଓକୁ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଙ୍ଗ

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଭିଡିଓ ଟେଲିମାଟ୍ରିକ୍ସ ଷ୍ଟାର୍ଟଅପ 'କସିଓ'କୁ ନିକଟରେ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଙ୍ଗ ମିଳିଛି। ଏପରିକି ଚଳିତ ବର୍ଷ ଏପ୍ରିଲରେ କମ୍ପାନୀ ଏହାର ବିଦ୍ୟମାନ ରାଉଣ୍ଡର ଅଂଶ ଭାବେ ୧.୨ ମିଲିୟନ ଡଲାରର ପାଣ୍ଠି ହାସଲ କରିଥିବା ଘୋଷଣା କରିଥିଲା। ସେହିଭଳି ଏହି ପାଣ୍ଠିକୁ କସିଓର ଗବେଷଣା ଓ ବିକାଶର ବିସ୍ତାର ସହିତ ଏହାର ଏଆଇ କ୍ଷମତାଗୁଡିକୁ ଉନ୍ନତ କରିବା ଏବଂ ଭାରତର ଫ୍ଲିଟ ଅପରେଟର, ଇଣ୍ଟରସିଟି ଓ ଇନ୍‌ଟ୍ରାସିଟି ବସ୍ ଅପରେଟର ଏବଂ ସ୍କୁଲ ଟ୍ରାନ୍ସପୋର୍ଟ ନେଟ୍‌ୱର୍କଗୁଡିରେ ପ୍ଲାଟଫର୍ମର ଉପସ୍ଥିତିକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯିବ। କମ୍ପାନୀ ଏହାର ଅନ୍-ଗ୍ରାଉଣ୍ଡ ଇନ୍‌ଷ୍ଟଲେଶନ ଓ ସର୍ଭିସିଙ୍ଗ କ୍ଷମତାକୁ ମଜଭୁତ କରିବା ପାଇଁ ମଧ୍ୟ ଯୋଜନା ରଖିଛି, ଯାହା ଫ୍ଲିଟଗୁଡିକ ପାଇଁ ସୁଗମ ଗ୍ରହଣକୁ ନିଶ୍ଚିତ କରିବ। ଏ ସମ୍ପର୍କରେ କସିଓର ସହପ୍ରତିଷ୍ଠାତା ତଥା ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଆମେ ଏଭଳି ଏକ ଟେକ୍ନୋଲୋଜି ନିର୍ମାଣ କରୁଛୁ, ଯାହା ସୁରକ୍ଷାକୁ ଦୃଶ୍ୟମାନ ଓ କାର୍ଯ୍ୟକ୍ଷମ କରିଥାଏ। ଆମେ ପଠାଉଥିବା ପ୍ରତ୍ୟେକ ଆଲର୍ଟ ଦୁର୍ଘଟଣା ରୋକିବା, ପରିବାରକୁ ସୁରକ୍ଷିତ ରଖିବା ଓ ଜୀବନ ବଞ୍ଚାଇବା ପାଇଁ ସୁଯୋଗ ଦେଇଥାଏ। ସେହିପରି କସିଓର ସହପ୍ରତିଷ୍ଠାତା ତଥା ସିଟିଓ ପ୍ରାଲ କହିଛନ୍ତି, ଏହି ନୂଆ ନିବେଶ ଆମକୁ ଆମର ଟେକ୍ନୋଲୋଜିକୁ ସୁଦୃଢ଼ କରିବା ସହିତ ଆମର ଟିମକୁ ବୃଦ୍ଧି କରିବା ଏବଂ ଉପସ୍ଥିତି ବିସ୍ତାର କରିବାକୁ ଆମକୁ ଅନୁମତି ଦେଉଛି, ଯାହା ସଡକ ସୁରକ୍ଷା ବ୍ୟତିକ୍ରମ ନୁହେଁ ବରଂ ନିୟମରେ ପରିଣତ ହୋଇଛି ବୋଲି ନିଶ୍ଚିତ କରୁଛି।

## ୧୩ରେ ଜୟଆଲୁକ୍କାସର କଟକ ଷ୍ଟୋର ଉଦ୍‌ଘାଟନୀ ଉତ୍ସବ

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ'ର ସମ୍ପ୍ରସାରଣ ସହିତ ଓଡ଼ିଶା ବଜାରରେ ନୂତନ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କଟକ ବଜାରରେ ଜୟଆଲୁକ୍କାସର ପ୍ରଥମ ତଥା ଏକ୍ସକ୍ଲୁସିଭ ଶୋ'ରୁମ୍ ଚଳିତ ମାସ ୧୩ ତାରିଖ ସନ୍ଧ୍ୟା ୫ଘଟିକାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବାକୁ ଯାଉଛି। ଅଗଷ୍ଟ ୧୩ରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଘାଟନୀ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଏହି ବିଶେଷ ଶୁଭାରମ୍ଭକୁ ଆକର୍ଷଣୀୟ କରିବା ପାଇଁ ଜୟଆଲୁକ୍କାସ ପକ୍ଷରୁ ଡାଇମଣ୍ଡ ଏବଂ ଅନକଟ ଡାଇମଣ୍ଡ ଅଳଙ୍କାର ଉପରେ

Joyalukkas
World's favourite jeweller

୨୫% ରିହାତି ଦିଆଯାଉଛି। ଏପରିକି ୧,୦୦,୦୦୦ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନର ଅଳଙ୍କାର ଉପରେ ୫ ଗ୍ରାମ୍ ରୁପା ବାର ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ କ୍ରେତା କେବଳ ଅଫର ଅବଧି ମଧ୍ୟରେ ପ୍ରତ୍ୟେକ କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ।

ଏ ନେଇ ଜୟଆଲୁକ୍କାସ ଗ୍ରୁପର ଅଧ୍ୟକ୍ଷ ଡ. ଜୟଆଲୁକ୍କାସ କହିଛନ୍ତି, କଟକ ବଜାରକୁ ଜୟଆଲୁକ୍କାସ୍‌କୁ ଆଣି ଆମେ ବହୁତ ଖୁସି ଅଛୁ। ଏହା ଏକ ପରମ୍ପରାରେ ପରିପୂର୍ଣ୍ଣ ସହର ଏବଂ ସୂକ୍ଷ୍ମ କାରିଗରୀର ଆଦର ପାଇଁ ବେଶ ଜଣାଶୁଣା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଆମେ କେବଳ ଅସାଧାରଣ ଅଳଙ୍କାରର ଅଫର ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ତାହା ନୁହେଁ, ବରଂ ଗ୍ରାହକମାନେ ଏହାକୁ ଅଧିକ ଭାବେ ପସନ୍ଦ କରିବେ ବୋଲି ଆମର ବିଶ୍ୱାସ ରହିଛି। ଏହି ଶୁଭାରମ୍ଭ ଉତ୍ସବରେ ଆମ ସହ ଯୋଗ ଦିଅନ୍ତୁ ଏବଂ ସପିଂର ଆନନ୍ଦ ନେବା ପାଇଁ ଆମେ ସମସ୍ତଙ୍କୁ ଆନ୍ତରିକତାର ସହ ସ୍ୱାଗତ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଯୋଜନାବଦ୍ଧ ଭାବେ ଅବସ୍ଥିତ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଡିଜାଇନ୍ ହୋଇଥିବା ଏହି ନୂତନ ଶୋ'ରୁମ୍ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ମୁବସ୍ୱର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଜିତିଲା ୧୪ ପଦକ

**ବ୍ୟାଙ୍କକ୍, ୧୦।୮ (ପି.ଟି.)**

ମହିଳା ବକ୍ସର ନିଶା ଓ ମୁସ୍କାନ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆନ ବକ୍ସିଂ ଚାମ୍ପିୟନଶିପରେ ରବିବାର ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ବିଭାଗରେ ରାହୁଲ କୁଣ୍ଡୁ ପୋଡିୟମ ଶୀର୍ଷରେ ରହିଛନ୍ତି। ଫଳରେ ଭାରତ ୧୪ ପଦକ ସହ ଏହାର ଅଭିଯାନ ଶେଷ କରିଛି। ୩ ସ୍ୱର୍ଣ୍ଣ ବ୍ୟତୀତ ଭାରତ ୭ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଲାଭ କରିଛି।

### ଏସିଆନ ୧୯ବର୍ଷରୁ କମ୍ ବକ୍ସିଂ

୧୯ବର୍ଷରୁ କମ୍ କାଟେଗୋରିରେ ଭାଗ ନେଇଥିବା ଭାରତର ୧୦ମହିଳା ବକ୍ସରଙ୍କ ମଧ୍ୟରୁ ୯ଜଣ ପଦକ ସହ ଫେରିବେ। ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ରହିଛି। ଚାମ୍ପିୟନଶିପ୍‌ରେ ଭାରତୀୟଙ୍କୁ କାଜାଖସ୍ତାନ, ଉଜ୍‌ବେକିସ୍ତାନ ଓ ଚାଇନା ସମେତ ଅନ୍ୟ ଦେଶର ବକ୍ସରମାନଙ୍କ ସହ ମୁକାବିଲା କରିବାକୁ ପଡ଼ିଥିଲା। ୫୪ କେଜି କାଟେଗୋରିର ନିଶା ଚାଇନାର ସିରୁଇ ୟାଙ୍ଗଙ୍କ ବିପକ୍ଷ ତୃତୀୟ ଓ ଫାଇନାଲ ରାଉଣ୍ଡରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ରେକର୍ଡ ୪:୧ରେ ବିଜୟ ଲାଭ କରିଥିବା ବେଳେ ମୁସ୍କାନ (୫୭କେଜି) ଆକ୍ରମଣାତ୍ମକ ଲଢ଼େଇ ସହ କାଜାଖସ୍ତାନର ଆୟାଝାନ ଏର୍ମେକଙ୍କୁ ଏକ ୩:୨ ବିଭାଜିତ ରାୟରେ ହରାଇ ଦେଇଛନ୍ତି। ଆରତୀ କୁମାରୀ (୭୫କେଜି) ଚାଇନାର ଟଙ୍ଗଟଙ୍ଗ୍ ଗୁ'ଙ୍କଠାରୁ ହାରିଯାଇଥିବା ବେଳେ କ୍ରିତିକା ୱାସନ (୮୦କେଜି) କାଜାଖସ୍ତାନର କୁରାଲେ ୟେଜିନ୍‌ବେକିଜି ନିକଟରୁ ୨:୩ରେ ପରାଜିତ ହୋଇଥିଲେ। ପାର୍ଟି ଟୋକାସ (୮୦+କେଜି) ସମାନ ବ୍ୟବଧାନରେ ଉଜ୍‌ବେକିସ୍ତାନର ସୋବିରାଖୋନ୍ ଶାଖୋବିଦିନୋଭାଙ୍କ ବିପକ୍ଷ ମୁକାବିଲାରେ ହାରିଯାଇଛନ୍ତି। ୬୦କେଜି ଫାଇନାଲରେ ଭିନି ଉଜବେକିସ୍ତାନର ସେଭାରା ମାମାତୋଭାଙ୍କଠାରୁ ହାରିଯାଇଥିବା ବେଳେ ୬୫କେଜି ଟାଇଟଲ ମୁକାବିଲାରେ ନିଶାଙ୍କୁ ଜାପାନର ଆରିନ୍ଦା ଆକିମୋଟୋ ୪:୧ରେ ପରାସ୍ତ କରିଛନ୍ତି। ୟାଶିକା (୫୧କେଜି), ଆକାଂକ୍ଷା ଫଲାସ୍ୱାଲ (୭୦କେଜି) ଗୋଟିଏ ଲେଖାଏ ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ୭୫କେଜି କାଟେଗୋରିରେ ରାହୁଲ କୁଣ୍ଡୁ ଉଜ୍‌ବେକିସ୍ତାନର ମହମ୍ମଦଜନ୍ ୟାକୁପ୍‌ବୋଏଭେବଙ୍କୁ ବିଭାଜିତ ନିଷ୍ପତ୍ତିରେ ୪:୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମୌସମ ସୁହାଗ ୬୫କେଜି ଶ୍ରେଣୀରେ ଉଜବେକିସ୍ତାନ ଜାଖୋନ୍‌ଗିର ଜେନିଦ୍ଦିନୋଭଙ୍କଠାରୁ ହାରିଯାଇଥିବା ବେଳେ ହେମନ୍ତ ସାଙ୍ଗୱାନ କାଜାଖସ୍ତାନର ରସୁଲ ଆସାନଖାନୋଭଙ୍କଠାରୁ ପରାଜିତ ହୋଇଯାଇଛନ୍ତି। ଶିବମ (୫୫କେଜି) ଓ ଗୌରବ (୮୫କେଜି) ପ୍ରତ୍ୟେକ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଥିଲେ। ୧୯ବର୍ଷରୁ କମ୍ ଓ ୨୨ବର୍ଷରୁ କମ୍ ଏହି ମହାଦେଶୀୟ ଇଭେଣ୍ଟ ପାଇଁ ଭାରତ ୪୦ ଜଣିଆ ଦଳ ପଠାଇଛି।



ପଦକ ବିଜୟୀ ଭାରତୀୟ ବକ୍ସର।

## ମସ୍ତିଷ୍କରେ ଆଘାତ: ଦୁଇ ଜାପାନିଜ ବକ୍ସରଙ୍କ ମୃତ୍ୟୁ

**ଟୋକିଓ, ୧୦।୮ (ଏପି):** ଦୁଇଟି ଭିନ୍ନ ଭିନ୍ନ ବାଉଟ୍‌ରେ ମସ୍ତିଷ୍କରେ ଆଘାତ ଲାଗିବା କାରଣରୁ ଦୁଇ ଜାପାନିଜ ବକ୍ସରଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ କୋରାକୁଏନ ହଲରେ ଗତ ୨ ତାରିଖରେ ଅନୁଷ୍ଠିତ ଓରିଏଣ୍ଟାଲ ଓ ପାସିଫିକ୍ ବକ୍ସିଂ ଫେଡେରେଶନ ଜୁନିୟର ଲାଇଟ୍‌ୱେଟ୍ ଚାମ୍ପିୟନ ୟମାଟୋ ହାଟାଙ୍କ ବିପକ୍ଷ ୧୨ ରାଉଣ୍ଡ ବିଶିଷ୍ଟ ମୁକାବିଲା ପରେ ୨୮ ବର୍ଷୀୟ ଶିଗେତୋଷୀ କୋଟାରି ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ମସ୍ତିଷ୍କରେ ଲାଗିଥିବା ଆଘାତ ଯୋଗୁ ତାଙ୍କ ମସ୍ତିଷ୍କ ଓ ହାଡ଼ ମଧ୍ୟରେ ରକ୍ତ ଜମାଟ ବାନ୍ଧିଥିଲା। ତାଙ୍କର ତୁରନ୍ତ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା ହେଲେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ୟୋଜି ସାଇଟୋ ବିପକ୍ଷ ମୁକାବିଲାରେ ୨୮ ବର୍ଷୀୟ ହିରୋମାସା ଉରାକାୱା ନକ୍‌ଆଉଟ୍‌ର ସମ୍ମୁଖୀନ ହୋଇଥିଲେ। ତାଙ୍କର ମଧ୍ୟ ମସ୍ତିଷ୍କରେ ସମାନ ଆଘାତ ଲାଗିଥିଲା। କ୍ରାନିଓଟୋମି କରାଯିବା ସତ୍ତ୍ୱେ ତାଙ୍କ ଜୀବନକୁ ଡାକ୍ତରମାନେ ବଞ୍ଚାଇ ପାରି ନ ଥିଲେ। ଶିଗେତୋଷୀ କୋଟାରିଙ୍କ ମୃତ୍ୟୁର ଦିନକ ପରେ ହିରୋମାସା ଉରାକାୱାଙ୍କ ମୃତ୍ୟୁ ଏକ ହୃଦୟ ବିଦାରକ ଖବର। ଆମେ ସେମାନଙ୍କ ପରିବାରବର୍ଗ, ବନ୍ଧୁ ଓ ଜାପାନିଜ ବକ୍ସିଂ ଜଗତ ପ୍ରତି ସମବେଦନା ଜଣାଉଛୁ ବୋଲି ୱାର୍ଲ୍ଡ ବକ୍ସିଂ ଅର୍ଗାନାଇଜେଶନ (ଡବ୍ଲ୍ୟୁବିଓ) ପକ୍ଷରୁ କୁହାଯାଇଛି।

# ରମେଶ ପ୍ରଥମ ଭାରତୀୟ ପଦକ ବିଜେତା

**ଚେନ୍ନାଇ, ୧୦।୮ (ପି.ଟି.)**



ରମେଶ ବୁଦ୍ଧିଆଲ ପ୍ରଥମ ଭାରତୀୟ ଭାବେ ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ଓପନ ପୁରୁଷ କାଟେଗୋରିରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବୁଦ୍ଧିଆଲ ଆହୁରି ମଧ୍ୟ ଦେଶର ପ୍ରଥମ ଭାବେ ଇଭେଣ୍ଟର

### ଏସିଆନ ସର୍ଫିଙ୍ଗ

ପଦକ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେ ୧୨.୬୦ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ଇଣ୍ଡୋନେସିଆର ପାଜାର ଆରିୟାନା (୧୪.୫୭ ପଏଣ୍ଟ)ଙ୍କୁ ରୌପ୍ୟ ମିଳିଛି। ଓପନ ମହିଳା କାଟେଗୋରିରେ ଜାପାନର ଆନ୍‌ରି ମାଷ୍ଟୁନୋ (୧୪.୯୦ ପଏଣ୍ଟ) ଏକ କଡ଼ା ମୁକାବିଲାରେ ତାଙ୍କ ଦେଶର ସୁମୋକୋ ସାତୋ (୧୩.୭୦)ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଥାଇଲାଣ୍ଡର ଇସାବଲେ ହିଗ୍ସ (୧୧.୭୫ ପଏଣ୍ଟ) ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ୧୮ ବର୍ଷରୁ କମ୍ ବାଳକ କାଟେଗୋରିରେ କୋରିଆର କାନୋଆ ହିଜାଏ ୧୪.୩୩ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚାଇନାର ଶିଡଙ୍ଗ୍ ଉ' (୧୩.୧୦) ଓ ଶୁଲୋଉ ଜିଆଙ୍ଗ (୮) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୧୮ବର୍ଷରୁ କମ୍ ବାଳିକା ବିଭାଗରେ ଚାଇନାର ସିକି ୟାଙ୍ଗ୍ ଆଧିପତ୍ୟ ବିସ୍ତାର କରି ୧୪.୫୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ତାଙ୍କ ଦେଶର ଶୁହାନ୍ ଜିନ୍(୧୦.୩୩) ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଜିତିଥିଲେ। ଥାଇଲାଣ୍ଡର ଇସାବେଲ (୮.୧୦ ପଏଣ୍ଟ)ଙ୍କୁ ବ୍ରୋଞ୍ଜ ପଦକ ମିଳିଛି।

# ଦୁଇ ଦଶନ୍ଧିରେ ଭାରତକୁ ପ୍ରଥମ ଥର ଯୋଗ୍ୟତା



ଯୋଗ୍ୟତା ହାସଲ କରିଥିବା ଭାରତୀୟ ଦଳ।

**ୟାନ୍‌ଗନ, ୧୦।୮ (ପି.ଟି.)**

ଭାରତ ଦୁଇ ଦଶନ୍ଧିରେ ପ୍ରଥମ ଥର ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। ରବିବାର ଗ୍ରୁପ 'ଡି' ଫାଇନାଲ କ୍ୱାଲିଫାଇଙ୍ଗ ମ୍ୟାଚରେ ମ୍ୟାନ୍‌ମାରକୁ ୧-୦ ଗୋଲରେ

### ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆ କପ୍

ହରାଇ ଦେଇଛି। ଥୁଉନା ଷ୍ଟାଡିୟମ ଖେଳାଯାଇଥିବା ଏହି ମ୍ୟାଚରେ ପୂଜା ଖେଳର ୨୭ତମ ମିନିଟ୍‌ରେ ନିର୍ଣ୍ଣାୟକ ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଘରୋଇ ଦଳ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ରହିଥିଲା। ଏହି ବିଜୟ ସହ ଭାରତ ୭ ପଏଣ୍ଟ ସହ ଗ୍ରୁପ୍‌ର ଶୀର୍ଷରେ ରହିବା ସହ ଥାଇଲାଣ୍ଡରେ ହେବାକୁଥିବା ମୁଖ୍ୟ ଟୁର୍ନାମେଣ୍ଟର ୨୦୨୬ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିଛି।

# ଜାତୀୟ ଜୁନିୟର ମହିଳା ହକି: ହରିୟାଣା-ଝାଡ଼ଖଣ୍ଡ ଫାଇନାଲ

**କାକିନାଡା, ୧୦।୮ (ପି.ଟି.)**

ହକି ହରିୟାଣା ଓ ହକି ଝାଡ଼ଖଣ୍ଡ ଉଭୟେ ସମାନ ୩-୦ ଗୋଲ୍‌ରେ ବିଜୟ ହାସଲ କରି ଏଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଛତିଶଗଡ଼ ହକି ବିପକ୍ଷ ପ୍ରଥମ ସେମିଫାଇନାଲରେ ଅଧିନାୟକ ଶଶି କାଶା (୮ମ ମିନିଟ)ଏକ ଗୋଲ୍ ସ୍କୋର କରି ହରିୟାଣାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ ସୁପ୍ରିୟା (୪୫ତମ ଓ ୪୭ତମ) କ୍ରମାଗତ ଦୁଇଟି ଗୋଲ ସ୍କୋର କରି ସେମାନଙ୍କ ଦଳକୁ ୩-୦ ଗୋଲରେ ବିଜୟୀ କରାଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ସ୍ୱିଟି ଡୁଙ୍ଗ୍ ଡୁଙ୍ଗ୍ (୧୩ତମ), ରୀନା କୁଲୁ (୫୬ତମ) ଓ ଅଧିନାୟିକା ରଜ୍‌ନୀ କେର୍‌କେଟା (୫୯ତମ)ଙ୍କ ଗୋଲ ସହାୟତାରେ ଉତ୍ତର ପ୍ରଦେଶକୁ ୩-୦ରେ ହରାଇଦେଇଥିଲା ଝାଡ଼ଖଣ୍ଡ। ସୋମବାର ଫାଇନାଲ ମ୍ୟାଚ ଖେଳାଯିବାକୁଥିବା ବେଳେ ଛତିଶଗଡ଼ ଓ ଉତ୍ତର ପ୍ରଦେଶ ତୃତୀୟ ସ୍ଥାନ ପାଇଁ ମୁକାବିଲା କରିବେ।

## ପ୍ରଥମ ଟି୨୦ ଜିତିଲା ଅଷ୍ଟ୍ରେଲିଆ

**ଡାର୍ୱିନ, ୧୦।୮:** ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ର ଅଗ୍ରଣୀ ହାସଲ କରିଛି। ଡେଭିଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୨ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଡେଭିଡ୍ ୫୨ ବଲରେ ୮୩ ଓ କାମେରନ ଗ୍ରୀନ ୧୩ ବଲରେ ୩୫ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱେନା ମାଫାକା ୪ ଓ କାଗିସୋ ରାବାଡା ୨ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ଲାଗି ରିୟାନ ରିକଲଟନ ସର୍ବାଧିକ ୭୧ ଓ ଟ୍ରିଷ୍ଟାନ ଷ୍ଟବ୍ସ ୩୭ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଜୋଶ ହାଜେଲଉଡ୍ ଓ ବେନ ଡ୍ୱାରଶୁଇସ ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୨୦ ଓଭରରେ ୧୭୮/ଅଲଆଉଟ୍(ଟିମ ଡେଭିଡ-୮୩, କାମେରନ ଗ୍ରୀନ-୩୫, କ୍ୱେନା ମାଫାକା-୪/୨୦, କାଗିସୋ ରାବାଡା-୨/୨୯)। ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୧/୯(ରିୟାନ ରିକଲଟନ-୭୧, ଟ୍ରିଷ୍ଟାନ ଷ୍ଟବ୍ସ-୩୭, ବେନ ଡ୍ୱାରଶୁଇସ-୩/୨୬)।

# ଅସ୍ମିତା ସିଟି ଲିଗ୍: ଓଜିପି କ୍ଲବ ଚାମ୍ପିୟନ



ଚାମ୍ପିୟନ ଓଜିପି କ୍ଲବ୍ ଟ୍ରଫି ସହ।

**ଭୁବନେଶ୍ୱର, ୧୦।୮ (ବିଜୟ ରଣା)**

କଟକସ୍ଥିତ ବି.ଓ.ଏସ୍.ଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରବିବାର ୧୩ବର୍ଷରୁ କମ୍ ଅସ୍ମିତା ସିଟି ଲିଗ୍ ୨୦୨୫-୨୬ (ବାଳିକା) ଦିନିକିଆ ନକ୍‌ଆଉଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ୮ଟି ଦଳ ଦଳରେ ୧୪ଜଣ ଲେଖାଏଁ ଖେଳାଳି ଏହିପର ମୋଟ ୧୧୨ ଜଣ ଖେଳାଳି ଥିଲେ। ମ୍ୟାଚ୍‌ଗୁଡ଼ିକ ୯-ଏ-ସାଇଡ୍ ଫର୍ମାଟରେ ଖେଳାଯାଇଥିଲା। ରୋମାଞ୍ଚକ ପାଇନାଲରେ ଓଜିପି କ୍ଲବ ଶୁଟ୍ ଆଉଟରେ ଓଡିଏମ୍ ଫୁଟ୍‌ବଲ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଓଜିପି କ୍ଲବ ତରଫରୁ ବିଜୟଲକ୍ଷ୍ମୀ ହାଁସ୍‌ଦା ଏବଂ ଓଡିଏମ୍ ଫୁଟ୍‌ବଲ କ୍ଲବ ତରଫରୁ ବୈଷ୍ଣବୀ ଜେନା ଗୋଲ୍ ସ୍କୋର କରିଥିଲେ। ପେନାଲ୍‌ଟି ଶୁଟ୍‌ଆଉଟରେ ଓଜିପି କ୍ଲବ ୪-୩ ଗୋଲ୍‌ରେ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ ଫୁଟ୍‌ବଲର ତଥା ଓଡ଼ିଶା ସିନିୟର ମହିଳା ଫୁଟ୍‌ବଲ ଦଳର କୋଚ୍ ଗୀତାଞ୍ଜଳୀ ଖୁଣ୍ଟିଆ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ବୈଷୟିକ ନିର୍ଦ୍ଦେଷକ ଅକ୍ଷୟ ଦାସ ଓ ଫାଓ ସଦସ୍ୟ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

Duplex sale with gated Society near Allms Hospital, Bhubaneswar- 9777433701. D-1614

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- 7735922768. D-1572

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ ମମତା ଦାସ, ବୟସ- ୫୨ ବର୍ଷ, ସ୍ୱାମୀ- ସୋମନାଥ ଦାସ, ସା/ପୋ- ପଦ୍ମସାହି, ଆଠଗଡ଼, ଥାନା- ଆଠଗଡ଼, ଜିଲ୍ଲା- କଟକ ଜଣାଉଅଛି ଯେ, ମୋର ଖରିଦ କରିଥିବା ଜମି ପ୍ଲଟ୍ ନଂ.- ୧୮୨୬, ଯାହାକି ପୂର୍ବରୁ ମାଲିକାନା ସ୍ୱତ୍ୱ- ମନୋରମା ମିଶ୍ର, କବଲା ନଂ.- ୬୯୮, କବଲା ବୃତ୍ତି ତା.- ୦୩।୧୧।୧୯୯୮, ପଟ୍ଟା ନଂ.- ୫୪୬ ଥିଲା, ତାହା ଖୁଣ୍ଟୁଣୀ କଲେଜ ନିକଟରେ ହଜିଯାଇଛି, ତେଣୁ ଅନୁରୋଧ କରୁଛି କେହି ସହୃଦୟ ବ୍ୟକ୍ତି ଏହି କବଲାକୁ ପାଆନ୍ତି ତେବେ ନୃସିଂହ ଚରଣ ପଟ୍ଟନାୟକ, ମୋ.- ୯୮୫୩୩୧୧୧୮୯ ରେ ଜଣାଇବାକୁ ଅନୁରୋଧ। ଜମି କବଲା ହଜିବା ଘଟଣା ମୋ ଦ୍ୱାରା ଖୁଣ୍ଟୁଣୀ ଥାନାରେ ତା- ୦୪।୦୮।୨୦୨୫ରିଖରେ ଜଣାଇ ଦିଆଯାଇଛି। D-୧୬୧୪

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଏରତ୍ନାମଣୀ ଧଳ
ଧୋବାଗଡିଆ, କୁପାରୀ, ବାଲେଶ୍ୱର
ଆବିର୍ଭାବ: ୦୮।୦୫।୧୯୩୧
ତିରୋଧାନ: ୦୧।୦୮।୨୦୨୫
ଆପଣ ଆମକୁ ଶୋକସାଗରରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଧଳ ପରିବାରବର୍ଗ।
ଧ-1615

ଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏ ଭୀମସେନ ମହାପାତ୍ର
ତୁଳସୀଚଉରା, ଚନ୍ଦନପୁର, ପୁରୀ।
ଆବିର୍ଭାବ: ୨୬।୦୧।୧୯୬୨
ତିରୋଧାନ: ୦୨।୦୮।୨୦୨୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ, ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ।
ଧ-1616


# ଓଡିଏମ୍, ବିକାଶ ରେସିଡେନସିଆଲ ବିଜୟୀ

**ଭୁବନେଶ୍ୱର, ୧୦।୮ (ଅନାଦି କର)**

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଓଡିଏମ୍ ଗ୍ଲୋବାଲ ଓ ବିକାଶ ରେସିଡେନସିଆଲ ସ୍କୁଲ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଓଡିଏମ୍ ଗ୍ଲୋବାଲ ୧୩-୧ ଗୋଲରେ ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁର ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଶ୍ରୀଜଲ କିସ୍ପୋ ସର୍ବାଧିକ ୬ଟି ଓ ସ୍ୱର୍ଣ୍ଣ ସାହୁ ୪ଟି ଗୋଲ

### ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ

ଦେଇଥିବା ବେଳେ ଆଶିଷ କୁମାର, ରେୟାଂଶ ଶ୍ୟାମ ଓ ବାବାସାନ ହେମ୍ବ୍ରମ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଡିଏଭି ପକ୍ଷରୁ ମନ୍ମଥ ପ୍ରଧାନ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ସର୍ବାଧିକ ଗୋଲ କରିଥିବା ଶ୍ରୀଜଲଙ୍କୁ ଅତିଥି ଭାବେ ବିଏଏ ଉପସଭାପତି ରାଧା ମହାପାତ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ରେସିଡେନସିଆଲ ସ୍କୁଲ ୫-୦ ଗୋଲରେ ରାମକ୍ରିଷ୍ଣ ଶିକ୍ଷା କେନ୍ଦ୍ରକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଏ ସାଇ ପ୍ରସାଦ (୨୫ତମ), ଆର୍ଯ୍ୟନ ଲେନି(୨୭ତମ), ରଞ୍ଜନ ମୁଣ୍ଡା (୪୦ତମ), ସୌମ୍ୟ ରଞ୍ଜନ ମୁଣ୍ଡା (୪୮ତମ) ଓ ରଶ୍ମିକାନ୍ତ ନାୟକ (୫୬ତମ) ଗୋଲ କରିଥିଲେ। ବିଜୟୀ ଦଳର ବି ଏସ୍ ପ୍ରସାଦଙ୍କୁ ଅତିଥି ଭାବେ ସେଞ୍ଚୁରିଅନ ୟୁନିଭରସିଟିର ଡାଇରେକ୍ଟର ଅଫ୍ ସ୍ପୋର୍ଟ୍ସ ରବି ନାରାୟଣ ରାଉତରାୟ ପୁରସ୍କୃତ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରୀଜଲ କିସ୍ପୋ।

# ପାନୀୟ ଜଳ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇଥାଏ। ଫଳରେ ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବାପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହେବା ସହ ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣିରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ।''





ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚିରହିବା ଅସମ୍ଭବ। ଜଳ ହିଁ ଜୀବନ। ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା। ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା ଆବଶ୍ୟକ। ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ। ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ। ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି। ଯାହାଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି। ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ। ତେଣୁ ଆମେ ଅତି କମ୍‌ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ, ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା। ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ। କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ। ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ।

କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ। ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ। ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି। ଜଳକୁ କାଚ ଗ୍ଲାସ କିମ୍ବା କୌଣସି ପାତ୍ରରେ ରାତିତମାମ ରଖିବା ଦ୍ୱାରା ତାହା ବାୟୁରେ ଥିବା କାର୍ବନ ଡାଇଅକ୍ସାଇଡ ସଂସ୍ପର୍ଶରେ ଆସିଥାଏ। ପାଣି ସହ ଏହା ମିଶିବା ଦ୍ୱାରା ପାନୀୟ ଜଳର ସ୍ୱାଦ କିଛି ମାତ୍ରାରେ ଖରାପ ଲାଗିଥାଏ, ତଥାପି ଉକ୍ତ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ସୁରକ୍ଷିତ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନଳକୂପ ଜଳର 'ସେଲ୍‌ଫ ଲାଇଫ' ୬ମାସ ପର୍ଯ୍ୟନ୍ତ ରହିଥାଏ। ଛଅ ପରେ ଉକ୍ତ ଜଳରେ କ୍ଲୋରିନର ମାତ୍ରା କ୍ରମଶଃ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥାଏ ଯଦ୍ଵାରା ଉକ୍ତ ଜଳରେ ଜୀବାଣୁ ବୃଦ୍ଧିପାଇବା ଆରମ୍ଭ ହୋଇଥାଏ। ଉକ୍ତ ଜଳ ଗରମ ପରିବେଶରେ ରହିଲେ ଜୀବାଣୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଥାଏ। ପ୍ଲାଷ୍ଟିକର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। କିନ୍ତୁ ଆଜିକାଲି ପ୍ଲାଷ୍ଟିକ ବୋତଲରେ ପାନୀୟ ଜଳ ଓ ଥଣ୍ଡା ପାନୀୟର ବହୁଳ ବ୍ୟବହାର ହେଉଛି। ଖାଦ୍ୟ ଓ ଔଷଧ ପ୍ରଶାସନ ବିଭାଗ(ଏଫ୍‌ଡିଏ) ବୋତଲ ପାଣିରେ ସେଲ୍‌ଫ ଲାଇଫ ଲେବଲ ଲଗାଇବା ଆବଶ୍ୟକ।

ବୋତଲରେ ପାଣି ସଂରକ୍ଷଣ କରାଯିବାବେଳେ ସିଧାସଳଖ ସୂର୍ଯ୍ୟକିରଣ ଏବଂ କୌଣସି ରାସାୟନିକ ପଦାର୍ଥଠାରୁ ଦୂରେଇ ରଖିବା ଉଚିତ। ସୂର୍ଯ୍ୟକିରଣ ପାଣିରେ ଥିବା ଜୀବାଣୁକୁ ବୃଦ୍ଧି ଘଟାଇବାରେ ସହାୟକ ହେବାର ସମ୍ଭାବନା ଅଧିକ ରହିଥାଏ। ତେଣୁ ଜଳ ହେଉ କିମ୍ବା ପାନୀୟ ଜଳ ବୋତଲରେ ସଂରକ୍ଷିତ ବେଳେ ଏସବୁ ପ୍ରତି ଠିକ୍ ଧ୍ୟାନଦେବାର ଆବଶ୍ୟକତା ରହିଛି। କାରଣ ଉତ୍ତମ ପାନୀୟ ଜଳ ହିଁ ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ। ତା' ସହ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ଏବଂ ଆମକୁ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଧାତୁ ପାତ୍ରରେ ପାନୀୟ ଜଳ ରଖି ପିଇବା ସ୍ୱାସ୍ଥ୍ୟପ୍ରଦ ବୋଲି ଉଲ୍ଲେଖ ରହିଛି। ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇବା ଦ୍ୱାରା ଆମ ଶରୀରର ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବା ପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହୋଇଥାଏ। ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣି ରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ। ତା' ସହିତ ଏସିଡିଟି ଓ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ତମ୍ବାରେ 'ଆଣ୍ଟିମାଇକ୍ରୋବାୟଲ' ଗୁଣ ରହିଥିବାରୁ ଏହା କ୍ଷତିକାରକ ଜୀବାଣୁ ଏବଂ ଭାଇରସ୍‌କୁ ସମୂଳେ ନଷ୍ଟ କରିବା ସହ ଜଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ତମ୍ବାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀର ପାଇଁ ବେଶ୍ ଉପକାରୀ। ବେଳେବେଳେ ନିମ୍ନମାନର ତମ୍ବାପାତ୍ର ଏବଂ ବିଭିନ୍ନ ମିଶ୍ରିତ ଧାତୁରେ ନିର୍ମିତ ତମ୍ବାପାତ୍ରରେ ପାଣିରଖି ପିଇବା ଦ୍ୱାରା ଏହା ଶରୀର ପାଇଁ ଖରାପ ପ୍ରଭାବ ପକାଇବାର ଅଧିକ ସମ୍ଭାବନା ରହିଥାଏ। କେବଳ ସେତିକି ନୁହେଁ, ଯକୃତ ଉପରେ ଖରାପ ପ୍ରଭାବ ପକାଇବା ସହ ଝାଡ଼ା ବାନ୍ତି ଆଦି ହେବାର ଆଶଙ୍କା ରହିଥାଏ। ପାନୀୟ ଜଳ ବ୍ୟବହାର ନିମନ୍ତେ ତମ୍ବାପାତ୍ର ଉଚ୍ଚ ମାନର ହେବା ଆବଶ୍ୟକ। ବ୍ୟବହାର ହେଉଥିବା ତମ୍ବାପାତ୍ରକୁ ନିୟମିତ ସଫା କରିବା ଉଚିତ, ଯଦ୍ଵାରା ଜୀବାଣୁ ବୃଦ୍ଧି ହ୍ରାସ ଘଟିଥାଏ। ତମ୍ବାପାତ୍ରରେ କୌଣସି ଫଳରସ, ଅମ୍ଳଯୁକ୍ତ ପାନୀୟ ରଖି ସେବନ କରିବା ଅନୁଚିତ। ତମ୍ବା ଏକ ଉଚ୍ଚ ତାପଜ ଧାତୁ ହୋଇଥିବାରୁ ଏଥିରେ ଗରମ ପାଣି ରଖି ପିଇବା ଅନୁଚିତ। କେବଳ ପରିଷ୍କାର ତଥା ସାଧାରଣ ଜଳ ତମ୍ବାପାତ୍ରରେ ରଖି ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟୋପକାରୀ ହେବା ସହ ଦୀର୍ଘାୟୁ ଜୀବନରେ ସହାୟକ ହୋଇଥାଏ।

ମାଟିପାତ୍ରରେ ଜଳ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର। ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ରରେ ପାଣି ରଖି ପିଇବା ସ୍ୱାସ୍ଥ୍ୟପ୍ରଦ। ମାଟି ପାତ୍ରରେ ପାଣି ପ୍ରାକୃତିକ ଉପାୟରେ ଥଣ୍ଡା ରହିଥାଏ। ସାମ୍ପ୍ରତିକ ପରିସ୍ଥିତିରେ ବାୟୁମଣ୍ଡଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧିପାଉଛି। ଏଭଳି ସ୍ଥିତିରେ ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ର, ମାଟିହାଣ୍ଡିରେ ପାଣି ରଖି ଦୈନନ୍ଦିନ ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦୀର୍ଘାୟୁ ହେବାରେ ସହାୟକ ହୋଇଥାଏ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ସୁସ୍ଥ ଶରୀର ଅନ୍ତରାଳେ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏଥିପ୍ରତି ଆମକୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ତନ୍ମଧ୍ୟରୁ ପ୍ରଥମ ହେଲା ଜୀବନଶୈଳୀ। ଆମେ ଯଦି ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ତେବେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ତା'ସହ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଆବଶ୍ୟକ। କାରଣ ସୁସ୍ଥ ରହିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଦ୍ୟ ତାଲିକାରେ ଯେତେ ମସଲାଯୁକ୍ତ, ତେଲଯୁକ୍ତ ଖାଦ୍ୟ କମ୍ ସାମିଲ କରିବେ ସେତେ ଭଲ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ସୀମିତ ପରିମାଣରେ ଖାଆନ୍ତୁ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଆଉ ଏକ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଆବଶ୍ୟକ। କୌଣସି ରୋଗର କାରଣ ଜାଣିବା ମାତ୍ରେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଏହା ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ଏବଂ ସେଥିରୁ ଆରୋଗ୍ୟଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

## ଅସନ୍ତୁଳିତ ରକ୍ତ ସଞ୍ଚାଳନ ଓ କିଡ୍‌ନୀ ସମସ୍ୟା



ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ନିହାତି ଦରକାର। ନ ହେଲେ ତାହା କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ବେଳେବେଳେ ଏହାର ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ତାହା ଜୀବନନାଶକ ସାଜିଥାଏ। ତେବେ ଯଦି ଶରୀର ଭିତରେ ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା, ତେବେ ତାହା ଭବିଷ୍ୟତରେ କିଡ୍‌ନୀ ସମସ୍ୟାର କାରଣ ସାଜିପାରେ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କର ଶାରୀରିକ ପରୀକ୍ଷା ତନ୍ନ ତନ୍ନ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ସମୟରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ କିଡ୍‌ନୀଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା। ମନୁଷ୍ୟ ଶରୀରରେ ଯଦି ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା ତେବେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ସମସ୍ୟା ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ମରଣଶକ୍ତି ବୃଦ୍ଧିର ନୂଆ ଉପାୟ



ଆମର ସ୍ମରଣଶକ୍ତି ଦୃଢ଼ ରହିବା ଆବଶ୍ୟକ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖିପାରିଲେ ତେବେ ତାଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ତୀବ୍ର ହୋଇଥାଏ। ଏଭଳି ବିଷୟକୁ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ସମୟରେ ଯେଉଁମାନେ ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଯଥାସମ୍ଭବ ଦୂରେଇ ରଖିପାରୁଥିଲେ ସେମାନଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ସକ୍ରିୟ ରହୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଲିଭର କାର୍ଯ୍ୟଧାରାକୁ ସକ୍ରିୟ କରାଏ କଲରା

କଲରାରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରିରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କଲରା ଖାଆନ୍ତି ତେବେ ତାହା ତାଙ୍କର ଲିଭର ବା ଯକୃତ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆପଣ ମେଦବହୁଳତା ସମସ୍ୟା ସହ ଜଡ଼ିତ କି? ତେବେ ନିୟମିତ କଲରା ଖାଆନ୍ତୁ। ଏହା ଦ୍ୱାରା ଓଜନ ଅନେକାଂଶରେ ନିୟନ୍ତ୍ରଣରେ ରହିଥାଏ



ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। କଲରା ଡାଇବେଟିସ୍ ରୋଗୀଙ୍କ ପାଇଁ ଏକ ବରଦାନ ସଦୃଶ। କାରଣ ଏହା ରକ୍ତରେ ଶର୍କରା (ସୁଗାର) ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। କେବଳ ସେତିକି ନୁହେଁ, ଯଦି କୋଲେଷ୍ଟ୍ରଲ ପରିମାଣ ଅସନ୍ତୁଳିତ ରହିଛି, ତେବେ ତାହାକୁ ନିୟନ୍ତ୍ରଣକୁ ଆଣିଥାଏ। କଲରାର ଆଉ ଏକ ଉପକାରୀ ଗୁଣ ହେଲା, ତାହା କେଶ ମୂଳକୁ ଦୃଢ଼ କରିବା ସହ ଚର୍ମରେ ସତେଜତା ଆଣିଥାଏ। ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କଲରା ସାମିଲ କରନ୍ତୁ। କଲରା ଜୁସ୍ ମଧ୍ୟ ବେଶ୍ ଉପକାରୀ।

## ଜାଣିରଖନ୍ତୁ...



ବର୍ତ୍ତମାନ ବର୍ଷା ଋତୁ। ତେଣୁ ଏହି ସମୟରେ ନିଜକୁ ସୁସ୍ଥ ରଖିବାକୁ ହେଲେ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ଏହି ଦିନରେ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ବିଶେଷଭାବରେ ଉକ୍ତ ଋତୁରେ ଥଣ୍ଡା, କାଶ, ଜ୍ୱର ଆଦିର ଅଧିକ ଆଶଙ୍କା ରହିଥାଏ। ତେଣୁ ଏହାର ପ୍ରାରମ୍ଭିକ ଲକ୍ଷଣ ଜାଣିବା ମାତ୍ରେ ଚିକିତ୍ସା କରାଇ ନିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଋତୁରେ ସବୁବେଳେ ପାଣିକୁ ଫୁଟାଇ ଥଣ୍ଡା କରି ପିଅନ୍ତୁ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ସବୁବେଳେ ଉଷ୍ମମ ଖାଦ୍ୟ ଖାଆନ୍ତୁ। ଏହି ସମୟରେ ମଶା, ମାଛିଙ୍କ ଉପଦ୍ରବ ବେଶି ରହିଥାଏ। ତେଣୁ ଘରର ଚାରିପାଖ ପରିଷ୍କାର ରଖନ୍ତୁ। ନିଜକୁ ଓଦା ଏବଂ ସନ୍ତସନ୍ତିଆ ସ୍ଥାନଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ଏହି ସମୟରେ ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ। ଖାଦ୍ୟ ତାଲିକାରେ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଘରେ ଯଦି ଛୋଟ ପିଲା ଅଛନ୍ତି ତେବେ ଥଣ୍ଡା, ଜ୍ୱର, କାଶ ପାଇଁ ଔଷଧ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଘରେ ରଖନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖିଥାଏ।

➤ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କକୁ ଆବଶ୍ୟକ ମୁତାବକ ବିଶ୍ରାମ ମିଳିଥାଏ।



➤ଗାଜରରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମର ମାତ୍ରା ଭରିରହିଛି। ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ। କେବଳ ସେତିକି ନୁହେଁ, ହୃତ୍‌ପିଣ୍ଡ କାର୍ଯ୍ୟଧାରାକୁ ମଧ୍ୟ ସକ୍ରିୟ ରଖିଥାଏ।

➤ତୈଳଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଥିଯୋଗୁ କୋଲେଷ୍ଟ୍ରଲ ସ୍ତର ବୃଦ୍ଧି ପାଇଥାଏ।

➤ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜ ଦୈନିନ୍ଦିନ ଖାଦ୍ୟ ଭାବରେ ଖାଇପାରିବେ।

➤ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ପୋଟାସିୟମ୍ ଥିବାରୁ ପାକସ୍ଥଳୀକୁ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➤ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

## ଯୋଗ କରିବା ସମୟରେ...

ବର୍ତ୍ତମାନ ଆମ ଜୀବନରେ ଯେଉଁ ପ୍ରମୁଖ ଜିନିଷର ଆବଶ୍ୟକତା ରହିଛି ତାହା ହେଲା ଯୋଗ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ କରନ୍ତି ତେବେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେବେ ଯୋଗ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ପ୍ରଥମେ ଏ ବିଷୟରେ ଅଭିଜ୍ଞ ଯୋଗ ପ୍ରଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ। ତାଙ୍କ ଅଧୀନରେ ଯଦି ସେ କିଛି ମାସ ଯୋଗ କରିବାକୁ ପରାମର୍ଶ ଦିଅନ୍ତି ତେବେ ତାହାକୁ ଗ୍ରହଣ କରନ୍ତୁ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଯୋଗ କରନ୍ତୁ। ସବୁଠାରୁ ବଡ଼ କଥା ହେଲା ପ୍ରତିଦିନ କେତେ ସମୟ ଯୋଗ କରିବେ ଏବଂ କେଉଁ ସମୟରେ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ଯୋଗ କରିବା ସମୟରେ ଆଦୌ ଅନ୍ୟମନସ୍କ ହୁଅନ୍ତୁ ନାହିଁ। ଯେତିକି ସମୟ ଯୋଗ କରୁଛନ୍ତି ସେତିକି ସମୟ ଯୋଗରେ ହିଁ ମନ କେନ୍ଦ୍ରିତ କରନ୍ତୁ। ଯୋଗ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ଯୋଗ କରିବାକୁ କେତେକ ସାମଗ୍ରୀର ଆବଶ୍ୟକତା ପଡ଼ିଥାଏ। ତେଣୁ ସେଗୁଡ଼ିକ ସଂଗ୍ରହ କରି ପାଖରେ ରଖନ୍ତୁ। ଯଦି ଗ୍ରୁପ୍ ଯୋଗ କରୁଛନ୍ତି ତେବେ ସେହି ସମୟରେ ଅନ୍ୟ କାହା ସହ ନିଜକୁ ତୁଳନା କରନ୍ତୁ ନାହିଁ। ଯାହା ଶିଖୁଛନ୍ତି କିମ୍ବା ଯୋଗ ପ୍ରଶିକ୍ଷକ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୧/୨୦୨୫ Bhubaneswar, Monday, August 11/ 2025






ଦର୍ଶକ ଗ୍ୟାଲେରିରେ ମାସ୍କଟ ଓଲି। ପରିବାର ସହ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

# ଭାରତୀୟ ଆଥଲେଟ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଦେଶର ନାମୀ ଖେଳାଳିଙ୍କ ଅନୁପସ୍ଥିତିର ଉପଯୁକ୍ତ ଫାଇଦା ହାସଲ କରିଛନ୍ତି

**ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍**

ଘରୋଇ ଆଥଲେଟ୍। କଳିଙ୍ଗ ଷ୍ଟାଡିୟମର ପାଗ ଓ ପରିବେଶରୁ ଫାଇଦା ଉଠାଇ ଅନେକ ଇଭେଣ୍ଟରେ ଭାରତୀୟମାନେ କ୍ଲିନ୍ ସୁଇପ୍ ମଧ୍ୟ କରିଛନ୍ତି। ୪୦୦ ମିଟର ପୁରୁଷରେ ପ୍ରଥମ ୩ଟି ଯାକ ସ୍ଥାନ ଭାରତୀୟମାନେ ହାସଲ କରିଥିବାବେଳେ ମହିଳା ୪୦୦ ମିଟରରେ ପ୍ରଥମ ଦୁଇ ସ୍ଥାନରେ ଭାରତୀୟ ହିଁ ରହିଛନ୍ତି। ମହିଳା ଜାଭେଲିନ୍ ଥ୍ରୋରେ ଭାରତର ତାରକା ଆଥଲେଟ୍ ଅନୁ ରାଣୀ ଚମତ୍କାର ଥ୍ରୋ କରି ପ୍ରଥମ ହୋଇଛନ୍ତି। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନୁ ଏଠାରେ ମଧ୍ୟ ୬୨.୦୧ ମିଟର ଥ୍ରୋ କରି ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଥିଲେ। ତାଙ୍କର ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ୬୦ ମିଟର ସ୍ପର୍ଶ କରିପାରି ନ ଥିଲେ। ମହିଳା ୧୦୦ ମିଟରରେ ଅଭିନୟା ରାଜାରାଜନ, ସ୍ନେହା ଏସ.ଏସ. ଓ ନିତ୍ୟା ଗାନ୍ଧେ ପ୍ରଥମ ୩ ସ୍ଥାନ ଅଧିକାର କରି ନେଇଥିଲେ। ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁଙ୍କ ସମେତ ଭାରତୀୟମାନେ ପ୍ରଥମ ୩ ସ୍ଥାନ ସୁଇପ୍ କରିଛନ୍ତି। ମହିଳା ଲଙ୍ଗଜମ୍ପରେ ଶାଇଲି ସିଂ, ଭବାନୀ ଯାଦବ ଓ ସାନ୍ଦ୍ରା ବାବୁ ଏବଂ ପୁରୁଷ ଟ୍ରିପଲ ଜମ୍ପରେ ଅବଦୁଲା ଅବୁବାକର, କାର୍ତ୍ତିକ ଉନ୍ନିକ୍ରିଷ୍ଣନ ଓ ଗେଲି ଭେନିଷ୍ଟେର ପ୍ରଥମ ୩ ସ୍ଥାନ ହାସଲ କରିଛନ୍ତି। ୮୦୦ ମିଟରର ପୁରୁଷ ଓ ମହିଳା ବିଭାଗରେ କେବଳ ଭାରତୀୟମାନେ ପୋଡିୟମ ମଣ୍ଡନ କରିଛନ୍ତି। ମହିଳା ୧୫୦୦ ମିଟରରେ ପୂଜା, ଲିଲି ଦାସ ଓ ଅମନଦୀପ କୌର ଭାରତର ଟେକ ରଖିଛନ୍ତି। ପୁରୁଷ ୨୦୦ ମିଟରରେ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ପ୍ରଥମ ସ୍ଥାନ ଅଧିକାର କରି ଦେଶ ତଥା ରାଜ୍ୟର ସମ୍ମାନ ରଖିଛନ୍ତି।




ପୁରୁଷ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ ଅବସରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (ବାମରୁ ତୃତୀୟ)।

## ଫଳାଫଳ

**୪୦୦ ମିଟର ପୁରୁଷ**
ପ୍ରଥମ: ବିଶାଲ ଟି.କେ.(ଭାରତ)–୪୫.୭୨ ସେକେଣ୍ଡ
ଦ୍ୱିତୀୟ: ଅମୋଜ ଜ୍ୟାକବ(ଭାରତ)–୪୫.୮୬ ସେକେଣ୍ଡ
ତୃତୀୟ: ସନ୍ତୋଷ କୁମାର ଟି.(ଭାରତ)–୪୬.୮୯ ସେକେଣ୍ଡ

**୪୦୦ ମିଟର ମହିଳା**
ପ୍ରଥମ: ବିଜୟା କୁମାରୀ ଜି.କେ.(ଭାରତ)– ୫୩.୪୦ ସେକେଣ୍ଡ
ଦ୍ୱିତୀୟ: ଦେବ୍ୟାନିବା ମହେନ୍ଦ୍ରସ (ଭାରତ)–୫୩.୮୭ ସେକେଣ୍ଡ
ତୃତୀୟ: ଲୌସି ଇଭାନ୍ସ (ଗ୍ରେଟ ବ୍ରିଟେନ)–୫୪.୨୮ ସେକେଣ୍ଡ

**ମହିଳା ଜାଭେଲିନ୍ ଥ୍ରୋ**
ପ୍ରଥମ: ଅନୁ ରାଣୀ (ଭାରତ)–୬୨.୦୧ ମିଟର
ଦ୍ୱିତୀୟ: ଏନ. ହାତରାବାଗଲେକା (ଶ୍ରୀଲଙ୍କା)–୫୬.୨୭ ମିଟର
ତୃତୀୟ: ଦୀପିକା (ଭାରତ)–୫୪.୨୦ ମିଟର

**୧୦୦ ମିଟର ପୁରୁଷ**
ପ୍ରଥମ: ମହମ୍ମଦ ଆଜେମ ବିନ୍ (ମାଲେସିଆ)–୧୦.୩୫ ସେକେଣ୍ଡ
ଦ୍ୱିତୀୟ: ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା)–୧୦.୪୩ ସେକେଣ୍ଡ
ତୃତୀୟ: ଡାନିଶ ଇଫତିକାର ମୁହା (ମାଲେସିଆ)–୧୦.୫୦ ସେକେଣ୍ଡ

**୧୦୦ ମିଟର ମହିଳା**
ପ୍ରଥମ: ଅଭିନୟା ରାଜାରାଜନ (ଭାରତ)– ୧୧.୫୭ ସେକେଣ୍ଡ
ଦ୍ୱିତୀୟ: ସ୍ନେହା ଏସ.ଏସ. (ଭାରତ)– ୧୧.୭୦ ସେକେଣ୍ଡ
ତୃତୀୟ: ନିତ୍ୟା ଗାନ୍ଧେ (ଭାରତ)–୧୧.୭୦ ସେକେଣ୍ଡ

**ମହିଳା ୧୦୦ ମିଟର ହର୍ଡଲ୍ସ**
ପ୍ରଥମ: ପ୍ରଜ୍ଞା ପ୍ରଶାନ୍ତି ସାହୁ (ଭାରତ)– ୧୩.୭୪ ସେକେଣ୍ଡ
ଦ୍ୱିତୀୟ: ନନ୍ଦିନୀ କୋଙ୍ଗାନ (ଭାରତ)– ୧୩.୮୦ ସେକେଣ୍ଡ
ତୃତୀୟ: ଅଞ୍ଜଳି ସି. (ଭାରତ)– ୧୪.୦୦ ସେକେଣ୍ଡ

**ମହିଳା ଲଙ୍ଗଜମ୍ପ**
ଶାଇଲି ସିଂ (ଭାରତ)– ୬.୨୮ ମିଟର
ଭବାନୀ ଯାଦବ (ଭାରତ)– ୬.୧୩ ମିଟର
ସାନ୍ଦ୍ରା ବାବୁ (ଭାରତ)– ୬.୧୦ ମିଟର

**ପୁରୁଷ ଟ୍ରିପଲ ଜମ୍ପ**
ଅବଦୁଲା ଅବୁବାକର (ଭାରତ)–୧୬.୫୩ ମିଟର
କାର୍ତ୍ତିକ ଉନ୍ନିକ୍ରିଷ୍ଣନ (ଭାରତ)–୧୬.୪୨ ମିଟର
ଗେଲି ଭେନିଷ୍ଟେର (ଭାରତ)– ୧୬.୨୬ ମିଟର

**ପୁରୁଷ ୮୦୦ ମିଟର**
ମହମ୍ମଦ ଅଫଜାଲ (ଭାରତ)–୧:୪୬.୬୦ ସେକେଣ୍ଡ
ପ୍ରକାଶ ଗାଡାଡେ (ଭାରତ)–୧:୪୭.୧୪ ସେକେଣ୍ଡ
କ୍ରିଶନ କୁମାର (ଭାରତ)– ୧:୪୮.୦୦ ସେକେଣ୍ଡ

**ମହିଳା ୮୦୦ ମିଟର**
ଅମନଦୀପ କୌର (ଭାରତ)–୨:୦୪.୩୧ ସେକେଣ୍ଡ
ହୁଇଡ୍ରୋମ ଭୁମେଶ୍ୱର (ଭାରତ)– ୨:୦୬.୯୬ ସେକେଣ୍ଡ
ଥୋଟା ସଂକୀର୍ତ୍ତନା (ଭାରତ)– ୨:୦୭.୧୭ ସେକେଣ୍ଡ

**ପୁରୁଷ ଜାଭେଲିନ୍ ଥ୍ରୋ**
ରୁମେଶ ଥରଙ୍ଗା (ଶ୍ରୀଲଙ୍କା)–୮୬.୫୦ ମିଟର
ଶିବମ ଲୋହାକାରେ (ଭାରତ)–୮୦.୭୩ ମିଟର
ସୁମେଧା ରଣସିଂହେ (ଶ୍ରୀଲଙ୍କା)–୮୦.୬୫ ମିଟର

**ମହିଳା ୧୫୦୦ ମିଟର**
ପୂଜା (ଭାରତ)–୪:୧୫.୧୩ ସେକେଣ୍ଡ
ଲିଲି ଦାସ (ଭାରତ)–୪:୧୭.୬୬ ସେକେଣ୍ଡ
ଅମନଦୀପ କୌର (ଭାରତ)–୪:୨୭.୧୪ ସେକେଣ୍ଡ

**ପୁରୁଷ ୨୦୦ ମିଟର**
ପ୍ରଥମ: ଅନିମେଶ କୁଜୁର (ଭାରତ)–୨୦.୭୭ ସେକେଣ୍ଡ
ଦ୍ୱିତୀୟ: କୋ ସୁଙ୍ଗୱାନ (କୋରିଆ)–୨୦.୯୫ ସେକେଣ୍ଡ
ତୃତୀୟ: ରଗୁଲ କୁମାର ଜି.(ଭାରତ)–୨୧.୧୭ ସେକେଣ୍ଡ

**ପୁରୁଷ ୪ଗୁଣା ୪୦୦ ମିଟର ରିଲେ**
ପ୍ରଥମ: (ଶ୍ରୀଲଙ୍କା) –୩:୦୮.୨୨ ସେକେଣ୍ଡ
ଦ୍ୱିତୀୟ: (ଭାରତ 'ଏ')–୩:୦୮.୩୭ ସେକେଣ୍ଡ
ତୃତୀୟ: (ଇରାକ)–୩:୦୮.୭୪ ସେକେଣ୍ଡ

**ମହିଳା ୨୦୦ ମିଟର**
ଆଞ୍ଜେଲ ସିଲଭିଆ ଏମ.(ଭାରତ)–୨୩.୯୫ ସେକେଣ୍ଡ
ନିତ୍ୟା ଗାନ୍ଧେ (ଭାରତ)–୨୪.୧୧ ସେକେଣ୍ଡ
ଉନ୍ନତି ଆୟାପ୍ପା (ଭାରତ)– ୨୪.୫୬ ସେକେଣ୍ଡ

**ପୁରୁଷ ୫୦୦୦ ମିଟର**
ୱାବେରି ଇଗୁଶ ହୁସେନ (ଦିବୋତି)–୧୪:୦୫.୩୬ ସେକେଣ୍ଡ
ଅଭିଷେକ ପାଲ (ଭାରତ)– ୧୪:୧୦.୬୦ ସେକେଣ୍ଡ
ସାୱନ ବାରୱାଲ (ଭାରତ)–୧୪:୧୩.୪୧ ସେକେଣ୍ଡ




ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ (ଡାହାଣ)।

## ଅଭିନୟା, ଆଜେମ ଦ୍ରୁତତମ ଧାବିକା, ଧାବକ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ୧୦୦ ମିଟରରେ ଭାରତର ଅଭିନୟା ରାଜାରାଜନ ଓ ମାଲେସିଆର ମହମ୍ମଦ ଆଜେମ ବିନ୍ ଯୁଗ୍ମ ପ୍ରଥମ ସ୍ଥାନ ଅଧିକାର କରି ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ହୋଇଛନ୍ତି। ୧୦୦ ମିଟର ମହିଳାରେ ଅଭିନୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ, ସ୍ନେହା ଏସ୍.ଏସ୍. (ଭାରତ) ୧୧.୭୦ ସେକେଣ୍ଡ ସହ ଦ୍ୱିତୀୟ ଏବଂ ନିତ୍ୟା ଗାନ୍ଧେ (ଭାରତ) ୧୧.୭୦ ସେକେଣ୍ଡ ସହିତ ତୃତୀୟ ହୋଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରରେ ଆଜେମ ୧୦.୩୫, ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା) ୧୦.୪୩ ଓ ଡାନିଶ ଇଫତିକାର ମୁହା (ମାଲେସିଆ)୧୦.୫୦ ସେକେଣ୍ଡ ସହିତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଲାଲୁ ପ୍ରସାଦ ଚତୁର୍ଥ

ପୁରୁଷ ୧୦୦ ମିଟରରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ୪ର୍ଥ ସ୍ଥାନରେ ରହି ପୁରସ୍କାର ଲାଭ କରିଛନ୍ତି। ହିଟ୍‌ରେ ୧୦.୬୧ ସେକେଣ୍ଡ ନେଇଥିବା ଲାଲୁ ଫାଇନାଲ୍ସରେ ୧୦.୫୪ ସେକେଣ୍ଡ ସମୟ ନେଇଥିଲେ। ମାଲେସିଆର ମହମ୍ମଦ ଆଜେମ ବିନ୍ (୧୦.୩୫), ଶ୍ରୀଲଙ୍କାର ଚାମୋଦ ଏମ. ଯୋଦ୍ଧାସିଂ (୧୦.୪୩) ଓ ମାଲେସିଆର ଡାନିଶ ଇଫତିକାର ମୁହା (୧୦.୫୦) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ଶ୍ରାବଣୀଙ୍କୁ ୫ମ ସ୍ଥାନ

ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ ପାରି ୫ମ ସ୍ଥାନରେ ରହିଛନ୍ତି। ହିଟ୍‌ରେ ୧୧.୯୨ ସେକେଣ୍ଡ ନେଇଥିବା ଶ୍ରାବଣୀ ଫାଇନାଲ୍ସରେ ୧୧.୮୬ ସେକେଣ୍ଡ ସମୟ ନେଇଥିଲେ।

## ରୁମେଶ ଥରଙ୍ଗାଙ୍କୁ ଟୋକିଓ ଟିକେଟ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ କେବଳ ଶ୍ରୀଲଙ୍କାର ରୁମେଶ ଥରଙ୍ଗାଙ୍କୁ ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଟିକେଟ୍ ମିଳିଛି। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ୮୬.୫୦ ମିଟର ପକାଇ ଟୋକିଓ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପ୍ରଥମ ଉଦ୍ୟମରେ ହିଁ ରୁମେଶ ୮୬.୫୦ ମିଟର ଥ୍ରୋ କରି ଏହି ସଫଳତା ହାସଲ କରି ନେଇଥିଲେ। ଯୋଗ୍ୟତା ହାସଲ କରିବା ପାଇଁ କ୍ୱାଲିଫାଇଂ ମାର୍କ ଥିଲା ୮୫.୨୦ ମିଟର। ଚଳିତବର୍ଷ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଜାପାନର ଟୋକିଓଠାରେ ୱାର୍ଲ୍ଡ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଭାରତର ଶିବମ ଲୋହାକାରେ ୮୦.୭୩ ଓ ଶ୍ରୀଲଙ୍କାର ସୁମେଧା ରଣସିଂହେ ୮୦.୬୫ ମିଟର ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭାରତର ରୋହିତ ଯାଦବ (୮୦.୩୫), ସଚିନ ଯାଦବ (୭୯.୮୦) ଓ ଯଶବୀର ସିଂ (୭୮.୫୩) ନିରାଶ କରିଛନ୍ତି।



**Authorized Dealers:** **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Associate Dealers:** **Deogarh:** Jindal Motors - 9437056659, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Bamra:** Choudhury Motors - 9938274720, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **Rampur:** Aruna Automobiles - 8114331356.

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ